# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୩/୨୦୨୪ (୧୮ ପୃଷ୍ଠା) Bhubaneswar, Tuesday, January 23/2024 Page 18 ₹ 7.00

୫୦ଶ ଭାଗ ୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 61 ମୂଲ୍ୟ ₹୭/-




ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଷ୍ପାର୍ଘ୍ୟ ଅର୍ପଣ କରୁଛନ୍ତି।

# ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା

**ଅଯୋଧ୍ୟା, ୨୨।୧**

୨୦୨୪ ଜାନୁୟାରୀ ୨୨ କେବଳ ଏକ ତାରିଖ ନୁହେଁ, ଏଇଠୁ ଏକ ନୂଆ ଯୁଗ ଚାଲିଲା। ଭବ୍ୟ ରାମମନ୍ଦିରରେ ପ୍ରଭୁ ରାମଲାଲାଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ସହ ଏକ ନବଯୁଗର ଅୟମାରମ୍ଭ ହେଲା ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଏଥିସହ ଆଗାମୀ ୧,୦୦୦ ବର୍ଷ ପାଇଁ ଏକ ଶକ୍ତ, ଭବ୍ୟ ଓ ଦିବ୍ୟ ଭାରତର ମୂଳଦୁଆ ପାଇବା ନିମନ୍ତେ ଦେଶବାସୀଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଉତ୍ତର ପ୍ରଦେଶ ସମେତ ଦେଶ ବିଦେଶର ବହୁ ମନ୍ଦିରରେ ରାମୋତ୍ସବ ପାଳନ ଭାରତର ରାଜନୈତିକ ଓ ଆଧ୍ୟାତ୍ମିକ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଦୀର୍ଘ ୫ ଶତାବ୍ଦୀ ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରଭୁ ନିଜ ଜନ୍ମଭୂମିରେ ଅଧିଷ୍ଠିତ ହେବା ପରେ ଉଲ୍ଲସିତ ରାମପ୍ରେମୀଙ୍କ ମୁହଁରୁ ଶୁଣିବାକୁ ମିଳୁଛି କେବଳ 'ଜୟ ଶ୍ରୀରାମ' ଜୟଧ୍ୱନି। କଡ଼ା ସୁରକ୍ଷା ବନ୍ଦୋବସ୍ତ ☞ପୃଷ୍ଠା-୪



ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

**ଆଜିର ସମ୍ପାଦକୀୟ**

ପ୍ରୋଗ୍ରେସ୍ ରିପୋର୍ଟ

**ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ**

ପୃଷ୍ଠା-୩

# ନରାଜରେ ଇଭି କାରଖାନା

- **ପାରାଦୀପରେ ତିଆରି ହେବ ଇଭି ଉପକରଣ**
- **କ୍ୟାବିନେଟ୍ ବୈଠକରେ ୧୪ ପ୍ରସ୍ତାବକୁ ମଞ୍ଜୁରୀ**

**ଭୁବନେଶ୍ୱର, ୨୨।୧ (ଅସମାପିକା ସାହୁ)**

ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ୧୪ଟି ପ୍ରସ୍ତାବ ଉପରେ ମୋହର ଲାଗିଛି। ସେଥିମଧ୍ୟରେ ରାଜ୍ୟରେ ପ୍ରଥମ ବିଦ୍ୟୁତ୍ ଯାନ(ଇଭି) ନିର୍ମାଣ ପାଇଁ ଏକ ବୃହତ୍ କାରଖାନା କଟକ ଜିଲ୍ଲାର ନରାଜଠାରେ ପ୍ରତିଷ୍ଠା ହେବ। ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଏହା ନିର୍ମାଣ କରାଯିବ। ଜେଏସ୍‌ଡବ୍ଲ୍ୟୁ ଉଭୟ ଯାନ ଓ ବ୍ୟାଟେରି ପ୍ରସ୍ତୁତ କରିବ। ଏନେଇ ଶିଳ୍ପ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ସେହିପରି ଜେଏସ୍‌ଡବ୍ଲ୍ୟୁ ବିଦ୍ୟୁତ୍ ଯାନର ଆନୁଷଙ୍ଗିକ ଉପକରଣ ପାରାଦୀପଠାରେ ତିଆରି କରିବ। ଉଭୟ ନରାଜ ଏବଂ ପାରାଦୀପ ପ୍ରକଳ୍ପ ଲାଗି ୪୦ ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ହେବ। ଏଥିରେ ୧୧ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ହେବା ସମ୍ଭାବନା ରହିଛି। ☞ପୃଷ୍ଠା-୪

## ଲିଜ୍ ଜମି କନ୍‌ଭରସନ ଫି' ୩%କୁ ହ୍ରାସ

କ୍ୟାବିନେଟ୍ ବୈଠକରେ ଲିଜ୍ ଜମିକୁ ସ୍ଥିତିବାନ କରିବା ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ କନଭରସନ ଫି' ୩%କୁ ହ୍ରାସ କରାଯାଇଛି। ଫଳରେ ବିଡିଏ, ସିଡିଏ, ହାଉସିଂବୋର୍ଡ ଜମି ସ୍ଥିତିବାନ ସ୍ୱତ୍ୱ ପାଇଁ ଦେୟ କମିବ। ସ୍ଥିତିବାନ ସ୍ୱତ୍ୱ ପାଇଁ ପୂର୍ବରୁ ଜମି ମୂଲ୍ୟର ୧୦% ଦେୟ ଦେବାକୁ ପଡୁଥିଲା। ଏବେ ଉକ୍ତ ଜମିର ପାଖ ଜମି ମୂଲ୍ୟ ଅନୁସାରେ ଦେୟ ଦେବାକୁ ପଡ଼ିବ। ☞ପୃଷ୍ଠା-୪












# ୱାଶିଂଟନରୁ ତ୍ରିନିଦାଦ ରାମମୟ

**ୱାଶିଂଟନ/ପୋର୍ଟ ଅଫ୍ ସ୍ପେନ୍, ୨୨।୧(ପି.ଟି.)**

ଅଯୋଧ୍ୟାର ଭବ୍ୟ ମନ୍ଦିରରେ ଭଗବାନ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ସୋମବାର ସାରା ବିଶ୍ୱର କୋଣ ଅନୁକୋଣରେ ଥିବା ରାମଭକ୍ତ ଏବଂ ପ୍ରବାସୀ ଭାରତୀୟମାନେ ଉତ୍ସବ ମନାଇଛନ୍ତି। ଆମେରିକା ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ହିନ୍ଦୁ ଭକ୍ତମାନେ ଏକାଠି ହୋଇ ଉତ୍ସବ ପାଳନ କରିବା ସହ ଲଡ୍ଡୁ ବାଣ୍ଟିଥିଲେ। ଟାଇମ୍ସ ସ୍କୋୟାରରେ ସ୍କ୍ରିନ୍ ଲଗାଯାଇ ଅଯୋଧ୍ୟା ରାମମନ୍ଦିରର ଫଟୋ ଓ ଭିଜୁଆଲ ପ୍ରଦର୍ଶନ କରାଯାଇଥିଲା। ସାରା ଆମେରିକାର ଶତାଧିକ ମନ୍ଦିର ଓ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ସ୍ଥାନରେ ଉତ୍ସବ ପାଳନ କରାଯାଇଥିଲା। ୱାଶିଂଟନ ଡିସିର ଭର୍ଜିନିଆ କାଉଣ୍ଟି ଅନ୍ତର୍ଗତ ଏସ୍‌ଭି ଲୋଟସ୍ ଟେମ୍ପୁଲ୍‌ରେ ଉତ୍ସବ ପାଳନ କରାଯାଇଥିବାବେଳେ ସେଥିରେ ଶିଖ୍, ମୁସଲମାନ ଏବଂ ପାକିସ୍ତାନୀ ଆମେରିକୀୟଙ୍କ ସମେତ ୨,୫୦୦ରୁ ଊର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଥିଲେ। ଜନ୍ମସ୍ଥାନରେ



ରାମମନ୍ଦିର ନିର୍ମାଣ ସ୍ୱପ୍ନ ସତ ହୋଇଥିବାରୁ ଏହା ସବୁ ସମ୍ପ୍ରଦାୟ ପାଇଁ ଉତ୍ସବ ପାଳନର ସମୟ ବୋଲି ସେମାନେ କହିଥିଲେ। ସେହିପରି ଗ୍ରେଟର ହ୍ୟୁଷ୍ଟନ ଏବଂ ଲସ୍ ଆଞ୍ଜେଲସ୍ ଉତ୍ସବ ପାଳନ କରାଯାଇଥିଲା। ଅଯୋଧ୍ୟା ମନ୍ଦିର ଉଦ୍‌ଘାଟନ ପରେ ପରେ ଆମେରିକା ଏବଂ କାନାଡାର ବିଶ୍ୱହିନ୍ଦୁ ପରିଷଦ ଦୁଇ ଦେଶର ୧,୦୦୦ରୁ ଊର୍ଦ୍ଧ୍ୱ ରାମମନ୍ଦିରକୁ ଯାତ୍ରା କରିବା ପାଇଁ ଘୋଷଣା କରିଥିଲେ। ବିଲେରିକା, ମାସାଚ୍ୟୁସେଟ୍ସସ୍ଥିତ ଓମ୍ ହିନ୍ଦୁ ସେଣ୍ଟରରୁ ମାର୍ଚ୍ଚ ୨୫ରେ ଏହି ଧର୍ମୀୟ ଯାତ୍ରା ଆରମ୍ଭ ହେବ।

ତ୍ରିନିଦାଦ ଏବଂ ଟୋବାଗୋର ହଜାର ହଜାର ଭାରତୀୟ ବଂଶୋଦ୍ଭବ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଦିନକ ପୂର୍ବରୁ ଏକ ବଡ଼ ଉତ୍ସବରେ ସାମିଲ ହୋଇଥିଲେ। ଅଯୋଧ୍ୟା ମନ୍ଦିର ପ୍ରାଣପ୍ରତିଷ୍ଠା ବେଳେ ପ୍ରାର୍ଥନା କରିବାକୁ ମରିସସ୍ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କୁ ୨ ଘଣ୍ଟା ପାଇଁ ଛୁଟି ଦେଇଥିଲେ। ସେଠାର ହିନ୍ଦୁ ସଂଗଠନଗୁଡ଼ିକ ଧୁମ୍‌ଧାମରେ ଉତ୍ସବ ପାଳନ କରୁଥିବା ଦେଖାଯାଇଥିଲା। ସେହିପରି ମେକ୍ସିକୋର କ୍ୱେରେଟାରା, ଫିଜିର ସୁଭାଠାରେ ଜାନୁଆରୀ ୧୮ରୁ ୨୨ ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ଏବଂ ଶ୍ରୀ ସନାତନ ଧର୍ମ ପ୍ରତିନିଧି ସଭା ପକ୍ଷରୁ ଉତ୍ସବ ପାଳନ କରାଯାଇଛି।

## ନିନ୍ଦାକଲା ପାକିସ୍ତାନ

ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ପାକିସ୍ତାନ ନିନ୍ଦା କରିଛି। ପ୍ରାଣପ୍ରତିଷ୍ଠା ଉତ୍ସବ ଭାରତରେ ସଂଖ୍ୟାଗରିଷ୍ଠବାଦ ବଢୁଥିବାର ସୂଚନା ଦେଉଛି ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉଗ୍ରବାଦୀ ଚିନ୍ତାଧାରାର ଲୋକମାନେ ବାବ୍ରି ମସ୍‌ଜିଦ ଭାଙ୍ଗିଥିଲେ। ଦୁଃଖର ବିଷୟ ଭାରତର ସର୍ବୋଚ୍ଚ ଅଦାଲତ ମସ୍‌ଜିଦ ଭାଙ୍ଗିଥିବା ଅପରାଧୀମାନଙ୍କୁ ଦୋଷମୁକ୍ତ କରିଦେବା ସହ ବିବାଦୀୟ ସ୍ଥଳରେ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଲେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

## 'ମଙ୍ଗଳ ଧ୍ୱନି'ରେ ଓଡ଼ିଶାର ମର୍ଦ୍ଦଳ

**ରା**ମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ବେଳେ ୫୦ଟି ପାରମ୍ପରିକ ବାଦ୍ୟଯନ୍ତ୍ରରୁ ଭକ୍ତିମୟ 'ମଙ୍ଗଳ ଧ୍ୱନି' ଗୁଞ୍ଜରିତ ହୋଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଏହିସବୁ ବାଦ୍ୟଯନ୍ତ୍ର ଅଣାଯାଇଥିଲା। ଅଯୋଧ୍ୟାର ସେଲିବ୍ରିଟି କବି ଯତୀନ୍ଦ୍ର ମିଶ୍ରା ଏହି ମହାନ୍ ସଙ୍ଗୀତ ପରିବେଷଣ କରିଥିବାବେଳେ ତାଙ୍କୁ ନୂଆଦିଲ୍ଲୀର ସଙ୍ଗୀତ ନାଟକ ଏକାଡେମୀ ସହଯୋଗ କରିଥିଲା। ବାଦ୍ୟଯନ୍ତ୍ର ମଧ୍ୟରେ ଉତ୍ତରପ୍ରଦେଶର ପଖୌଜ, ଢୋଲକ ଏବଂ ବଂଶୀ ରହିଥିବାବେଳେ କର୍ନାଟକର ବୀଣା, ପଞ୍ଜାବର ଅଲଗୋଜା, ମହାରାଷ୍ଟ୍ରର ଶୁଣ୍ଡାରି, ଓଡ଼ିଶାର ମର୍ଦ୍ଦଳ, ମଧ୍ୟପ୍ରଦେଶର ସନ୍ତୁର, ମଣିପୁରର ପୁଙ୍ଗ, ଆସାମର ନଗଡ଼ା ଓ କଲି, ଛତିଶଗଡ଼ର ତମ୍ବୁରା, ଦିଲ୍ଲୀର ଶେହନାଇ, ରାଜସ୍ଥାନର ରଭାନାହଥା, ପଶ୍ଚିମବଙ୍ଗର ଶ୍ରୀଖୋଲ ଓ ସରୋଦ, ଆନ୍ଧ୍ରପ୍ରଦେଶର ଘଟମ, ଝାଡ଼ଖଣ୍ଡର ସିଟାର, ଗୁଜରାଟର ସନ୍ତର, ବିହାରର ପଖୌଜ, ଉତ୍ତରାଖଣ୍ଡର ହୁଡ୍‌କା ଏବଂ ତାମିଲନାଡୁର ନାଗେଶ୍ୱରମ, ତାଭିଲ ଓ ମୃଦଙ୍ଗ ସାମିଲ ହୋଇଥିଲା।

> ଭାରତୀୟ ସଭ୍ୟତାର ଉତ୍‌ଥାନ ମାର୍ଗରେ ୨୨ ଜାନୁଆରୀ 'ଦିବ୍ୟତ୍ୱ ସହ ମିଳନ'ର ମୁହୂର୍ତ୍ତ ଭାବେ ଇତିହାସରେ ଲିପିବଦ୍ଧ ହେବ। ଏହା ରାଷ୍ଟ୍ର ପାଇଁ ଏକ ଗୌରବର ମୁହୂର୍ତ୍ତ। ପ୍ରଭୁ ଶ୍ରୀରାମଙ୍କ ସଚ୍ଚୋଟତା, କ୍ଷମାଶୀଳତା, ସାହସ ଓ ବିନମ୍ରତା ଆଦି ମୂଲ୍ୟବୋଧକୁ ମନରେ ରଖି ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା।
>
> **– ଜଗଦୀପ ଧନ୍‌କର, ଉପରାଷ୍ଟ୍ରପତି**

> ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ସହ ୫ ଦଶନ୍ଧିର ପ୍ରତୀକ୍ଷା ଓ ପ୍ରତିଶ୍ରୁତି ପୂରଣ ହୋଇଛି। ଏହି ପବିତ୍ର ମୁହୂର୍ତ୍ତକୁ ବହୁ ପିଢ଼ି ପ୍ରତୀକ୍ଷାରେ ବିତାଇଦେଇଛନ୍ତି। ତେବେ କୌଣସି ଭୟ କିମ୍ବା ଆତଙ୍କ ରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣ ସଂକଳ୍ପକୁ ଦୋହଲାଇପାରି ନାହିଁ।
>
> **–ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

> ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଭଗବାନ ରାମଙ୍କ ଆଶୀର୍ବାଦ ଥିଲା। ଯେଉଁମାନେ ଏହି ପବିତ୍ର ମୁହୂର୍ତ୍ତର ସାକ୍ଷୀ ହେଲେ, ସେମାନେ ଭାଗ୍ୟବାନ।
>
> **–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

## ଅଯୋଧ୍ୟା ହେବ ସର୍ବବୃହତ୍ ପର୍ଯ୍ୟଟନ ସ୍ଥଳ

**ଅ**ଯୋଧ୍ୟା ରାମମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ବିଗ୍ରହ ପ୍ରତିଷ୍ଠା ପରେ ଏଣିକି ଅଯୋଧ୍ୟା ସହରକୁ ପ୍ରତିବର୍ଷ ୫ କୋଟିରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିବେ ବୋଲି ଆକଳନ କରାଯାଇଛି। ଅମୃତସରର ସ୍ୱର୍ଣ୍ଣମନ୍ଦିରକୁ ବର୍ଷକୁ ୩ରୁ ୩.୫ କୋଟି ପର୍ଯ୍ୟଟକ ଆସୁଥିବାବେଳେ ତିରୁପତିକୁ ୨.୫ରୁ ୩ କୋଟି ଆସିଥାନ୍ତି। ଭାଟିକାନ ସହରକୁ ବର୍ଷକୁ ୯୦ ଲକ୍ଷ ଏବଂ ସାଉଦି ଆରବର ମକ୍କାକୁ ୨ କୋଟି ପର୍ଯ୍ୟଟକ ଆସିଥାନ୍ତି ବୋଲି ବ୍ରୋକେରେଜ୍ ସଂସ୍ଥା ଜାଫେରିଜ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ ଅଯୋଧ୍ୟା ପର୍ଯ୍ୟଟନ କ୍ଷେତ୍ରରୁ ୟୁପି ସରକାର ୨୫,୦୦୦ କୋଟି ଟଙ୍କା ରାଜସ୍ୱ ପାଇବେ।



ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ କଳାକାରଙ୍କ ନୃତ୍ୟ ପରିବେଷଣ।



ପ୍ରାଣ ପ୍ରତିଷ୍ଠା ବେଳେ ପ୍ରଧାନମନ୍ତ୍ରୀଙ୍କ ସହ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ।



ଭକ୍ତଙ୍କ ସହ ଭାବବିନିମୟ କରୁଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।



ନୂଆଦିଲ୍ଲୀର ଲକ୍ଷ୍ମୀନାରାୟଣ ମନ୍ଦିର (ବିର୍ଲା ଟେମ୍ପୁଲ)ରେ ପ୍ରାର୍ଥନା କରୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।



ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ସମାପନ ପରେ ନୂଆଦିଲ୍ଲୀ ଫେରି ନିଜ ସରକାରୀ ବାସଭବନରେ ରାମଜ୍ୟୋତି ଜାଳୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ନିଜକୁ ସବୁଠୁ ଭାଗ୍ୟବାନ ଅନୁଭବ କରୁଛି: ଯୋଗୀରାଜ

ଗର୍ଭଗୃହରେ ପ୍ରାଣପ୍ରତିଷ୍ଠା ହୋଇଥିବା ରାମଲାଲାଙ୍କ ମୂର୍ତ୍ତିର ନିର୍ମାତା ମହୀଶୂରର ଖ୍ୟାତନାମା ଶିଳ୍ପୀ ଅରୁଣ ଯୋଗୀରାଜ ନିଜକୁ ପୃଥିବୀର ସବୁଠୁ ଭାଗ୍ୟବାନ୍ ବ୍ୟକ୍ତି ଅନୁଭବ କରୁଥିବା କହିଛନ୍ତି। ଭଗବାନ ରାମ ହିଁ ତାଙ୍କୁ ମୂର୍ତ୍ତି ନିର୍ମାଣ ପାଇଁ ଚୟନ କରିଥିଲେ ବୋଲି ସେ ବିଶ୍ୱାସ କରୁଛନ୍ତି। ସେ ବହୁ ରାତି ଉଜାଗର ରହି ମୂର୍ତ୍ତି ନିର୍ମାଣକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିଥିଲେ। ଯୋଗୀରାଜ ଆହୁରି କହିଛନ୍ତି ଯେ, ଭଗବାନ ରାମ ତାଙ୍କୁ ଓ ତାଙ୍କ ପରିବାରକୁ ସବୁ ବିପଦରୁ ଘଷ୍ଟି ଘୋଡ଼ାଇ ଆସିଛନ୍ତି। ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ଲାଗି ଯୋଗୀରାଜଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିଛି।



**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅଯୋଧ୍ୟାର ଭବ୍ୟ ରାମମନ୍ଦିରରେ ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିବାବେଳ ଲକ୍ଷାଧିକ ଲୋକ ଏହାକୁ ଦେଖିବାର ସୁଯୋଗ ପାଇଛନ୍ତି। ଏହା ବ୍ୟତୀତ ସାରା ଦେଶର ଲୋକେ ଘରେ ବସି ଟିଭିରେ ଏହି ପବିତ୍ର ଉତ୍ସବର ସାକ୍ଷୀ ପାଲଟିଛନ୍ତି। ଏଥିସହ ହିନ୍ଦୁ ଭକ୍ତମାନଙ୍କ ଦୀର୍ଘ ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି।**

## ଘଟଣା ପ୍ରବାହ

**୧୫୨୮:** ଅଯୋଧ୍ୟାରେ ମୋଗଲ ସମ୍ରାଟ ବାବରଙ୍କ କମାଣ୍ଡରମୀର୍‌ବାକିବାବ୍ରୀମସ୍‌ଜିଦନିର୍ମାଣକରାଇଥିଲେ।

**୧୮୮୫:** ଏହି ବିବାଦୀୟ ଢାଞ୍ଚା ବାହାରେ ଏକ ଛାଉଣୀ ନିର୍ମାଣ ଲାଗି ଅନୁମତି ଦେବାକୁ ମହନ୍ତ ରଘୁବୀର ଦାସ ଫୈଜାବାଦ ଜିଲା କୋର୍ଟରେ ଆବେଦନ କରିଥିଲେ। ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଥିଲେ।

**୧୯୪୯:** ବିବାଦୀୟ ଢାଞ୍ଚା ବାହାରେ କେନ୍ଦ୍ରୀୟ ଗମ୍ବୁଜ ତଳେ ରାମଲାଲାଙ୍କ ମୂର୍ତ୍ତି ସ୍ଥାପନ କରାଗଲା।

**୧ ଫେବୃଆରୀ, ୧୯୮୬:** ହିନ୍ଦୁ ଉପାସକମାନଙ୍କ ପାଇଁ ଉକ୍ତ ସ୍ଥାନକୁ ଖୋଲା ରଖିବା ନିମନ୍ତେ ସ୍ଥାନୀୟ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୧୪ ଅଗଷ୍ଟ, ୧୯୮୯:** ବିବାଦୀୟ ଢାଞ୍ଚାକୁ ସମ୍ମାନ ସ୍ୱରୂପ ଉକ୍ତ ସ୍ଥାନରେ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**୬ ଡିସେମ୍ବର, ୧୯୯୨:** ହିନ୍ଦୁମାନେ ଭଗବାନ ରାମଙ୍କ ଜନ୍ମସ୍ଥାନ ବିଶ୍ୱାସ କରୁଥିବା ଅଯୋଧ୍ୟାରେ ନିର୍ମିତ ଷୋଡ଼ଶ ଶତାବ୍ଦୀର ବାବ୍ରୀ ମସ୍‌ଜିଦ୍‌କୁ କରସେବକମାନେ ଭାଙ୍ଗିଦେଇଥିଲେ।

**୩ ଏପ୍ରିଲ, ୧୯୯୩:** ବିବାଦୀୟ ଅଞ୍ଚଳର ଜମିକୁ ଅଧିଗ୍ରହଣ କରିବା ଲାଗି କେନ୍ଦ୍ର ସରକାର ଆଇନ ଗୃହୀତ କରାଇଥିଲେ।

**୨୦୦୨ ଏପ୍ରିଲ:** ବିବାଦୀୟ ଜମିର ମାଲିକାନା ନିର୍ଦ୍ଧାରଣ ଲାଗି ଆଲ୍ଲାହାବାଦ ହାଇକୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା।

**୩୦ ସେପ୍ଟେମ୍ବର, ୨୦୧୦:** ବିବାଦୀୟ ସ୍ଥାନକୁ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହି ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ହାଇକୋର୍ଟ ୨:୧ ସଂଖ୍ୟାଗରିଷ୍ଠତାରେ ରାୟ ଦେଇଥିଲେ।

**୯ ମେ', ୨୦୧୧:** : ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇଥିଲେ।

**୬ ଅଗଷ୍ଟ ,୨୦୧୯ :** ସାମ୍ବିଧାନିକ ପୀଠରେ ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇ ଅକ୍ଟୋବର ୧୬ରେ ଶେଷ ହୋଇଥିଲା।

**୯ ନଭେମ୍ବର, ୨୦୧୯:** ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ବଳରେ ଅଯୋଧ୍ୟାର ବିବାଦୀୟ ୨.୭୭ ଏକର ଜମି ରାମ ଲାଲାଙ୍କୁ ପ୍ରଦାନ କରିଥିଲେ। ଅନ୍ୟ ଏକ ସ୍ଥାନରେ ମସ୍‌ଜିଦ ନିର୍ମାଣ ଲାଗି ମୁସଲମାନଙ୍କୁ ୫ ଏକର ଜମି ଦେବାକୁ ଅଦାଲତ କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୫ ଫେବୃଆରୀ, ୨୦୨୦:** ରାମମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ଘୋଷଣା କରିଥିଲେ।

**୫ ଅଗଷ୍ଟ, ୨୦୨୦:** ପ୍ରଧାନମନ୍ତ୍ରୀ ମୋଦି ରାମମନ୍ଦିରର ଶିଳାନ୍ୟାସ କରିଥିଲେ।

# ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ କଟକଣା

ଭୁବନେଶ୍ୱର,୨୨।୧
(ସୂର୍ଯ୍ୟକାନ୍ତ ବେହେରା)

■ ମହାତ୍ମାଗାନ୍ଧୀ ମାର୍ଗରେ ଗାଡ଼ି ଚଳାଚଳ ବନ୍ଦ
■ ବେଲୁନ ଗ୍ୟାସ ବିକ୍ରିକୁ ବାରଣ

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଆସନ୍ତା ୨୬ ତାରିଖରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହେବ। ଏଥିପାଇଁ ସର୍ବସାଧାରଣ ଯାତାୟାତ ନିମନ୍ତେ କଟକଣା ଲାଗୁ କରାଯାଇଛି। ସକାଳ ସାଢେ ୬ଟାରୁ ପରେଡ଼ ସରିବା ପର୍ଯ୍ୟନ୍ତ କୌଣସି ଭାରୀଯାନ ଜନପଥ ରାସ୍ତା ଦେଇ ରାମ ମନ୍ଦିର ଛକଠାରୁ ରାଜମହଲ ଛକ ମଧ୍ୟରେ ଚଳାଚଳ କରିପାରିବେ ନାହିଁ। ମହାତ୍ମା ଗାନ୍ଧୀ ମାର୍ଗ ଦେଇ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ପିଏମ୍‌ଜି ଛକ ମଧ୍ୟରେ କୌଣସି ପ୍ରକାରର ଯାନବାହନ ଚଳାଚଳ କରିବ ନାହିଁ। ସେହିପରି ହାଉସିଂ ବୋର୍ଡ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଛକ ଆଡକୁ ଯାନବାହନ ଯିବାକୁ ବାରଣ କରାଯାଇଥିବାବେଳେ କେଶରୀ ଟକିଜଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ଯିବାକୁ କୁହାଯାଇଛି। ସେହିପରି କୌଣସି ଗାଡି ଏଜି ଛକ ପଟୁ ପିଏମ୍‌ଜି ଛକ ଆଡକୁ ଯାଇପାରିବେ ନାହିଁ। ଏସବୁ ଗାଡି ସୂଚନା ଭବନଠାରୁ ଡାହାଣ ପାର୍ଶ୍ୱ ଦେଇ ଇଉ୍‌କଲ ଅଡିଟୋରିୟମ ରାସ୍ତା ଦେଇ ଯାଇପାରିବେ। ୧୨୦ ବାଟାଲିୟନ ଛକ ପଟୁ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଗାଡି ଏମ୍‌ଏଲ୍‌ଏ କଲୋନୀ ପାଖ ୟୁନିଟ-୪ ରାସ୍ତା ଦେଇ ଯାଇପାରିବେ। ମହାତ୍ମାଗାନ୍ଧୀ ମାର୍ଗକୁ ଲାଗି ଥିବା ସମସ୍ତ ଗଳିକନ୍ଦି ରାସ୍ତା ବନ୍ଦ ରହିବ। କେବଳ ପଥଚାରୀମାନଙ୍କୁ ମହାତ୍ମାଗାନ୍ଧୀ ମାର୍ଗକୁ ଯିବାକୁ ଦିଆଯିବ। ଏହାସହ ଭିଆଇପି ଓ ଭିଭିଆଇପିମାନେ ଜନପଥ ରାସ୍ତା ଦେଇ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଆସିପାରିବେ। ତେବେ ସୋମବାର ଭଳି ୨୪ ତାରିଖ ଅପରାହ୍ଣ ୨ଟାରୁ ୫ଟା ୩୦ ପର୍ଯ୍ୟନ୍ତ ଏହି ଗାଡି ଚଳାଚଳ କଟକଣା ମଧ୍ୟ ଲାଗୁ ହୋଇଛି। ଅପରପକ୍ଷେ ୨୬ ତାରିଖ ସକାଳ ସାଢେ ୬ଟାରୁ ପରେଡ଼ ସରିବା ପର୍ଯ୍ୟନ୍ତ ପିଏମଜି ଛକଠାରୁ ମାଷ୍ଟର କ୍ୟାଣ୍ଟି ଛକ ଓ ଏହାର ଆଖପାଖରେ ଗ୍ୟାସ୍ ବେଲୁନ ବିକ୍ରି କରାଯିବାକୁ ବାରଣ କରାଯାଇଛି। ପରେଡ଼ ସମୟରେ ରେଲୱେ ଷ୍ଟେଶନ ପାଖ ବିଡିଏ ବସ୍ ଷ୍ଟାଣ୍ଡ, କଂଗ୍ରେସ ଭବନ ସାମ୍ନା ଖାଲି ସ୍ଥାନ, ଇଉ୍‌କଲ ଅଡିଟୋରିୟମ ସାମ୍ନା ଖାଲି ସ୍ଥାନ, ସୂଚନା ଭବନ ସାମ୍ନା ଖାଲି ସ୍ଥାନ,ଏସବିଆଇ ୟୁନିଟ-୩ ସାମ୍ନା ଖାଲି ସ୍ଥାନ ଓ ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ ପଡିଆରେ ଗାଡି ପାର୍କିଂର ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଛି।



ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମୟର ଧାରା ବିବରଣୀକୁ ସୋମବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୧
(ସତ୍ୟଜିତ୍ ରାଉତ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ସୋମବାର ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ବଦଳି କରାଯାଇ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ସେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଶାସନ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଏବଂ ଦାୟିତ୍ୱ ତାଙ୍କୁ ମିଳିବ। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଥିବା ତେମ୍‌ଜଙ୍ଗୱାପଙ୍ଗ୍ ଆଓଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱରେ ଥିବା ଶ୍ରୀକାନ୍ତ ପୃଷ୍ଟିଙ୍କୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଭାବେ ବଦଳି କରାଯାଇଛି।

ସେହିପରି କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ମୟୂରଭଞ୍ଜ ଜିଲାପାଳ ଭାବେ ବଦଳି କରାଯାଇଛି। ଖୋର୍ଦ୍ଧା ଜିଲାପାଳ ଥିବା କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ମାଇନର ମିନେରାଲ୍ସ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହି ପଦବୀରେ ଅତିରିକ୍ତ ଶାସନ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ତାଙ୍କୁ ମିଳିବ। ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ କଟକ ଜିଲାପାଳ ଭାବେ ବଦଳି କରାଯାଇଛି। କଟକ ମହାନଗର ନିଗମ କମିଶନର ଦାୟିତ୍ୱ ତୁଲାଉଥିବା ନିଖିଳ ପବନ କଲ୍ୟାଣଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଯୁଗ୍ମ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଏବଂ ଦାୟିତ୍ୱ ତାଙ୍କୁ ମିଳିବ। ରାଜ୍ୟ ନିର୍ବାଚନ ଆୟୋଗ ସଚିବ ଦାୟିତ୍ୱରେ ଥିବା ବିଜୟ କୁମାର ଦାଶଙ୍କୁ ପୁରୀ ଜିଲାପାଳ ଭାବେ ବଦଳି କରାଯାଇଥିବା ବେଳେ ବରଗଡ଼ ଜିଲାପାଳ ମନୀଷା ବାନାର୍ଜୀଙ୍କୁ ସୋସିଆଲ୍ ୱେଲଫେୟାର ନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲାପାଳ ଓ ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ନୟାଗଡ଼ ଜିଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ କଟକ ମହାନଗର ନିଗମ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଯୁଗ୍ମ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଏବଂ ଦାୟିତ୍ୱ ତାଙ୍କୁ ମିଳିବ। ସେହିପରି ଯାଜପୁର ଜିଲାପାଳ ଦାୟିତ୍ୱ ତୁଲାଉଥିବା ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବଦଳି କରାଯାଇ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଯୁଗ୍ମ ସଚିବ, କୋରାପୁଟ ଜିଲାପାଳ ଅବ୍‌ଦଲ ଅଖ୍‌ତାରଙ୍କୁ ଅନୁଗୋଳ ଜିଲାପାଳ, ସୋସିଆଲ୍ ୱେଲଫେୟାର ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡାଙ୍କୁ ସମବାୟ ବିଭାଗ ଯୁଗ୍ମ ସଚିବ, କେନ୍ଦ୍ରାପଡା ଜିଲାପାଳ ଅମ୍ରିତ ରତୁରାଜଙ୍କୁ ଲେବର କମିଶନର, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଯୁଗ୍ମ ସଚିବ, ମାଲକାନଗିରି ଜିଲାପାଳ ବିଶାଲ ସିଂଙ୍କୁ କେନ୍ଦୁଝର ଜିଲାପାଳ ଭାବେ ନିଯୁକ୍ତି କରାଯାଇଛି।

ରାଉରକେଲା ଅତିରିକ୍ତ ଜିଲାପାଳ ତଥା ରାଉରକେଲା ସ୍ମାର୍ଟ ସିଟି ଲିଃର ସିଇଓ, ରାଉରକେଲା ଉନ୍ନୟମ କର୍ତ୍ତୃପକ୍ଷଙ୍କ ସଚିବ ଦାୟିତ୍ୱରେ ଥିବା ଶୁଭଙ୍କର ମହାପାତ୍ରଙ୍କୁ ଯାଜପୁର ଜିଲାପାଳ, ଗଞ୍ଜାମ ଜିଲା ପରିଷଦ ସିଡିଓ ତଥା ଇଓ କୀର୍ତ୍ତିଭାସନ ଭିଙ୍କୁ କୋରାପୁଟ ଜିଲାପାଳ, ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ କେନ୍ଦ୍ରାପଡା ଜିଲାପାଳ, ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ. ସୋନାଲ୍‌ଙ୍କୁ ବୌଦ୍ଧ ଜିଲାପାଳ, ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ସମ୍ବଲପୁର ଜିଲାପାଳ, ବରଗଡ଼ ଜିଲା ପରିଷଦ ସିଡିଓ ତଥା ଇଓ ଆଦିତ୍ୟ ଗୋୟଲଙ୍କୁ ବରଗଡ ଜିଲାପାଳ, ନବରଙ୍ଗପୁର ଜିଲା ପରିଷଦ ସିଡିଓ ତଥା ଇଓ ଅନ୍ୟା ଦାସଙ୍କୁ ସୋନପୁର ଜିଲାପାଳ, ସୁନ୍ଦରଗଡ ଜିଲା ପରିଷଦ ସିଡିଓ ତଥା ଇଓ ମନୋଜ ସତ୍ୟବାନ ମହାଜନଙ୍କୁ ରାୟଗଡା ଜିଲାପାଳ, କଳାହାଣ୍ଡି ଜିଲା ପରିଷଦ ସିଡିଓ ତଥା ଇଓ ପାୱାର ସଚିନ ପ୍ରକାଶଙ୍କୁ ମାଲକାନଗିରି ଜିଲାପାଳ, କୋରାପୁଟ ଜିଲା ପରିଷଦ ସିଡିଓ ତଥା ଇଓ ଗୌରବ ଶିବାଜୀ ଇସାଲ୍କାରଙ୍କୁ ବଲାଙ୍ଗୀର ଜିଲାପାଳ, ବ୍ରହ୍ମପୁର ଉପ ଜିଲାପାଳ ତଥା ଅତିରିକ୍ତ ଦାୟିତ୍ୱରେ ଥିବା ଜାମା ମସ୍‌ଜିଦ୍‌ର ପ୍ରଶାସକ କୁଲକର୍ଣ୍ଣୀ ଆଶୁତୋଷଙ୍କୁ ରାଉରକେଲା ମହାନଗର ନିଗମର କମିଶନର ଭାବେ ନିଯୁକ୍ତି ମିଳିଛି। ଉପ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ଏବଂ ଦାୟିତ୍ୱ କୁଲକର୍ଣ୍ଣୀଙ୍କୁ ମିଳିବ। ଏଥିସହ ସେ ରାଉରକେଲା ସ୍ମାର୍ଟସିଟିଲିଃର ସିଇଓ, ରାଉରକେଲା ଉପ ଜିଲାପାଳ ଓ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ବାଲିଗୁଡା ଉପ ଜିଲାପାଳ ତଥା ବାଲିଗୁଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ମଧୁମିତାଙ୍କୁ ବଦଳି କରାଯାଇ ବ୍ରହ୍ମପୁର ମହାନଗର ନିଗମ କମିଶନର ଓ କୁଚିଣ୍ଡା ଉପଜିଲାପାଳ ତଥା କୁଚିଣ୍ଡା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ୨୦୨୧ ବ୍ୟାଚର ନୂଆ ଆଇଏଏସ୍ ଅଫିସର ଧୀନାଃ ଦସ୍ତାଗରଙ୍କୁ ବ୍ରହ୍ମପୁର ଉପ ଜିଲାପାଳ, ରିନା ପ୍ରଧାନଙ୍କୁ ବାଲିଗୁଡା ଉପଜିଲାପାଳ, ପ୍ରାଥମେସ୍ ଅରବିନ୍ଦ ରାଜେଷର୍କେଙ୍କୁ ବାଲେଶ୍ୱର ଉପ ଜିଲାପାଳ, କିରଣଦୀପ କୌର ସାହୋଟାଙ୍କୁ ଗୁଣପର ଉପ ଜିଲାପାଳ, ରୀହାନ ଖାତ୍ରୀଙ୍କୁ ଟିଟିଲାଗଡ ଉପ ଜିଲାପାଳ ଓ ଦିମାନ ଚକମାଙ୍କୁ ଧର୍ମଗଡ ଉପଜିଲାପାଳ ଭାବେ ନୂଆ ନିଯୁକ୍ତି ମିଳିଛି।

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହେଲେ କେନ୍ଦ୍ରାଞ୍ଚଳ ଆରଡିସି

## ୩ ବରିଷ୍ଠ ଓଏଏସ୍‌ଙ୍କୁ ବଦଳି

ରାଜ୍ୟ ସରକାର ଓଏଏସ୍‌ସ୍ତରରେ ମଧ୍ୟ ଛୋଟଧରଣର ଅଦଳବଦଳ କରିଛନ୍ତି। ସୋନପୁର ଜିଲାପାଳ ଦାୟିତ୍ୱ ତୁଲାଉଥିବା ବିମଳେନ୍ଦୁ ରାୟଙ୍କୁ ଇପିଏମ୍ ନିର୍ଦ୍ଦେଶକ, ବୌଦ୍ଧ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସ୍ୱତନ୍ତ୍ର ସଚିବ ଓ କଟକ ଜିଲାପାଳ ଥିବା ନରହରି ସେଠୀଙ୍କୁ ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି।

# ଭାବପ୍ରବଣ କରିଛି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ମୁହୂର୍ତ୍ତ



## ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ରାମନଗରୀ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋମବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଥମେ ଭୁବନେଶ୍ୱରସ୍ଥିତ ରାମ ମନ୍ଦିରରେ ପ୍ରଭୁ ଶ୍ରୀ ରାମଙ୍କ ଦର୍ଶନ କରିଥିଲେ। ପରେ କଟକ ଶିଖରପୁର କାଳିଆବୋଦାସ୍ଥିତ ଶ୍ୟାମାକାଳୀ ମନ୍ଦିରରେ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଗୋପୀନାଥପୁର ବାବା ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଭକ୍ତଙ୍କ ଗହଣରେ ଅଯୋଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ସମାରୋହକୁ ଦେଖିଥିଲେ। ଏହା ପରେ ସେ ସାଲେପୁର ମାଳିହତା ଗାଁରେ ବଦ୍ରିନାରାୟଣ ଦେବ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ। ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଭୁବନେଶ୍ୱରସ୍ଥିତ ବାସଭବନରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ୧୦୮ ହନୁମାନ ଚାଳିଶା ପାଠ ଓ ଦୀପଦାନ କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଜି ଦୀର୍ଘ ୫୦୦ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଅଯୋଧ୍ୟାରେ ପ୍ରଭୁ ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ଅଲୌକିକ ମୁହୂର୍ତ୍ତ ଦେଶବାସୀଙ୍କୁ ଭାବପ୍ରବଣ କରିଛି। ସାଂସ୍କୃତିକ ପୁନଃଜାଗରଣର ନୂଆ ଯୁଗର ଶୁଭାରମ୍ଭ ହୋଇଛି। ଆଜିର ଦିନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଆଜି ଗାଁରୁ ଅଯୋଧ୍ୟା ପର୍ଯ୍ୟନ୍ତ ରାମଧ୍ୱନି ସମାଜରେ ଦିବ୍ୟ ଚେତନା ଜାଗ୍ରତ କରିଛି। ରାମ ମନ୍ଦିର ନିର୍ମାଣ ପାଇଁ ନିଜର ସବୁକିଛି ଉତ୍ସର୍ଗ କରିଥିବା ସମସ୍ତ ରାମ ଭକ୍ତ ଓ ସନ୍ଥମାନଙ୍କ ତପସ୍ୟା, ଧୈର୍ଯ୍ୟ ଓ କଠିନ ପରିଶ୍ରମ ଯୋଗୁ ଜନ୍ମଭୂମିରେ ଭଗବାନ ଶ୍ରୀରାମଙ୍କ ଏକ ଭବ୍ୟ ମନ୍ଦିର ହୋଇପାରିଛି। ପ୍ରଭୁ ରାମଙ୍କ ଆଶୀର୍ବାଦରୁ ଆମ ସମାଜ ଆହୁରି ସମୃଦ୍ଧ ଏବଂ ମଙ୍ଗଳମୟ ହେଉ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଚୋରି କରିବାକୁ ଆସି ବୃଦ୍ଧାଙ୍କୁ ହତ୍ୟା

ପାରଳାଖେମୁଣ୍ଡି,୨୨।୧
(ଗିରିଧାରୀ ପରିଛା)


ସରୋଜିନୀ ପଟ୍ଟନାୟକ

ଗଜପତି ଜିଲା ପାରଳାଖେମୁଣ୍ଡି କରଣ ସାହିରେ ରବିବାର ରାତିରେ ଘରେ ଏକାକୀ ଥିବା ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି। ସେ ହେଲେ ସରୋଜିନୀ ପଟ୍ଟନାୟକ(୭୦)। ଶରୀରରେ କ୍ଷତ ଚିହ୍ନ ଥିବା ଓ ଘର ସାରା ଲଙ୍କାଗୁଣ୍ଡ ପଡିଥିବାରୁ କୌଣସି ଦୁର୍ବୃତ୍ତ ଚୋରି କରିବାକୁ ଆସି ସରୋଜନୀଙ୍କୁ ହତ୍ୟା କରିଥିବା ଜଣାପଡିଛି। ପୋଲିସ ସୋମବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁପଠାଇ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ସରୋଜନୀଙ୍କ ୨ ପୁଅ ଓ ଦୁଇ ଝିଅ ଅଛନ୍ତି। ଦୁଇ ପୁଅଙ୍କ ମଧ୍ୟରୁ ଜଣେ ହାଇଦ୍ରାବାଦ ଏବଂ ଅନ୍ୟ ଜଣେ ଆମେରିକାରେ ରହୁଛନ୍ତି। ଦୁଇ ଝିଅ ବିବାହିତା। ସରୋଜିନୀ ଘରେ ଏକା ରହୁଥିଲେ। ସବୁଦିନ ସେ ଭୋର ୪ଟାରେ ଉଠି ପୂଜାପାଠ କରିବା ସହ ମନ୍ଦିରକୁ ଯାଇଥାନ୍ତି। ସୋମବାର ସକାଳେ ତାଙ୍କୁ ସାହିଲୋକେ ନ ଦେଖି ସନ୍ଦେହରେ ଘର କବାଟ ବାଡ଼େଇଥିଲେ। ବହୁ ସମୟ ପର୍ଯ୍ୟନ୍ତ କୌଣସି ଉତ୍ତର ନ ମିଳିବାରୁ କବାଟ ଭାଙ୍ଗି ଭିତରକୁ ଯିବାରେ ଖଟରେ ମୃତଦେହ ପଡିଥିବା ଦେଖାଯାଇଥିଲା। ସାହିଲୋକେ ଏ ନେଇ ପାରଳାଖେମୁଣ୍ଡି ପୋଲିସକୁ ଖବର ଦେଇଥିଲେ। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସାଇଣ୍ଟିଫିକ ଟିମ ସହ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘରସାରା ଲଙ୍କାଗୁଣ୍ଡ ପଡିଥିବା, ସରୋଜିନୀଙ୍କ ଶରୀରରେ କ୍ଷତ ହୋଇଥିବା ଓ ଆଲମିରା ଖୋଲା ଥିବାରୁ କେହି ଚୋରି କରିବାକୁ ଆସି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ୨୦/୨୪ରେ ଏକ ମାମଲା ରୁଜୁ କରାଯାଇଛି। ସରୋଜିନୀଙ୍କ ସାନ ଝିଅ ଆସି ଘରେ ପହଞ୍ଚିଥିବା ବେଳେ ବାହାରେ ରହୁଥିବା ପୁଅ ଝିଅଙ୍କୁ ପୋଲିସ ଖବର କରିଛି। ସେମାନେ ମଙ୍ଗଳବାର ସୁଦ୍ଧା ପହଞ୍ଚିବା ପରେ ଘରୁ କ'ଣ ସବୁ ଚୋରି ହୋଇଛି ତାହା ସ୍ପଷ୍ଟ ହେବ।

# ପାହାଡ଼ ଶୀର୍ଷରେ ବିରାଜିଲେ ପ୍ରଭୁ ଶ୍ରୀରାମ



ନୟାଗଡ଼/ଭାପୁର,୨୨।୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)

■ ଆକର୍ଷଣ ସାଜିଛି ୬୫ ଫୁଟ ଉଚ୍ଚର ନବନିର୍ମିତ ମନ୍ଦିର
■ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ



ଅଯୋଧ୍ୟାରେ ସୋମବାର ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସେଠାରୁ ପ୍ରାୟ ୧ ହଜାର କିଲୋମିଟର ଦୂର ଓଡ଼ିଶାର ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ଗିରି ଗୋବର୍ଦ୍ଧନ ପାହାଡ଼ ଶୀର୍ଷରେ ୬୫ ଫୁଟ ଉଚ୍ଚର ରାମ ମନ୍ଦିରରେ ପ୍ରତିଷ୍ଠା ହୋଇଛି। ଏହି ନବନିର୍ମିତ ମନ୍ଦିରରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ଅନ୍ୟ ଦେବଦେବୀଙ୍କ ଆକର୍ଷଣୀୟ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ହୋଇଛି। ସମୁଦ୍ର ପତନରୁ ୧୮୦୦ ଫୁଟ ଉଚ୍ଚରେ ଗୋବର୍ଦ୍ଧନ ପାହାଡ଼ରେ ବିରାଜିଛନ୍ତି ସାଢ଼େ ୬ ଫୁଟର ପ୍ରଭୁ ଶ୍ରୀରାମ। ପ୍ରଭୁ ଶ୍ରୀରାମଙ୍କ ସୁନ୍ଦର ଓ ଦିବ୍ୟ ମୂର୍ତ୍ତି ଭକ୍ତଙ୍କୁ ବିମୋହିତ କରିଛି। ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଯୋଗୁ କିଛି ସମୟ ଠେଲାପେଲା, ଦଳାଚକଟା ପରିସ୍ଥିତି ଦେଖା ଦେଇଥିଲା। ତେବେ କେତେଜଣ ଭକ୍ତଙ୍କ ସହଯୋଗ ଓ ଶ୍ରୀରାମଙ୍କ କରୁଣାରୁ ଚାପା ଉତ୍ତେଜନା ପ୍ରଶମିତ ହୋଇଥିଲା। ଶ୍ରୀରାମଙ୍କ ମନ୍ଦିର ହେବା ପରେ ଗିରି ଗୋବର୍ଦ୍ଧନ ପାହାଡ଼ର ନାମ ପରବର୍ତ୍ତନ ହୋଇ ଶ୍ରୀରାମ ପାହାଡ଼ ହୋଇଛି । ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠାରେ ସାଧୁସନ୍ଥଙ୍କ ଗହଣରେ ବ୍ରାହ୍ମଣଙ୍କ ମନ୍ତ୍ର ଓ ବେଦ ପାଠରେ ଗୁଞ୍ଜରିତ ହୋଇଥିଲା ପାହାଡ ଓ ଶ୍ରୀରାମ ମନ୍ଦିର। ସେହିଭଳି ପ୍ରାକୃତିକ ପରିବେଶରେ ପାହାଡ଼ ଉପରେ ଥିବା ମନ୍ଦିରର ଶୋଭାକୁ ଫୁଲର ସାଜସଜ୍ଜା ଦ୍ୱିଗୁଣିତ କରିଥିଲା। ପଣ୍ଡିତ ପ୍ରଭାତ କୁମାର ନନ୍ଦ, ଦୀନବନ୍ଧୁ ପାଢ଼ୀ, ବ୍ରହ୍ମା କେଲୁ ଚରଣ ନନ୍ଦ, ପ୍ରଚାରକ ଶ୍ରୀନିବାସ ଦାଶ, ଆଚାର୍ଯ୍ୟ ବ୍ରଜ ମୋହନ ରଥ, ପଣ୍ଡିତ ରାମନାଥ ମିଶ୍ର, ସୁରେଶ ଚନ୍ଦ୍ର ମହାପାତ୍ର, ସୂର୍ଯ୍ୟ ରଞ୍ଜନ ଶତପଥୀ, ଦୀପକ ରଞ୍ଜନ ଆଚାର୍ଯ୍ୟ, ପ୍ରତାପ ଶତପଥୀ, ଉମାକାନ୍ତ ପଣ୍ଡା ପ୍ରମୁଖ ବେଦପାଠ ଓ ମନ୍ତ୍ରଗାନ କରିଥିଲେ। ପ୍ରକାଶଥାଉକି, ୧୭ ତାରିଖରୁ ମନ୍ଦିର ପ୍ରତିଷ୍ଠା ଆରମ୍ଭ ହୋଇଥିବାବେଳେ ଏହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।

# ବାଇକ୍‌କୁ ଧକ୍କା ଦେଲା କାର୍, ଦମ୍ପତି ମୃତ

ଖଲ୍ଲିକୋଟ,୨୨।୧
(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ନାରାୟଣୀ ଛକରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ କାର୍ ଧକ୍କା ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଇତିପୁର ଗ୍ରାମର ଯୋଗୀ ପ୍ରଧାନ(୫୬) ଓ ତାଙ୍କ ସ୍ତ୍ରୀ କାବୁଲି ପ୍ରଧାନ(୫୦)। ଦମ୍ପତି ବାଇକ (ଓଡ଼ି ୦୨ଏସ ୯୧୮୦)ଯୋଗେ ଖାରିବନ୍ଧ ଗ୍ରାମକୁ ଯାଇଥିଲେ। ସେଠାରେ ନବଜନ୍ମିତ ନାତିକୁ ଦେଖି ଫେରୁଥିବା ବେଳେ ନାରାୟଣୀ ଛକଠାରେ ପଛରୁ ଆସୁଥିବା କାର (ଡବ୍ଲ୍ୟୁ ବି୧୦ସି ୦୨୭୦) ବାଇକକୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ରାସ୍ତାରେ କଚାଡି ହୋଇପଡ଼ି ଗୁରୁତର ହୋଇଥିଲେ। ଖବରପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପହଞ୍ଚି ଉଭୟଙ୍କୁ ଅଗ୍ନିଶମ ଗାଡ଼ିରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଯୋଗୀ ଓ ତାଙ୍କ ସ୍ତ୍ରୀ କାବୁଲିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର ସହ ଡ୍ରାଇଭର ଅଟକ ଥିବା ଫାଣ୍ଡି ଅଧିକାରୀ କହିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଜଙ୍ଗଲରୁ ଦମ୍ପତିଙ୍କ ମୃତଦେହ ଜବତ

ଲୋଇସିଂହା,୨୨।୧
(ସୁଶାନ୍ତ ବାରିକ)

## ଝୁଲନ୍ତା ଅବସ୍ଥାରେ ସ୍ୱାମୀଙ୍କ ମୃତଦେହ ଠାବ
## ପାଖରେ ପଡ଼ିଛି ସ୍ତ୍ରୀଙ୍କ ମୃତଦେହ

ବଲାଙ୍ଗୀର ଜିଲା ଆଗଲପୁର ଥାନା କୁଦୋପାଲି ଗ୍ରାମ ନିକଟ ପତରା ଜଙ୍ଗଲରୁ ସୋମବାର ଏକ ଦମ୍ପତିଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ସ୍ତ୍ରୀଙ୍କ ମୃତଦେହ ତଳେ ପଡିରହିଥିବା ବେଳେ ଏହାର କିଛି ଦୂରରେ ଥିବା ଏକ ଲିମ୍ବଗଛରେ ସ୍ୱାମୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିଲା। ମୃତକ ହେଲେ କ୍ଷୀରୋଦ ବରିହା(୩୬) ଓ ତାଙ୍କ ସ୍ତ୍ରୀ ତାରିଣୀ ବରିହା(୨୭)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଝାରଣୀପାଲି ପଞ୍ଚାୟତ କୋଦୋପାଲି ଗ୍ରାମର କ୍ଷୀରୋଦ ଲୋଇସିଂହା ଥାନା ଅନ୍ତର୍ଗତ ରଣୀପାଲି ଗ୍ରାମର ତାରିଣୀଙ୍କୁ ୬ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କର ଏକ ୪ ବର୍ଷ ପୁଅ ଅଛି। ରବିବାର ଅପରାହ୍ଣରେ ବରିହା ଦମ୍ପତି ପୁଅକୁ ଘରେ ଛାଡି କୁଆଡେ ଚାଲି ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେମାନେ ଘରକୁ ଫେରି ନ ଥିଲେ। ରାତିରେ ଗାଁ ନିକଟ ପତରା ଜଙ୍ଗଲରେ ସେମାନଙ୍କ ମୃତଦେହ ପଡିଥିବା ପରିବାର ଲୋକେ ଜାଣିବାକୁ ପାଇ ପୋଲିସକୁ ସୂଚନା ଦେଇଥିଲେ। ସୋମବାର ସକାଳେ ମାଜିଷ୍ଟ୍ରେଟଭାବେ ଆଗଲପୁର ତହସିଲଦାର ସହଦେବ କୁର୍କୁର୍ତ୍ତା, ଏସ୍‌ଡିପିଓ ତୋଫାନ ବାଗ, ଲୋଇସିଂହା ଥାନା ଆଇଆଇସି ଯାଜ୍ଞସେନୀ ନାୟକ, ଆଗଲପୁର ଥାନା ଆଇଆଇସି ବାସୁଦେବ ଭୋଇ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ତାରିଣୀଙ୍କ ମୃତଦେହ ତଳେ ପଡି ରହିଥିବାବେଳେ କ୍ଷୀରୋଦ ସେଠାରେ ଥିବା ଏକ ଲିମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ତାରିଣୀଙ୍କ ମୃତଦେହ ନିକଟରେ ଏକ ପ୍ଲାଷ୍ଟିକ ବାଲ୍‌ଟି ପଡିଥିବାବେଳେ ତାଙ୍କ ଶରୀରକୁ କ୍ଷୀରୋଦଙ୍କ ପାଦ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ମୃତାଙ୍କ ବେକ ଓ ଗୋଡରେ ଗଭୀର ଆଘାତ ଲାଗି ରକ୍ତାକ୍ତ ହୋଇଥିବା ପୋଲିସ କହିଛି।

**ଆଜିର ମନ୍ତବ୍ୟ**

“ସାମାଜିକ ଗଣମାଧ୍ୟମ ଯୋଗାଯୋଗ ଓ ସଚେତନତାର ଏକ ଶକ୍ତିଶାଳୀ ମଞ୍ଚ। କିନ୍ତୁ ଗୁଜବ ସୃଷ୍ଟି ପାଇଁ ଏହାର ଅପବ୍ୟବହାର ଦୁର୍ଭାଗ୍ୟଜନକ। ତେଣୁ ଏଥିପ୍ରତି ସର୍ବାଧିକ ସତର୍କତା ଅବଲମ୍ବନୀୟ।

– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଉପକାରେ ଲାଗିଲେ ଧନ**
**ତାକୁ ଯେ ଜାଣିବ ବିତ୍ତ**
**ବିପଦବେଳେ ଯେ ଆଗରେ ଥାଏ**
**ତାକୁ ଯେ ବୋଲିବ ମିତା।**

ଅଭାବରେ ପଡ଼ିଥିବା ବ୍ୟକ୍ତିଙ୍କୁ ନିଜର ସାଧ୍ୟମତେ ଆର୍ଥିକ ସହାୟତା ପ୍ରଦାନ କରିବାରେ ନିଜର କାର୍ପଣ୍ୟତା ପ୍ରକାଶ ନ କରିବା ସହ ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ମଧ୍ୟ ଯଥାସମ୍ଭବ ସାହାଯ୍ୟ କରିବାରେ ଆଗଭର ରହିବା ଉଚିତ। ଏଭଳି ଗୁଣଧାରୀ ବ୍ୟକ୍ତି ହିଁ ପ୍ରକୃତ ବନ୍ଧୁ ବୋଲାଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପିତା, ମାତା ସୁକୃତରୁ ପୁତ୍ର ହୁଏ ସୁଖୀ,**
**ସୁପୁତ୍ର ଅରଜିଲେ କୁଳ ଧର୍ମ ରଖି।**

ପିତାମାତା ସୁକୃତରୁ ପୁତ୍ର ସୁଖୀ ହୋଇଥାଏ। ଗୁଣବାନ୍ ସୁପୁତ୍ର ହିଁ କୁଳ ଧର୍ମ ଠିକ୍ ରକ୍ଷା କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଆସାମରେ ରାହୁଲଙ୍କ ମନ୍ଦିର ଯିବା ଉପରେ ବାରଣ







ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ‘ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ ଆଣ୍ଡ୍ ସ୍ମଲ ମାନୁଫାକ୍ଚରିଂ ଏଣ୍ଟରପ୍ରାଇଜେସ୍’କୁ ମିଳିଲା ଅନୁମୋଦନ

ଭୁବନେଶ୍ୱର,୨୨।୧(ବନ୍ଦନା ସେଠୀ)

ରାଜ୍ୟ କ୍ୟାବିନେଟ୍‌ରେ ‘ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର୍ ମାଇକ୍ରୋ ଆଣ୍ଡ୍ ସ୍ମଲ୍ ମାନୁଫାକ୍ଚରିଂ ଏଣ୍ଟରପ୍ରାଇଜେସ୍ ୨୦୨୩’କୁ ଅନୁମୋଦନ ମିଳିଛି। ଏହି ନୀତି ସମସ୍ତ ରାଜ୍ୟ ସରକାରୀ ପ୍ରତିଷ୍ଠାନଗୁଡିକ ପାଇଁ ପ୍ରଯୁଜ୍ୟ ହେଉଥିବାବେଳେ ୱାର୍କ କଣ୍ଟ୍ରାକ୍ଟସ୍, ଇପିସି କଣ୍ଟ୍ରାକ୍ଟ ଓ ପ୍ରୋକ୍ୟୁରମେଣ୍ଟ ଅଫ୍‌ସର୍ଭିସ ପାଇଁ ପ୍ରଯୁଜ୍ୟ ହେବନାହିଁ। ସେହିପରି ବାର୍ଷିକ କାରବାର ୫୦କୋଟି ଟଙ୍କାରୁ କମ୍ ଥିବା ଓଡ଼ିଶାର କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗ, ଉତ୍ପାଦନ ଷ୍ଟାର୍ଟଅପ୍ ଉଦ୍ୟୋଗଗୁଡିକ ଏହି ପଲିସି ଦ୍ୱାରା ଉପକୃତ ହେବେ। ପଲିସିରେ ‘ଏକ୍ସକ୍ଲୁସିଭ୍ ଲିଷ୍ଟ’ର ବ୍ୟବସ୍ଥା ରହିଛି। ଏଥିରେ ଓଡ଼ିଶା ଉତ୍ପାଦନ ଉଦ୍ୟୋଗମାନଙ୍କ ଦ୍ୱାରା ବହୁଳ ଭାବେ ଉତ୍ପାଦନ ହେଉଥିବା ସାମଗ୍ରୀଗୁଡିକ ତାଲିକାଭୁକ୍ତ ହେବ। ରାଜ୍ୟର ସରକାରୀ ପ୍ରତିଷ୍ଠାନଗୁଡିକ ଏହି ଲିଷ୍ଟରେ ତାଲିକାଭୁକ୍ତ ଦ୍ରବ୍ୟଗୁଡିକୁ ବାଧ୍ୟତାମୂଳକ ଭାବେ କେବଳ ଓଡ଼ିଶା ଅଣୁ ଓ କ୍ଷୁଦ୍ର ଉଦ୍ୟୋଗଙ୍କଠାରୁ ଇଣ୍ଟ୍ରା-ଷ୍ଟେଟ୍ ଟେଣ୍ଡର ମାଧ୍ୟମରେ କ୍ରୟ କରିବେ। ସେହିଭଳି ‘ଏକ୍ସକ୍ଲୁସିଭ୍ ଲିଷ୍ଟ’ରେ ତାଲିକାଭୁକ୍ତ ହୋଇ ନ ଥିବା ଦ୍ରବ୍ୟଗୁଡିକ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କ୍ରୟ କରାଯିବ। ଏଥିପାଇଁ ଓଡ଼ିଶା କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗଗୁଡିକ ୨୫% କ୍ରୟ ସାମଗ୍ରୀ ପାଇଁ ୧୦% ପ୍ରାଇସ୍ ପ୍ରିଫରେନ୍ସ ପାଇବେ। ଯେଉଁଠି ପ୍ରାଇସ୍ ପ୍ରିଫରେନ୍ସ ଲାଗୁ ହେବନାହିଁ, ସେହି କ୍ଷେତ୍ରରେ କ୍ରୟ ପରିମାଣର ୧୫% ପାଇଁ ପର୍‌ଚେଜ୍ ପ୍ରିଫରେନ୍ସ ବ୍ୟବସ୍ଥା ରହିବ। ଆନ୍ତଃରାଜ୍ୟ ଏବଂ ଖୋଲା ଟେଣ୍ଡର ପ୍ରକ୍ରିୟାରେ ଓଡ଼ିଶା କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗଗୁଡିକ ଟେଣ୍ଡର କାଗଜ ଏବଂ ଇଏମ୍‌ଡି ମୂଲ୍ୟ ଜମାରୁ ମୁକ୍ତ ହେବ।

**କ୍ୟାବିନେଟ୍ ନିଷ୍ପତ୍ତି**

# ୧ ଲକ୍ଷ ଏକର ଜମିରେ ହେବ କଫି ଚାଷ

ଭୁବନେଶ୍ୱର, ୨୨।୧
(ଅସମାପିକା ସାହୁ/ବନ୍ଦନା ସେଠୀ)

ରାଜ୍ୟରେ କଫି ଚାଷ ବୃଦ୍ଧି ହେବ। କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ଗଜପତି ଆଦି ୬ଜିଲାରେ ‘ସ୍ଥାୟୀ ଜୀବିକା ନିମନ୍ତେ କଫି ଚାଷ’ ଯୋଜନା କାର୍ଯ୍ୟକାରୀ କରାଯିବ। ରାଜ୍ୟରେ ବର୍ତ୍ତମାନ ୧୦ହଜାର ଏକର ଅଞ୍ଚଳରେ କଫି ଚାଷ କରାଯାଉଛି। ଆଗାମୀ ୧୦ବର୍ଷରେ ଏହାକୁ ୧୦ଗୁଣା ବୃଦ୍ଧି କରାଯିବାର ଯୋଜନା ରହିଛି। ଏହି ଯୋଜନା ଅଧୀନରେ କଫି ଚାରା(ନର୍ସରି) ପ୍ରସ୍ତୁତ କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯିବ। ଏଥିରେ ୫୦ହଜାରରୁ ଊର୍ଦ୍ଧ୍ୱ କୃଷକ ପରିବାର ଉପକୃତ ହେବେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏଥିପାଇଁ ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ୧,୧୪୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ ୫୬୭ କୋଟି ଟଙ୍କା ରାଜ୍ୟ ଯୋଜନା ମାଧ୍ୟମରେ ଏବଂ ୫୭୭ କୋଟି ଟଙ୍କା ଅନ୍ୟ ଯୋଜନା ସହିତ ସମନ୍ୱୟ କରି କାର୍ଯ୍ୟକାରୀ କରାଯିବ। ଆଗାମୀ ବର୍ଷରେ ଏହି ଯୋଜନାରେ ଉତ୍ପାଦର ମୂଲ୍ୟ ବୃଦ୍ଧି ଓ କିଣାବିକା ଦିଗକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ନିର୍ଦ୍ଦେଶାଳୟ କଫିର ଉତ୍ପାଦକତା ଓ ଗୁଣବତ୍ତା ବୃଦ୍ଧି, ଭିତ୍ତିଭୂମି ନିର୍ମାଣ ଏବଂ ଉତ୍ପାଦକ ବ୍ରାଣ୍ଡର ବିକାଶ ନିମନ୍ତେ କଫି ବୋର୍ଡ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଙ୍ଗଠନର ସହଭାଗିତାରେ କାର୍ଯ୍ୟ କରିବ।

### ଓଡ଼ିଶା ଅଗ୍ନିଶମ ସେବା କ୍ଷେତ୍ରରେ ପଦବୀ ପୂରଣ ନେଇ ନିୟମାବଳୀ ସଂଶୋଧନ ପ୍ରସ୍ତାବ

ଓଡ଼ିଶା ଅଗ୍ନିଶମ ସେବା (କ ଓ ଖ ବର୍ଗ ଅଧିକାରୀଙ୍କ ନିଯୁକ୍ତି ଓ ଚାକିରି ସର୍ତ୍ତ) ନିୟମାବଳୀ ୨୦୨୧ର ସଂଶୋଧନ ନେଇ ଗୃହ ବିଭାଗ ପକ୍ଷରୁ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ରାଜ୍ୟରେ ଖାଲି ରହିଥିବା ପଦବୀଗୁଡିକ ପୂରଣ ହୋଇପାରିବ ବୋଲି କୁହାଯାଇଛି। ବିପତ୍ତିକାଳୀନ ପରିସ୍ଥିତିରେ ଓଡ଼ିଶା ଅଗ୍ନିଶମ ବାହିନୀ ତତ୍କ୍ଷଣାତ୍ ସେବା ପ୍ରଦାନ କରିଥାଏ। ମାତ୍ର ଅନେକ ସମୟରେ ପଦବୀ ପୂରଣ ହୋଇପାରୁ ନ ଥିବାରୁ ସମସ୍ୟା ଦେଖାଦେଉଛି। ଅପରପକ୍ଷେ କେନ୍ଦ୍ରାଧିକାରୀ ଚୟନ ପାଇଁ ହେଉଥିବା ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖୁଥିଲେ ମଧ୍ୟ ପ୍ରାର୍ଥୀମାନେ ଶାରୀରିକ ମାନଦଣ୍ଡ ଓ ଦକ୍ଷତା ପରୀକ୍ଷାରେ ଯୋଗ୍ୟତା ହାସଲ କରିପାରୁ ନାହାନ୍ତି। ଫଳରେ ବିଜ୍ଞାପନ ଅନୁଯାୟୀ ଖାଲି ପଦବୀଗୁଡିକ ପୂରଣ ହୋଇପାରୁନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ନିୟମାବଳୀ ୨୦୨୧ର ନିୟମ ୧୦(୨)ରେ ଥିବା ବ୍ୟବସ୍ଥାକୁ ସଂଶୋଧନ କରି ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ବର୍ଗ ଭିତ୍ତିକ ସ୍ତରରେ ଖାଲିଥିବା ପଦବୀ ସଂଖ୍ୟାର ୩ଗୁଣ ବଦଳରେ ୭ଗୁଣ ପ୍ରାର୍ଥୀଙ୍କୁ ଶାରୀରିକ ମାନଦଣ୍ଡ ଓ ଦକ୍ଷତା ପରୀକ୍ଷା ନିମନ୍ତେ ଡକାଯିବା ପାଇଁ ବିଚାର କରାଯାଇଛି।

### ଘରୋଇ ଡିଲରଙ୍କ ଲାଇସେନ୍ସ ଅବଧି ୬ମାସ ବୃଦ୍ଧି

ସାଧାରଣ ବ୍ୟଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ସୁଲଭ ମୂଲ୍ୟ ଦୋକାନ ପାଇଁ ନିୟୋଜିତ ଘରୋଇ ଡିଲରମାନଙ୍କୁ ଦିଆଯାଇଥିବା ଲାଇସେନ୍ସର ଅବଧିକୁ ଆଉ ୬ମାସ ବୃଦ୍ଧି କରାଯାଇଛି। ଏହି ଅବଧି ମାର୍ଚ୍ଚ ୩୧ରେ ଶେଷ ହେବାର ଥିଲା। କିନ୍ତୁ ଏହାକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ନେଇ ସୋମବାର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ୨୦୧୬ ମାର୍ଚ୍ଚରେ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା(ନିୟନ୍ତ୍ରଣ) ଆଦେଶ-୨୦୧୬ ଅଧିସୂଚନା ଜାରି କରାଯାଇଥିଲା। ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟପଦ୍ଧତି ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ)-୨୦୧୬ରେ ଥିବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ହେଉଛି। ଏହି ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ୧୩,୨୯୬ ସଂଖ୍ୟକ ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ସମ୍ପାଦିତ ହେଉଛି। ଏହି ସୁଲଭ ମୂଲ୍ୟ ଦୋକାନଗୁଡ଼ିକ ମଧ୍ୟରୁ ୬,୬୨୧ଟି ଇନ୍‌ଷ୍ଟିଚ୍ୟୁଶନାଲ ଡିଲର। ଅବଶିଷ୍ଟ ୬,୬୭୫ଟି ପ୍ରାଇଭେଟ୍ ଡିଲର ଅଛନ୍ତି। ସେମାନଙ୍କର ଲାଇସେନ୍ସ ସମୟସୀମା ୨୦୨୩ ଏପ୍ରିଲ ୧ରୁ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅନୁମୋଦିତ ହୋଇଥିଲା। ଯେହେତୁ ଏହି ଅବଧି ମାର୍ଚ୍ଚ ୩୧ରେ ଶେଷ ହେଉଛି, ତେଣୁ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ଯେଉଁ ଡିଲରଙ୍କ ବିରୋଧରେ ଖାଉଟିମାନଙ୍କର ଅଭିଯୋଗ ନାହିଁ ଅବା ତାଙ୍କ ବିରୋଧରେ ଜରୁରୀ ଦ୍ରବ୍ୟ ଆଇନ ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇନାହିଁ, ସେହି ଡିଲରଙ୍କ ଲାଇସେନ୍ସ ପୁନଃ ୬ମାସ ନବୀକରଣ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ୭୮୨ଜଣ ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁଙ୍କୁ ମିଳିବ ସର୍ବନିମ୍ନ ପେନ୍‌ସନ୍

୭୮୨ଜଣ ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁଙ୍କୁ ସର୍ବନିମ୍ନ ପେନ୍‌ସନ ମିଳିବ। ଏନେଇ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁର କରାଯାଇଛି। ବକେୟା ସର୍ବନିମ୍ନ ପେନ୍‌ସନ ମଞ୍ଜୁରୀ ପାଇଁ ୯୦ କୋଟି ଟଙ୍କା ଓ ପରବର୍ତ୍ତୀ ସର୍ବନିମ୍ନ ମଞ୍ଜୁରୀ ପାଇଁ ବାର୍ଷିକ ୧୧ କୋଟି ୩୮ଲକ୍ଷ ୬୦ହଜାର ୭୨୮ ଟଙ୍କାର ଅତିରିକ୍ତ ବ୍ୟୟ ଅଟକଳକୁ ଅନୁମୋଦନ କରାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଭିତ୍ତିକରି ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ୭୮୨ଜଣ ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁଙ୍କୁ ଏହି ପେନ୍‌ସନ୍ ପ୍ରଦାନ କରିବେ। ତେବେ ଭବିଷ୍ୟତରେ ଅନ୍ୟ ଭିଏଲ୍‌ଡବ୍ଲ୍ୟୁଙ୍କ ପାଇଁ ଏହା ଲାଗୁ କରାଯିବନାହିଁ ବୋଲି ସ୍ପଷ୍ଟ କରାଯାଇଛି।

### ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି ୨୦୨୪କୁ ମଞ୍ଜୁରୀ

ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି ୨୦୨୪କୁ ମଞ୍ଜୁରୀ ମିଳିଛି। ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟରେ ମୋହର ଲାଗିଛି। ରାଜ୍ୟର ବାୟୋଟେକ୍ନୋଲୋଜି ପରିମଣ୍ଡଳକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ନୀତିର ପରିକଳ୍ପନା କରାଯାଇଛି। ସେପଟେ ଭୁବନେଶ୍ୱର ଉପକଣ୍ଠ ଡେରାସଠାରେ ୩୨୯କୋଟି ଟଙ୍କା ବ୍ୟୟରେ ୬୯୫୨ଟି ବେଡ୍‌ବିଶିଷ୍ଟ ମହିଳା ଶ୍ରମିକ ହଷ୍ଟେଲ ନିର୍ମାଣ ଟେଣ୍ଡରକୁ ଅନୁମୋଦନ ମିଳିଛି। ସି-ଫୁଡ୍ ପାର୍କରେ କାର୍ଯ୍ୟ କରୁଥିବା ମହିଳା ଶ୍ରମିକଙ୍କ ପାଇଁ ଏଠାରେ ରହିବା ସୁବିଧା ହେବ। ଏହି ହଷ୍ଟେଲ ନିର୍ମାଣ କାର୍ଯ୍ୟ ୨୭ମାସ ମଧ୍ୟରେ ଶେଷ ହେବ। ଶିଳ୍ପ ବିଭାଗର ଏହି ଟେଣ୍ଡରକୁ ସୋମବାର ରାଜ୍ୟ ମନ୍ତ୍ରିମଣ୍ଡଳ ଅନୁମୋଦନ କରିଛି। ସେହିଭଳି ବାଣିଜ୍ୟ ଓ ପରିବହନ ବିଭାଗର ୧୩ ଗ୍ରୁପ୍-ସି ବୈଷୟିକ ପୋଷ୍ଟଗୁଡ଼ିକର ପ୍ରତ୍ୟକ୍ଷ ପ୍ରବେଶ ଯୋଗ୍ୟତାକୁ ସଂଶୋଧନ କରାଯାଇଛି। ଅନ୍ୟପକ୍ଷରେ କଳାହାଣ୍ଡି ଜିଲାର କୋକସରା ନିକଟରେ ନୂତନ ଅବକାରୀ ଥାନା ପ୍ରତିଷ୍ଠା ନିମନ୍ତେ ଅବକାରୀ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆନୁଷ୍ଠାନିକ କ୍ଷେତରେ, ବନ୍ଧୁମିଳନରୁ କିମ୍ବା ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କେତେକ କ୍ଷେତ୍ରରେ ଅସୁବିଧା ନ ହୋଇ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବା ସୂଚନା ରହିଛି।

**ବୃଷ** ପାରିବାରିକ କ୍ଷେତ୍ରରେ କୌଣସି ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ, ଆଇନ, ଅଦାଲତ କ୍ଷେତରୁ ସୁଫଳ ପାଇବେ।

**ମିଥୁନ** ମନେ ମନେ ଖୋଜୁଥିବା ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ। ପୁନର୍ବସୁ ନକ୍ଷତ୍ରର ବାଣିଜ୍ୟ ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳାକରି ଘରଲୋକମାନଙ୍କଠାରୁ ଗାଳି ଖାଇବାକୁ ପଡ଼ିପାରେ। ଦୀର୍ଘଦିନ ହେଲା ଅସୁସ୍ଥ ଥିବା ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ।

**କର୍କଟ** ପାରିବାରିକ କ୍ଷେତ୍ରରେ ମଧ୍ୟ ସାମାନ୍ୟ ଅସୁବିଧା ଥିବା ଅନୁଭବ କରିବେ। ବନ୍ଧୁମାନଙ୍କ ଆମନ୍ତ୍ରଣ କ୍ରମେ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଛୋଟ କଥାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପୁଷ୍ୟା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ସିଂହ** କୌଣସି କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ବହୁଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ସାଧାରଣ ବ୍ୟକ୍ତି ସାହାଯ୍ୟ କରିବେ। କୌଣସି ବନ୍ଧୁଙ୍କ ସମ୍ବନ୍ଧରେ ଅସମର୍ଥିତ ସୂତ୍ରରୁ ଅଶୌଚ ଖବର ପାଇପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଆତ୍ମୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇ ମନଦୁଃଖ କରିପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହୋଇପାରନ୍ତି। ହସ୍ତା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅଧିକାଂଶ ସମୟ ଅନ୍ୟମନସ୍କ ରହିବା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ହଠାତ୍ ମତ ବଦଳାଇବା ଠିକ୍ ହେବ ନାହିଁ।

**ତୁଳା** ଆଜି ସ୍ୱାତୀ ନକ୍ଷତ୍ରର କାର୍ଯ୍ୟ ହାସଲ ହେବ,ବିବାଦର ଅବସାନ ଘଟିବ, ଅଭିଳଷିତ ଜିନିଷ ମଧ୍ୟ ପାଇପାରିବେ। ମାତ୍ର ଘରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବା ଆଶଙ୍କା ମଧ୍ୟ ରହିଛି। ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ ରହିବ।

**ବିଛା** ପୂର୍ବ ପରିସ୍ଥିତି ବଦଳିଯାଉଥିବାରୁ ମାନ ସେତେଟା ଭଲ ରହି ନ ପାରେ। ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅତୀତ ଘଟଣାର ଅନୁଚିନ୍ତା ଯୋଗୁ ବ୍ୟସ୍ତ ରହିପାରନ୍ତି। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ଅନୁରାଧା ନକ୍ଷତ୍ରର ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ଧନୁ** ସକାଳୁ ସକାଳୁ ଶୁଭ ଖବର ପାଇବେ ଓ ବନ୍ଧୁମାନଙ୍କ ସହ ଯାତ୍ରା କରିବେ। ପୂର୍ବାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ସାହାଯ୍ୟ କରିବା ସକାଶେ ବନ୍ଧୁବର୍ଗମାନେ ପ୍ରତିଶ୍ରୁତି ଦେଇପାରନ୍ତି। ପରିବାରରେ ପିଲାମାନଙ୍କ ସକାଶେ ମନ ବିଚଳିତ ହୋଇପାରେ।

**ମକର** କେତେକ କ୍ଷେତ୍ରରେ ନିଜର ଇଚ୍ଛା ବିରୋଧରେ କାମ କରି ପରେ ଅନୁତାପ କରିବେ। ଶ୍ରବଣା ନକ୍ଷତ୍ର ସକାଶେ କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବା ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ଓ ରାଜନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ କଟିବ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅଭାବରୁ ହଇରାଣ ହରକତ ହୋଇପାରନ୍ତି। ପରିବାରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ନିଜ ଲୋକମାନଙ୍କଠାରୁ ସହାନୁଭୂତି ଲାଭକରି ଖୁସି ହେବେ।

**ମୀନ** ବିନା କାରଣରେ ଶତ୍ରୁତା ଓ ସମସ୍ୟା ବୃଦ୍ଧି ପାଉଥିବାରୁ ମନ ଭଲ ରହି ନ ପାରେ। ଅର୍ଥ ଲାଭ ହେଲେ ମଧ୍ୟ ତାହାକୁ କେନ୍ଦ୍ରକରି କେତେକ ସମସ୍ୟା ସୃଷ୍ଟି ହେବ। ଉତ୍ତରଭାଦ୍ରପଦ ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇପାରେ। ରାଜନୀତିରେ ହାତ ମୁଠାରୁ ସୁଯୋଗ ଖସିଯିବା ଆଶଙ୍କା ଦେଖାଦେବ।

ଆଜି ଜାନୁଆରୀ ୨୩ ତାରିଖ, ପୌଷ ଶୁକ୍ଳ ତ୍ରୟୋଦଶୀ ମଙ୍ଗଳବାର, ପରାକ୍ରମ ଦିବସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୩ ଗତେ, ଘ.୧୦।୫୨ ମଧ୍ୟେ, ଘ.୦।୦୪ ଗତେ, ଘ.୦।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୪୩ ମି. ଗତେ, ଘ.୦୪।୦୬ ମି. ମଧ୍ୟେ ରାହୁକାଳ।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା...

ପ୍ରଥମ ପୃଷ୍ଠାରୁ...

ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଅଯୋଧ୍ୟାସ୍ଥିତ ନବନିର୍ମିତ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ (ରାମୋତ୍ସବ) ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିରର (ପୂର୍ବ-ପଶ୍ଚିମ) ଲମ୍ବ ୩୮୦ ଫୁଟ୍ ହୋଇଥିବାବେଳେ ଓସାର ୨୫୦ ଏବଂ ଉଚ୍ଚତା ୧୬୧ ଫୁଟ୍। ମନ୍ଦିରରେ ୩୯୨ଟି ସ୍ତମ୍ଭ ଓ ୪୪ଟି ଦ୍ୱାର ରହିଛି। ଜାନୁଆରୀ ୧୬ରେ ସରଯୂ ନଦୀକୂଳରେ ପ୍ରାଣ ପ୍ରତିଷ୍ଠା ରୀତିନୀତି ଆରମ୍ଭ ହୋଇଥିଲା। ମହୀଶୂରର ସ୍ଥପତି ଅରୁଣ ଯୋଗୀରାଜ ଗୋଟିଏ କଳାମୁଗୁନି ପଥରରେ ନିର୍ମାଣ କରିଥିବା ବିଗ୍ରହ ହେଉଛନ୍ତି ରାମଲାଲାଙ୍କ ୫ ବର୍ଷ ବୟସର ପ୍ରତିମା। ଗର୍ଭଗୃହରେ ପ୍ରଭୁଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ବେଳେ ମୁଖ୍ୟ ଯଜମାନ ଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୮୪ ସେକେଣ୍ଡ ‘ଅଭିଜିତ ମୁହୂର୍ତ୍ତ’ର ପ୍ରାଣ ପ୍ରତିଷ୍ଠା ବେଳେ ମୋଦି ଅନେକ ରୀତିନୀତି ଅନୁପାଳନ କରିଥିଲେ। ଶେଷରେ ସେ ରାମଲାଲାଙ୍କ ମୂର୍ତ୍ତି ଆଗରେ ସଷ୍ଟାଙ୍ଗ ପ୍ରଣିପାତ ହୋଇଥିଲେ। ଦେଶର ବିଭିନ୍ନ ଭାଗରୁ ଆସିଥିବା ୫୦ ପାରମ୍ପରିକ ବାଦ୍ୟଯନ୍ତ୍ରର ଶବ୍ଦରେ ‘ମଙ୍ଗଳ ଧ୍ୱନି’ ଦିଆଯାଇଥିଲା। ସେଥିରେ ସାମିଲ ଥିଲା ୟୁପିର ପଖୱାଜ, ଓଡ଼ିଶାର ମର୍ଦ୍ଦଳ, କର୍ନାଟକର ବୀଣା, ପଞ୍ଜାବର ଅଲ୍‌ଗୋଜା, ମହାରାଷ୍ଟ୍ରର ସୁନ୍ଦରୀ, ମଧ୍ୟପ୍ରଦେଶର ସନ୍ତୁର ଓ ଛତିଶଗଡ଼ର ଡମ୍ବରୁ। ଅଯୋଧ୍ୟାର ବିଶିଷ୍ଟ କବି ଯତୀନ୍ଦ୍ର ମିଶ୍ରାଙ୍କ ଦ୍ୱାରା ପ୍ରସ୍ତୁତ ଏହି ଧ୍ୱନିକୁ ବଜାଇଥିଲେ ନୂଆଦିଲ୍ଲୀର ସଙ୍ଗୀତ ନାଟକ ଏକାଡେମୀ ଛାତ୍ରୀଛାତ୍ର। ଉତ୍ସବରେ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସରସଂଘ ଚାଳକ ମୋହନ ଭାଗବତ ଉପସ୍ଥିତ ରହିଥିଲେ। ପ୍ରାଣ ପ୍ରତିଷ୍ଠା ବେଳେ ସେନା ହେଲିକପ୍ଟରଗୁଡ଼ିକ ଆକାଶମାର୍ଗରୁ ରାମ ଜନ୍ମଭୂମି ଉପରେ ଫୁଲ ପାଖୁଡ଼ା ବର୍ଷା କରିଥିଲେ। ମନ୍ଦିର ବାହାରେ ଧର୍ମନଗରୀ ଅଯୋଧ୍ୟାବାସୀ କହୁଥିଲେ, ଏହି ଐତିହାସିକ ମୁହୂର୍ତ୍ତ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ। ଏହି ଭବ୍ୟ ଆୟୋଜନର ଧାରା ବିବରଣୀ ବା ସିଧା ପ୍ରସାରଣକୁ ନିଜ ଘରେ ଓ ମନ୍ଦିରଗୁଡ଼ିକରେ ଥିବା ଟିଭି ଚ୍ୟାନେଲରେ ଦେଶବାସୀ ଦେଖିଥିଲେ।

ମୋଦି ଗର୍ଭଗୃହରୁ ପ୍ରସ୍ଥାନ କରିବା ପରେ ସାଧୁ ସନ୍ଥ, ସେଲିବ୍ରିଟି, ବିଦେଶୀ ଅତିଥିଙ୍କ ପ୍ରାୟ ୮,୦୦୦ ଲୋକଙ୍କୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଆମ ରାମ ଆସିଛନ୍ତି। ତାଙ୍କ ଆଗମନ ସମସ୍ତଙ୍କୁ ଭାବପ୍ରବଣ କରିଦେଇଛି। ଏହି ଦିବ୍ୟ କାର୍ଯ୍ୟକ୍ରମରେ ଭାଗନେଇ ପାରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଏହା କେବଳ ବିଜୟର ନୁହେଁ, ଅହଂକାରଶୂନ୍ୟ ବିନମ୍ରତାର ଉତ୍ସବ। ରାମମନ୍ଦିର ଏକ ସମୃଦ୍ଧ ଓ ବିକଶିତ ଭାରତର ମୂଳଦୁଆ ପଡ଼ିବା ବେଳର ସାକ୍ଷୀ ହୋଇଛି। ଏହି ପବିତ୍ର ମୁହୂର୍ତ୍ତ ପରଠୁ ଆମେ ଆଗାମୀ ହଜାରେ ବର୍ଷ ପାଇଁ ଭାରତର ଭିତ୍ତିପ୍ରସ୍ତର ସ୍ଥାପନ କରିଛେ। ଆମେ ଏକ ଦିବ୍ୟ ଭାରତ ନିର୍ମାଣ ଦିଗରେ ଅଗ୍ରସର ହୋଇଛେ। ଆର୍‌ଏସ୍‌ଏସ୍ ମୁଖ୍ୟ ଭାଗବତ ସମ୍ବୋଧିତ କରି କହିଥିଲେ, ରାମରାଜ୍ୟ ଆସୁଛି। ସମସ୍ତ ଦେଶବାସୀ ବିବାଦକୁ ତ୍ୟାଗ କରି ଏକତା ସୂତ୍ରରେ ବାନ୍ଧି ହେବା ଉଚିତ। ମନ୍ଦିର ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଏକୁଟିଆ ତପ କରିଥିଲେ। ଏବେ ଆମେ ସମସ୍ତଙ୍କୁ ସେହି ପଥର ଅନୁଗାମୀ ହେବାକୁ ପଡ଼ିବ। ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସହ ଭାରତର ଆତ୍ମଗୌରବ ଫେରିଛି। ସାରା ବିଶ୍ୱକୁ ସହାୟତା ପ୍ରଦାନ ପାଇଁ ଭାରତ ସକ୍ଷମ। ଆଜିର କାର୍ଯ୍ୟକ୍ରମ ଏହାର ପ୍ରତୀକ। ଯେଉଁମାନେ ଦୁଃଖ କଷ୍ଟ ସହି ରାମଲାଲାଙ୍କୁ ତାଙ୍କ ଘରକୁ ଫେରାଇ ଆଣିଛନ୍ତି, ସେମାନଙ୍କୁ ଭାଗବତ ପ୍ରଣାମ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ, ପ୍ରଭୁଙ୍କ ଆଗମନ ସହ ସାରା ଦେଶ ରାମମୟ ହୋଇଯାଇଛି। ଏଥିରୁ ମନେହେଉଛି ସତେ ଯେମିତି ଆମେ ତ୍ରେତୟା ଯୁଗରେ ପହଞ୍ଚିଛେ। ଏହି ଅବସରରେ ଯୋଗୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କୁ ଟାର୍ଗେଟ କରିବା ସୁଯୋଗ ହାତଛଡ଼ା କରି ନ ଥିଲେ। ଯୋଗୀ କହିଥିଲେ, ଅଯୋଧ୍ୟାରେ ଆଉ ଗୁଳିଗୋଳାର ଶବ୍ଦ ପ୍ରତିଧ୍ୱନିତ ହେବ ନାହିଁ କି କର୍ଫ୍ୟୁ ଦେଖିବାକୁ ମିଳିବ ନାହିଁ। ଏଣିକି ସର୍ବତ୍ର ଜୟ ଶ୍ରୀରାମ ଧ୍ୱନି ଶୁଣିବାକୁ ମିଳିବ।

ମହୋତ୍ସବ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ମନ୍ଦିର ଟ୍ରଷ୍ଟ କୋଷାଧ୍ୟକ୍ଷ ଗୋବିନ୍ଦ ଦେବ ଗିରିଙ୍କଠାରୁ ‘ଚରଣାମୃତ’ ଗ୍ରହଣ କରି ନିଜ ୧୧ ଦିନର ଉପବାସ ଭଙ୍ଗ କରିଥିଲେ। ମଙ୍ଗଳବାରଠାରୁ ମନ୍ଦିରରେ ଭକ୍ତମାନେ ଦର୍ଶନ କରିପାରିବେ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ନେତାମାନେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା-ଆର୍‌ଏସଏସ୍‌ର ଇଭେଣ୍ଟ ଦର୍ଶାଇ ଏଥିରେ ସାମିଲ ହୋଇ ନ ଥିଲେ। କିନ୍ତୁ କଂଗ୍ରେସ ଶାସିତ ହିମାଚଳ ପ୍ରଦେଶର ମନ୍ତ୍ରୀ ବିକ୍ରମାଦିତ୍ୟ ସିଂ ଅଯୋଧ୍ୟାକୁ ଯାଇ ରାମଲାଲାଙ୍କ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଅନେକ ରାଜ୍ୟର ସରକାର ଦିନେ କିମ୍ବା ଅଧା ଛୁଟି ଘୋଷଣା କରିଥିଲେ। ପ୍ରକାଶ ଯେ, ମୋଗଲ ଶାସକ ବାବର ପୂର୍ବରୁ ରାମଙ୍କ ଜନ୍ମଭୂମିରେ ଥିବା ମନ୍ଦିରକୁ ଭାଙ୍ଗି ସେଠାରେ ମସ୍‌ଜିଦ ନିର୍ମାଣ କରିଥିଲେ। ଷୋଡ଼ଶ ଶତାବ୍ଦୀର ଏହି ବାବ୍ରୀ ମସ୍‌ଜିଦକୁ ୧୯୯୨ ଡିସେମ୍ବର ୬ରେ କାରସେବକମାନେ ଭାଙ୍ଗିଦେଇଥିଲେ। ଦୀର୍ଘ ଆଇନଗତ ଲଢ଼େଇ ପରେ ୨୦୧୯ ନଭେମ୍ବର ୯ରେ ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ଐତିହାସିକ ରାୟ ଦେଇଥିଲେ। ୫ ଜଣିଆ ପୀଠ ୨.୭୭ ଏକର ପରିମିତ ବିବାଦୀୟ ସ୍ଥାନ ରାମଲାଲାଙ୍କର ଦର୍ଶାଇ ରାମମନ୍ଦିର ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କୁ ଏହାର ଦଖଲ ଦେଇଥିଲେ। ଏଥିପାଇଁ ପ୍ରାଣ ପ୍ରତିଷ୍ଠା ପରେ ପ୍ରଧାନମନ୍ତ୍ରୀ ମୋଦି ନ୍ୟାୟପାଳିକାକୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନରାଜରେ ଇଭି...

ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି, ନରାଜରେ ଜେଏସ୍‌ଡବ୍ଲ୍ୟୁ ଇଭି ନିର୍ମାଣ ସହ ଏହି ଯାନ ପାଇଁ ବ୍ୟାଟେରି ଉତ୍ପାଦନ ପ୍ରକଳ୍ପ ସ୍ଥାପନ କରିବ। ବ୍ୟାଟେରି ଉତ୍ପାଦନ ପ୍ରକଳ୍ପଟି ୫୦ଜିଡବ୍ଲ୍ୟୁଏଚ୍ (୫୦ ହଜାର ମେଗାୱାଟ) କ୍ଷମତା ବିଶିଷ୍ଟ ଉନ୍ନତ ବୈଷୟିକ ଜ୍ଞାନ ଉପରେ ଆଧାରିତ। ଏହା ଏହି କ୍ଷେତ୍ରରେ ବିଶ୍ୱର ସର୍ବବୃହତ୍ ଏକକ ପ୍ରକଳ୍ପ ହେବ। ବୈଦ୍ୟୁତିକ ଯାନ ଏବଂ ଉପକରଣ ଉତ୍ପାଦନ ପାଇଁ କମ୍ପାନୀ ଦୁଇଟି ପର୍ଯ୍ୟାୟ ଓଇଏମ୍(ଅରିଜିନାଲ ଇକ୍ୟୁପମେଣ୍ଟ ମାନୁଫାକ୍‌ଚରର) କାରଖାନା ସ୍ଥାପନ କରିବାକୁ ଯୋଜନା କରୁଛି। ଏହି ଦୁଇ ପର୍ଯ୍ୟାୟରେ ଜେଏସ୍‌ଡବ୍ଲ୍ୟୁ ୨୫ହଜାର କୋଟି ଟଙ୍କା ବିନିଯୋଗ କରିବ, ଯାହା ୪ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ। ସେହିପରି ତୃତୀୟ ପର୍ଯ୍ୟାୟରେ ଜେଏସ୍‌ଡବ୍ଲ୍ୟୁ ପାରାଦୀପରେ ତମ୍ବା ସ୍ମେଲଟର ସହିତ ଲିଥିୟମ ସ୍ମେଲଟର ଏବଂ ବୈଦ୍ୟୁତିକ ଯାନର ଆନୁଷଙ୍ଗିକ ଉପକରଣ ଉତ୍ପାଦନ କମ୍ପ୍ଲେକ୍ସ ସ୍ଥାପନ କରିବାକୁ ଯୋଜନା ରଖିଛି। ଏହି ପର୍ଯ୍ୟାୟରେ ୭ହଜାରରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବା ସହିତ ୧୫ହଜାର କୋଟି ଟଙ୍କା ବିନିଯୋଗ କରିବାକୁ କମ୍ପାନୀ ଯୋଜନା କରିଛି। ରାଜ୍ୟ ସରକାର ଗ୍ରୀନ ଏନର୍ଜି ଉପରେ ଫୋକସ ରଖିଛନ୍ତି। ଗ୍ରୀନ ହାଉସ୍ ଗ୍ୟାସ ଏମିସନ ହ୍ରାସ ଲାଗି ପଦକ୍ଷେପ ନିଆଯାଉଛି। ଏଥିଲାଗି ଇଭି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ରାଜ୍ୟରେ ଇଭି ଲାଗି ପ୍ରକ୍ରିୟା ଚାଲିଛି। ଏନେଇ ଶିଳ୍ପ ବିଭାଗ, ଇପିକଲ ତରଫରୁ ମାନୁଫାକଚରରଙ୍କ ସହ ଆଲୋଚନା ଜାରି ରହିଛି ବୋଲି ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି।

ରାଜ୍ୟ କ୍ୟାବିନେଟର ୭୦ତମ ବୈଠକ ସୋମବାର ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସବିଶେଷ ସୂଚନା ଦେଇଛନ୍ତି। କ୍ୟାବିନେଟ ବୈଠକରେ ୧୨ ବିଭାଗର ୧୫ ପ୍ରସ୍ତାବ ଆଗତ କରାଯାଇଛି। ସେଥିରୁ ୧୪ ପ୍ରସ୍ତାବ ପାରିତ ହୋଇଥିବା ବେଳେ ଅନ୍ୟ ଗୋଟିଏ ପ୍ରସ୍ତାବ ପରବର୍ତ୍ତୀ ଆଲୋଚନା ପାଇଁ ରଖାଯାଇଛି। ବୈଠକ ପରେ ଦିଆଯାଇଥିବା ପ୍ରେସ୍ ବିବୃତି ସମୟରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଉପସ୍ଥିତ ଥିଲେ।

## ଲିଜ୍ ଜମି କନଭରସନ...

ପାଖ ଜମିର ବେଞ୍ଚମାର୍କ ମୂଲ୍ୟର ମାତ୍ର ୩% ଦେୟରେ କନ୍‌ଭରସନ୍ ହେବ। ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା(ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ) ଏବଂ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ(ଡେଭେଲପମେଣ୍ଟ ଅଥରିଟି)ଙ୍କୁ ବାସଗୃହ ନିର୍ମାଣ ନିମନ୍ତେ ଲିଜ୍ ସୂତ୍ରରେ ଯୋଗାଇ ଦିଆଯାଇଥିବା ସରକାରୀ ଜମିକୁ ସ୍ଥିତିବାନ ସ୍ୱତ୍ୱରେ ପରିବର୍ତ୍ତନ କରିବା ପାଇଁ କନ୍‌ଭରସନ୍ ବାବଦ ଦେୟକୁ ଜମିର ବଜାର ମୂଲ୍ୟର ୧୦% ବଦଳରେ ସେହି ଜମି ନିକଟରେ ଥିବା ସ୍ଥିତିବାନ ଜମିର ବେଞ୍ଚମାର୍କ ଭାଲ୍ୟୁର ୩% ଦେୟ ଧାର୍ଯ୍ୟ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି।

झारखण्ड सरकार
GOVERNMENT OF JHARKHAND

# अबुआ आवास सबका आवास

# अबुआ आवास योजना

## के अंतर्गत स्वीकृति पत्र
## वितरण समारोह

**20 लाख**
**से अधिक लाभुकों को मिलेगा अबुआ आवास**

मुख्य अतिथि

**श्री हेमन्त सोरेन**
माननीय मुख्यमंत्री, झारखण्ड

विशिष्ट अतिथि

**श्री अर्जुन मुण्डा**
माननीय केंद्रीय मंत्री, जनजातीय कार्य एवं कृषि और किसान कल्याण, भारत सरकार - सह - सांसद, खूंटी लोकसभा क्षेत्र

**श्री आलमगीर आलम**
माननीय मंत्री, ग्रामीण विकास, ग्रामीण कार्य, पंचायती राज तथा संसदीय कार्य विभाग

**श्री सत्यानंद भोक्ता**
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग

गरिमामयी उपस्थिति

**श्री नीलकंठ सिंह मुण्डा**
माननीय विधायक, खूंटी

**श्री कोचे मुण्डा**
माननीय विधायक, तोरपा

**श्री विकास कुमार मुण्डा**
माननीय विधायक, तमाड़

**दिनांक : 23 जनवरी 2024 | समय : पूर्वाह्न 11:00 बजे**
**स्थान: NHPC मैदान, तोरपा, खूंटी**



**हेमन्त सोरेन**
मुख्यमंत्री, झारखण्ड

**₹2 लाख**
की सहायता प्रति आवास

**तीन कमरों**
का पक्का मकान, रसोई घर और शौचालय का भी निर्माण

**वर्ष 2027 तक**
सभी जरूरतमंद लोगों को मिलेगा अबुआ आवास

सूचना एवं जनसंपर्क विभाग, झारखण्ड सरकार

PR-316775 (IPRD) 2023-24

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ–ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। –ଶ୍ରୀଅରବିନ୍ଦ

-ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



# ପ୍ରୋଗ୍ରେସ ରିପୋର୍ଟ

ଭାରତୀୟ ସଂଘୀୟ ବ୍ୟବସ୍ଥାରେ ପ୍ରତି ୫ ବର୍ଷରେ ଲୋକ ସଭା, ବିଧାନସଭା, ପଞ୍ଚାୟତ ଓ ପୌର ଆଦି ନିର୍ବାଚନ ହେବାର ବ୍ୟବସ୍ଥା ରହିଛି। ସ୍ୱାଧୀନତା ପରେ ସେଗୁଡ଼ିକ ଏକ ସଙ୍ଗେ ହେଉଥିଲା। ବିଭିନ୍ନ ରାଜନୈତିକ କାରଣ ହେତୁ ସେହି ବ୍ୟବସ୍ଥା ୨ ଦଶନ୍ଧି ପରେ ଅର୍ଥାତ୍ ୧୯୬୭ରୁ ଭାଙ୍ଗିବାକୁ ଆରମ୍ଭ କଲା। କାରଣ ଭାବେ ଦେଖିବାକୁ ଗଲେ କେତୋଟି ନିର୍ବାଚନ ପରେ କୌଣସି ଗୋଟିଏ ଦଳ ଗୃହରେ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବା ହେତୁ ମିଳିତ ସରକାର ଗଢ଼ି ଉଠିଲା ; ଯେଉଁଗୁଡ଼ିକର ଆୟୁଷ ଅଳ୍ପ କିଛି ମାସ କିମ୍ବା ବର୍ଷେ ଦୁଇ ବର୍ଷ ରହିଲା। ଏହିଭଳି ଘଟଣା ଧୀରେ ଧୀରେ ଆରମ୍ଭର ଏହି ଉଦ୍ଦେଶ୍ୟକୁ ଧ୍ୱଂସ କରିଦେଇପାରିଲା। ସେଥିପାଇଁ ଯେତେବେଳେ କୌଣସି ଦିଗରୁ ଏକସଙ୍ଗେ ନିର୍ବାଚନ ଡାକରା ଦିଆଯାଉଛି, ସେତେବେଳେ ଆମକୁ ମନେରଖିବାକୁ ହେବ ଯେ, ଭାରତୀୟ ରାଜନୀତିରେ ପୁନର୍ବାର ଅସ୍ଥିରତା ସୃଷ୍ଟିହେବାର ସବୁ ଲକ୍ଷଣ ବଞ୍ଚି ରହିଛି। ଏହା ସତ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକସଙ୍ଗେ ନିର୍ବାଚନ କରାଇବାକୁ ଡକରା ତାଙ୍କ ପ୍ରଥମ ପାଳିରୁ ଆଜି ପର୍ଯ୍ୟନ୍ତ ଦେଇ ଆସୁଛନ୍ତି। ଏବେ ପୁନର୍ବାର ସେହି ଦାବି ଉଠିବା ପଛରେ ଅନେକ କାରଣ ଥାଇପାରେ। ସ୍ୱୀକାର କରିବାକୁ ହେବ ଯେ, ୨୦୧୯ରେ ଜମ୍ମୁକଶ୍ମୀରରୁ ଧାରା ୩୭୦କୁ ଅକାମୀ କରିବା ଏବଂ ୨୨ ଜାନୁଆରୀରେ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା କରିବା ପରେ ଭାଜପା ଓ ତାହା ପଛରେ ଥିବା ବିଭିନ୍ନ ହିନ୍ଦୁତ୍ୱବାଦୀ ସଂଗଠନଗୁଡ଼ିକର ମୁଖ୍ୟ ଇଚ୍ଛା ଏକ ପ୍ରକାର ପୂରଣ ହୋଇଗଲାଣି। ଅବଶ୍ୟ ଏକକ ନାଗରିକ ସଂହିତା( ୟୁନିଫର୍ମ ସିଭିଲ କୋଡ୍) ବାକି ଥିବା ସତ୍ତ୍ୱେ ତାହାର ରାଜନୈତିକ ଓଜନ ମନ୍ଦିର କିମ୍ବା ଧାରା ୩୭୦ ଭଳିଆ ହୋଇପାରିବ ନାହିଁ। ସେଥିପାଇଁ ହୁଏତ ମନ୍ଦିରର ଉଷ୍ମତା ଥିବାବେଳେ ସବୁ ନିର୍ବାଚନ କରାଇନେବାର ଇଚ୍ଛା ପ୍ରକାଶ ପାଉଥାଇପାରେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଅଗଷ୍ଟ ୨୦୧୮ରେ ଲ'କମିଶନ ସବୁ ରାଜ୍ୟର ବିଧାନସଭା ଓ ଲୋକ ସଭା ନିର୍ବାଚନକୁ ଏକାବେଳେ କରିବା ସକାଶେ ଏକ ଡ୍ରାଫ୍ଟ ରିପୋର୍ଟ ବା ଚିଠା ପ୍ରସ୍ତାବ ପ୍ରକାଶ କରି ସମ୍ବିଧାନରେ ଆବଶ୍ୟକ ସଂଶୋଧନ କରିବାକୁ ମତ ରଖିଥିଲା। ପରେ କେନ୍ଦ୍ର ସରକାର ୨ ସେପ୍ଟେମ୍ବର ୨୦୨୩ରେ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିବା ସହ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିଥିଲେ। ବର୍ତ୍ତମାନ ସ୍ଥିତିରେ ଏହି କମିଟିକୁ ନାଗରିକଙ୍କଠାରୁ ୨୧,୦୦୦ ପ୍ରସ୍ତାବ ମିଳିବା ସହ ଏଥିରେ ୮୧% ଏକ ସଙ୍ଗେ ନିର୍ବାଚନ କରିବା ସପକ୍ଷରେ ମତ ଦେଇଛନ୍ତି ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଅବଶ୍ୟ ଏହି ପ୍ରତିଶତ ପରିମାଣର ସତ୍ୟାସତ୍ୟ ଜାଣିବା ଅସମ୍ଭବ। ତତ୍‌ସହିତ କୋବିନ୍ଦଙ୍କ ନେତୃତ୍ୱାଧୀନ ଏହି କମିଟି କେଉଁ ସବୁ ପ୍ରକାର ନାଗରିକଙ୍କଠାରୁ ମତ ସଂଗ୍ରହ କରିଥିଲେ ତାହା ସ୍ପଷ୍ଟ କରାଯାଇନାହିଁ। ୪୬ଟି ରାଜନୈତିକ ଦଳଠାରୁ ପ୍ରସ୍ତାବ ମଗାଯାଇଥିବାବେଳେ ଏଯାବତ୍ ୧୭ଟି ଦଳ ସେମାନଙ୍କ ମତାମତ ଜଣାଇଛନ୍ତି। ଅଧିକାଂଶ ଦଳ କାହିଁକି ନିଜର ମତ ଦେବାକୁ ଅନିଚ୍ଛୁକ ତାହା ଅନୁମେୟ। ଗୁରୁତ୍ୱପୂର୍ଣ୍ଣ ହେଉଛି ସରକାର ପ୍ରଥମରୁ ଏକସଙ୍ଗେ ନିର୍ବାଚନ ସପକ୍ଷରେ ଯୁକ୍ତି କରୁଛନ୍ତି ଯେ,ଏଥିରେ ସରକାରୀ ଅର୍ଥ ବ୍ୟୟ କମ୍ ହେବ ଓ ସୁରୁଖୁରୁରେ ବିକାଶମୂଳକ କାର୍ଯ୍ୟ ହୋଇପାରିବ । କିନ୍ତୁ ଏକ ସଙ୍ଗେ ନିର୍ବାଚନ ହେଲେ ଖର୍ଚ୍ଚ କମିବ ନାହିଁ ବୋଲି ନିର୍ବାଚନ କମିଶନ କହି ସାରିଛନ୍ତି। ଏହାବାଦ୍ ଚଳିତ ମାସ ୨୦ରେ ଏକକାଳୀନ ନିର୍ବାଚନରେ ନୂଆ ଇଭିଏମ୍ କିଣିବା ଲାଗି ପ୍ରତି ୧୫ ବର୍ଷରେ ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ନିର୍ବାଚନ କମିଶନ ସରକାରଙ୍କୁ ଅବଗତ କରିଦେଇଛନ୍ତି। ତେବେ ନିର୍ବାଚନ ବାସ୍ତବତାକୁ ଲକ୍ଷ୍ୟ କଲେ ଦେଖାଯାଏ ଗୋଟିଏ ରାଜ୍ୟରେ ନିର୍ବାଚନ କରିବା ଲାଗି ପ୍ରାୟ ଦେଢ଼ ମାସ ସମୟ ଲାଗି ଯାଉଛି। ସେହି ଭଳି ଏକ ସଙ୍ଗେ ସବୁ ରାଜ୍ୟ ସହ କେନ୍ଦ୍ରର ନିର୍ବାଚନ ସୁରୁଖୁରୁରେ କରିବା କେତେ ଦିନ ଲାଗିବ ତାହା କହିବା କଷ୍ଟକର। ଏହା ବ୍ୟତୀତ ନିର୍ବାଚନରେ ସେହି ରାଜ୍ୟର ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ଲଗାଯାଇଥାଏ, କିନ୍ତୁ ସୁରକ୍ଷା ବ୍ୟବସ୍ଥା ପାଇଁ ବିଭିନ୍ନ ରାଜ୍ୟରେ ଥିବା ପାରାମିଲିଟାରୀ ଫୋର୍ସକୁ ଆଣି ମୁତୟନ କରିବାକୁ ହୁଏ। ଇଭିଏମ୍ ଜଗିବାଠାରୁ ଆରମ୍ଭ କରି ଅନ୍ୟ ବ୍ୟବସ୍ଥାରେ ବି ଏମାନଙ୍କ ଉପସ୍ଥିତି ଲୋଡ଼ା। ତେବେ ଏକ ସଙ୍ଗେ ନିର୍ବାଚନ କରିବାରେ ଏସବୁ କିଭଳି ସଞ୍ଚାଳନ କରାଯାଇପାରିବ ଏବଂ ଖର୍ଚ୍ଚ କିଭଳି ଭାବେ ହ୍ରାସ ପାଇବ ତାହା କେହି ବୁଝାଇପାରିବେ ନାହିଁ।

ଭାରତୀୟ ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରତିବଦ୍ଧ ବହୁ ନାଗରିକ ଓ ରାଜନୈତିକ ବିଶେଷଜ୍ଞ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ନିର୍ବାଚନରେ ପ୍ରଚାର ପ୍ରସଙ୍ଗ ଓ ଗଣତାନ୍ତ୍ରିକ ପସନ୍ଦ ଭିନ୍ନ ହୋଇଥିବାରୁ ଅଲଗା ନିର୍ବାଚନ ସପକ୍ଷରେ ମତ ରଖନ୍ତି। ଏହା ସ୍ୱାଗତଯୋଗ୍ୟ। କାରଣ ନିର୍ବାଚନ ପ୍ରଚାରରେ ଦେଶ ଓ ରାଜ୍ୟ ସ୍ତରରେ ପ୍ରସଙ୍ଗ ଭିନ୍ନ ରହିଥାଏ। ସେହି ଆଧାରରେ ପ୍ରାର୍ଥୀମାନେ ଭୋଟ ଭିକ୍ଷାକରିବା ଦରକାର। ଯେତେବେଳେ ଭିନ୍ନ ଭିନ୍ନ ସମୟରେ ଛେକ ଛେକରେ ନିର୍ବାଚନ ହେଉଛି ସେତେବେଳେ ଶାସନ କରୁଥିବା ଦଳଗୁଡ଼ିକର 'ପ୍ରୋଗ୍ରେସ ରିପୋର୍ଟ' ଜନ ସାଧାରଣ ଲେଖୁଛନ୍ତି। ଭଲ କାମ କରିଥିଲେ ସମର୍ଥନ ମିଳୁଛି ଏବଂ ନାପସନ୍ଦ ହେଲେ ପରାଜୟ ମଧ୍ୟ ଘଟୁଛି। ଅବଶ୍ୟ ଇଭିଏମ୍‌ରେ ଯଦି କୌଣସି ଯାନ୍ତ୍ରିକ ବା ଇଲେକ୍ଟ୍ରୋନିକ କାରସାଦି କରାଯାଇପାରୁଛି, ତେବେ ତାହା ମୁଖ୍ୟତଃ ସରକାରୀ କର୍ମଚାରୀଙ୍କ ସାହାଯ୍ୟରେ କ୍ଷମତାସୀନ ଦଳ କରିପାରିବ। ଏଥିସହିତ ଯେହେତୁ ଇଲେକ୍‌ଶନ କମିଶନ ଏବେ କେନ୍ଦ୍ର ସରକାରଙ୍କ ହାତମୁଠାକୁ ଚାଲିଗଲାଣି, ସେଥିପାଇଁ ଏହି ଭୋଟ ଯନ୍ତ୍ରରେ ଅନିୟମିତତା କରିବା କେବଳ ଗୋଟିଏ ଦଳ ପାଇଁ ସମ୍ଭବପର ବୋଲି ସ୍ପଷ୍ଟ ବୁଝାପଡୁଛି।

ଶେଷରେ କୁହାଯାଇପାରିବ ଯେ, ୨୦୨୪ରେ ଏକ ସଙ୍ଗେ ନିର୍ବାଚନ କରାଇବା ଆଉ ସମ୍ଭବ ହେବ ନାହିଁ। ଅନେକ ସାମ୍ବିଧାନିକ ସଂଶୋଧନ ଆଣିବା ପରେ ହୁଏତ ତାହା ସମ୍ଭବପର ହୋଇପାରେ। ସେଥିପାଇଁ ଅପେକ୍ଷା କରିବା ଦେଖିବାକୁ ଭବିଷ୍ୟତରେ କେଉଁଭଳି ମୋଡ଼ ନେଉଛି ଏହି ଦାବି।

# ସ୍ୱଦେଶୀ ଆନ୍ଦୋଳନରେ ନେତାଜୀ



ଅସିତ ମହାନ୍ତି

ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଭୂମିକା ଅତୁଳନୀୟ। କିନ୍ତୁ ଦୁଃଖର କଥା ବର୍ତ୍ତମାନ ପିଢ଼ି ନେତାଜୀ ଏବଂ ତାଙ୍କର ରାଜନୈତିକ ଜୀବନ ସଂଘର୍ଷକୁ ବୁଝିବାରେ ସମର୍ଥ ହୋଇପାରିନାହାନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ୨୩ ଜାନୁଆରୀ ୧୮୯୭ କଟକ(ଓଡ଼ିଶା)ରେ ହୋଇଥିଲା। ଆଜି ତାଙ୍କ ଜନ୍ମଦିନରେ ଆମର ଦାୟିତ୍ୱ ଯେ ତାଙ୍କର ରାଜନୈତିକ ଜୀବନ ଏବଂ ସଂଘର୍ଷକୁ ଉପସ୍ଥାପନା କରିବା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ରାଜନୈତିକ ଧାରା ଦୁଇଟି ଥିଲା – ଗୋଟିଏ ଥିଲା ଆପୋସ ପଥରେ ସ୍ୱାଧୀନତା ପ୍ରାପ୍ତି କରିବା, ଅନ୍ୟଟି ଆପୋସ ହୀନ ଧାରା, ଅର୍ଥାତ୍ ସଶସ୍ତ୍ର ସଂଗ୍ରାମ ଦ୍ୱାରା। ଏହି ଦୁଇଟି ଧାରା ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନରେ ବାରମ୍ବାର ୨ ନେତୃତ୍ୱ ମଧ୍ୟରେ ମତପାର୍ଥକ୍ୟ ହୋଇଛି। ଆପୋସ ଧାରାର ବାହକ ଥିଲେ ଗାନ୍ଧିଜୀ ଏବଂ ଆପୋସହୀନ ଧାରାର ବାହକ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଉଲ୍ଲେଖନୀୟ ତଥ୍ୟ ହେଉଛି ବିଚାର ଚିନ୍ତନ କ୍ଷେତ୍ରରେ ଘୋର ମତପାର୍ଥକ୍ୟ ଥାଇ ମଧ୍ୟ ନେତାଜୀଙ୍କର ଗାନ୍ଧିଜୀଙ୍କ ପ୍ରତି ସମ୍ମାନ କେବେ କମ୍ ହୋଇନାହିଁ। ଏକଥା ସତ୍ୟ ଯେ ନେତାଜୀ ରାଜନୈତିକ ମଞ୍ଚକୁ ଆସିବା ପୂର୍ବରୁ ଆମ ଦେଶରେ ସଶସ୍ତ୍ର ବିପ୍ଳବବାଦ ବିଦ୍ୟମାନ ଥିଲା, କିନ୍ତୁ ବିକ୍ଷିପ୍ତ ରୂପରେ। ନେତାଜୀ ଆସିବା ପରେ ବିକ୍ଷିପ୍ତ ଗୋଷ୍ଠୀଗୁଡ଼ିକୁ ଏକତ୍ରକରି ନେତୃତ୍ୱକୁ ଜନ୍ମଦେଲେ। ନେତାଜୀଙ୍କର ଏହି ଭୂମିକା ଐତିହାସିକ। ଏହି ସକାରାତ୍ମକ ପକ୍ଷ ନେଇ ସୁଭାଷ ବୋଷ ହରିପୁରା କଂଗ୍ରେସରେ ସଭାପତି ପଦରେ ନିର୍ବାଚିତ ହୋଇଥିଲେ। ନେତାଜୀଙ୍କ ବିରୋଧରେ ପଟ୍ଟାଭି ସୀତାରାମାୟାଙ୍କୁ ଛିଡ଼ା କରାଯାଇଥିଲା। କିନ୍ତୁ ନେତାଜୀ ବିଜୟୀ ହେଲେ। ଏହି ବିଜୟ ବିପକ୍ଷରେ ଗାନ୍ଧିଜୀଙ୍କ ବିବୃତି ଥିଲା– "ସୀତାରାମାୟାଙ୍କ ପରାଜୟ ମୋର ପରାଜୟ।"ଏହି ବିବୃତି ଦେଇ ଗାନ୍ଧିଜୀ ନେତାଜୀଙ୍କୁ ଅଭିନନ୍ଦନ କରିଥିଲେ , ଯାହା ଏକ ଇତିହାସ ହୋଇ ରହିଯାଇଥିଲା। ଏହାପରେ ୱାର୍କିଂ କମିଟିର ସଦସ୍ୟମାନେ ଆହୁରି ନିକୃଷ୍ଟ ଷଡ଼ଯନ୍ତ୍ରରେ ଲିପ୍ତ ହେଲେ। ନେତାଜୀ ଅସୁସ୍ଥ ଅଛନ୍ତି ,ଏହା ଜାଣି ମଧ୍ୟ ତାଙ୍କର ଅନୁପସ୍ଥିତିରେ ୱାର୍କିଂ କମିଟିର ମିଟିଂ ଡାକିଲେ ଏବଂ ନେତାଜୀ ନିଜର ଅସୁସ୍ଥତା କଥା ଜଣାଇ ମିଟିଂକୁ କିଛିଦିନ ବଢ଼ାଇବା ପାଇଁ ଅନୁରୋଧ କରିବାର ପ୍ରତ୍ୟୁତ୍ତରରେ ତାଙ୍କୁ ପଦତ୍ୟାଗର ଧମକ ଦିଆଗଲା। ନେତାଜୀଙ୍କ ଅସୁସ୍ଥତାକୁ 'ରାଜନୈତିକ ଜର'ର ଆଖ୍ୟା ଦିଆଯାଇଥିଲା।



ଯେତେବେଳେ ସଭାପତି ପଦରେ ସୁଭାଷଙ୍କ ପୁନଃ ନିର୍ବାଚନ କୌଣସିମତେ ଅଟକାଯାଇପାରିଲା ନାହିଁ, ସେତେବେଳେ ଅନ୍ୟ ଏକ କୌଶଳ ଅବଲମ୍ବନ କରାଗଲା – ସମସ୍ତ କ୍ଷମତାକୁ କମିଟି ହାତରେ ରଖି ନେତାଜୀଙ୍କୁ କେବଳ ପଦରେ ବସାଇବାକୁ ସ୍ଥିର ହେଲା, ଯାହାଫଳରେ ନେତାଜୀ ନିଜ ପଦରୁ ଇସ୍ତଫା ଦେବାପାଇଁ ବାଧ ହେବେ। ଗୋଟିଏ ଦିଗରେ କଂଗ୍ରେସ ସୋସାଲିଷ୍ଟ ଦଳର ନେତାମାନେ ଚରମ ବିଶ୍ୱାସଘାତକତା କରି ପନ୍ଥ ପ୍ରସ୍ତାବର ସପକ୍ଷରେ ଠିଆ ହେଲେ , ଅନ୍ୟ ଦିଗରେ ଏହି ସଙ୍କଟଜନକ ମୁହୂର୍ତ୍ତରେ ମାର୍କ୍ସବାଦୀ ବୋଲି ପରିଚିତ ବର୍ତ୍ତମାନ ସିପିଆଇ, ସିପିଏମ୍‌ରେ ବିଭକ୍ତ , ତତ୍କାଳୀନ ଅବିଭକ୍ତ ସିପିଆଇ ନେତୃତ୍ୱ ଚରମ ସୁବିଧାବାଦ ଓ ବିଶ୍ୱାସଘାତକତାର ପରିଚୟ ଦେଇ ସୁଭାଷ ବୋଷଙ୍କ ପକ୍ଷରେ ଠିଆ ନ ହୋଇ ନିରପେକ୍ଷ ରହି ଅନ୍ୟମାନଙ୍କୁ ଜୟଯୁକ୍ତ କରିବାରେ ସାହାଯ୍ୟ କରିଥିଲେ। ପନ୍ଥ ପ୍ରସ୍ତାବ ଗୃହୀତ ହେଲା, ସୁଭାଷ ବୋଷ ପରାଜିତ ହେଲେ। ତ୍ରିପୁରୀ ଅଧିବେଶନର ଏହି ଦୁଃଖଦ ଅଧ୍ୟାୟ ବିଷୟରେ ନେତାଜୀ ଦୁଃଖକରି କହିଥିଲେ , ତ୍ରିପୁରୀରେ ସତରେ ଆମର ପରାଜୟ ହେଲା, କିନ୍ତୁ ଏହା ରୋଗଶଯ୍ୟାରେ ଶାୟିତ ଜଣେ ଅସୁସ୍ଥ ମଣିଷର ଚାରୋଟି ଶକ୍ତି ବିରୋଧରେ ଲଢ଼ିବାକୁ ଯାଇ ପରାଜୟ ହେଲା।

ଗାନ୍ଧିଜୀ ବିଶ୍ୱାସ କରୁଥିଲେ ଯେ ବିପ୍ଳବ ଓ ବିପ୍ଳବୀମାନେ ଭାରତବର୍ଷ ପକ୍ଷରେ ବିପଜ୍ଜନକ। ଶାନ୍ତି ଓ ଅହିଂସା ହିଁ ଏକମାତ୍ର ସ୍ୱାଧୀନତାର ପଥ। ଏଇଥିପାଇଁ ନେତାଜୀଙ୍କ ନେତୃତ୍ୱକୁ ଭିନ୍ନ ଦୃଷ୍ଟିରେ ଦେଖିଥିଲେ। ଇଂରେଜ ସାମ୍ରାଜ୍ୟବାଦୀ ଶାସନ ଯୁଗରେ ଜାତୀୟ ସ୍ୱାଧୀନତା ଦାବି ଉତ୍ଥାପିତ ହେଲେ ବି ସେଦିନ ଭାରତବର୍ଷ ଶ୍ରେଣୀ ବିଭକ୍ତ ଥିଲା। ଗୋଟିଏ ଦିଗରେ ଥିଲା ଟାଟା ବିରଳା ପରି ମୁଷ୍ଟିମେୟ ମାଲିକ ଶ୍ରେଣୀ । ଅନ୍ୟ ଦିଗରେ ଥିଲା ଅଗଣିତ ଶୋଷିତ ଶ୍ରମିକ ,ଖେତ ମଜଦୁର , ଗରିବ କୃଷକ ଏବଂ ମଧ୍ୟବିତ୍ତ ଶ୍ରେଣୀ। ସ୍ୱାଧୀନତା ଆନ୍ଦୋଳନର ଲକ୍ଷ୍ୟ ହିସାବରେ ଉଭୟଙ୍କ ଉଦ୍ଦେଶ୍ୟ ଏକ ନ ଥିଲା। ଏହି ଦେଶର ଜାତୀୟ ବୁର୍ଜୁଆ ଶ୍ରେଣୀର ଏକମାତ୍ର ଉଦ୍ଦେଶ୍ୟ ଥିଲା ଜନଗଣଙ୍କର ଦେଶପ୍ରେମକୁ କାମରେ ଲଗାଇ ଇଂରେଜ ସାମ୍ରାଜ୍ୟବାଦ ପରିବର୍ତ୍ତେ ଏ ଦେଶରେ ନିଜର ଶୋଷଣର ରାଜତ୍ୱ ପ୍ରତିଷ୍ଠା କରିବା। ଅନ୍ୟ ଦିଗରେ ବିଦେଶୀ ଓ ଦେଶୀ ସମସ୍ତ ପ୍ରକାର ଶୋଷଣ ଅତ୍ୟାଚାରକୁ ଉଚ୍ଛେଦକରି ଶ୍ରେଣୀ ଶୋଷଣମୁକ୍ତ ସମାଜ ପ୍ରତିଷ୍ଠା କରାଯାଇ ଶୋଷିତ ଜନଗଣଙ୍କ ଶ୍ରେଣୀ ସ୍ୱାର୍ଥ ଚରିତାର୍ଥ ହୋଇପାରି ଥାଆନ୍ତା। ଏ ଦେଶର ଜାତୀୟ ବୁର୍ଜୁଆ ଶ୍ରେଣୀ ତା'ର ଶ୍ରେଣୀ ସ୍ୱାର୍ଥ ପୂରଣ ଉଦ୍ଦେଶ୍ୟରେ ସଶସ୍ତ୍ର ବିପ୍ଳବ ବିରୋଧରେ ରହି ଅହଂସା ଆନ୍ଦୋଳନକୁ ସମର୍ଥନ କରୁଥିଲେ। ଏହି ପୁଞ୍ଜିପତି ଶ୍ରେଣୀ ସଶସ୍ତ୍ର ବିପ୍ଳବର ତୀବ୍ର ବିରୋଧୀ ଥିଲା,କାରଣ ସେମାନଙ୍କ ନିକଟରେ ଏଥିମଧ୍ୟରେ ରୁଷିଆରେ ପୁଞ୍ଜିବାଦକୁ ଉଚ୍ଛେଦକରି ୧୯୧୭ରେ ଶ୍ରମିକ ଶ୍ରେଣୀର ନେତୃତ୍ୱରେ ସମାଜତନ୍ତ୍ର ପ୍ରତିଷ୍ଠାର ବାର୍ତ୍ତା ପହଞ୍ଚିଯାଇଥିଲା । ଫଳରେ ସେମାନେ ଇଂରେଜ ସାମ୍ରାଜ୍ୟବାଦ ହାତରୁ କ୍ଷମତା ଦଖଲ କରିବାକୁ ଚାହିଁଲେ ମଧ୍ୟ ଶ୍ରମିକ ବିପ୍ଳବର ଭୟରେ ଆତଙ୍କିତ ହୋଇ ପଡ଼ିଥିଲେ। ସୁତରାଂ କୌଣସି ମୂଲ୍ୟରେ ସଶସ୍ତ୍ର ବିପ୍ଳବ ଘଟିବାକୁ ଦିଆଯାଇ ନ ପାରେ। ଏହା ଘଟିଲେ, ଶୋଷିତ ଜନଗଣ ଯେଉଁ ଅସ୍ତ୍ର ବ୍ୟବହାର କରିବାକୁ ଶିଖିବେ , ତାହା କେବଳ ସାମ୍ରାଜ୍ୟବାଦୀ ଶାସନର ଅବସାନ ଘଟାଇବ ନାହିଁ,ବରଂ ପୁଞ୍ଜିବାଦକୁ ମଧ୍ୟ ଉଚ୍ଛେଦ କରିବ, ଏହିଠାରେ ହିଁ ଥିଲା ପୁଞ୍ଜିବାଦୀ ଶ୍ରେଣୀର ଆତଙ୍କ। ତେଣୁ ଯେକୌଣସି ଉପାୟରେ ହେଉ ସଶସ୍ତ୍ର ବିପ୍ଳବକୁ ରୋକିବାକୁ ହେବ, ଏପରିକି ସାମ୍ରାଜ୍ୟବାଦୀ ଶାସନ ଅବସାନ ଅପେକ୍ଷା ଏହା ଆହୁରି ବେଶି ଗୁରୁତ୍ୱପୂର୍ଣ୍ଣ। ତେଣୁ ଆବେଦନ ନିବେଦନ, ଧାରଣା ଅହିଂସା ଏସବୁ ପଥରେ ଯେଉଁ ଟିକକ କ୍ଷମତା ମିଳିପାରେ ତାହା ହିଁ ଭଲ।

ଏହି କଥାକୁ ସାହିତ୍ୟିକ ଶରତଚନ୍ଦ୍ର ବୁଝିବାକୁ ଭୁଲ୍ କରିନାହାନ୍ତି। ସେ ଏକଦା କହିଥିଲେ , "ଗାନ୍ଧିଜୀଙ୍କୁ ଘେରି ରହିଛନ୍ତି ବଣିକମାନେ , ତାଙ୍କର ଅସଲ ଭୟ ବିପ୍ଳବକୁ , ସମାଜତନ୍ତ୍ରକୁ।" ଏଇଥିପାଇଁ ହିଁ ପୁଞ୍ଜିବାଦର ପ୍ରୟୋଜନ ଥିଲା , ନେତାଜୀଙ୍କ କୌଣସିମତେ କଂଗ୍ରେସ ନେତୃତ୍ୱରେ ଅଧିଷ୍ଠିତ ହେବାକୁ ନ ଦେବା। ଯେକୌଣସି ଉପାୟରେ ହେଉ , ତାଙ୍କୁ ନେତୃତ୍ୱରୁ, କଂଗ୍ରେସରୁ ଅପସାରିତ କରିବା। ପୁଞ୍ଜିବାଦର ପ୍ରୟୋଜନରେ ଗୋଟାକ ପରେ ଗୋଟିଏ ଷଡ଼ଯନ୍ତ୍ର କରାଗଲା ଏବଂ ଶେଷ ପର୍ଯ୍ୟନ୍ତ ଘୃଣ୍ୟ ଉଦ୍ଦେଶ୍ୟ ହାସଲ କରାଯାଇପାରିଲା। ଏହା ହିଁ ହେଉଛି ପ୍ରକୃତ ଇତିହାସ ଯାହାକୁ ଲୋକଲୋଚନକୁ ଆସିବାକୁ ଦିଆଯାଉନାହିଁ, ଯାହାଫଳରେ ଦେଶର ଯୁବସମାଜ ଏହି ଇତିହାସଟିକୁ ଜାଣିବାରେ ଅସମର୍ଥ ହେଉଛନ୍ତି। ଏକଦା ନେତାଜୀ କହିଥିଲେ, "ପିଲାଦିନେ ମୁଁ ଭାବୁଥିଲି ଯେ ଇଂରେଜମାନଙ୍କୁ ଦେଶରୁ ତଡ଼ିଦେବା ହିଁ ହେଉଛି ମୋର ମୁଖ୍ୟ କାର୍ଯ୍ୟ , କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ମୁଁ ପୁଙ୍ଖାନୁପୁଙ୍ଖ ଭାବେ ଚିନ୍ତନ ମନନ କଲି ,ମତେ ଜଣାପଡ଼ିଲା ଯେ ଆମ ଦେଶରେ ଗୋଟିଏ ସାଂସ୍କୃତିକ ବିପ୍ଳବର ନିତାନ୍ତ ଦରକାର ଅଛି। ପ୍ରକୃତରେ ଏହି ସାଂସ୍କୃତିକ କ୍ରାନ୍ତି ସଶସ୍ତ୍ର ବିପ୍ଳବ ମାଧ୍ୟମରେ ହୋଇଥାନ୍ତା , କିନ୍ତୁ ଏହା ସମ୍ଭବ ହୋଇପାରିଲା ନାହିଁ। ନେତାଜୀଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବାର ଦାୟିତ୍ୱ ଆଜି ଯୁବସମାଜ ଉପରେ। ଯଦି ଏହା ଆମେ କରିପାରିଲେ ତେବେ ନେତାଜୀଙ୍କ ପ୍ରତି ଏହା ହେବ ପ୍ରକୃତ ସମ୍ମାନ।

**ସୁଜନପୁର, ଯାଜପୁର**
**ମୋ: ୯୩୪୮୭୬୮୮୧୨**

# ପିତା–ପୁତ୍ର ସମ୍ପର୍କ



ସପ୍ତର୍ଷି ନାୟକ

ଭାରତରେ ବିଭିନ୍ନ ଚଳଚ୍ଚିତ୍ର ମାଧ୍ୟମରେ ଆମ ଜୀବନର ସତ୍ୟକୁ ଦେଖାଇବାର ପ୍ରୟାସ ଲେଖକମାନେ କରିଥାଆନ୍ତି। କିଛି ଦିନ ହେବ ସେଭଳି ଏକ ଚଳଚ୍ଚିତ୍ର 'ଆନିମଲ୍' ଯାହାକି ଭାରତୀୟ ଯୁବପିଢ଼ିଙ୍କ ଦ୍ୱାରା ଆଦୃତ ହୋଇଛି । ଅନେକ ସ୍ଥାନରେ ଏ ଚଳଚ୍ଚିତ୍ରକୁ ନିନ୍ଦା ମଧ୍ୟ କରାଯାଇଛି। ତେବେ ଚଳଚ୍ଚିତ୍ରର ମୁଖ୍ୟ ବିଷୟବସ୍ତୁ ଥିଲା ପିତା ଓ ପୁତ୍ର ମଧ୍ୟରେ ଥିବା ନକାରାତ୍ମକ ସଂକୀର୍ଣ୍ଣ ସମ୍ପର୍କ। ବାସ୍ତବରେ ଦେଖିବାକୁଗଲେ ଭାରତୀୟ ପରିବାରରେ ପିତା ଓ ପୁତ୍ର ମଧ୍ୟରେ ଥିବା ସମ୍ପର୍କରେ ସର୍ବଦା ଏକ କଠୋରତା ପରିଲକ୍ଷିତ ହୋଇଥାଏ। ଉଦାହରଣ ସ୍ୱରୂପ କିଛି ପିଲା କୁହନ୍ତି ସେମାନଙ୍କର କିଛି ବିଷୟ ପ୍ରତି ରୁଚି ଥିଲାବେଳେ ବାପାଙ୍କ ଚାପରେ ଆଉ କିଛି ବିଷୟ ପଢ଼ିବାକୁ ବାଧ ହୁଅନ୍ତି। ଯାହା ଫଳରେ ଚାକିରି ପରେ ମଧ୍ୟ ସେସବୁ ତାଙ୍କ ମନରୁ ଲିଭିନଥାଏ। ଅଧିକନ୍ତୁ ଚାକିରି ପରେ ମଧ୍ୟ ସେମାନେ ଖୁସିରେ ରହିପାରନ୍ତି ନାହିଁ। କିଛି ଲୋକଙ୍କର ଅଭିଯୋଗ ଥାଏ, ତାଙ୍କ ପିଲାମାନଙ୍କୁ ଯେତେ ବୁଝେଇଲେ ମଧ୍ୟ ସେମାନେ ବୁଝିବାକୁ ଅସମର୍ଥ। କିଛି କ୍ଷେତ୍ରରେ ଏହାର ବିପରୀତ ମଧ୍ୟ ପରିଲକ୍ଷିତ ହୁଏ। ଏସବୁ ବହୁପିଢ଼ିରୁ ଚାଲିଆସିଛି। ସର୍ବଦା ପାଖରେ ଥାଇ ପରସ୍ପର ବିଷୟରେ ଭାବୁଥିଲେ ମଧ୍ୟ ସେମାନଙ୍କ ସମ୍ପର୍କରେ ଏକ ଦୂରତା ସର୍ବଦା ରହିଥାଏ। ଏସବୁ ସମସ୍ତେ ଅନୁଭବ କଲେ ମଧ୍ୟ ଯା' ବିଷୟରେ କିଛି ବି ଆଲୋଚନା ହୁଏନାହିଁ।

ପିତା ଓ ପୁତ୍ର ମଧ୍ୟରେ ଦେଖାଯାଉଥିବା ଏହି ସମ୍ପର୍କର ଦୂରତ୍ୱକୁ ବୁଝିବାକୁ ହେଲେ ଏହାକୁ ୩ଟି ସ୍ତରରେ ବିଶ୍ଳେଷଣ କରାଯାଇପାରେ। ପ୍ରଥମତଃ ଯେତେବେଳେ ପିଲା ଛୋଟ ଥାଆନ୍ତି ସାଧାରଣତଃ ସେମାନଙ୍କ ମନରେ କିଛି ବି ମୋହମାୟା ନ ଥାଏ। ଯାହା ସହ ସେମାନେ ଖେଳନ୍ତି ଓ ସମୟ ଅତିବାହିତ କରନ୍ତି, ସେମାନଙ୍କୁ ସେମାନେ ଭଲପାଇଯା'ନ୍ତି। ଛୋଟ ପିଲାମାନେ ସେଥିପାଇଁ ନିଜ ମା' ସହ ଥିବା ସ୍ନେହ ମମତାର ବନ୍ଧନକୁ ଅନୁଭବ କରନ୍ତି। କର୍ମକ୍ଷେତ୍ରରେ ଥିବା ଚାପ, ପାରିବାରିକ ଓ ସାମାଜିକ ଚାପରେ ଥିବା ଜଣେ ପୁରୁଷ କେବେବି ନିଜ ପୁତ୍ର ସହ ସମୟ ଅତିବାହିତ କରିବା କି ତାକୁ ସ୍ନେହ କରିବାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଛୋଟବେଳୁ ହିଁ ମାଆ ସହ ସବୁବେଳେ ରହିଥିବା ପୁଅ ମାଆ ଉପରେ ଯେତିକି ନିଜର ଅଧିକାର ଓ ସ୍ନେହ ଅନୁଭବ କରେ, ତାହା ସେ ପିତାଙ୍କ ସହ କରିପାରେ ନାହିଁ। ଉଦାହରଣ ସ୍ୱରୂପ ଛୋଟ ବେଳେ କିଛି ବି ଆର୍ଥିକ ସମସ୍ୟା ହେଲେ ସେ ମା'କୁ ଅଳି କରି ମାଗିଥାଏ। କିନ୍ତୁ ଯେତେବେଳେ ପିଲା ୨୫ ବର୍ଷର ଜଣେ ଯୁବକ ହୁଏ, ସେ ନିଜର ଆର୍ଥିକ ସମସ୍ୟାକୁ ଘରେ କହିବାକୁ ଲଜ୍ଜା ବୋଧକରେ। ପିତାଙ୍କ ପାଖରେ ସେଭଳି ନିଜସ୍ୱଭାବ କେବେବି ଜଣେ ପୁରୁଷ ଅନୁଭବ କରିପାରେ ନାହିଁ। ପିତା ସର୍ବଦା ଚାହାନ୍ତି, ଯାହା କଷ୍ଟ ସେ ଭୋଗିଛନ୍ତି ସେସବୁ ଆଗରୁ ପିଲାଙ୍କୁ ସତର୍କ କରିଦେବା ପାଇଁ। ସେଥିପାଇଁ ୧୫–୧୬ ବର୍ଷ ହେଲେ ସେ ବିଭିନ୍ନ ଉପାୟରେ ଗାଳି ମାଧ୍ୟମରେ, କଠୋର ଭାବେ ଏସବୁକୁ ବୁଝେଇବାକୁ ଚେଷ୍ଟା କରନ୍ତି। ଏସବୁ ବୁଝେଇବାର ଶୈଳୀ କେବେକେବେ ଏତେ କଠୋର ହେଇଯାଏ ଯେ, ସେ ଭୁଲିଯା'ନ୍ତି କି ସବୁ ମଣିଷ ସମାନ ନୁହନ୍ତି କି ସମସ୍ତଙ୍କର କାର୍ଯଦକ୍ଷତା ମଧ୍ୟ ସମାନ ନୁହେଁ। ୧୫–୧୬ ବର୍ଷରେ ନିଜ ସ୍ୱପ୍ନର ଦୁନିଆରେ ଥିବା ପିଲା ମଧ୍ୟ ଏସବୁକୁ ବୁଝିବାକୁ ଅସମର୍ଥ ହେଇଥାଏ। ତେବେ ଛୋଟବେଳୁ ଥିବା ସମ୍ପର୍କର ଦୂରତ୍ୱ ଆହୁରି ଅଧିକ ବଢ଼ିଯାଏ। ପିତା–ପୁତ୍ର ମଧ୍ୟରେ ଥିବା ଏହି ଅଦୃଶ୍ୟ ପାଚେରି ସମୟ ସହ ଆହୁରି ବଢ଼ି ବଢ଼ି ଚାଲେ। କେବେ ପାଠପଢ଼ାକୁ ନେଇ କି, କେବେ ଚାକିରି କି ନେଇକି ତ କେବେ ବାହାଘରକୁ ନେଇ କି ପିତା–ପୁତ୍ର ମଧ୍ୟରେ ସର୍ବଦା ଭାବନାର ଦୁଇ ମତ ଦେଖାଯାଇଥାଏ। ନିଜ ଜାତିରେ ବାହା ହବା ପ୍ରଥା ପ୍ରାଚୀନ କାଳରୁ ରହିଆସିଛି। ଏହି ପ୍ରଥାକୁ ଆଗକୁ ବଢ଼େଇବାର ଭାର ରହିଥାଏ ଘରର ମୁରବି ତଥା ପୁରୁଷ ସଦସ୍ୟଙ୍କ ଉପରେ। କିନ୍ତୁ ବର୍ତ୍ତମାନର ପିଢ଼ି ବାହାଘରକୁ ନେଇକି ସ୍ୱାଧୀନତା ଚାହାନ୍ତି। ଏସବୁ ନେଇ ସବୁବେଳେ ପିତା–ପୁତ୍ର ମଧ୍ୟରେ ମନୋମାଳିନ୍ୟ ଦେଖାଯାଏ। କିଛି କ୍ଷେତ୍ରରେ ପିତା–ପୁତ୍ର ନିଜ ଭିତରେ ଥିବା ସମ୍ପର୍କକୁ ଏତେ କଠୋର ନକରି ଆଲୋଚନା ଦ୍ୱାରା ଏସବୁର ସମାଧାନ କରିଦିଅନ୍ତି। ଆଗକୁ ଏସବୁ ଏକ ସୁସ୍ଥ ପରିବାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣକରେ।



ଆଗକାଳରୁ ପିତା–ପୁତ୍ର ମଧ୍ୟରେ ଥିବା ଭୟର ସମ୍ପର୍କ ବର୍ତ୍ତମାନ ପରିବର୍ତ୍ତନ ହେବା ଆବଶ୍ୟକ। ଭୟରୁ ଜାତ ହୋଇଥିବା ଭକ୍ତି କିଛି ସମୟ ପରେ ଘୃଣାର ରୂପ ନେଇଥାଏ। ଏବେ ଆଧୁନିକ ସମାଜରେ ପିତା–ପୁତ୍ର ସମ୍ପର୍କରେ ବହୁତ ପରିବର୍ତ୍ତନ ମଧ୍ୟ ଆସିଛି। ଏବେ ପିତା–ପୁତ୍ର ସହ ମିତ୍ର ଭଳି ଆଚରଣ କରୁଛନ୍ତି। ସମ୍ମାନ, ସଂସ୍କାର ସହ ପିଲାଙ୍କ ମନକୁ ବୁଝିବାକୁ ଆଧୁନିକ ବାପାମାନେ ମଧ୍ୟ ଚେଷ୍ଟା କରୁଛନ୍ତି। ଦେଖାଯାଇଛି କଠୋର ଶାସନରେ ଥିବା ପିଲାମାନେ ସମାଜରେ ବଞ୍ଚିବାକୁ ମିଛର ସାହାରା ନେଇଥାଆନ୍ତି। ତେବେ ଏସବୁ ମନୋଭାବର ପରିବର୍ତ୍ତନ ଆବଶ୍ୟକ। ବାପା ପୁଅକୁ ଜୀବନରେ କ'ଣ କରିବୁ ବୋଲି ପଚାରେ, କିନ୍ତୁ କେବେ ପୁଅ କେମିତି ଅଛୁ କ'ଣ ଚାଲିଛି ତୋ ଜୀବନରେ ଏକଥା ପଚାରନ୍ତି ନାହିଁ। ଏଭଳି ଛୋଟ ଛୋଟ କଥା ପିତା–ପୁତ୍ର ମଧ୍ୟରେ ଦୂରତା ସୃଷ୍ଟି କରିଥାଏ। ଅନେକ ଲୋକ ସାମାଜିକ ଚାପରେ ରହି ନିଜ ପୁଅକୁ ଭଲପାଇଲେ ମଧ୍ୟ ମନର ଭାବନାକୁ ବର୍ଣ୍ଣନା କରିବାରେ ଅସମର୍ଥ ହୁଅନ୍ତି। ଆଧୁନିକ ଯୁବପିଢ଼ି ନିଜ ଭାବନାକୁ ସର୍ବୋପରି ନ ଭାବି ଆଲୋଚନା ଦ୍ୱାରା ପିତା–ପୁତ୍ର ମଧ୍ୟରେ ଥିବା ସଂକୀର୍ଣ୍ଣ ସମ୍ପର୍କକୁ ସମାଧାନ କରିବା ଉଚିତ।

**ଗବେଷକ, ପଦାର୍ଥ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର, ଓଡ଼ିଶା**
**ମୋ: ୮୨୪୯୯୯୭୬୭୭**

## ଏଇ ଭାରତରେ

ଗୁରୁଙ୍କ ଗୌରବ କଥା ଆସିଲେ ମନେପଡ଼ନ୍ତି ବିହାରର ରଜନୀକାନ୍ତ ଶ୍ରୀବାସ୍ତବ। ୧୬ ବର୍ଷ ହେଲା ସେ ପିଲାମାନଙ୍କୁ ଏକ ଟଙ୍କା ଦକ୍ଷିଣାର ପଢ଼ାଉଛନ୍ତି। ରୋହତାସ ଜିଲ୍ଲା ବିକ୍ରମଗଞ୍ଜରେ ସେ ଏକ ସ୍ୱତନ୍ତ୍ର କ୍ଲାସ କରୁଛନ୍ତି ଓ ତାହାକୁ 'ଏକ ଟଙ୍କା ଦକ୍ଷିଣା କ୍ଲାସ୍' ବୋଲି ସମସ୍ତେ ଜାଣନ୍ତି। ରଜନୀ ଜଣେ ଗଣିତ ଶିକ୍ଷକ। ସେ ପିଲାମାନଙ୍କୁ ଦେଶର ପ୍ରତିଷ୍ଠିତ ଇଞ୍ଜିନିୟରିଂ ଏବଂ ମେଡିକାଲ କଲେଜରେ ନାମ ଲେଖାଇବାରେ ସାହାଯ୍ୟ କରୁଛନ୍ତି। ପ୍ରତ୍ୟେକ ଛାତ୍ରଙ୍କ ପାଇଁ ସେ ଦେୟ ରଖିଛନ୍ତି ୧ଟଙ୍କା। ରଜନୀଙ୍କ ଆଦ୍ୟଜୀବନ ଅର୍ଥାଭାବରେ କଟିଥିଲା। ସେ ଇଞ୍ଜିନିୟର ହୋଇପାରି ନ ଥିଲେ ହେଁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ୧ଟଙ୍କା ଦେୟରେ ପଢ଼ାଇବା ସହ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୨୦୦୮ରେ ସେ କୋଚିଂ କ୍ଲାସ୍ ଖୋଲିଥିଲେ। ଏବେ ସୁଦ୍ଧା ତାଙ୍କ ନିକଟରୁ ପ୍ରାୟ ୧ ହଜାର ପିଲା କୋଚିଂ ନେଇ ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇ ସାରିଲେଣି। ରଜନୀ କୋଚିଂ ସେଣ୍ଟରରେ ପଢ଼ାଇ ଯାହା ରୋଜଗାର କରୁଛନ୍ତି ତାହାକୁ ତାଙ୍କ କୋଚିଂ କ୍ଲାସ୍ ପରିଚାଳନାରେ ଖର୍ଚ୍ଚ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜାନୁଆରୀ ୧୯୭୫

- ବିହାରରେ ପ୍ରବଳ ଶୀତ ପ୍ରବାହ ଫଳରେ ଏପର୍ଯ୍ୟନ୍ତ ମୋଟ୍ ୨୧୯ ଜଣଙ୍କ ମୃତ୍ୟୁ।
- ଭାରତରେ ଭୂତାତ୍ତ୍ୱିକ ଖନନ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଜାତିସଂଘ ଉନ୍ନୟନ ସଂସ୍ଥା ସହିତ ଏକ ରାଜିନାମା ସମ୍ପାଦିତ।
- ଗ୍ରୀସ୍‌ର ପୂର୍ବତନ ରାଷ୍ଟ୍ରପତି ଜର୍ଜ ପାପାଡୋପୋଲସ୍‌ଙ୍କ ସମେତ ସାମରିକ ବିଦ୍ରୋହର ୪ ଜଣ ମୁଖ୍ୟ ନେତାଙ୍କୁ ଷଡ଼ଯନ୍ତ୍ର ଏବଂ ବିଶ୍ୱାସଘାତକତାର ଅଭିଯୋଗରେ କାରାଦଣ୍ଡ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 4 | 7 | 8 |
| | 7 | | | | 1 | | | |
| | 9 | | | 5 | | | | |
| | | | | | 6 | | 2 | 3 |
| | | | | 1 | | 5 | | |
| 8 | | | 2 | | | | 6 | |
| 1 | 2 | | 9 | | | 3 | | |
| | | | | | 3 | | | 1 |
| | 6 | | | 2 | 4 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 6 | 7 | 1 | 2 | 5 | 9 | 4 |
| 1 | 7 | 9 | 6 | 5 | 4 | 8 | 2 | 3 |
| 5 | 2 | 4 | 3 | 8 | 9 | 6 | 1 | 7 |
| 2 | 1 | 8 | 4 | 7 | 5 | 3 | 6 | 9 |
| 6 | 5 | 3 | 2 | 9 | 1 | 4 | 7 | 8 |
| 4 | 9 | 7 | 8 | 6 | 3 | 1 | 5 | 2 |
| 9 | 3 | 1 | 5 | 4 | 7 | 2 | 8 | 6 |
| 7 | 6 | 2 | 1 | 3 | 8 | 9 | 4 | 5 |
| 8 | 4 | 5 | 9 | 2 | 6 | 7 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ଶାନ୍ତିପୂର୍ଣ୍ଣ ହେଉ

ମହାଶୟ,

ଯେଉଁମାନେ ୨୦୧୯ରେ ଜିତିଥିଲେ ଏବଂ ୨୦୨୪ ପାଇଁ ଆଶାୟୀ, ସେମାନେ ନିଜ ସ୍ୱାକ୍ଷରରେ ଏକ ସଂକ୍ଷିପ୍ତ ଶ୍ୱେତପତ୍ର ନିଜ ନିର୍ବାଚନମଣ୍ଡଳୀରେ ବାଣ୍ଟନ୍ତୁ। ସେଇ ପତ୍ରରେ ୨୦୧୯ରେ ଜିତିବା ପରେ ନିର୍ବାଚନମଣ୍ଡଳୀକୁ ପ୍ରଥମ ୩ ବର୍ଷରେ କେତେଥର ଯାଇଛନ୍ତି, ୨୦୧୯ରେ ଦୁଇଟା ଅଧିବେଶନର ୫୦ ଦିନରେ ତାଙ୍କର ଉପସ୍ଥିତ ହାର, ପ୍ରଶ୍ନ ପଚାରିଥିବାର ଦୈନିକ ହାରାହାରି ସଂଖ୍ୟା ପ୍ରକାଶ କରନ୍ତୁ। ୨୦୧୯ରେ ଜିତିବା ପରେ ନିର୍ବାଚନମଣ୍ଡଳୀରେ କେତେଟା ପୂଜାସ୍ଥଳ, ବିଦ୍ୟାଳୟ, ଖେଳପଡ଼ିଆ, ଉଦ୍ୟାନ, ମତ୍ସ୍ୟ ପୋଖରୀ, ଜଳ ସଂରକ୍ଷଣ ଓ ସେଚନର ବ୍ୟବସ୍ଥା, ନଳକୂପ, ଶୀତଳଭଣ୍ଡାର ଓ ପାଇଖାନା କରାଇଛନ୍ତି ପ୍ରକାଶ କରନ୍ତୁ। ନିର୍ବାଚନମଣ୍ଡଳୀରେ ଶତକଡ଼ା କେତେଟା ବୃକ୍ଷ ବଞ୍ଚିଛି, କେତେ ଦୀର୍ଘର ରାସ୍ତା ଦୃଢ଼, ପ୍ରଶସ୍ତ ଓ ଆଲୋକଯୁକ୍ତ ହୋଇଛି, କେତେଜଣ ନକଲି ତେଲ ଓ ଔଷଧ ବ୍ୟବସାୟୀ ଧରାପଡିଛନ୍ତି, ରାସ୍ତା ଦୁର୍ଘଟଣାରେ କେତେଜଣ ପ୍ରାଣ ହରାଇଛନ୍ତି, କେତେଜଣ ଚାଷୀ ଓ ମହିଳା କାହିଁକି ଆତ୍ମହତ୍ୟା କରିଛନ୍ତି, କେତେଟା ମଦଦୋକାନ ବଢ଼ିଛି, ଦାଦନ ଶ୍ରମିକଙ୍କର ସ୍ଥିତି, କେତେଟା ପୁସ୍ତକାଗାର ଓ ଭାଗବତ ଟୁଙ୍ଗି ସକ୍ରିୟ ହୋଇ ଜଣାନ୍ତୁ। ପ୍ଲାଷ୍ଟିକ୍‌ମୁକ୍ତ ନିର୍ବାଚନ କରନ୍ତୁ ଓ ସବୁ ସ୍ଥାନ ପରିଷ୍କାର କରି ରଖନ୍ତୁ। ନିର୍ବାଚନୀ ଭାଷଣ ଧୀର, ମଧୁର ହେଉ । ବଡ଼ ପାଟି କରି ଶବ୍ଦକଲେ ତାହା ଶିଶୁ, ରୋଗୀ ଓ ବୃଦ୍ଧମାନଙ୍କୁ ଯନ୍ତ୍ରଣା ଦେବ । ଆପଣ ଭଲ କାମ କରିଥିଲେ ଆମେ ପ୍ରାର୍ଥୀଙ୍କୁ ପୁଣି ଜିତାଇବୁ। ଓଡ଼ିଶାକୁ ନିର୍ବାଚନରେ ଏକ ଆଦର୍ଶ ରାଜ୍ୟ ହେଉ ଏବଂ ସୁଦକ୍ଷ ପ୍ରାର୍ଥୀମାନେ ଜିତନ୍ତୁ।

**–ପ୍ରଫେସର ଡ. ଶିବଚରଣ ନାୟକ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତିଆଗି ଯିବି ସବୁ ତୁମରି ଲାଗି ସଖି
ତୁମରି ପଦେ ମୋର ଜୀବନ ପୂଜା ରଖି
ଜାଣେ ଗୋ ଜାଣେ ସହି
ଆଦର ସଦା ବହି
ତୋଳିବ ଧୂଳିତଳୁଁ
ପରମ ପ୍ରୀତି ବଳୁଁ।
–(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ‘ସତ୍ୟମେବ ଜୟତେ’ର ଅପବ୍ୟବହାର ନେଇ ଜନସ୍ୱାର୍ଥ ମାମଲା

**କଟକ,୨୨।୧(କାର୍ତ୍ତିକ ସାହୁ)**

ଜାତୀୟତାର ପ୍ରତୀକ ବହନ କରୁଥିବା ଚିହ୍ନରେ ଲେଖାଥିବା ‘ସତ୍ୟମେବ ଜୟତେ’ ଉକ୍ତିର ଅପବ୍ୟବହାର କରାଯାଉଛି। ଏନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛି ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡିର ସ୍ୱେଚ୍ଛାସେବୀ ସଙ୍ଗଠନ ଏଲୋନ୍ ଟ୍ରଷ୍ଟ। ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି ଯେ, ସତ୍ୟମେବ ଜୟତେ ଉକ୍ତିର ଅପବ୍ୟବହାର ରୋକିବା ଦିଗରେ ପଦକ୍ଷେପ ନେବାକୁ ଟ୍ରଷ୍ଟର ସଦସ୍ୟମାନେ ଦେଶର କୋଣଅନୁକୋଣକୁ ଯାଇ ଏ ବାବଦରେ ବିଭିନ୍ନ ସରକାରୀ କଳରେ ଥିବା ପଦାଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାରତ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ ଏହି ଉକ୍ତିକୁ ଉପଯୁକ୍ତ ସ୍ଥାନରେ ରଖାଯାଉନାହିଁ। ଏପରି ଅପବ୍ୟବହାରକୁ ରୋକିବା ଦିଗରେ ଗତ ଏକ ଦଶନ୍ଧି ଧରି ଟ୍ରଷ୍ଟ ପକ୍ଷରୁ ଏକ ଆନ୍ଦୋଳନ ଆରମ୍ଭ କରାଯାଇଥିଲେ ବି କେହି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ସେଥିପାଇଁ ଟ୍ରଷ୍ଟ ପକ୍ଷରୁ ସଭାପତି ଡ. ସନ୍ତୋଷ କୁମାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଓ ଶିକ୍ଷା ସଚିବ, ରାଜ୍ୟ ଗୃହ ସଚିବ, ଗଣଶିକ୍ଷା ସଚିବ ଆଦିଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ସ୍ତମ୍ଭକାର ଅରୁଣ ପଣ୍ଡାଙ୍କ ପରଲୋକ



**କଟକ,୨୨।୧(କାର୍ତ୍ତିକ ସାହୁ)**

ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ ତଥା ସ୍ତମ୍ଭକାର ଅରୁଣ କୁମାର ପଣ୍ଡାଙ୍କର ୭୬ବର୍ଷ ବୟସରେ କଟକ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ କର୍କଟ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ। ଏଥିସହ ୬ମାସ ତଳେ ତାଙ୍କର ଓପନ ହାର୍ଟ ସର୍ଜରି କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୩ ଇଞ୍ଜିନିୟର ପୁଅ, ବୋହୂ ଓ ସ୍ତ୍ରୀ ଜୟନ୍ତୀ ଦାଶ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି।

ସ୍ୱର୍ଗତ ପଣ୍ଡା ୧୯୪୮ ଅକ୍ଟୋବର ୫ରେ କେନ୍ଦୁଝରରେ ଜନ୍ମଲାଭ କରିଥିଲେ। ତାଙ୍କ ବାପା ଭିକାରି ଚରଣ ପଣ୍ଡା ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ବାଦିକ ଥିଲେ। କଲେଜ ଶିକ୍ଷା ଶେଷ ପରେ ଅରୁଣ ସାମାଜିକ କାର୍ଯ୍ୟରେ ମନୋନିବେଶ କରିଥିଲେ। ବିଶେଷକରି ଆଦିବାସୀଙ୍କ ସମସ୍ୟା ସମାଧାନ ଦିଗରେ ସେ ବେଶ୍ ଚେଷ୍ଟିତ ଥିଲେ। ଭାରତୀୟ ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ନେଇ ସେ ବହୁ କାର୍ଯ୍ୟ କରିଛନ୍ତି। ବଣ୍ଡା, ଜୁଆଙ୍ଗ, ଲୋଧା, ଭୂୟାଁ, ସଉରା, ସାନ୍ତାଳ, କୋୟା ଆଦି ଜନଜାତିଙ୍କୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ତାଙ୍କର ଅନେକ ଭୂମିକା ରହିଛି। ଦୈନିକ ଖବରକାଗଜ ‘ସମାଜ’ର ବରିଷ୍ଠ ସାମ୍ବାଦିକ ଭାବେ ସେ କାର୍ଯ୍ୟ କରିଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା କରି ସେ ବହୁ ପୁସ୍ତକ ରଚନା କରିଛନ୍ତି। ତାଙ୍କ ସୃଷ୍ଟିଗୁଡ଼ିକ ମଧ୍ୟରେ କୌଟିଲ୍ୟ ଅର୍ଥଶାସ୍ତ୍ର, ମସି ମନ୍ଥନ, ସତ୍ୟମ୍ ବ୍ରୁୟତ, ଚିନ୍ତା ଚିରନ୍ତନ, ଚିନ୍ତା ଅନୁଚିନ୍ତା, ସକାଳର ସୂର୍ଯ୍ୟାସ୍ତ, ଅରଣ୍ୟର ମଣିଷ ଆଦି ଉଲ୍ଲେଖନୀୟ। ସାହିତ୍ୟ, ସଂସ୍କୃତି, ସମାଜସେବା ଓ ଆଧ୍ୟାତ୍ମିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନ ସହ ସେ ସମ୍ପୃକ୍ତ ଥିଲେ। ତାଙ୍କର ସାରସ୍ୱତ ସାଧନା ପାଇଁ ସେ ୨୦୧୩ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସମେତ ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ପାଠକ ସମାଜ ଆଦି ଅନେକ ଅନୁଷ୍ଠାନରୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ଦେଶର ଜରୁରିକାଳୀନ ପରିସ୍ଥିତି ସମୟରେ ସେ କିଛିଦିନ ଜେଲରେ ବନ୍ଦୀ ଜୀବନ ବିତାଇଥିଲେ। ତାଙ୍କ ବିୟୋଗରେ ବହୁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସନ୍ତୃପ୍ତ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ଟ୍ରକ୍ ଓଲଟି ୧୪ ଗୋରୁ ମୃତ

**ସୋନପୁର,୨୨।୧ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଥାନା ବିଶିମୁଣ୍ଡା ଗାଁ ନିକଟରେ ସୋମବାର ଭୋର ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିବା ଯୋଗୁ ଟ୍ରକ୍ ତଳେ ଚାପି ହୋଇ ୧୪ ଗୋରୁଙ୍କ ମୃତ୍ୟୁ ଘଟିଛି। ତେବେ ଲୋକଙ୍କ ନଜର ହଟାଇବା ପାଇଁ ବ୍ୟବସାୟୀମାନେ ତଳେ ଗୋରୁ ରଖିଥିଲା ବେଳେ ଟ୍ରକ୍‌ର ଉପରେ ସ୍ୱତନ୍ତ୍ର ଭାବେ ନିର୍ମିତ ଥାକରେ ଗାଜର ଓ ଟମାଟୋ ରଖା ଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ପ୍ରକାଶ ଯେ, ପ୍ରାୟ ୪୦ଟି ଗୋରୁଙ୍କୁ ନେଇ ଏକ ୧୬ ଚକିଆ ଟ୍ରକ୍ ବଲାଙ୍ଗୀର ଜିଲ୍ଲା ପଟୁ ସୋନପୁର ଅଭିମୁଖେ ଆସୁଥିଲା। ଟ୍ରକ୍‌ଟି ଭାରସାମ୍ୟ ହରାଇ ବୁଲାଣି ରାସ୍ତାରେ ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣା ପରେ ଭୟରେ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଥିଲେ। ରାସ୍ତାରେ ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ଏହା ଦେଖି ଗ୍ରାମବାସୀ ଓ ପୋଲିସକୁ ଖବର ଦେଇଥିଲେ।

# ଅର୍ପଣ ରଥରୁ ମିଳିଛି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ପୁରୀ,୨୨।୧(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ସାରା ରାଜ୍ୟରେ ଅର୍ପଣ ରଥ ବୁଲିଥିଲା। ଜଗନ୍ନାଥପ୍ରେମୀମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଚାଉଳ ଓ ଗୁଆ ଅର୍ପଣ କରିଥିଲେ। ତେବେ ନିର୍ଦ୍ଧାରିତ ସମୟରେ ଗୁଆ ଓ ଚାଉଳ ପୁରୀରେ ପହଞ୍ଚି ପାରି ନ ଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଏ ନେଇ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ସେବାୟତଙ୍କ ସହିତ ଆଲୋଚନା କରାଯାଇଥିଲା। ଏହାପରେ ଅର୍ପଣ ରଥ ମାଧ୍ୟମରେ ପ୍ରାଥମିକ ପର୍ଯ୍ୟାୟରେ ସଂଗୃହୀତ ଟଙ୍କାକୁ ସୋମବାରଠାରୁ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରିବା ବ୍ୟବସ୍ଥା ଆରମ୍ଭ ହୋଇଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୪ଟି ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଏହି କାଉଣ୍ଟରଗୁଡ଼ିକରେ ପ୍ରତି ବ୍ଲକରୁ ଆସିଥିବା ପ୍ରତିନିଧିଙ୍କଠାରୁ ଟଙ୍କା ଗ୍ରହଣ କରାଯିବ। ସେହିପରି ସଂଗୃହୀତ ଟଙ୍କାକୁ ଗଣିବା ପାଇଁ ମେଶିନ ବ୍ୟବସ୍ଥା ହୋଇଛି। ଏଥିପାଇଁ ବ୍ୟାଙ୍କ ଅଧିକାରୀ ନିୟୋଜିତ ରହିବେ। ସଂଗୃହୀତ ଟଙ୍କାକୁ ଶ୍ରୀମନ୍ଦିରର ବ୍ୟାଙ୍କ ଜମାଖାତାରେ ଜମା କରାଯିବ। ପରେ ଏହି ଟଙ୍କାକୁ ଯେଉଁ ବ୍ୟାଙ୍କରେ କେଉଁ ପ୍ଲାନ୍‌ରେ ଜମା କରାଯିବ ସେ ନେଇ ନିଷ୍ପତ୍ତି ହେବ। ତେବେ ୨କୋଟିରୁ ଅଧିକ ଟଙ୍କା ଆଦାୟ ହୋଇଥିବା ସୂଚନା ମିଳିଛି। ଅରୁଆ ଚାଉଳ, ଗୁଆ, ନଡ଼ିଆ ଆଗାମୀ ୨୫ ତାରିଖରୁ ଗ୍ରହଣ କରାଯିବ।

ଅସ୍ତରଙ୍ଗ ବ୍ଲକ୍‌ରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ସତ୍ୟ ମହାନ୍ତି ସଂଗୃହୀତ ଅର୍ଥ ଆଣି ସୋମବାର ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ସେ କହିଛନ୍ତି, ପ୍ରଶାସନ ପକ୍ଷରୁ ବିଡିଓ ଏହି ଟଙ୍କା ତାଙ୍କ ଦ୍ୱାରା ପଠାଇଥିଲେ। ଶ୍ରୀମନ୍ଦିର ପ୍ରଶାସନକୁ ୧୫ ହଜାର ୨୨୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସଂଗୃହୀତ ଚାଉଳ ଓ ଗୁଆ ଏକ ମନ୍ଦିରରେ ରଖାଯାଇଛି। ତାହାକୁ ଖୁବଶୀଘ୍ର ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ। ଅର୍ପଣ ରଥରୁ ୫୪.୯୯ କୁଇଣ୍ଟାଲ ଚାଉଳ ଓ ୪୭ .୦୨ କେଜି ଗୁଆ ମିଳିଛି। ମହାପ୍ରଭୁଙ୍କ କାର୍ଯ୍ୟରେ ନିୟୋଜିତ ହୋଇ ଖୁସି ତଥା ଭାଗ୍ୟବାନ ମନେ କରୁଥିବା ମହାନ୍ତି କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ପତିତପାବନ ବାନା ଦିଆଯାଇ ସମ୍ମାନିତ କରାଯାଇଛି। ସେହିପରି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଅର୍ପଣ ରଥ ମାଧ୍ୟମରେ ଭକ୍ତମାନେ ଗୁଆ, ଚାଉଳ ସହ ଅର୍ଥ ଦାନ କରିଥିଲେ। ସେହି ଅର୍ଥରାଶିକୁ ବିଭିନ୍ନ ଜିଲାର ଜିଲାପାଳଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନକୁ ପଠାଯାଉଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୪ଟି କାଉଣ୍ଟର କରାଯାଇଛି। ଉକ୍ତ କାଉଣ୍ଟରରେ ଅର୍ଥ ଦାଖଲ କରାଯିବ। ସୋମବାର ସମସ୍ତ ଜିଲାର ଅଧିକାରୀ ପୁରୀରେ ପହଞ୍ଚିଥିବା ବେଳେ ଗଜପତି ଜିଲା ଅଧିକାରୀ ମଙ୍ଗଳବାର ପହଞ୍ଚିବେ। ୨କୋଟିରୁ ଅଧିକ ଅର୍ଥ ଆଦାୟ ହୋଇଥିବା ଜଣାପଡ଼ିଛି। ତେବେ ଟଙ୍କା ଗଣାଯିବା ପରେ ଠିକ୍ ତଥ୍ୟ ମିଳିବ। ଯେଉଁ ପ୍ରତିନିଧିମାନେ ଟଙ୍କା ନେଇ ଆସିବେ, ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଲାଗି ବାନା ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ସଂଗୃହୀତ ଟଙ୍କାକୁ ଏବେ ଜେନେରାଲ ଆକାଉଣ୍ଟରେ ରଖାଯିବ। ପରେ ଆଲୋଚନା କରାଯାଇ କେଉଁ କେଉଁ ଫଣ୍ଡରେ ରଖାଯିବ, ସେ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଦାସ ସୂଚନା ଦେଇଛନ୍ତି।




- ଅର୍ଥ ଗ୍ରହଣ କଲା ଶ୍ରୀମନ୍ଦିର ପ୍ରଶାସନ
- ୨୫ରୁ ଚାଉଳ, ଗୁଆ, ନଡ଼ିଆ ନିଆଯିବ

# ଆଜି ମୁଖ୍ୟମନ୍ତ୍ରୀଙ୍କ ପୁରୀ ଗସ୍ତ

**ପୁରୀ, ୨୨।୧(ଅଜିତ ମହାନ୍ତି)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁରୀ ଗସ୍ତରେ ଆସିବେ। ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଶ୍ରୀଜଗନ୍ନାଥ ବଲ୍ଲଭରେ ହୋଇଥିବା ପ୍ରଦର୍ଶନୀ ଗୃହରେ ମହାପ୍ରଭୁଙ୍କ ୨୫ ପ୍ରକାର ବେଶ ଦେଖିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୋମବାର କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ, ଏସ୍‌ପି ଡ. କନୱର ବିଶାଲ ସିଂ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ହେଲିପ୍ୟାଡ୍, ଶ୍ରୀଜଗନ୍ନାଥ ମନ୍ଦିର, ଜଗନ୍ନାଥବଲ୍ଲଭ ପ୍ରଦର୍ଶନୀ ଗୃହ ପରିସରରେ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆସନ୍ତା ୨୪ ତାରିଖରେ ବହୁ ପ୍ରତୀକ୍ଷିତ ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ।



ନବୀନ ନିବାସଠାରେ ସୋମବାର ଆଠମଲିକ ଗଣ୍ଡ ସମାଜର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିବା ଅବସରରେ। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

# କୁମ୍‌କୀ ହାତୀ ଦେବାକୁ ତାମିଲନାଡୁକୁ ଅନୁରୋଧ

**ଭୁବନେଶ୍ୱର, ୨୨।୧ (ଅସମାପିକା ସାହୁ)**

ଜନବସତି ମୁହାଁ ହେଉଥିବା ବଣୁଆ ହାତୀଙ୍କୁ ଘଉଡ଼ାଇବା ପାଇଁ କୁମ୍‌କୀ ହାତୀ (ପ୍ରଶିକ୍ଷିତ ହାତୀ) ଦେବା ପାଇଁ ରାଜ୍ୟ ସରକାର ତାମିଲନାଡୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ତାମିଲନାଡୁ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁପ୍ରିୟା ସାହୁଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ହାତୀ ଜନବସତିକୁ ଆସିଲେ ଘଉଡ଼େଇବା ପାଇଁ କୁମ୍‌କୀ ହାତୀ ବହୁ ସହାୟକ ହେବ। ତେଣୁ ୪ଟି କୁମ୍‌କୀ ହାତୀ ପଠାଇବାକୁ ସେ ତାଙ୍କ ଚିଠିରେ ଅନୁରୋଧ କରିଛନ୍ତି। ଏଥିସହିତ ସେହି ହାତୀଙ୍କ ମାହୁନ୍ତମାନଙ୍କୁ ପଠାଇବାକୁ କହିଛନ୍ତି। ଏଠାରେ ଆମ ମାହୁନ୍ତମାନେ କୁମ୍‌କୀ ହାତୀକୁ ପରିଚାଳନା କରିବାରେ ସେହି ମାହୁନ୍ତମାନେ ସହାୟକ ହେବେ। ଏପରି ହେଲେ ରାଜ୍ୟରେ ହାତୀ-ମଣିଷ ଲଢ଼େଇ ହ୍ରାସ ପାଇବ। ଏହାକୁ ଗୁରୁତ୍ୱର ସହ ନେଇ ଏ ଦିଗରେ ପଦକ୍ଷେପ ନେବାକୁ ସଚିବ ସାହୁ ଅନୁରୋଧ କରିଛନ୍ତି।

# ଭାଲୁ ଆକ୍ରମଣରେ ବନ କର୍ମଚାରୀ ଆହତ

**ଠାକୁରମୁଣ୍ଡା,୨୨।୧ (ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜରେ ଭାଲୁ ଆକ୍ରମଣରେ ସୋମବାର ଜଣେ ବନ କର୍ମଚାରୀ ଆହତ ହୋଇଛନ୍ତି। ଆହତ କର୍ମଚାରୀ ହେଲେ ମହୁଲଡିହା ସେକ୍ସନର ପ୍ରୋଟେକ୍ସନ ଆସିଷ୍ଟାଣ୍ଟ କର୍ମୁ ମହାନ୍ତ। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ସୂଚନା ଅନୁଯାୟୀ, କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜର ବନପାଳ ବିଶ୍ୱଜିତ ମହାନ୍ତଙ୍କ ସମେତ ବନ କର୍ମଚାରୀ ସାତକୋଶିଆ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ନମ୍ବର ୧୩ର ମହୁଲଡ଼ିହା ଦଲକୀ ମଠ ଜଙ୍ଗଲ ଭିତରକୁ ଯାଇଥିଲେ। ପୂର୍ବାହ୍ନ ୧୦.୩୦ ସମୟରେ ଜଙ୍ଗଲ ଭିତରେ ଚାଲି ଚାଲି ଯାଉଥିବା ସମୟରେ ଏକ ଭାଲୁ କର୍ମୁଙ୍କୁ ଆକ୍ରମଣ କରିଥିଲା।

# କ୍ଷତିଗ୍ରସ୍ତଙ୍କ ଥଇଥାନ ସମ୍ପର୍କରେ ଜଣାଅ: ହାଇକୋର୍ଟ

## ଲାଠୋରରେ ୩୫ ଲୋକଙ୍କ ଘରପୋଡ଼ି ଓ ଦଙ୍ଗା ମାମଲା

**କଟକ,୨୨।୧(କାର୍ତ୍ତିକ ସାହୁ)**

ବଲାଙ୍ଗୀରରେ ୩୫ ଦଳିତ ଲୋକଙ୍କ ଘରପୋଡ଼ି ମାମଲାରେ କ୍ଷତିଗ୍ରସ୍ତ ଲୋକଙ୍କ ଥଇଥାନ ସମ୍ପର୍କରେ ରାଜ୍ୟ ସରକାର କି’ ପଦକ୍ଷେପ ନେଇଛନ୍ତି ତାହା ସତ୍ୟପାଠ ଆକାରରେ ଜଣାଇବାକୁ ସୋମବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଥଇଥାନ ସଂକ୍ରାନ୍ତୀୟ ସବିଶେଷ ତଥ୍ୟ ଦୁଇ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଜାତିଆଣ ଆକ୍ଷେପକୁ ନେଇ ବଲାଙ୍ଗୀର ଜିଲା ଲାଠୋରରେ ୨୦୧୨ ଜାନୁଆରୀ ୨୨ ତାରିଖରେ ଗଣ୍ଡଗୋଳ ହୋଇଥିଲା। ସବର୍ଣ୍ଣ ଲୋକେ ମିଶି ୫୦ରୁ ଊର୍ଦ୍ଧ୍ୱ ଅସବର୍ଣ୍ଣ ଲୋକଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଲୋକମାନେ ପ୍ରାଣ ବିକଳରେ ଲାଠୋର ଗାଁ ଛାଡ଼ି ସ୍ଥାନୀୟ ଜଙ୍ଗଲରେ ରହିଆସୁଥିଲେ। ଏହି ଘଟଣାକୁ ନେଇ ଲାଠୋର ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକମାନଙ୍କୁ ସୁରକ୍ଷା ଦେଇଥିଲା। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ଘରପୋଡ଼ିରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ୍ ପ୍ରଦାନ କରାଯାଇଥିଲା। ଘରପୋଡ଼ି ଘଟଣାରେ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବା ଏବଂ ପୋଲିସ୍ ତଦନ୍ତ ଠିକ୍ ହେଉ ନ ଥିବା ଦର୍ଶାଇ ହାଇକୋର୍ଟରେ ଆବେଦନକାରୀ କରୁଣାକର ସୁନା ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ତେବେ ଘରପୋଡ଼ି ଘଟଣାରେ କେତେ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି, କେତେଜଣଙ୍କୁ କ୍ଷତିପୂରଣ ଦିଆଯାଇଛି ଏବଂ ଅନୁସୂଚିତ ଜାତି ଆଇନ ଆଧାରରେ କେତେ ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି ସେନେଇ ସବିଶେଷ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


## ଚୁକ୍ତିଭିତ୍ତିକ ସ୍ୱାସ୍ଥ୍ୟ ଚିକିତ୍ସକଙ୍କ ନିୟୋଜନ ନିମନ୍ତେ ‘ୱାକ୍-ଇନ୍-ଇଣ୍ଟରଭ୍ୟୁ’

ନଂ. ଏସ୍‌ଇଆର/ପି-କେଜିପି/ଇ-ଜିଏଜେଡ୍/୨୬୯/ସିଏମ୍‌ପିଏସ୍/୦୧-୨୦୨୪/କେଜିପି ତାରିଖ: ୧୯।୦୧।୨୦୨୪

**କର୍ମନିଯୁକ୍ତି ବିଜ୍ଞପ୍ତି ନଂ. ୦୧/୨୪ (ଏମ୍‌ଇଡି.) ସିଏମ୍‌ପି-୨୦୨୪/କେଜିପି**

ଦକ୍ଷିଣ ପୂର୍ବ ରେଳପଥ/ଖଡ଼ଗପୁର ଡିଭିଜନ, ଭାରତ ସରକାର, ରେଳ ମନ୍ତ୍ରଣାଳୟ ୦୯ (ନଅ) ଜଣ (ଏସ୍‌ସି = ୦୧, ଏସ୍‌ଟି = ୦୧, ଓବିସି = ୦୨ ଓ ୟୁଆର୍ = ୦୫) ଜଣ ଚୁକ୍ତିଭିତ୍ତିକ ସ୍ୱାସ୍ଥ୍ୟ ଚିକିତ୍ସକ [**୦୬ ଜିଡିଏମ୍‌ଓ (ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ଖଡ଼ଗପୁର ପାଇଁ ୦୫ ଓ ବାଲେଶ୍ୱର ହେଲ୍‌ଥ ୟୁନିଟ୍ ପାଇଁ ୦୧ ଜଣ) ତଥା ୦୩ ଜଣ ସ୍ପେଶାଲିଷ୍ଟ (୦୧ ନିଶ୍ଚେତକ ବିଶେଷଜ୍ଞ, ୦୧ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଏବଂ ୦୧ ଜଣ ସାଧାରଣ ଶଲ୍ୟ ଚିକିତ୍ସକ)**]ଙ୍କ ନିମନ୍ତେ ଏକ “**ୱାକ୍-ଇନ୍-ଇଣ୍ଟରଭ୍ୟୁ**” ସଞ୍ଚାଳନ କରିବ । ସର୍ବମୋଟ ପାରିଶ୍ରମିକ ପରିମାଣ (i) ଜିଡିଏମ୍‌ଓଙ୍କ ପାଇଁ ଟ.୭୫,୦୦୦/- (ii) ବିଶେଷଜ୍ଞ ଡାକ୍ତରଙ୍କ ପାଇଁ ଟ.୯୫,୦୦୦/- ମାସିକ (ପ୍ରଥମ ବର୍ଷ ଲାଗି) ଏବଂ ଟ.୧,୦୫,୦୦୦/- ମାସିକ (୦୨ୟ ବର୍ଷ ପରଠାରୁ), କିନ୍ତୁ ଅବସରପ୍ରାପ୍ତ ସରକାରୀ ଡାକ୍ତର (ରେଳପଥ/କେନ୍ଦ୍ର/ରାଜ୍ୟ/ପିଏସ୍‌ୟୁ)ଙ୍କ ପାଇଁ ସର୍ତ୍ତ ରହିଛି ଯେ ଠିକା ପାରିଶ୍ରମିକ + ଅବସରପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା ପ୍ରାପ୍ତ କରାଯାଉଥିବା ପେନ୍‌ସନ୍‌ର ପରିମାଣ ଅବସର ସମୟରେ ମିଳିଥିବା ଶେଷ ବେତନରୁ ଅଧିକ ହେଉ ନ ଥିବ । ହେଲେ, ଏହି ସର୍ତ୍ତ ପିଏସ୍‌ୟୁର ଅବସରପ୍ରାପ୍ତ ଡାକ୍ତରମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । “**ୱାକ୍-ଇନ୍-ଇଣ୍ଟରଭ୍ୟୁ**” ନିମ୍ନ ଅନୁସୂଚୀ ଅନୁସାରେ ଅନୁଷ୍ଠିତ ହେବ:

| ୱାକ୍-ଇନ୍-ଇଣ୍ଟରଭ୍ୟୁର ତାରିଖ ଓ ସମୟ | ସ୍ଥାନ |
|---|---|
| ତା୦୭।୦୨।୨୦୨୪ରିଖ (ବୁଧବାର) ୧୧.୦୦ ଘଟିକା ପରଠାରୁ | ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ/ ଦକ୍ଷିଣ ପୂର୍ବ ରେଳପଥ/ଖଡ଼ଗପୁର |

ଅଧିସୂଚନା, ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ପ୍ରାର୍ଥୀମାନେ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି (ଡିଭିଜନ > ଖଡ଼ଗପୁର > ବିଭାଗ > କାର୍ମିକ > ଅଧିସୂଚନା ଓ ଅପ୍‌ଡେଟ୍‌ସକୁ ଯାଆନ୍ତୁ) । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ରଦ୍ଦକରଣ, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ । ସାମୟିକ ଭାବେ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

(PR-1051) **ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. **49-SBP-TRD-OT-2023-24**, ତା.17.01.2024ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍ - ଟିଟିଲାଗଡ଼ ସେକ୍ସନରେ 05 ଟି ବ୍ରିଜ୍ (ବ୍ରିଜ୍ ସଂ. 238 DN, 336 DN, 342 DN, 346 DN ଏବଂ 385 UP) ର ପୁନର୍ନିର୍ମାଣ ପାଇଁ RCC ବକ୍ସରେ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ (₹):** 9,30,772.26, EMD (₹) : 18,600/-, ଶେଷ ହେବା ଅବଧି : 12 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.02.2024ରିଖ 1530 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

**ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),** ସମ୍ବଲପୁର
PR-1014/O/23-24



## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୩-୨୪-୩୭, ତାରିଖ: ୧୯।୦୧।୨୦୨୪;** ସିନିୟର ଡିଭିଜନାଲ ଇଞ୍ଜିନିୟର (ପଶ୍ଚିମ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୭୮ ଗୋଟି ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ, କମିଶନିଂ ଓ ପରିଚାଳନା; ₹୫,୮୦,୪୬,୧୯୬/-; ₹୪,୪୦,୨୦୦/- । **(୨) ସିକେପି-ୱେଷ୍ଟ-୨୩-୨୪-୩୮, ତାରିଖ: ୧୯।୦୧।୨୦୨୪;** ଚକ୍ରଧରପୁର ଡିଭିଜନରେ ୨୭ ଗୋଟି ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ, କମିଶନିଂ ଓ ପରିଚାଳନା; ₹୨,୦୦,୯୨,୯୧୪/-; ₹୨,୫୦,୫୦୦/- । **(୩) ସିକେପି-ସେଣ୍ଟ୍ରାଲ-୨୩-୨୪-୪୫, ତାରିଖ: ୧୯।୦୧।୨୦୨୪;** ସିନିୟର ଡିଭିଜନାଲ ଇଞ୍ଜିନିୟର/ସେଣ୍ଟ୍ରାଲ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୨୫୪ ଗୋଟି ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ, କମିଶନିଂ ଓ ପରିଚାଳନା; ₹୧୮,୯୦,୨୨,୨୨୮/-; ₹୧୦,୯୫,୧୦୦/- । **(୪) ସାଉଥ-ସିକେପି-୨୩-୨୪-୪୯, ତାରିଖ: ୧୯।୦୧।୨୦୨୪;** ଡିଭିଜନାଲ ଇଞ୍ଜିନିୟର/ସାଉଥ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୨୭୬ ଗୋଟି ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ, କମିଶନିଂ ଓ ପରିଚାଳନା; ₹୨୦,୫୩,୯୪,୨୩୨/-; ₹୧୧,୭୭,୦୦୦/- । **(୫) ସିକେପି-ଇଷ୍ଟ-୨୩-୨୪-୫୩, ତାରିଖ: ୧୯।୦୧।୨୦୨୪;** ସିନିୟର ଡିଭିଜନାଲ ଇଞ୍ଜିନିୟର/ଇଷ୍ଟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ୮୪ ଗୋଟି ଟ୍ରାକ୍ ଆଧାରିତ ରେଳ ଗେଜ୍ ଫେସ୍ ଲୁବ୍ରିକେଟର୍ (ହାଇଡ୍ରଲିକ୍ ଟାଇପ୍)ର ଯୋଗାଣ, ସ୍ଥାପନ, କମିଶନିଂ ଓ ପରିଚାଳନା; ₹୬,୨୫,୧୧,୨୮୮/-; ₹୪,୬୨,୬୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୧୦,୦୦୦/- । **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ୧୯।୦୨।୨୦୨୪ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ: ରେଲ୍‌ୱେ ବୋର୍ଡ ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ ୧୬।୦୭।୨୦୨୦)

(PR-1050)




ସାଧାରଣତନ୍ତ୍ର ଦିବସ ପୂର୍ବରୁ ସୋମବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ସ୍କୁଲ ଛାତ୍ରୀଙ୍କ ଦ୍ୱାରା ପରେଡ୍ ଅଭ୍ୟାସ କରାଯାଉଛି। (ଫଟୋ: ମୌସମ ନନ୍ଦ)


## झारखण्ड सरकार
## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, चतरा

**ई-निविदा आमंत्रण सूचना**

ई-निविदा संख्या- 10/2023-24/RWD/CHATRA — दिनांक- 20.01.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र॰ सं॰ | आईडेन्टिफिकेशन संख्या/ पैकेज संख्या | कार्य का नाम | प्राक्कलित राशि अंक में (लाख) | प्राक्कलित राशि अक्षर में | कार्य समाप्ति की अवधि | टेण्डर कॉल सं॰ |
|---|---|---|---|---|---|---|
| 1 | RWD/ CHATRA/ STPKG/12/ 2023-24 | सतघरवा से बरहीबिगहा तक पथ का सुदृढ़ीकरण कार्य (लं॰-5.810 कि॰मी॰)। | 1082.161 | दस करोड़ बेरासी लाख सोलह हजार एक सौ मात्र | 09 माह | प्रथम |
| 2 | | कोबना कोलेश्वरी पथ से तरवागढ़ा होते हुए केतारीबार तक पथ का सुदृढ़ीकरण कार्य (लं॰-4.335 कि॰मी॰)। | | | | |
| 3 | | नयनचक से तिलहेत तक पथ का सुदृढ़ीकरण कार्य (लं॰-3.480 कि॰मी॰)। | | | | |
| 4 | | एन॰एच॰-99 (गोड़वाली मोड़) से बारूनडीह भाया कनौनी तक पथ का सुदृढ़ीकरण कार्य (लं॰-2.500 कि॰मी॰)। | | | | |
| 5 | | पंचायत-जबड़ा के ग्राम-खजुरिया मोड़ से जिरहुलिया तक पथ का सुदृढ़ीकरण कार्य (लं॰-2.100 कि॰मी॰)। | | | | |

2. वेबसाईट में निविदा प्रकाशन की तिथि :- **08.02.2024**
3. ई-निविदा प्राप्ति की अंतिम तिथि एवं समय :- **17.02.2024 अपराह्न 5.00 बजे तक।**
4. ई-निविदा खोलने की तिथि एवं समय :- **20.02.2024 पूर्वाह्न 3.30 बजे।**
5. ई-निविदा आमंत्रित करनेवाले पदाधिकारी का नाम एवं पता :- **कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।**
6. ई-निविदा प्रकोष्ठ का दूरभाष संख्या :- **06541-296208**

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, चतरा

PR 316771 Rural Work Department(23-24)#D

## ସଂକ୍ଷେପରେ

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘରୋଇ ଏଜେନ୍ସି ବିରୋଧରେ ପ୍ରତିବାଦ

ବାଲକାଟୀ,୨୨।୧(ମନୋଜ ମଣ୍ଡଳ): ରାଜଧାନୀ ଉପକଣ୍ଠ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କର୍ମଚାରୀଙ୍କୁ ୨ ମାସ ହେଲା ଦରମା ନ ମିଳିବା ଅଭିଯୋଗରେ ଘରୋଇ ଏଜେନ୍ସି ବିରୋଧରେ ପ୍ରତିବାଦ କରାଯାଇଛି। ସୂଚନାଯୋଗ୍ୟ, ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଜଣ ସଫେଇ କର୍ମଚାରୀ କାମ କରୁଥିବାବେଳେ ଏମାନଙ୍କୁ କାମରେ ନିୟୋଜିତ କରିଥିବା ଘରୋଇ ଏଜେନ୍ସି ଦରମା ଦେଇ ନ ଥିବାରୁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ଦେଖାଯାଇଛି। ଦରମା ନ ପାଇ ହଇରାଣ ହରକତ ହେଉଥିବାରୁ କର୍ମଚାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣାରେ ବସିଥିବା ଦେଖାଯାଇଛି।

### ୯ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୨୨।୧(ମାନସ ସାମଲ):ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅଧୀନ ନାନ୍ଦୋଳ ଗ୍ରାମର ପ୍ରଶାନ୍ତ ବେହେରା(୨୯)। ତାଙ୍କ ପାଖରୁ ପୋଲିସ ୯ କିଲୋ ଗଞ୍ଜେଇ ଓ ନଗଦ ୨୬ ଶହ ଟଙ୍କା ଜବତ କରିଥିଲା। ଏନେଇ ୩୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପୋଲିସଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

ଯାଁଳା,୨୨।୧(ବୁଲା ବାରିକ): ଗତ ୧୬ତାରିଖରେ ଚୋରା ମଦ ବେପାରୀଙ୍କୁ ଧରିବା ସମୟରେ ୯ଜଣ ସଂଘବଦ୍ଧ ଭାବେ ଇନ୍‌ଫୋଭ୍ୟାଲି ଥାନା କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ସୋମବାର ଏହି ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ହରପୁର ଗ୍ରାମର ସଂଗ୍ରାମ ସିଂହ। ତେବେ ଅନ୍ୟ ୮ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନାଥାଉ କି, ଗତ ୧୬ ତାରିଖ ସନ୍ଧ୍ୟାରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ପେଟ୍ରୋଲିଂ ଟିମ୍ ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି ସମ୍ପାଦନ କରୁଥିଲେ। ବେଆଇନଭାବେ ଦେଶୀ ମଦ ବିକ୍ରି ହେଉଥିବା ଖବରପାଇ ଏହି ଟିମ୍ ହରପୁର ଗାଁ ଛକ ନିକଟରେ ଚଢ଼ାଉ କରି ଗୁଣ୍ଡୁ ଓରଫ ବିଶ୍ୱନାଥ ସିଂହଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରି ସିଜର ଲିଷ୍ଟ ପ୍ରସ୍ତୁତ କରିବା ସମୟରେ ଅଭିଯୁକ୍ତ ସଂଗ୍ରାମ ଏବଂ ତାଙ୍କର ୮ ଜଣ ସହଯୋଗୀ ହଠାତ ସେଠାରେ ପହଞ୍ଚି ସଂଘବଦ୍ଧଭାବେ ପାଟ୍ରୋଲିଂ ଟିମର ଦୁଇ ଅଧିକାରୀ, କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହା ସହ ଦୁଇ କର୍ମଚାରୀଙ୍କ ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ। ଖବରପାଇ ଥାନାର ଅନ୍ୟ ଜଣେ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆଇନକୁ ହାତକୁ ନ ନେବାଲାଗି ଅଭିଯୁକ୍ତଙ୍କୁ ଅନୁରୋଧ କରିଥିଲେ। ଅଭିଯୁକ୍ତମାନେ ନ ଶୁଣି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇ ସଂଗ୍ରାମଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ଅଯୋଧାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ଉଦ୍‌ଘାଟନ ପରିପ୍ରେକ୍ଷୀରେ ଭୁବନେଶ୍ୱର ରାମମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରୁଛନ୍ତି।

# ଜୟ ଶ୍ରୀରାମ....

ଭୁବନେଶ୍ୱର,୨୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ସମଗ୍ର ଭାରତବର୍ଷ ତଥା ହିନ୍ଦୁ ଧର୍ମ ପାଇଁ ସୋମବାର ଥିଲା ଏକ ଐତିହାସିକ ଦିନ। ଅଯୋଧାରେ ଭବ୍ୟ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ଏହାକୁ ନେଇ ମନ୍ଦିର ମାଳିନୀ ଭୁବନେଶ୍ୱର ମଧ ଉତ୍ସବମୁଖର ହୋଇଉଠିଥିଲା। ଅଯୋଧାରେ ଭବ୍ୟ ଆୟୋଜନ ହେଉଥିବାବେଳେ ଏଠାରେ ମଧ ବ୍ୟାପକ ଆୟୋଜନ କରାଯାଇଥିଲା। ସକାଳୁ ସକାଳୁ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ ପାଇଁ ମନ୍ଦିରରେ ଭିଡ଼ ହୋଇଥିଲା। ପରେ ସାରା ସହରରେ ଶୋଭାଯାତ୍ରା, ପ୍ରସାଦ ସେବନ, ସନ୍ଧ୍ୟାରେ ଦୀପ ଜାଳିବା ସହ ବାଣ ଫୁଟାଇ ଲୋକେ ଉତ୍ସବ ପାଳନ କରିଥିଲେ। ସକାଳୁ ରାତି ଯାଏ ଜୟ ଶ୍ରୀରାମ...ଜୟ ଶ୍ରୀରାମ ଧ୍ୱନି ସହରରେ ଭିନ୍ନ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା।

### ରାମମନ୍ଦିରରେ ସକାଳୁ ରାତି ଯାଏ ଭିଡ଼

ଭୁବନେଶ୍ୱରସ୍ଥିତ ରାମମନ୍ଦିରରେ ସବୁବେଳେ ଭକ୍ତଙ୍କ ସମାଗମ ରହିଥାଏ। ତେବେ ଅଯୋଧା ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ସୋମବାର ଏଠାରେ ସକାଳୁ ରାତି ପର୍ଯ୍ୟନ୍ତ ପ୍ରବଳ ଗହଳି ଲାଗି ରହିଥିଲା। ବିଶିଷ୍ଟ ବ୍ୟକ୍ତିଙ୍କଠୁ ନେଇ ସାଧାରଣ ଲୋକେ ସମସ୍ତେ ଆସି ଏକତ୍ରିତ ହୋଇ ପ୍ରଭୁଙ୍କ ନାମ ଜପିଥିଲେ। ଜୟ ଶ୍ରୀରାମ ଧ୍ୱନି ସହ ଭଜନକୀର୍ତ୍ତନରେ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଉଠିଥିଲା। ରାମ, ଲକ୍ଷ୍ମଣ, ସୀତ, ହୁନମାନ ଆଦି ବିଭିନ୍ନ ବେଶରେ କୁନିକୁନି ପିଲାମାନେ ସୁସଜ୍ଜିତ ହୋଇ ଭିନ୍ନ ପରିବେଶ ସୃଷ୍ଟି କରିଥିଲେ। ସେହିପରି ସହରର ବିଭିନ୍ନ ମନ୍ଦିରରେ ମଧ ଜନସାଧାରଣଙ୍କ ସମାଗମ ଓ ପୂଜାର୍ଚ୍ଚନା ଦେଖିବାକୁ ମିଳିଛି।



ରାଜ୍ୟପାଳ ରଘୁବର ଦାସ ଭୁବନେଶ୍ୱର ରାମ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

### ଚାରିଆଡ଼େ ଶୋଭାଯାତ୍ରା

ପୂରା ରାଜଧାନୀର କଲୋନୀଠାରୁ ମୁଖ୍ୟ ରାସ୍ତା ଯାଏ ସବୁଠି ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ରାମ, ଲକ୍ଷ୍ମଣ, ହନୁମାନ ବେଶରେ ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। କାର୍, ବାଇକ୍ ଶୋଭାଯାତ୍ରା ସହ ପଦଯାତ୍ରା ମାଧମରେ ଶ୍ରୀରାମଙ୍କ ଉପସ୍ଥିତି ଜାହିର କରିଥିଲେ ଭକ୍ତ। ହାତରେ ଜୟ ଶ୍ରୀରାମ ଲେଖାଥିବା ପତାକା ଓ କାନ୍ଧରେ ଗେରୁଆ ରଙ୍ଗର ଗାମୁଛା ରହିଥିଲା।

### ଦୀପ ଜାଳିଲେ, ବାଣ ଫୁଟାଇଲେ

ଦୀପାବଳି ଆସିଲେ ଘରେ ଘରେ ଦୀପ ଜଳେ। ସୋମବାର ସନ୍ଧ୍ୟାରେ ସମସ୍ତଙ୍କ ଘରେ ଦୀପ ଜଳିଥିଲା, ଯାହା ଦୀପାବଳିର ଭ୍ରମ ସୃଷ୍ଟି କରିଥିଲା। ଗାଁଠୁ ସହର ସବୁଠି ଆଲୋକମାଳାରେ ଝଲସି ଉଠିଥିଲା ଘର, ଆଉ ମନ୍ଦିର। ସତେ ଯେମିତି ଦୀପାବଳି ପାଳନ ପୂର୍ବକ ଲୋକେ ପ୍ରଭୁ ଶ୍ରୀ ରାମଙ୍କୁ ପ୍ରାର୍ଥନା କରୁଥିବା ଅନୁଭବ ହୋଇଥିଲା। ଏଥିସହ ବିନା ପିଆଜ ରସୁଣରେ ପ୍ରସାଦ ପ୍ରସ୍ତୁତ କରି ଉତ୍ସବ ପାଳନ କରିବା ସହ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ନିଆରା ଢ଼ଙ୍ଗରେ ପାଳନ କରିଥିଲେ।





ଭୁବନେଶ୍ୱର ଶିଶୁ ମନ୍ଦିର ଛକରୁ ରାମମନ୍ଦିର ଅଭିମୁଖେ ଯାଉଥିବା ଶୋଭାଯାତ୍ରା।




ନୟାପଲ୍ଲୀ ବାଲୁଙ୍କେଶ୍ୱର ମନ୍ଦିରରେ ଯୁବତୀମାନେ ରଙ୍ଗୋଲିରେ ଭାରତ ମାନଚିତ୍ରରେ ଅଯୋଧା ରାମମନ୍ଦିର ଆଙ୍କୁଛନ୍ତି।



ଜନପଥ ରାସ୍ତାରେ ସ୍କେଟିଂ ମାଧମରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶଧାରୀ ।



ଜନପଥରେ ରାମଭକ୍ତମାନେ ପତାକା ଧରି ଶୋଭାଯାତ୍ରାରେ ଯାଉଛନ୍ତି।

## ଓଡିଏମ୍‌ରେ ୧୦୮ କୁଣ୍ଡୀୟ ଗାୟତ୍ରୀ ଜ୍ଞାନଯଜ୍ଞ, ବେଦପାଠ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ଅଯୋଧାରେ ପ୍ରଭୁ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ୧୦୮ କୁଣ୍ଡ ଗାୟତ୍ରୀ ଜ୍ଞାନଯଜ୍ଞ ଓ ବେଦପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନ ଏବଂ ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଯଜ୍ଞରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାର୍ଥୀଙ୍କ ଭିତରେ ଐଶ୍ୱରୀକ ଚେତନା ଜାଗ୍ରତ ପାଇଁ ପ୍ରଭୁ ରାମଙ୍କର ବନ୍ଦନା କରାଯାଇଥିଲା। ଶଙ୍ଖ, ହୁଳହୁଳି, ହରିବୋଲ ଓ ଜୟ ଶ୍ରୀରାମ ଧ୍ୱନିରେ ବିଦ୍ୟାଳୟ ପରିସର ରାମମୟ ହୋଇଉଠିଥିଲା। ଏହି ଅବସରରେ ସୂର୍ଯ୍ୟ ପୂଜା, ଅଗ୍ନି ପୂଜନ ଏବଂ ପ୍ରାଣାୟାମ କରାଯାଇଥିଲା । ଅଧକ୍ଷ ଡ. ମୀନକେତନ କହିଲେ, ଭାରତୀୟ ସଂସ୍କୃତିର ମହାର୍ଘ୍ୟ ଚେତନାରେ ପ୍ରଭୁ ରାମଚନ୍ଦ୍ର ନୀତି, ଆଦର୍ଶ, ନୈତିକତା ଏବଂ ଉଦାର ମାନବିକତାର ପ୍ରତୀକ ଥିଲେ। ତାଙ୍କର ସତ୍ୟନିଷ୍ଠା, ପିତୃଭକ୍ତି ଏବଂ ତ୍ୟାଗପୂତ ଜୀବନକୁ ଅନୁସରଣ କରିବା ପାଇଁ ସମଗ୍ର ଛାତ୍ର ସମାଜକୁ ପ୍ରେରଣା ଦେଇଥିଲେ। ଶେଷରେ ରାମଲାଲାଙ୍କ ପତାକା ଧରି ପରିକ୍ରମା କରାଯାଇଥିଲା ।



ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ଗାୟତ୍ରୀ ଜ୍ଞାନଯଜ୍ଞ।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଆଦିବାସୀପଲ୍ଲୀ

ପୁରୁଣା ଭୁବନେଶ୍ୱର୨୨।୧(ସୁବାସ ଚନ୍ଦ୍ର ପ୍ରଧାନ): ଅଯୋଧାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ବନବାସୀମାନେ ଏକତ୍ରିତ ହୋଇ ଦୀପଜାଳି ଶ୍ରୀରାମଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା କରିଥିଲେ। ହରିବୋଲ, ହୁଳହୁଳି ଓ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ପରିବେଶ। ଅନୁଭୂତ ହୋଇଥିଲା ଏକ ଆଧାତ୍ମିକ ଓ ଭକ୍ତିମୟ ପରିବେଶ। ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ବୁଲ୍‌ସଆଇ'ର ଅଧକ୍ଷ ତ୍ରିଲୋଚନ ବେଉରା, ସାମାଜିକ କର୍ମୀ ସୁଶାନ୍ତ ସାହୁ, ସରୋଜକାନ୍ତ ଦାସ, ଚମନ ଦାସ, ଅମୃତା ମହାନ୍ତି, ହିନ୍ଦୁ ଜନଜାଗରଣ ମଞ୍ଚ ଖୋର୍ଦ୍ଧା ଶାଖାର ଆଶିଷ୍ ବିଦ୍ଦୁରେନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦେଇ ଭାରତବର୍ଷ ଇତିହାସରେ ଏହା ଏକ ଐତିହାସିକ ମୁହୂର୍ତ୍ତ ଓ ଶ୍ରୀରାମ ମନ୍ଦିର ଇତିହାସରେ ଯୋଡ଼ି ହୋଇଛି ଏକ ସ୍ୱର୍ଣ୍ଣିମ ଅଧାୟ ବୋଲି ମତବ୍ୟକ୍ତ କରିଥିଲେ।

## ବେଣ୍ଟପୁର ରାମଲୀଳା ପଡ଼ିଆରେ ଉତ୍ସବର ମାହୋଲ



ବାଲିଅନ୍ତା,୨୨।୧(ନୀଳମାଧବ ସାହୁ)

ଅଯୋଧାରେ ପ୍ରଭୁ ଶ୍ରୀ ରାମଲାଲା ଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ବାଲିଅନ୍ତା ବ୍ଲକର ସମସ୍ତ ଗ୍ରାମରେ ସୋମବାର ଆଧାତ୍ମିକ ଓ ଭକ୍ତିମୟ ପରିଶେ ସୃଷ୍ଟି ହୋଇଥିଲା। ଗ୍ରାମର ଶ୍ରୀରାମ ମନ୍ଦିର ଓ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଭକ୍ତମାନେ ଦୀପ ଜାଳିବା ସହ ପୂଜାର୍ଚ୍ଚନା କରିଥିଲେ। ହଂସପାଳ ବାଟ ମହାବୀର ମନ୍ଦିରରେ ସମୂହ ହନୁମାନ ଚାଳିଶା ପାଠ, ଦୀପଦାନ କରାଯାଇଥିଲା। ସେହିପରି ବେଣ୍ଟପୁରସ୍ଥିତ ଶ୍ରୀରାମ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ କରାଯାଇଥିଲା। ଭୋର ୫ଟାରୁ ଦ୍ୱାର ଖୋଲାଯାଇ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ମାତା ସୀତା ଓ ହନୁମାନଙ୍କ ମହାସ୍ନାନ କରାଯାଇଥିଲା ପରେ ଶୁଖିଲା ଭୋଗ ଲାଗି ହୋଇଥିଲା। ମନ୍ଦିର ପରିସର ଏକ ଯଜ୍ଞ କରାଯାଇଥିଲା। ପୂଜାରେ ୧୦୦୧ ରାମ ନାମ ଓ ୧୦୮ ହନୁମାନଙ୍କ ନାମ ଆହୁତି ଦିଆଯାଇଥିଲା। ଧାହ୍ନରେ ଅନ୍ନପ୍ରସାଦ ଭୋଗ ଲାଗି ହୋଇଥିଲା। ଏହି ଅବସରରେ ମନ୍ଦିର ରେ ଅଖଣ୍ଡ ଦୀପ ଜଳାଯାଇଥିଲ। ଦୀର୍ଘ ୪୪ ବର୍ଷ ଧରି ୨୧ ଦିନ ବ୍ୟାପୀ ରାମ କଥାବସ୍ତୁ ଉପରେ ଆଧାରିତ ରାମଲୀଳା ପରିବେଷଣ ହେଉଥିବା ଏହି ଗ୍ରାମରେ ଏକ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ଏଥିପାଇଁ ରାମଲୀଳା ପଡ଼ିଆରେ ଭକ୍ତି ମୟ ପରିଶେ ଦେଖିବାକୁ ମିଳିଥିଲା। ପଡ଼ିଆରେ ଏକ ଭଜନ ସମାରୋହ ଆୟୋଜିତ ହୋଇଥିଲା। ପ୍ରାୟ ୨ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।


ବୋଲଗଡ଼ ତୃତୀୟାପଡ଼ା ଓ ଗଡ଼ଭିତର ସାହିର କଳାକାରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।



ଜଟଣୀ ଶ୍ରୀଗୋପୀନାଥ ଦେବ ମନ୍ଦିର କମିଟି ପକ୍ଷରୁ ବାହାରିଥିବା ନିଶାନ ଶୋଭାଯାତ୍ରା ସହର ପରିକ୍ରମା କରୁଛି।


ନିରାକାରପୁର: ଏକ ମନ୍ଦିର ପରିସରରେ ସଂକୀର୍ତ୍ତନ କରାଯାଉଛି।

# ରାମ ନାମରେ ପ୍ରକମ୍ପିତ ହେଲା ଗାଁ, ସହର

ଖୋର୍ଦ୍ଧା,୨୨।୧ (ପ୍ରଭାତ ପାଣିଗ୍ରାହୀ)

ଅଯୋଧାରେ ସୋମବାର ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏନେଇ ସାରାଦେଶ ଉତ୍ସବମୁଖର ହୋଇଉଠିଥିଲା। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଥିବା ଶ୍ରୀରାମ ମନ୍ଦିର, ରଘୁନାଥ ମନ୍ଦିର, ହନୁମାନ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ପ୍ରତ୍ୟେକ ଘର ଆଗରେ କୁମ୍ଭକଳସ ବାଢ଼ି ଦୀପ ପ୍ରଜ୍ଜ୍ୱଳିତ କରିଥିଲେ। ସନ୍ଧ୍ୟାରେ ଗାଁ ଠୁ ସହର ସବୁଠି ଦୀପ ଜାଳି ଦୀପାବଳି ଉତ୍ସବ ପାଳନ କରାଯାଇଛି। ଖୋର୍ଦ୍ଧା ସହର ଏକପ୍ରକାର ଗୈରିକ ଧ୍ୱଜରେ ସଜେଇ ହୋଇଥିବା ବେଳେ ଶ୍ରୀରାମଙ୍କ ଜୟଜୟକାରରେ ପରିବେଶ କମ୍ପିଥିଲା। ଶ୍ରୀରାମନଗର ସ୍ଥିତ ଶ୍ରୀରାମ ମନ୍ଦିରରେ ସାମୂହିକ ହନୁମାନ ଚାଳିଶା ପାଠ, ଶ୍ରୀରାମଙ୍କ ବାଲ୍‌କାଣ୍ଡ ପାରାୟଣ, ହୋମଯଜ୍ଞ ହୋଇଥିବା ବେଳେ ଅପରାହ୍ନରେ ଭଜନ ସନ୍ଧ୍ୟା ହୋଇଥିଲା। ସେହିପରି ଗୀତାଭବନ ପରିସରରେ ଗୀତାଭବନ ପରିଷଦ, ପ୍ରତିଶ୍ରୁତି ପରିବାର ପକ୍ଷରୁ ଶ୍ରୀରାମଙ୍କ



ପୂଜନ ଉତ୍ସବ, ସାମୂହିକ ଦୀପଦାନ କରାଯାଇଥିଲା। ତନ୍ତମୁଣ୍ଡିଆ ଜରିପୁଟସ୍ଥିତ ସଙ୍କଟମୋଚନ ମନ୍ଦିରରେ ୧୦୮ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ, ବାଲ କାଣ୍ଡ ସହ ହୋମଯଜ୍ଞ, ନାମ ସଂକୀର୍ତ୍ତନ ହୋଇଥିଲା। ଦଳେଇପୁର ହନୁମାନ ମନ୍ଦିର, ଗୁରୁଜଙ୍ଗ ସ୍ଥିତ ଶ୍ରୀରାମ ଓ ହନୁମାନ ମନ୍ଦିରରେ ହୋମଯଜ୍ଞ ସହ ସାମୁହିକ ପାଠ, ଆଳତି କରାଯାଇଥିଲା। ହଳଦିଆଠାରେ ଏକାଧିକ ଶ୍ରୀରାମ ଲକ୍ଷ୍ମଣ ସୀତା, ହନୁମାନ ବେଶଧାରୀ ଗ୍ରାମ ପରିକ୍ରମା କରିଥିଲେ। ସେହିଭଳି ଖୋର୍ଦ୍ଧା ନିକଟ ବାଜପୁର ଗ୍ରାମରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶଧାରୀଙ୍କ ସମେତ ଶତାଧିକ ଗ୍ରାମବାସୀ ବାଜପୁର, ଡିହପୁର, ନନ୍ଦପୁରରେ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରିଥିଲେ। ନନ୍ଦପୁର ହନୁମାନ ମନ୍ଦିରଠାରେ ସାମୁହିକ ପାଠ କରାଯାଇଥିବା ବେଳେ ବାଜପୁର ରଙ୍ଗଣୀ ସାହି ସ୍ଥିତ ଶ୍ରୀରାମ ମନ୍ଦିରରେ ବାଲ କାଣ୍ଡ, ସୁନ୍ଦରାକାଣ୍ଡ ପାଠ ଏବଂ ହନୁମାନ ଚାଳିଶା ପାଠ କରାଯାଇଥିଲା। ମୁକୁନ୍ଦପ୍ରସାଦଠାରେ ବଜରଙ୍ଗୀ କର୍ମୀଙ୍କ ପକ୍ଷରୁ ସନ୍ଧ୍ୟାରେ ସାମୁହିକ ହନୁମାନ ଚାଳିଶା ପାଠ, ଦୀପଦାନ କାର୍ଯ୍ୟକ୍ରମ ହୋଇଥିଲା। ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବିଭିନ୍ନ ଗ୍ରାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ବିଏଚପି ପକ୍ଷରୁ ଜିଲାର ବିଭିନ୍ନ ଖଣ୍ଡ ସ୍ତରରେ ସାମୁହିକ ପୂଜାପାଠ, ପୂଜନ ଉତ୍ସବ କରାଯାଇଛି।

ସେହିପରି ବାଣପୁର ଓ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଥିବା ଶ୍ରୀରାମ ଓ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିଥିଲେ। ଟାଙ୍ଗୀ ଖଣ୍ଡର ୩୪ଟି ପଞ୍ଚାୟତର ସମସ୍ତ ରଘୁନାଥମନ୍ଦିର, ହନୁମାନମନ୍ଦିର ପରିସରରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରି ସାତ୍ତ୍ୱିକ ଆହାର ଶୁଦ୍ଧପୂତ ଭାବନାରେ ଶ୍ରଦ୍ଧାଳୁମାନେ ଏଲ୍‌ଇଡି ମାଧ୍ୟମରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଦର୍ଶନ ପୂର୍ବକ ଦିବ୍ୟକୃପା ଲାଭ କରିଥିଲେ। ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠରେ ସଙ୍କୀର୍ତ୍ତନ ସମାରୋହ ଆୟୋଜିତ ହୋଇଥିଲା। ଠାକୁରଙ୍କ ଆବାହନ ସହିତ ହୋମ ଯଜ୍ଞ କରାଯାଇ ୧୦୮ ଥର ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ଜିଲା ନିରାକାରପୁର ରାମ ମନ୍ଦିର, କାଶିପୁର ଚିତ୍ରକୂଟସ୍ଥିତ ହନୁମାନ ମନ୍ଦିର, ଲେଣ୍ଡୋ, ରାମେଶ୍ୱର, ବଡପୋଖରିଆ, ନୁଆଗଡ, ସାନରାଉତପଡା, ନୂଆଗଡ, ସରପାରି, ଟାଙ୍କୋଳ, କାମାଗୁରୁ, ଛଣଗିରି, ଜଙ୍କିଆ, ଗୋଳବାଇ ଆଦି ପଞ୍ଚାୟତରେ ଥିବା ରାମ ମନ୍ଦିର ଓ ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।


ଖୋର୍ଦ୍ଧା ଅଞ୍ଚଳର ଏକ ମନ୍ଦିର ଆଗରେ ଦୀପ ଜାଳି ଶ୍ରୀରାମଙ୍କ ଆରାଧନା କରୁଛନ୍ତି।


ଟାଙ୍ଗୀ: ମନ୍ଦିର ଆଗରେ ପ୍ରଭୁ ଶ୍ରୀରାମଙ୍କ ଆରାଧନା ସହ ସଂକୀର୍ତ୍ତନ କରାଯାଉଛି।


ଟାଙ୍ଗୀ: ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ସୋମବାର ବାହାରିଥିବା ଶୋଭାଯାତ୍ରା।


ବାଲୁଗାଁରେ ବଜରଙ୍ଗ ଦଳ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।


ଖୋର୍ଦ୍ଧା ଏକ ମନ୍ଦିର ଗେଟ୍ ସମ୍ମୁଖରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶଧାରୀ ଏବଂ ଅନ୍ୟମାନେ।

# ରାସ୍ତାରେ ଗୋରୁ, ବଢୁଛି ଦୁର୍ଘଟଣା

## ମାସକରେ ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା


ରାସ୍ତାରେ ଗୋରୁ ଥିବାରୁ ଟ୍ରକ୍ ଅଟକି ରହିଛି।

ନିରାକାରପୁର,୨୨।୧(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥ ଓ ନୂଆ ଜଗନ୍ନାଥ ସଡ଼କ ସମେତ ସ୍ଥାନୀୟ ଗ୍ରାମ୍ୟରାସ୍ତାରେ ଦିନକୁ ଦିନ ଦୁର୍ଘଟଣା ବଢ଼ିଚାଲିଛି। ବୁଲା ଗୋରୁ ଓ କୁକୁର ରାସ୍ତାରେ ଗୋଠହାଇ ଛିଡ଼ାହେବାରୁ ଏହି ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଫଳରେ ଲୋକେ ଆହତ ହେବା ସହ ମୃତ୍ୟୁବରଣ କରୁଛନ୍ତି। ଗତ ଏକମାସ ମଧ୍ୟରେ ପୃଥକ୍ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିବା ସହ ବହୁ ବ୍ୟକ୍ତି ଆହତ ହୋଇଛନ୍ତି। ଦୁର୍ଘଟଣା ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

ପ୍ରକାଶ ଯେ, ୧୬ ନମ୍ବର ଜାତୀୟ ରାଜପଥର ମଳିପଡ଼ା, ଗୋଡ଼ିପଡ଼ା, ଜଙ୍କିଆ, ରାମେଶ୍ୱର, ବଡ଼ପୋଖରିଆ ଏବଂ ଅନୁରୂପଭାବେ ନୂଆ ଜଗନ୍ନାଥ ସଡ଼କର ରାମେଶ୍ୱର, ପଦ୍ମପୁର, କନ୍ଦଳଟାଙ୍ଗୀ, ଥାନା ସମ୍ମୁଖ, ମେଡିକାଲ ଛକ, ଶ୍ରୀରାମ ବଜାର ଗେଟ୍‌ବଜାର, ଷ୍ଟେଶନ ରାସ୍ତା, ବଡ଼ ବଜାର, ମାଲୁଣିପୋଖରୀ, ଲେଣ୍ଡୋ ଆଦି ଛକ ସମେତ ଭୂଷଣ୍ଡପୁର ରାସ୍ତାର ମଙ୍ଗଳା ବଜାର, ପାଣ୍ଡପାଟଣା, ଭୋଇସାହି ଛକରେ ଗାଈଗୋରୁ ଓ କୁକୁର ରାସ୍ତା ଉପରେ ଗୋଠହୋଇ ରହୁଛନ୍ତି। ମାଲିକମାନେ ଜାଣିକରି ଗୋରୁଙ୍କୁ ଛାଡ଼ିଦେଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଫଳରେ ଟ୍ରାଫିକ ସମସ୍ୟା ସହିତ ଦୁର୍ଘଟଣା ଘଟୁଛି। କିଛିଦିନ ପୂର୍ବେ ସନ୍ଧ୍ୟାରେ ଗଞ୍ଜାମ ଅଞ୍ଚଳର ଜଣେ ବାଇକ୍ ଆରୋହୀ ନୂଆ ଜଗନ୍ନାଥ ସଡ଼କ ଦେଇ ପୁରୀ ଯାଉଥିବା ବେଳେ ରାମେଶ୍ୱର ପୋଖରୀସ୍ଥିତ ବୁଲାଣି ନିକଟରେ ଏକ ବୁଲାକୁକୁର ପଶିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ତେବେ ଦୁର୍ଘଟଣାକୁ କିଛିମାତ୍ରାରେ ରୋକିବା ପାଇଁ ପୂର୍ବପରି ପଞ୍ଚାୟତ ଅଞ୍ଚଳରେ କାଞ୍ଜିଆହୁଦାକୁ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ନିବେଦନ କରିଛନ୍ତି। ବୁଲା ଗାଈଗୋରୁଙ୍କୁ ଗୋଶାଳାକୁ ପଠାଇବା ସହ କୁକୁରଙ୍କ ପାଇଁ ସହରାଞ୍ଚଳ ଭଳି ବନ୍ଧ୍ୟାକରଣ ବ୍ୟବସ୍ଥା ଲାଗୁ କରିବା ଲାଗି ଦାବି ହେଉଛି।

# କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କା

ବେଗୁନିଆ/ବୋଲଗଡ଼,୨୨।୧
(ହର ପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ବଜାର ସମେତ ଗ୍ରାମର ପୃଥକ୍ ସ୍ଥାନରେ ୫ରୁ ୬ କାଉଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି। ଏହା ବାର୍ଡ ଫ୍ଲୁଜନିତ ରୋଗ ଆଶଙ୍କାକରି ସ୍ଥାନୀୟ ଲୋକଙ୍କ ମନରେ ଭୟ ସଞ୍ଚାର ହୋଇଛି। ପ୍ରାଣୀ ଚିକିତ୍ସା ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ବେଳକୁ ଅନୁଧ୍ୟାନ କରିବା ପାଇଁ ଗ୍ରାମରେ ବିଭାଗର କୌଣସି



ଡାକ୍ତରୀ ଦଳ କିମ୍ବା କର୍ମଚାରୀ ପହଞ୍ଚି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତେବେ ଏହାର କୌଣସି ପ୍ରତିକାର କରା ନ ଗଲେ ଆଗକୁ ଅନ୍ୟ ପକ୍ଷୀଙ୍କ ଜୀବନ ବିପଦ ଆଡ଼କୁ ଗତି କରିପାରେ ବୋଲି ଗ୍ରାମର ସୁଶାନ୍ତ କୁମାର ମହାପାତ୍ର, ମାନସ ରଞ୍ଜନ ଦାଶ, ରାଜକିଶୋର ପାଣିଗ୍ରାହୀ ପ୍ରମୁଖ କହିଛନ୍ତି। ସେହିପରି ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି, ତାଳତୁମ୍ବ, ସଂପୁର, କଳାଙ୍ଗ ସମେତ ଅନେକ ସ୍ଥାନରେ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ବୋଲଗଡ଼ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କୁ ସମ୍ପର୍କ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

# ଶୋଭାଯାତ୍ରା ବେଳେ ବଚସା, ଠେଲାପେଲା

ନିରାକାରପୁର,୨୨।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଅଯୋଧାରେ ସୋମବାର ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ପ୍ରଭୁ ରାମଲାଲାଙ୍କ ପୂଜା ସହ ଶୋଭାଯାତ୍ରା ହୋଇଥିଲା। ଖୋର୍ଦ୍ଧା ଜିଲା ସାନରାଉତପଡା ଗ୍ରାମରେ ଶୋଭାଯାତ୍ରା ଗାଡି ଯାଉଥିବା ବେଳେ ସଂଖ୍ୟାଲଘୁ ଓ ଶୋଭାଯାତ୍ରାରେ ଯାଉଥିବା ବ୍ୟକ୍ତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ସହ ଠାଲାପେଲା ହୋଇଥିଲା। ପରେ ସଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ରାସ୍ତା ବନ୍ଦ କରି ଛାଡିନଥିଲେ। ଖବରପାଇ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ, ବାଲୁଗାଁ ଏସ୍‌ଡିପିଓ, ନିରାକାରପୁର ଓ ଟାଙ୍ଗୀ ଥାନା କର୍ମଚାରୀ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଏନେଇ ନିରାକାରପୁର ଥାନା ଏଏସ୍‌ଆଇ ତପନ କୁମାର ପ୍ରଧାନ କହିଛନ୍ତି, ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରାଯିବା ସହିତ ମସଜିଦ୍ ପାଖରେ ଶୋଭାଯାତ୍ରା ଗାଡିରେ ଲାଗିଥିବା ମାଇକ୍ ବଜାଇବା ପାଇଁ ମନାକରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ସହ ଗହଳି ଭାଙ୍ଗିଥିଲା ବୋଲି କହିଛନ୍ତି।

# ଅନୁଗୋଳର ଅମ୍ଳାନ, ତନ୍ମୟ ଚାମ୍ପିୟନ



ଟାଙ୍ଗୀ,୨୨।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ଚମ୍ପିୟାନଶିପ୍‌ର ଇନ୍‌ଡୋର ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଗୋଳ ଓ ଭୁବନେଶ୍ୱର, ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ରାୟଗଡ଼ା ଓ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ଏଥିରେ ବିଜୟୀ ଟିମ୍ ଅନୁଗୋଳ ଓ ବିଶାଖାପାଟଣା ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ଅନୁଗୋଳର ଅମ୍ଳାନ, ତନ୍ମୟ ଚାମ୍ପିୟନ ହୋଇଥିବା ବେଳେ ବିଶାଖାପାଟଣାର ଚନ୍ଦ୍ରକାନ୍ତ, ଚାରିଥି ରନର୍ସଅପ୍ ହୋଇଥିଲେ। ଅଜୟ କୁମାର ରାୟ ଓ ସୁରେଶ ଚନ୍ଦ୍ର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲ ଡା. ପି.କେ.ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟାନଙ୍କୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପଙ୍କୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ଭୀଷ୍ମ ନାରାୟଣ ମହାପାତ୍ର, ସମ୍ପାଦକ ବିଶ୍ୱଭୂଷଣ ମହାପାତ୍ର, ସଦସ୍ୟ ଗଙ୍ଗାଧର ପ୍ରଧାନ, ପୀତବାସ ନାୟକ, ଅମରେନ୍ଦ୍ର ମହାନ୍ତି, ଜେ.କେ. ଓସେନ, ଜେ.କେ. ହେଭେନ ପ୍ରମୁଖ ପରିଚାଳନା କରିଥିଲେ।

# ଆଜିଠୁ ଦେଉଳି ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୋଲଗଡ଼,୨୨।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ତୁଳସୀବେରେଣା ଖେଳପଡ଼ିଆରେ ମଙ୍ଗଳବାରଠାରୁ ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାର ଫୁଟ୍‌ବଲ ଟିମ ସହିତ ଝାଡଖଣ୍ଡ ଓ ନେପାଳର ଟିମ ଅଂଶଗ୍ରହଣ କରିବା ପାଇଁ ସୀକୃତି ପ୍ରଦାନ କରିଛନ୍ତି ବୋଲି ଆଞ୍ଚଳିକ ଫୁଟବଲ କମିଟି ସଭାପତି ସମସୁର୍ ଖାଁ କହିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ କଟକର ମଙ୍ଗଳା କ୍ଲବ ଏବଂ ନେପାଳର ଜୟ ବାଗେଶ୍ୱରି ଟିମ୍ ମଧ୍ୟରେ ହେବାକୁ ଥିବା ବେଳେ ବୁଧବାର ସୋନପୁରର ରାମଧୁନ କ୍ଲବ ଓ ଭଦ୍ରକର ବାଦଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ। ଏହି ଦୁଇଟି ମ୍ୟାଚର ବଜୟୀ ଟିମ୍ ଗୁରୁବାର ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ସେହିପରି ଶୁକ୍ରବାର ଝାଡଖଣ୍ଡର ଡିଏମଏସଆଇ ଟିମ ଓ ବାରଙ୍ଗର ୟୁନାଇଟେଡ ସ୍ପୋର୍ଟ୍ସ ଏବଂ ଶନିବାର ଭୁବନେଶରର ଜଗା ୟୁନାଇଟେଡ୍ ଓ ଢେଙ୍କାନାଳର ପଫୁଲାର କ୍ଲବ ମଧ୍ୟରେ ମ୍ୟାଚ ହେବ। ଏହି ଦୁଇଟି ମ୍ୟାଚର ବିଜେତା ଦ୍ୱୟ ଶନିବାର ଦିତୀୟ ସେମିଫାଇନାଲରେ ପରସ୍ପରକୁ ଭେଟିବା ପାଇଁ ଖେଳସୂଚୀ ପ୍ରସ୍ତୁତ ହୋଇଛି ବୋଲି ସମ୍ପାଦକ ଅଜୟ କୁମାର ସାହୁ କହିଛନ୍ତି। ଏହି ଅବସରରେ ଆସନ୍ତା ସୋମବାର ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ହେବ। ଏଥିରେ ଖୁର୍ଦ୍ଧାର ନିତା ଫୁଟବଲ ଏକାଡେମୀ ଓ କଟକର ଲେଡିଜ ସ୍ପୋର୍ଟ୍ସ ହଷ୍ଟେଲ ଖେଳିବେ। ୩୦ ତାରିଖ ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ପ୍ରତ୍ୟେକ ଦିବସରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବେ ବୋଲି ଉପଦେଷ୍ଟା ଫିଦା ହୁସେନ ଖାଁ ସୂଚନା ଦେଇଛନ୍ତି।


ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶ୍ରୀରାମଙ୍କ ଚିତ୍ର ଅଙ୍କନ କରାଯିବା ସହ ଦୀପ ପ୍ରଜ୍ୱଳନ କରାଯାଇଛି ।


ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପ୍ରଭୁ ରାମଲାଲାଙ୍କ ଉଦ୍ଦେଶ୍ୟରେ ଭକ୍ତମାନେ ଦୀପ ଜାଳୁଛନ୍ତି ।


ଜଣେ ମହିଳା ୧୦୮ ପତ୍ରରେ ରାମନାମ ଲେଖୁଛନ୍ତି ।


ପୁରୀ ଷ୍ଟେଶନବଜାରସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ କଳା ନିକେତନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମରେ କଳାକାର ଓ ଅନ୍ୟମାନେ।


ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଜାତୀୟ ନୃତ୍ୟ ମହୋତ୍ସବରେ ପରିବେଷିତ ନୃତ୍ୟ କଳା ।

## କଣାସ ଓକିଲଙ୍କ ବୈଠକ ଖାନା ଉଦ୍‌ଘାଟିତ

**କଣାସ,୨୨।୧(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ଓକିଲଙ୍କ ବୈଠକ ଖାନା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆଇନଜୀବୀ ରାମ ଶଙ୍କର ନନ୍ଦ ଯୋଗଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତେବେ ଦୀର୍ଘ ୨ ବର୍ଷ ହେଲା କଣାସଠାରେ ଅଦାଲତ ଖୋଲାଯାଇ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ବିଚାର କରାଯାଉଛି। କଣାସ ଅଦାଲତରେ କାର୍ଯ୍ୟ କରୁଥିବା ଓକିଲଙ୍କ ବସିବାକୁ କାର୍ଯ୍ୟାଳୟ ନ ଥିବାରୁ ଓକିଲମାନେ ବାରଣ୍ଡାରେ ବସି କାର୍ଯ୍ୟ କରୁଥିଲେ। ପୁରୀ ଜିଲା ମୁଖ୍ୟ ବିଚାରପତି କଣାସ ଅଦାଲତ ବୁଲିବା ସମୟରେ ଆଇନଜୀବୀ କାର୍ଯ୍ୟାଳୟ ଗୃହ ବସିବାକୁ ଚୌକି, ଟେବୁଲ୍ ଯୋଗାଇ ଦେବାକୁ ମୁଖ୍ୟ ବିଚାରପତି ନିବେଦନ କରିଥିଲେ। ନିବେଦନକୁ ଧ୍ୟାନ ଦେଇ ବିଚାରପତି ଗୋଟିଏ କାର୍ଯ୍ୟାଳୟ ଗୃହ, ୨୦ଟି ଚୌକି, ୩ଟି ଟେବୁଲ୍ ଓ ଆଲମିରା ଯୋଗାଇ ଦେଇଥିଲେ। ଉଦ୍‌ଘାଟନ ସମୟରେ କଣାସ ଅଦାଲତରେ କାର୍ଯ୍ୟ କରୁଥିବା ଓକିଲମାନେ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ରରେ ରାମ ଧ୍ୱନି

**ପୁରୀ, ୨୨।୧(ଅଜିତ୍ ମହାନ୍ତି)**

**ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର**
- ବଡ଼ଦାଣ୍ଡରେ ଦୀପ ପ୍ରଜ୍ୱଳନ, ନୃତ୍ୟ ପରିବେଷଣ
- ରଙ୍ଗୋଲି, ନୃତ୍ୟାଭିନୟ, ରାମଲୀଳା ମନ ମୋହିଲା

ଅଯୋଧାରେ ସୋମବାର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହେବା ସହ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ସାରା ଦେଶରେ ଆନନ୍ଦର ଲହରି ଖେଳିଯାଇଛି। ସେହିପରି ପୁରୀ ସହର ରାମମୟ ହୋଇଉଠିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରୀ କଳା ନିକେତନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ପୁରୀ ଷ୍ଟେଶନବଜାରସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ପରିବେଷଣ କରାଯାଇଥିଲା। ଏଥିରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ରୋଜାଲିନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ୫୦ ଜଣ କଳାକାର ଅଂଶ ଗ୍ରହଣ କରିଥିଲେ। ଶ୍ରୀରାମ ଭୂମିକାରେ ତେଜସ୍ୱିନୀ ତ୍ରିପାଠୀ, ମା' ସୀତାଙ୍କ ଭୂମିକାରେ ସେହ୍ନାସ୍ନିଗ୍ଧା ମହାନ୍ତି ନୃତ୍ୟ ପରିବେଷଣ କରିଥିବାବେଳେ ସାଥି କଳାକାର ଆଦ୍ୟାଶା ପାତ୍ର, ଅନ୍ୱେଷା ନାୟକ, ସେହ୍ନଲତା ପାଢ଼ୀ, ସାଇଲିନ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁ ରୋଜାଲିନ ମହାନ୍ତି ପରିଚାଳନା କରିଥିଲେ। ଉକ୍ତ ପବିତ୍ର ଦିନକୁ ସ୍ମରଣୀୟ କରିବା ନିମନ୍ତେ ସମସ୍ତେ ଗେରୁଆ ବସ୍ତ୍ର ପରିଧାନ କରି ଅନେକ ଭକ୍ତଙ୍କ ସହ ସମୁଦ୍ର ପର୍ଯ୍ୟନ୍ତ ଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ଦୀପ ଓ ପୁଷ୍ପ ଅର୍ପଣ କରିଥିଲେ। ସେହିପରି ଅର୍ନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସମସ୍ତ ହିନ୍ଦୁ ସମାଜକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପବିତ୍ର କୁମାର ଦାଶଙ୍କ ନେତୃତ୍ୱରେ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାପାତ୍ର, ରାଷ୍ଟ୍ରୀୟ ବଜରଙ୍ଗ ଦଳର ଭବାନୀ ଶଙ୍କର ଦାଶ, ଅଭିଷେକ ବେହେରା, ଜଗନ୍ନାଥ ବାରିକ, ଶୁଭାଶିଷ ଦାଶ, ଜଗନ୍ନାଥ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ଦାଣ୍ଡରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଚରିତ୍ରରେ ଛୋଟ ଛୋଟ ପିଲାମାନେ ରାମଲୀଳା ପରିବେଷଣ କରିଥିଲେ। ଜୟ ଶ୍ରୀରାମ, ଜୟ ଶ୍ରୀରାମ ଧ୍ୱନିରେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ କମ୍ପିଥିଲା। ବେଶଧାରୀଙ୍କ ଗହଣରେ ଏକ ପଦଯାତ୍ରା ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲା। ମହାବାହୁ ଫିଲ୍ମସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବଳଗଣ୍ଡି ଛକଠାରେ ରାମ ଲକ୍ଷ୍ମଣ ବେଶଧାରୀ ଗୀତିନାଟ୍ୟ ପରିବେଷଣ କରିଥିଲେ, ଯାହା ହୃଦୟସ୍ପର୍ଶୀ ହୋଇଥିଲା। ଶ୍ରୀଜଗନ୍ନାଥ ଯୁବ ବାହିନୀ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ୧ ହଜାର ୮ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ମହିଳାମାନେ ସୁନ୍ଦର ରଙ୍ଗୋଲି ଅଙ୍କନ କରିଥିଲେ। ଶ୍ରୀରାମଚନ୍ଦ୍ରଙ୍କ ବିରାଟକାୟ ରଙ୍ଗୋଲି ଓ ଦୀପ ଆକର୍ଷଣ ସାଜିଥିଲା। ସେହିପରି ହାତୀଆଖଡ଼ା ମଠ ପରିସରରେ ଜଣେ ବୃଦ୍ଧା ୧୦୮ ଅରଖପତ୍ରରେ ଶ୍ରୀରାମ ଲେଖି ପ୍ରଭୁ ରାମଚନ୍ଦ୍ରଙ୍କୁ ଅର୍ପଣ କରିଛନ୍ତି। ପୁରୀ ସହରରେ ଥିବା ରାମ ମନ୍ଦିରଗୁଡ଼ିକୁ ବିଭିନ୍ନ ଫୁଲରେ ସଜାଯିବା ସହ ରଙ୍ଗୋଲି କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପୁରୀର ବିଭିନ୍ନ ସାହି ଗଳି କନ୍ଦିରେ ଘରେ ଘରେ ପୂର୍ଣ୍ଣକୁମ୍ଭ ବସାଯାଇ ଭଗବାନ ରାମଙ୍କୁ ଆରାଧନା କରାଯାଇଥିଲା। ସେହିପରି ଛାତଗୁଡ଼ିକରେ ରାମଙ୍କ ଚିତ୍ରିତ ପତାକା ଲଗାଯାଇଥିଲା।


କଣାସରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ବାନର ବେଶଧାରୀ ଗାଁ ପରିକ୍ରମା କରୁଛନ୍ତି ।

# ସବୁଠି ଶୁଭିଲା ରାମ ନାମ

**କଣାସ,(ବିଭୂତି ଭୂଷଣ ତ୍ରିପାଠୀ),ପିପିଲି(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର), ସାକ୍ଷୀଗୋପାଳ(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ଭରତ ରାଉତ), ଡେଲାଙ୍ଗ(ରଶ୍ମିରଞ୍ଜନ ପ୍ରଧାନ), ବଳଙ୍ଗା(କେଦାରେଶ୍ୱର ନନ୍ଦ), ନିମାପଡ଼ା(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)୨୨।୧:**

ଅଯୋଧ୍ୟା ରାମ ମନ୍ଦିର ପ୍ରତିଷ୍ଠାକୁନେଇ ସାରା ଦେଶ ଉତ୍ସବମୁଖରି ହୋଇ ଉଠିଥିବାବେଳେ କଣାସ ବ୍ଲକର ପ୍ରତି ଗ୍ରାମରେ ରାମଲାଲାଙ୍କ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଅନେକ ଗ୍ରାମରେ ଲୋକେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ବାନର ବେଶରେ ସଜ୍ଜିତ ହୋଇ ରାମାୟଣ ଗାନ କରି ଗ୍ରାମ ପରିକ୍ରମା କରୁଥିଲେ। ରାମ ମନ୍ଦିର ଓ ହନୁମାନ ମନ୍ଦିରରେ ନାମ ସଂକୀର୍ତ୍ତନ କରିବା ସହ ଗାଁ ଗାଁରେ ସଂକୀର୍ତ୍ତନ କରାଯାଇଥିଲା। ପରେ ହନୁମାନ ମନ୍ଦିରରେ ୧୦୮ ଦୀପ ଜାଳିଥିଲେ। ଘରଘର ବୁଲି ଲଡ୍ଡୁ ବଣ୍ଟା ଯାଇଥିଲା। ସନ୍ଧ୍ୟାରେ ଅନେକ ଗ୍ରାମରେ ରାମଲୀଳା ହେଉଥିବା ଜଣାପଡ଼ିଛି।

ପିପିଲିର ବିଭିନ୍ନ ମନ୍ଦିର, ଅନୁଷ୍ଠାନ ଏବଂ ସଂଗଠନରେ ରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାଲୁଙ୍କେଶ୍ୱର ମନ୍ଦିରଠାରେ ପ୍ରଭୁ ଶ୍ରୀରାମଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯିବା ସହ ଅଯୋଧ୍ୟାରୁ ଏଲ୍‌ଇଡି ମାଧ୍ୟମରେ ସିଧାପ୍ରସାରଣ ହୋଇଥିଲା। ଏହାକୁ ଦେଖିବାକୁ ଭକ୍ତଙ୍କ ସମାଗମ ହୋଇଥିଲା। ଜନସାଧାରଣ ଏବଂ ବାଟୋଇଙ୍କ ପାଇଁ ଅନ୍ନ ପ୍ରସାଦର ସେବା ହୋଇଥିଲା। ପିପିଲି ହାଟ ଛକଠାରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ରାମ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ପରିଷଦ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଡାକ୍ତରଖାନା ଛକଠାରୁ ବାହାରି ନଗର ପରିକ୍ରମା କରିଥିଲା।

ସତ୍ୟବାଦୀର ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ଦେବଦେବୀ ପୀଠରେ ରବିବାର ମଧ୍ୟରାତ୍ରରୁ ସୋମବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସଂକୀର୍ତ୍ତନ, ପାଲା, ରାମଲୀଳା, ଭଜନ ସାଙ୍ଗକୁ ହୋମଯଜ୍ଞ କରାଯାଇଥିଲା। ସବୁ ଘର ଆଗରେ ଝୋଟି ଓ ମୁରୁଜ ପଡ଼ି ପୂର୍ଣ୍ଣକୁମ୍ଭ ବସିଥିଲା। ମନ୍ଦିର ପରିସରରେ ଯଜ୍ଞ କରାଯାଇଥିଲା। ସେବାୟତ ସଂଘ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ବରାଳ ଗ୍ରାମର ବାଲୁକାଶିଳ୍ପୀ କୁନାଲ ନାୟକ ଶ୍ରୀରାମଙ୍କ ଏକ ସୁନ୍ଦର କଳାକୃତି କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଜନସାଧାରଣ ହଜାର ହଜାର ସଂଖ୍ୟାରେ ଦୀପ ଜାଳିଥିଲେ।

ଡେଲାଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ସହିତ ମଠ, ମନ୍ଦିରରେ ଶ୍ରୀରାମଙ୍କ ପୂଜାର୍ଚ୍ଚନା ଓ ଶୋଭାଯାତ୍ରାର ଆୟୋଜନ କରାଯାଇଛି। ରଘୁନାଥ ମନ୍ଦିର ପରିସରରେ ହୋମଯଜ୍ଞ କରାଯିବା ସହିତ ଏକ ବିଶାଳ ଶ୍ରୀରାମ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ମା' ବାଙ୍କେଶ୍ୱରୀ ରାମନାଟ୍ୟ ପରିଷଦ ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ରାମଜନ୍ମ ଅଧ୍ୟାୟ ପରିବେଷଣ କରାଯାଇଥିଲା। ସଦ୍‌ଭାବନା ସ୍ପିରିଚୁଆଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରୀରାମ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣାସ ବଡ଼ ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, ବାଦଲପୁର ମଠ ମହନ୍ତ ଶରତ ଦାସ ମହାରାଜାଙ୍କ ସମେତ ବଳାଜିତ୍‌ପୁର ମଠ, ନୀଳକଣ୍ଠପୁର ମଠର ସାଧୁ ସନ୍ଥ ଏହି ଉତ୍ସବରେ ଉପସ୍ଥିତ ଥିଲେ।

ରାମ ଦୟା ପରିଷଦ ପକ୍ଷରୁ ୮ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଡାକ୍ତରଖାନା ଛକସ୍ଥିତ ସଙ୍କଟମୋଚନ ମହାବୀର ମନ୍ଦିରଠାରୁ ଆସି ବଳଙ୍ଗା ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଦିନଯାକ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ କରିଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ରୂପେ ପ୍ରୀତି ଅନ୍ନ ବଣ୍ଟା ଯାଇଥିଲା।

ନିମାପଡ଼ା ହିନ୍ଦୁ ସଂଗଠନ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଯୁବକ ଭାଗ ନେଇଥିଲେ। ଶୋଭାଯାତ୍ରାରେ ଯୁବକମାନେ ଗେରୁଆ ପତାକା ଧରି ଜୟ ଶ୍ରୀରାମ, ଜୟ ବଜରଙ୍ଗ ବାଲି ଧ୍ୱନି ଦେଇଥିଲେ। ମହିଳାମାନେ ଘର ଦୁଆରେ କଳସ ବସାଇ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିଥିଲେ।


ସକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ କରାଯାଇଛି ।


ପିପିଲିରେ ବାହାରିଥିବା ଶୋଭାଯାତ୍ରା ।


ଡେଲାଙ୍ଗରେ ରାମଭକ୍ତଙ୍କ ସମାଗମ ।


ନିମାପଡାରେ ଆୟୋଜିତ ଶୋଭାଯାତ୍ରା ।

## ସଂକ୍ଷେପରେ

### ୯ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୨୨।୧(ମାନସ ସାମଲ): ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅଧୀନ ନାନ୍ଦୋଳ ଗ୍ରାମର ପ୍ରଶାନ୍ତ ବେହେରା(୨୯)। ତାଙ୍କ ପାଖରୁ ପୋଲିସ ୯ କିଲୋ ଗଞ୍ଜେଇ ଓ ନଗଦ ୨୬ ଶହ ଟଙ୍କା ଜବତ କରିଥିଲା। ଏନେଇ ୩୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଗତପୁର ଥାନା ଅଧୀନ ଖରାଖିଆ ଛକ ନିକଟରେ ଜଣେ ଯୁବକ ଗଞ୍ଜେଇ ଭର୍ତ୍ତି ଏକ ଧଳା ଜରି ବ୍ୟାଗ ଧରି ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲେ। ଏ ବାବଦରେ ସ୍ଥାନୀୟ କିଛି ବ୍ୟବସାୟୀ ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କୁ ଜଣାଇଥିଲେ। ଖବରପାଇ ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରିଥିଲେ।

### ସ୍କୁଟିରୁ ଖସିପଡ଼ି ମହିଳା ମୃତ

ଖୁଣ୍ଟୁଣୀ,୨୨।୧(ସଚ୍ଚିଦାନନ୍ଦ ପଣ୍ଡା): ପୁଅ ଶିକ୍ଷକ ଚାକିରି ପାଇଛି। ଏହି ଖୁସିରେ ବାପା ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଏକ ସ୍କୁଟିରେ ଶ୍ୱଶୁର ଘର କଟକ ଯାଉଥିଲେ। ହେଲେ ବାଟରେ ସବୁ ଖୁସି ମଉଳି ଯାଇଥିଲା। ସ୍କୁଟିରୁ ଖସି ପଡିବାରୁ ଏକ କାର୍ ସ୍ତ୍ରୀଙ୍କ ମୁଣ୍ଡରେ ଚଢିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଟି ଧବଳେଶ୍ୱର ପୋଲିସ ବିଟ୍ ହାଉସ ନିକଟ ପାଇକେରାପୁର ଇଟା କାରଖାନା ଆଗରେ ଘଟିଛି। ସୂଚନା ମୁତାବକ, ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ଗ୍ରାମର କେଶବ ସେଠୀ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ନେଇ ଶ୍ୱଶୁର ଘରକୁ ଯାଉଥିଲେ। ଏକ ଗାଡ଼ି ତାଙ୍କୁ ସାଇଡ୍ ମାରିବାରୁ କେଶବ ହଡବଡେଇ ଯାଇଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ସ୍କୁଟିରୁ ଖସି ପଡ଼ିଥିଲେ। ପଛପଟୁ ଆସୁଥିବା ଏକ କାର୍ ଲକ୍ଷ୍ମୀପ୍ରିୟାଙ୍କ ମୁଣ୍ଡ ଉପରେ ଚଢିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଲକ୍ଷ୍ମୀପ୍ରିୟାଙ୍କୁ ମୃତ ଘୋଷଣା କରିଥିଲେ।

### ରାଧା ବିନୋଦ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

କଟକ ସଦର,୨୨।୧(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତ ସଫିପୁର ଗ୍ରାମର ଆରାଧ ରାଧା ବିନୋଦ ଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ସୋମବାର କରାଯାଇଛି। ହୋମଯଜ୍ଞ ସହ ଧାର୍ମିକ ରୀତିନୀତିରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ସହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସଫିପୁର ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସନ୍ଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ମହୁରାସ୍ଥିତ ସାଇ ମନ୍ଦିର ପରିସରରେ ଦୀପ ଦାନ ସହ ପ୍ରସାଦ ଭକ୍ତଙ୍କୁ ବଣ୍ଟା ଯାଇଥିଲା।

### କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

କଟକ,୨୨।୧(ଶିଳ୍ପା ପ୍ରିୟଦର୍ଶିନୀ)- କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ୱାର୍ଡ ନଂ-୧୨ ଓ ୧୪ କଂଗ୍ରେସ କମିଟିର ସାଙ୍ଗଠନିକ ପ୍ରସ୍ତୁତି ବୈଠକ ଏବଂ ସଭାପତି ନିଯୁକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ଼ ନଂ-୨ର ବ୍ଲକ୍ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଗ୍ରେସ କମିଟି ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ଉକ୍ତ ୱାର୍ଡର ମୌଳିକ ସମସ୍ୟା ଓ ତୃଣମୂଳସ୍ତରରୁ ସଙ୍ଗଠନ କିପରି ଅଧିକ ମଜଭୁତ ହୋଇପାରିବ ସେ ନେଇ ଆଲୋଚନା କରାଯାଇଛି। ୧୨ ନଂ ୱାର୍ଡ କଂଗ୍ରେସ ସଭାପତି ଭାବେ ସେକ୍ ମଞ୍ଜିଉଲା ଓ ୧୪ ନମ୍ବର ୱାର୍ଡ କଂଗ୍ରେସ ସଭାପତି ଭାବେ ସୟଦ ଇନୟେତଉଲ୍ଲାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସଭାରେ ମହମ୍ମଦ ରାଜାଉଦ୍ଦିନ୍, ଶେଖ ରିଫ୍, ଏସ୍. କେ. ୟୁନୁସ୍, ଶୟଦ ତଏ୍ନେକ୍, ଏସ୍.କେ ମୋକିମ୍, ସଏଦ୍ ମେହେତାବ୍ ଅଲ୍ଲୀ, ସଏଦ୍ ସନାୱାଜା ଅଲି, ଏସ୍.କେ. ମୁରାଫସ୍‌ଅଲି, ୭ନଂ ବ୍ଲକ୍ ସଭାପତି ଜ୍ଞାନଭୂଷଣ ନାୟକ, ମୁଖପାତ୍ର ମାନସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିବାବେଳେ ସୁକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

# ଗୋଟିଏ ପରିବାରର ୮ ଡାକ୍ତରଖାନାରେ ଭର୍ତ୍ତି

## ବାଉଁଶଟାଙ୍ଗରରେ ଝାଡ଼ାବାନ୍ତି ବ୍ୟାପିଲା

ଖୁଣ୍ଟୁଣୀ,୨୨।୧(ସଚ୍ଚିଦାନନ୍ଦ ପଣ୍ଡା)



ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ପଞ୍ଚାୟତ ବାଉଁଶଟାଙ୍ଗର ଗ୍ରାମର ଗୋଟିଏ ପରିବାରର ୮ଜଣ ଘରେ ରାନ୍ଧିଥିବା ଖାଦ୍ୟଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଜିଲା ସ୍ୱାସ୍ଥ୍ୟ ବିଭାଗ ସହିତ କଟକ ଜିଲା ମହାମାରୀ ବିଶେଷଜ୍ଞ ଡା. କାଶୀନାଥ ପଣ୍ଡାଙ୍କ ନେତୃତ୍ୱରେ ମାଇକ୍ରୋବାୟୋଲୋଜିଷ୍ଟ ସୁଚରିତା ଦାସ ଏବଂ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରିଣୀ କବିତାରାଣୀ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ରମାକାନ୍ତ ସିହ୍ନା, ସ୍ୱାସ୍ଥ୍ୟକର୍ମୀ ନିର୍ମଳ ବର ପ୍ରମୁଖ ସୋମବାର ସନ୍ଧ୍ୟାରେ ଆକ୍ରାନ୍ତଙ୍କ ଘରେ ପହଞ୍ଚିଥିଲେ। ସ୍ଥିତି ଅନୁଧ୍ୟାନ କରିବା ସହ ସେମାନେ ବ୍ୟବହାର କରୁଥିବା କୂଅ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଦିଲ୍ଲୀପ ଦାସ କହିଛନ୍ତି। ଏଥିସହ ଆକ୍ରାନ୍ତଙ୍କ ଘର ଚତୁଃପାର୍ଶ୍ୱରେ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇ ବିଶୋଧନ କରାଯାଇଛି। ଖାଦ୍ୟର ଅମ୍ଳ କିମ୍ବା ବିଷକ୍ତୀକରଣ ଫୁଡ୍ ପଏଜନ କାରଣରୁ ଏପରି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ ଆକ୍ରାନ୍ତଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଅଧିକ ଚିକିତ୍ସା ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ତେବେ ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମିଶ୍ର ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି କରୁଥିବା ସୂଚନା ଦେଇଛନ୍ତି। ତେବେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ରହ୍ମାନନ୍ଦଙ୍କ ପରିବାର ରବିବାର ଦିନରେ ଶାଗ ଭଜା, ସଜନା ଛୁଇଁ, ରାତିରେ ଚିକେନ୍ ସହିତ ବିରିଆନି ଖାଇଥିଲେ। ମଧ୍ୟରାତିରୁ ୪ ଜଣଙ୍କ ଝାଡ଼ାବାନ୍ତି ହୋଇଥିଲା। ପୁଣି ସୋମବାର ପରିବାରର ସମସ୍ତ ସଦସ୍ୟ ଏଥିରେ ଆକ୍ରାନ୍ତ ହୋଇପଡ଼ିଥିଲେ।

# ଦୀର୍ଘ ୬୦ବର୍ଷର ଦାବିକୁ ପୂରଣ କଲେ ବିଧାୟକ



ମଙ୍ଗୁଳି-ଜଗତପୁର,୨୨।୧(ମାନସ ସାମଲ)

ଟାଙ୍ଗୀ- ସାଲେପୁର ନିର୍ବାଚନମଣ୍ଡଳୀ ଅଧୀନ ଉଚ୍ଚପଦା ଗ୍ରାମ ପଞ୍ଚାୟତରେ ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ରପାଳଠାରୁ ବୈରୀ ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ ସୋମବାର ହୋଇଯାଇଛି। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ। ୪ କୋଟି ୨୨ ଲକ୍ଷ ୪୨ହଜାର ୬୬୨ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଉନ୍ନତୀକରଣକୁ ଆଗାମୀ ୬ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଥିବା ବିଧାୟକ ବେହେରା କହିଥିଲେ। ତପନ ସ୍ୱାଇଁ, ଆଇନଜୀବୀ ପ୍ରଭାତ ପ୍ରହରାଜ, ବିକଳନନ୍ଦ ସ୍ୱାଇଁ ପ୍ରମୁଖ ସମସ୍ତ ଗ୍ରାମବାସୀ ଦୀର୍ଘ ୬୦ବର୍ଷ ଧରି ଏହା ରାସ୍ତାର ଉନ୍ନତୀକରଣ ନେଇ ଦାବି କରି ଆସୁଥିଲେ। ଏହାକୁ ଗୁରୁତ୍ୱ ଦେଇଥିବାରୁ ସମସ୍ତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ବେହେରାଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମୀନାକ୍ଷୀ ଦାସ, ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠୀ, ସ୍ଥାନୀୟ ସରପଞ୍ଚ ପ୍ରଭାସ୍ମିତା ସ୍ୱାଇଁ, କହ୍ନେଇପୁର ସରପଞ୍ଚ ଭରତଚନ୍ଦ୍ର ବେହେରା, ସମିତି ସଭ୍ୟ ସୁନନ୍ଦା ସାମଲ, ଯୁବ ସଂଗଠକ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

# ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର କଳାକାର ଯିବେ ଇଣ୍ଡୋନେସିଆ



କଟକ,୨୨।୧(କାର୍ତ୍ତିକ ସାହୁ)

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୂତନ ପିଢ଼ିର ନୃତ୍ୟଶିଳ୍ପୀମାନେ ଇଣ୍ଡୋନେସିଆ ଯିବେ। ଇଣ୍ଡିଆନ୍ କାଉନ୍‌ସିଲ୍ ଫର କଲ୍‌ଚରାଲ ରିଲେସନ୍ସ ପକ୍ଷରୁ ସେଠାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାକୁ ସେମାନେ ନିମନ୍ତ୍ରିତ ହୋଇଥିବା ଏକାଡେମୀର ପ୍ରତିଷ୍ଠାତ୍ରୀ ଗୁରୁ ମୀରା ଦାସ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଭାରତ ସ୍ୱାଧୀନତାର ୭୭ ବର୍ଷ ପୂର୍ତ୍ତିର ବିଶେଷ ଅବସରରେ ଇଣ୍ଡୋନେସିଆର ବିଭିନ୍ନ ପ୍ରାନ୍ତରରେ ଥିବା ବାଲି, ସୁରବାୟା, ପୂର୍ବକର୍ତ୍ତା, ଜାକର୍ତ୍ତା, ବାତମ୍ ଆଦି ସହରରେ ଓଡ଼ିଶୀ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ଗୁରୁ ମୀରା ଦାସଙ୍କ ସହିତ ବରିଷ୍ଠ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା, ପ୍ରିୟଙ୍କା ଜେନା, ବିଦ୍ୟା ବିଶ୍ୱଜିତାଙ୍କ ସହିତ ପ୍ରଥମ କରି ପ୍ରତିଭାସମ୍ପନ୍ନ ନୂତନ ଶିଳ୍ପୀ ଜେକି ସ୍ୱପ୍ନା ଦତ୍ତ, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଏଚ୍ ଓ ସ୍ୱର୍ଣ୍ଣମୟୀ ବେହେରା ଯିବାର ସୁଯୋଗ ପାଇଛନ୍ତି। ଏପରି ସୁଯୋଗ ନୃତ୍ୟଶିଳ୍ପୀମାନଙ୍କ ନୃତ୍ୟକୁ ଜୀବିକା ଭାବେ ଗ୍ରହଣ କରିବା ପାଇଁ ପ୍ରଗାଢ଼ ପ୍ରୋତ୍ସାହନ ଓ ପ୍ରେରଣା ଯୋଗାଇବ ବୋଲି ଗୁରୁ ମୀରା ଦାସ କହିଛନ୍ତି।

## ଗଦାଧରପୁର କପ୍ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ କୁମାରବସ୍ତ ଟିମ୍

ତିଗିରିଆ,୨୨।୧(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ହାଇସ୍କୁଲ ଖେଳ ପଡ଼ିଆଠାରେ ମା'ଭବାନୀ ସ୍ପୋର୍ଟ୍ସ ଆସୋସିଏଶନ ଦ୍ୱାରା ଆୟୋଜିତ ୩୩ ତମ ଗଦାଧରପୁର କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁମାରବସ୍ତ ( ଖୋର୍ଦ୍ଧା ) ଦଳ ୩୫ ରନରେ କିଆଝର (ଢେଙ୍କାନାଳ) କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ ଜିତି କୁମାରବସ୍ତ ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୨୫୦ ରନ କରିଥିଲା। ଜବାବରେ କିଆଝର ଦଳ ୧୯.୨ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୨୧୫ ରନ କରି ପରାଜୟ ହୋଇଥିଲା। କୁମାରସ୍ତ ଦଳର ଅଧିନୟକ ମୃତ୍ୟୁଞ୍ଜୟ ମାନସିଂହ ବ୍ୟାଟିଂରେ ୪୮ ରନ ଓ ବୋଲିଂ ୨ ଟି ଉଇକେଟ୍ ନେଇଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିଲେ। ମୁଖ୍ୟଅତିଥି ଭାବେ ସୁନୀଲ କୁମାର ପଲେଇ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ରମେଶ ସ୍ୱାଇଁ ଓ ନରେଶ ରାଉତ ଉକ୍ତ ମ୍ୟାଚ୍‌କୁ ପରିଚାଳନା କରିଥିଲେ। ଅଶୋକ ଖଟୁଆ, ଶରତ ରାଉତ ଓ ତ୍ରିଲୋଚନ ପ୍ରଧାନ ଧାରବିବରଣୀ ପ୍ରଦାନ କରିଥିଲେ।

# ଫାଇନାଲରେ ପାଞ୍ଚଗାଁ ଟିମ୍



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ତିଗିରିଆ,୨୨।୧(ଜାଫର ଖାଁ)

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ତିଗିରିଆ ବ୍ଲକ ପାଞ୍ଚଗାଁ ମିନି ଷ୍ଟାଡିୟମଠାରେ ପାଞ୍ଚଗାଁ ଆଞ୍ଚଳିକ ଆସୋସିଏଶନ ଦ୍ୱାରା ଆୟୋଜିତ ଅକ୍ଷୟ ମଳିକ ଓ ସଦାଶିବ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ ଫୁଟବଲ କ୍ଲବକୁ ୩-୧ ଗୋଲରେ ପରାସ୍ତ କରି ଆୟୋଜକ ପାଞ୍ଚଗାଁ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ପାଞ୍ଚଗାଁ ଟିମ୍ ୩ ଗୋଲ ସ୍କୋର କରିଥିଲା। ଆଠଗଡ଼ ଟିମ୍ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲା। ପାଞ୍ଚଗାଁ ର ଦ୍ୱିତୀୟାର୍ଦ୍ଧର ୬ମିନିଟରେ ନଂ.୯ ଖେଳାଳୀ ଟାଇଗର ଖାଁ, ନଂ.୧୦ ଖେଳାଳୀ ସୋହେଲ ଖାଁ ୯ ମିନିଟରେ ଓ ୨୧ ମିନିଟରେ ନଂ.୮ ଖେଳାଳୀ ଦିପୁ ନାୟକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପରାଜିତ ଆଠଗଡର ନଂ.୧୦ ଖେଳାଳି ବିଷ୍ଣୁ ବାରିକ ଖେଳର ଅନ୍ତିମ ମୁହୂର୍ତ୍ତ ଏକ ମାତ୍ର ଗୋଲ ସ୍କୋର କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁବାସ ମୁଦୁଲି, ସମ୍ମାନିତ ଅତିଥି ସାମାଜିକ କର୍ମୀ ଦିଲୀପ କୁମାର ସାହୁ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚ୍‌କୁ ରେଫରୀ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅରୁଣ ନାୟକ, ସର୍ବେଶ୍ୱର ସେଠୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ବାଙ୍କୀ ଟିମ୍

ମାଣିଆବନ୍ଧ,୨୨।୧(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ମାଣିଆବନ୍ଧ କ୍ଲବ ଅଫ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୋମବାର ବାଙ୍କୀ ଓ ମାଣିଆବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୦୪ ରନ ସଂଗ୍ରହ କରିଥିଲା। ଜବାବରେ ମାଣିଆବନ୍ଧ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ବାଙ୍କୀ ଦଳ ପକ୍ଷରୁ ରାଜା ସାହୁ ୩୧ ବଲରେ ୮୭ ରନ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ୟୁକୋ ବ୍ୟାଙ୍କ ମ୍ୟାନେଜର ଉମାକାନ୍ତ ଜେନାଙ୍କଶଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୂର୍ଯ୍ୟମଣି ଦାସ ଓ ସୁବ୍ରତ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତାପ ପ୍ରଧାନ, ସଂଯୋଗ ସାମନ୍ତରାୟ, ସମ୍ପାଦକ ଶିବ ନାରାୟଣ ମିଶ୍ର, କୋଷାଧକ୍ଷ ପବିତ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ତ୍ରିମ୍ଫ ୟୁନିଭର୍ସିଟି ନିକଟରେ ଥିବା ରାମମନ୍ଦିରରେ ତ୍ରିମ୍ଫର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ଅନ୍ୟମାନେ।

# ସଂଗୃହୀତ ଅରୁଆ ଚାଉଳ, ଗୁଆ ସୁରକ୍ଷିତ



ଚାଉଳ ମହଜୁଦ କରି ଯାତ୍ରୀ ନିବାସରେ ରଖାଯାଇଛି।

କଟକ ସଦର,୨୨।୧(ସୁଶାନ୍ତ ଜେନା)

ଅର୍ପଣ ରଥ ପରିକ୍ରମାବେଳେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରୁ ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ସୁରକ୍ଷିତ ଅବସ୍ଥାରେ ପରମହଂସ ମନ୍ଦିର ଯାତ୍ରୀ ନିବାସରେ ରଖାଯାଇଛି। ଏହି ଚାଉଳକୁ ୩୦ କିଲୋ ଜରି ଅଖାରେ ଭର୍ତ୍ତି କରାଯାଇ ରଖାଯାଇଛି। ଆସନ୍ତା ୩୦ ତାରିଖରେ ଏହାକୁ ପୁରୀ ପଠାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ମାତ୍ର ଏହି ଚାଉଳ ବର୍ଷାରେ ନଷ୍ଟ ହେଉଥିବା ପ୍ରଚାର ଅମୂଳକ ବୋଲି ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ୧୭ ତାରିଖରେ ବ୍ଲକସ୍ତରୀୟ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପରମହଂସ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ସେହିଦିନ ସବୁ ପଞ୍ଚାୟତରୁ ସଂଗୃହୀତ ଚାଉଳ, ଗୁଆ ଏଠାକୁ ଅଣାଯାଇଥିଲା।

# ନୂଆପଡ଼ାରେ ପିଏମ୍ ବିଶ୍ୱକର୍ମା ସଚେତନତା, ଆଲୋଚନାଚକ୍ର

କଟକ,୨୨।୧(ଶିଳ୍ପା ପ୍ରିୟଦର୍ଶିନୀ)

ନୂଆପଡ଼ା ସରକାରୀ ବାଳିକା ବିଦ୍ୟାଳୟସ୍ଥିତ ଝଙ୍କାର ସାଂସ୍କୃତିକ ରଙ୍ଗମଞ୍ଚଠାରେ ବିଶ୍ୱକର୍ମା ଯୋଜନା ସମ୍ବନ୍ଧିତ ଏକ ସଚେତନତା ଏବଂ ଆଲୋଚନା ଚକ୍ର ନୂଆପଡା ଜିଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁଙ୍କ ଦ୍ୱାରା ସୋମବାର ଉଦଘାଟିତ ହୋଇଯାଇଛି। ଜିଲାରେ ବିଶ୍ୱକର୍ମା ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ବର୍ତ୍ତମାନର ସ୍ଥିତି ସମ୍ବନ୍ଧରେ ସୂଚନା ଦେଇ ଅଧିକରୁ ଅଧିକ କାରିଗର ଏଥିରେ ପଞ୍ଜୀକରଣ କରି ଯୋଜନାର ଲାଭ ଉଠାଇବା ପାଇଁ ମଧୁଛନ୍ଦା ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ କୁମାର ଶତପଥୀ, ନୂଆପଡ଼ା ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସମୀର ମୁଦୁଲି, ଜିଲା ଅଗ୍ରଣୀ ବ୍ୟାଙ୍କର ପରିଚାଳକ ସୀତାରାମ ମେହେର, ଜିଲା ସିଏସ୍‌ସି ପରିଚାଳକ ଯଜ୍ଞେଶ୍ୱର ବିଶ୍ୱାଳ ଯୋଗ ଦେଇଥିଲେ। ସଚେତନତା ଏବଂ ଆଲୋଚନା ଚକ୍ରକୁ ଭାରତ ସରକାରଙ୍କ କଟକସ୍ଥିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ଏବଂ ସୁବିଧା କାର୍ଯ୍ୟାଳୟ (ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ) ଦ୍ୱାରା ନୂଆପଡ଼ା ଜିଲା ଶିଳ୍ପ କେନ୍ଦ୍ର ସହଯୋଗରେ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମର ଉଦେଶ୍ୟ ହେଉଛି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୨୩ ସେପ୍ଟେମ୍ବର ୧୭ରେ ନୂତନ ଭାବେ ଆରମ୍ଭ କରାଯାଇଥିବା ବିଶ୍ୱକର୍ମା ଯୋଜନା ସମ୍ବନ୍ଧରେ ଜିଲାର ଆଶାୟୀ ଲାଭାର୍ଥୀ ବିଶ୍ୱକର୍ମା ଭଉଣୀଭାଇଙ୍କୁ ସଚେତନ ଓ ଆବେଦନ କରିବା ନେଇ ପ୍ରୋତ୍ସାହିତ କରିବା। ସେହିପରି ଏହି ଯୋଜନା କାର୍ଯ୍ୟକାରୀ କରିବାରେ ସମସ୍ତ ଅଂଶୀଦାର ସଂସ୍ଥାଙ୍କୁ ପ୍ରେରିତ କରିବା ଉଦ୍ଦେଶ୍ୟ ରହିଛି। କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲାର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ପ୍ରାୟ ୩୫୦ ଆଶାୟୀ ବିଶ୍ୱକର୍ମା ଭଉଣୀଭାଇ ଯୋଗଦେଇଥିଲେ। ଭାରତ ସରକାରଙ୍କ ଜନସେବା କେନ୍ଦ୍ର ଜିଲା ପରିଚାଳକଙ୍କ ଦ୍ୱାରା ୩ଟି ପଞ୍ଜୀକରଣ ଷ୍ଟଲ କରାଯାଇଥିଲା। ସେଥିରେ ଆଶାୟୀ ହିତାଧିକାରୀମାନେ ପଞ୍ଜୀକରଣ କରି ଯୋଜନାରେ ଆବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ କାର୍ଯ୍ୟାଳୟ କଟକର ସହନିର୍ଦ୍ଦେଶକ ଦୁର୍ଗାଚରଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଭାରତ ସରକାରଙ୍କ ଦ୍ୱାରା ନିୟୋଜିତ ଜିଲାର ପାରଙ୍ଗମ ବିଶେଷଜ୍ଞ ତୁଳାଶ ପଟେଲ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ କଟକର ସହନିର୍ଦ୍ଦେଶକ ଅଭିମନ୍ୟୁ ମୋଦି ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ତଥା ଅଧିକାରୀମାନେ।

## ସଂକ୍ଷେପରେ

### ଚାଇନାରେ ଭୂକମ୍ପ, ଉତ୍ତର ଭାରତରେ ଝଟକା

ନୂଆଦିଲ୍ଲୀ,୨୨।୧

ଚାଇନାର ଜିନ୍‌ଜିଆଙ୍ଗ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ୭.୨ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହାର ଝଟକା ଦିଲ୍ଲୀ ରାଜଧାନୀ ଅଞ୍ଚଳ ସମେତ ଉତ୍ତର ଭାରତରେ ଅନୁଭୂତ ହୋଇଛି। ଜିନ୍‌ଜିଆଙ୍ଗର ଦକ୍ଷିଣ ଭାଗରେ ୮୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଏନ୍‌ସିଏସ୍ ପକ୍ଷରୁ କୁହାଯାଇଛି। ଏହା କିଛି ସମୟ ପୂର୍ବରୁ ଜିନ୍‌ଜିଆଙ୍ଗରେ ୫.୧ ତୀବ୍ରତାର ଅନ୍ୟ ଏକ ଭୂକମ୍ପ ଅନୁଭୂତ ହୋଇଥିଲା।

### ହେମନ୍ତଙ୍କୁ ପୁଣି ଥରେ ଇଡିର ସମନ



ରାଞ୍ଚୀ, ୨୨।୧ (ପିଟି)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ପୁଣି ଥରେ ସମନ କରିଛନ୍ତି। ଅର୍ଥ ହେରଫେର୍ ମାମଲାରେ ଆସନ୍ତା ୨୭ରୁ ୩୧ ତାରିଖ ମଧ୍ୟରେ ରାଞ୍ଚିସ୍ଥିତ ନିର୍ଦ୍ଦେଶାଳୟର ଅଫିସ୍‌ରେ ହାଜର ହୋଇ ବୟାନ ରେକର୍ଡ କରାଇବାକୁ ତାଙ୍କୁ କୁହାଯାଇଛି। ଗତ ଜାନୁୟାରୀ ୨୦ରେ ପ୍ରଥମ ଥର ପାଇଁ ସୋରେନଙ୍କ ବାସଭବନକୁ ଯାଇ ଇଡି ଅଧିକାରୀମାନେ ତାଙ୍କ ବୟାନ ରେକର୍ଡ କରିଥିଲେ। ପ୍ରିଭେନଶନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ) ବଳରେ ତାଙ୍କୁ ୭ ଘଣ୍ଟା ଜେରା କରାଯାଇଥିଲା।

### ବିକ୍ରମ ଲ୍ୟାଣ୍ଡର ସହ ଯୋଗାଯୋଗ କଲା ନାସା



ନୂଆଦିଲ୍ଲୀ, ୨୨।୧ (ପିଟି)

ଆମେରିକୀୟ ମହାକାଶ ସଂସ୍ଥା(ନାସା) ଦ୍ୱାରା ପ୍ରେରିତ ମହାକାଶ ଯାନ ଚନ୍ଦ୍ରପୃଷ୍ଠରେ ଭାରତର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ କରିପାରିଛି। ଚନ୍ଦ୍ରର କକ୍ଷପଥରେ ଥିବା ଏହି ମହାକାଶ ଯାନର ଏକ ଲେଜର ଯନ୍ତ୍ର ସଫଳତାର ସହ ଭାରତୀୟ ଲ୍ୟାଣ୍ଡରକୁ ସଂକେତ ପଠାଇଛି। ଏହି ଲେଜର ଯନ୍ତ୍ର ଦ୍ୱାରା ପ୍ରତିଫଳିତ ସିଗ୍‌ନାଲ ବିକ୍ରମକୁ ଚିହ୍ନଟ କରିଛି। ଲେଜର ରଶ୍ମି ଚନ୍ଦ୍ର ଅନୁସନ୍ଧାନ କକ୍ଷପଥରେ ପ୍ରତିଫଳିତ ହେଉଥିବା ବେଳେ ଦକ୍ଷିଣ ମେରୁରେ ବିକ୍ରମ ଲ୍ୟାଣ୍ଡରର ଏକ ଛୋଟ ଉପକରଣ ସହ ସମ୍ପର୍କ ସ୍ଥାପନ କରିଥିଲା। ଏହି ସମୟରେ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ର ଅନୁସନ୍ଧାନ କକ୍ଷପଥଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ଜଣାପଡ଼ିଛି।



ସାଧାରଣତନ୍ତ୍ର ଉତ୍ସବ ପରେଡ୍‌ରେ ସ୍ଥାନ ପାଇବାକୁ ଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ର ନୃତ୍ୟଶିଳ୍ପୀମାନେ ସୋମବାର ନୂଆଦିଲ୍ଲୀର ରଙ୍ଗଶାଳା କ୍ୟାଣ୍ଟନମେଣ୍ଟଠାରେ ନୃତ୍ୟ କୌଶଳ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ୧ କୋଟି ଘରକୁ ସୋଲାର ପ୍ୟାନେଲ୍

## ଅଯୋଧ୍ୟାରୁ ଫେରି ମୋଦିଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ,୨୨।୧

‘ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା’ରେ ଦେଶବ୍ୟାପୀ ୧ କୋଟି ଘରେ ସୋଲାର ପ୍ୟାନେଲ ଲଗାଯିବ। ସୋମବାର ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପରେ ନୂଆଦିଲ୍ଲୀ ଫେରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବଡ଼ ଘୋଷଣା କରିଛନ୍ତି। ଏନେଇ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷତା କରିବା ସହ ଘରଗୁଡ଼ିକରେ ଲଗାଯିବାକୁ ଥିବା ସୋଲାର ପ୍ୟାନେଲ୍‌ର ସମୀକ୍ଷା କରୁଥିବାର ଫଟୋ ସୋସିଆଲ ମିଡିଆ ଏକ୍ସରେ ଶେୟାର କରିଛନ୍ତି। ସୂର୍ଯ୍ୟବଂଶୀ ଭଗବାନ ରାମଙ୍କ ଆଲୋକରେ ବିଶ୍ୱର ସବୁ ଭକ୍ତ ଶକ୍ତି ପାଇଥାନ୍ତି। ଅଯୋଧ୍ୟାର ପବିତ୍ର ପ୍ରାଣପ୍ରତିଷ୍ଠା ଉତ୍ସବ ଅବସରରେ ଦେଶବାସୀଙ୍କ ଘର ଛାତରେ ନିଜସ୍ୱ ସୋଲାର ରୁଫ୍‌ଟପ୍ ସିଷ୍ଟମ



ଲଗାଇବା ପାଇଁ ତାଙ୍କ ପ୍ରତିଜ୍ଞା ଅଧିକ ଦୃଢ଼ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ୧ କୋଟି ଘରେ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବା ଲକ୍ଷ୍ୟ ନେଇ ତାଙ୍କ ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟୋଦୟ ଯୋଜନା କାର୍ଯ୍ୟକାରୀ କରିବେ। ଏହାଦ୍ୱାରା କେବଳ ଗରିବ ଓ ମଧ୍ୟବିତ୍ତ ପରିବାରର ବିଦ୍ୟୁତ୍ ବିଲ୍ ହ୍ରାସ ପାଇବ ତାହା ନୁହେଁ, ବରଂ ଶକ୍ତି କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବ ବୋଲି ମୋଦି କହିଛନ୍ତି।

# ଆତ୍ମସମର୍ପଣ କଲେ ୧୧ ବଳାତ୍କାରୀ

ଗୋଧ୍ରା,୨୨।୧(ପି.ଟି.)

### ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲା

ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାର ସମସ୍ତ ୧୧ ଦୋଷୀ ରବିବାର ରାତିରେ ଗୁଜରାଟ ପଞ୍ଚମହଲ ଜିଲାର ଗୋଧ୍ରା ସବ୍‌ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ପାଇଁ ସମୟ ବଢ଼ାଇବା ନିମନ୍ତେ ସେମାନଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ସହ ରବିବାର ସୁଦ୍ଧା ଆତ୍ମସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ଅଗଷ୍ଟ ୧୫ରେ ଗୁଜରାଟ ସରକାର ଅପରାଧୀମାନଙ୍କୁ କ୍ଷମା ଦେଇ ମିଆଦ ପୂରିବା ପୂର୍ବରୁ ଜେଲରୁ ମୁକ୍ତ କରିଦେଇଥିଲେ। ଗତ ୮ ତାରିଖରେ ସର୍ବୋଚ୍ଚ ଅଦାଲତ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଖାରଜ କରିଦେଇ ଅପରାଧୀମାନଙ୍କୁ ଜେଲ ଫେରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅପରାଧୀମାନେ ହେଲେ ବକାଭାଇ ଭୋହାନିଆ, ବିପିନ ଚନ୍ଦ୍ର ଜୋଷୀ, କେସରଭାଇ ଭୋହନିଆ,



ଗୋବିନ୍ଦ ନାଇ, ଯଶୱନ୍ତ ନାଇ, ମିତେଶ ଭଟ୍ଟ, ପ୍ରଦୀପ ମୋର୍ଧିଆ, ରାଧେଶ୍ୟାମ ଶାହ, ରାଜୁଭାଇ ସୋନି, ରମେଶ ଚନ୍ଦନ ଏବଂ ଶୈଳେଶ ଭଟ୍ଟ। ୨୦୦୨ ଗୋଧ୍ରା ସାମ୍ପ୍ରଦାୟିକ ଦଙ୍ଗା ବେଳେ ୫ ମାସର ଗର୍ଭବତୀ ଥିବା ୨୧ ବର୍ଷୀୟା ବିଲ୍‌କିସ୍‌ଙ୍କୁ ଅପରାଧୀମାନେ ଗଣବଳାତ୍କାର କରିବା ସହ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରିଥିଲେ। ଅପରାଧୀମାନେ ବିଲ୍‌କିସ୍‌ଙ୍କ ୩ ବର୍ଷର ଝିଅକୁ ମଧ୍ୟ ଛାଡ଼ି ନ ଥିଲେ। ଏହି ମାମଲାରେ ଅପରାଧୀମାନେ ଗୋଧ୍ରା ସବ୍‌ଜେଲରେ ଆଜୀବନ ଜେଲଦଣ୍ଡ ଭୋଗୁଥିବାବେଳେ ଗୁଜରାଟ ସରକାର ବେଆଇନ ଭାବେ ସେମାନଙ୍କ କ୍ଷମା ଆବେଦନକୁ ବିଚାର କରି ୨୦୨୨ ଅଗଷ୍ଟ ୧୫ରେ ସେମାନଙ୍କୁ ମୁକ୍ତ କରିଦେଇଥିଲେ।

# ସର୍ବଧର୍ମ ସଦ୍‌ଭାବନା ଯାତ୍ରାରେ ମମତା



କୋଲକାତା,୨୨।୧

ଅଯୋଧ୍ୟାରେ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ସୋମବାର ପାଳନ ହେଉଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉକ୍ତ ଉତ୍ସବରୁ ନିଜକୁ ଦୂରେଇ ରଖିବା ସହ କୋଲକାତାରେ ସର୍ବଧର୍ମ ସଦ୍‌ଭାବନା ଯାତ୍ରା ଆରମ୍ଭ କରିଛନ୍ତି। ସେ କାଳୀଘାଟ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ରାଲି ଆରମ୍ଭ କରିଥିଲେ। ହାଜରା ମୋରେଠାରୁ ଆରମ୍ଭ ହୋଇଥିବା ଏହି ‘ସଂହତି ଶୋଭାଯାତ୍ରା’ରେ ଟିଏମ୍‌ସି ଅଧ୍ୟକ୍ଷାଙ୍କ ସହ ବିଭିନ୍ନ ଧର୍ମର ନେତା ଓ ଦଳୀୟ ନେତାମାନେ ସାମିଲ ହୋଇଥିଲେ। ଉକ୍ତ ଯାତ୍ରା ଅବସରରେ ମମତା ବିଭିନ୍ନ ମସ୍‌ଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାରା ପରିଦର୍ଶନ କରିଥିଲେ। ପାର୍କ ସର୍କସ ମୈଦାନରେ ଏକ ସଭା ସହ ସଦ୍‌ଭାବନା ଯାତ୍ରା ସମ୍ପୂର୍ଣ୍ଣ ହୋଇଥିଲା। ସୂଚନାଯୋଗ୍ୟ, ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଲୋକ ସଭା ପୂର୍ବରୁ ଭାଜପାର ଏକ ନାଟକବାଜି କହି ମମତା ପୂର୍ବରୁ ସମାଲୋଚନା କରିଥିଲେ।

# ଶିନ୍ଦେ ଗୋଷ୍ଠୀକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୧(ପି.ଟି.)

### ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ ଉଦ୍ଧବ ଗୋଷ୍ଠୀ

୨୦୨୨ ଜୁନ୍‌ରେ ଶିବସେନା ବିଭାଜିତ ହେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀକୁ ବିଧାନସଭା ବାଚସ୍ପତି ରାହୁଲ ନରୱେକର ପ୍ରକୃତ ରାଜନୈତିକ ଦଳ ଘୋଷଣା କରିଥିଲେ। ଉଦ୍ଧବ ଠାକରେ ଗୋଷ୍ଠୀ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ସୋମବାର ଏକନାଥ ଓ ତାଙ୍କ ବିଧାୟକମାନଙ୍କୁ ଏନେଇ ଜବାବ ମାଗିଛନ୍ତି। ୨ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ଜେ.ବି. ପର୍‌ଡିୱାଲାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ଧବ ଗୋଷ୍ଠୀ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ ସିଙ୍ଘଭି କୋର୍ଟରେ ଯୁକ୍ତି ବାଢ଼ିଥିଲେ। ବମ୍ବେ ହାଇକୋର୍ଟ ପିଟିଶନ୍ ଶୁଣାଣି କରିପାରିବେ ବୋଲି ଖଣ୍ଡପୀଠ କହିଥିବାବେଳେ ବରିଷ୍ଠ ଉଦ୍ଧବଙ୍କ ଗୋଷ୍ଠୀର ଆଇନଜୀବୀମାନେ



ଏକନାଥ ଶିନ୍ଦେ

ଏହାକୁ ବିରୋଧ କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ବାଚସ୍ପତି ନିଷ୍ପତ୍ତି ନେଇଥିଲେ। ତେଣୁ ହାଇକୋର୍ଟକୁ ଗଲେ ଶୁଣାଣି ବିଳମ୍ବ ହେବ ବୋଲି ସିବଲ କହିଥିଲେ।

# ଚାଇନାରେ ଭୂସ୍ଖଳନ: ୯ ମୃତ

ବେଜିଂ, ୨୨।୧

ଦକ୍ଷିଣ ପଶ୍ଚିମ ଚାଇନାର ୟୁହାନ୍ ପ୍ରଦେଶରେ ଭୂସ୍ଖଳନ ଘଟି ୯ ମୃତ। ୟୁହାନର ଉପାନ୍ତ ପାହାଡ଼ିଆ ଅଞ୍ଚଳରେ ଘଟିଥିବା ଏହି ଭୂସ୍ଖଳନରେ ୧୮ଟି ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ, ଉଦ୍ଧାରକାରୀ ଦଳ ବର୍ତ୍ତମାନ ସୁଦ୍ଧା ୯ଟି ମୃତଦେହକୁ ଉଦ୍ଧାର କରିଛନ୍ତି। ଆହୁରି ୪୭ ଜଣ ବ୍ୟକ୍ତି ଏବେ ମଧ୍ୟ ମାଟିତଳେ ଫସି ରହିଥିବା ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ଏହି ଭୂସ୍ଖଳନ ଘଟିବା ପରେ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଜରୁରିକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟକୁ ତ୍ୱରାନିତ କରିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଘଟଣାସ୍ଥଳରେ ୩୦୦ ଜଣ ଉଦ୍ଧାରକାରୀ କର୍ମଚାରୀ ଓ ଅତ୍ୟାଧୁନିକ ଯନ୍ତ୍ରପାତି ସହ ଅଗ୍ନିଶମ ବାହିନୀ ନିୟୋଜିତ କରାଯାଇ ୫୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଯେ ୟୁହାନରେ ଥିବା ଉପାନ୍ତ ପାହାଡ଼ିଆ ଅଞ୍ଚଳରେ ଲଗାତାର ଭାବେ ଭୂସ୍ଖଳନ ଘଟିଥାଏ।

# ମୋ ମନ୍ଦିର ଯିବା କ’ଣ ମୋଦି ସ୍ଥିର କରିବେ: ରାହୁଲ



ମନ୍ଦିରରେ ପ୍ରବେଶ କରାଇ ନ ଦେବା ପରେ ସମର୍ଥକଙ୍କ ସହ ଧାରଣାରେ ବସିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ନଗାଁଓ(ଆସାମ), ୨୨।୧ (ପିଟି)

ଆସାମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ‘ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା’ ଚାଲିଥିବାବେଳେ ସୋମବାର ହେବୋରାଗାଁଓଠାରେ ହାଇଡ୍ରାମା ଦେଖିବାକୁ ମିଳିଛି। ବୋରଦୁଆସ୍ଥିତ ଶ୍ରୀଶ୍ରୀ ଶଙ୍କରଦେବ ମନ୍ଦିରରେ ପ୍ରବେଶ କରିବାକୁ ତାଙ୍କୁ ବାରଣ କରିଥିଲେ ସ୍ଥାନୀୟ ଅଧିକାରୀ। ଶଙ୍କର ଦେବ ମନ୍ଦିରରେ ସମର୍ଥକଙ୍କ ସହ ପୂଜାର୍ଚ୍ଚନା କରିବାକୁ ସ୍ଥିର କରିଥିଲେ ରାହୁଲ। କିନ୍ତୁ ମନ୍ଦିରଠାରୁ ୨୦ କି.ମି. ଦୂର ହେବୋରାଗାଁଓରେ ପୋଲିସ ରାହୁଲଙ୍କୁ ଅଟକାଇବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା। କଂଗ୍ରେସ ନେତ୍ରୀମାନେ ଧାରଣାରେ ବସି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ରାହୁଲ କ’ଣ ପାଇଁ ତାଙ୍କୁ ମନ୍ଦିରରେ ପୂରାଇ ଦିଆଯାଉନାହିଁ ବୋଲି ପୋଲିସକୁ ପ୍ରଶ୍ନ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ। ଅପରାହ୍ନ ୩ଟାରେ ହିଁ ମନ୍ଦିର ମଧ୍ୟରେ ପ୍ରବେଶ ନେଇ ସ୍ଥାନୀୟ ଅଧିକାରୀ ଦେଇଥିବା ସୂଚନାକୁ ସମାଲୋଚନା କରିବା ସହ କିଏ କେତେବେଳେ ମନ୍ଦିରକୁ ଯିବ ସେ ନିଷ୍ପତ୍ତି କ’ଣ ପ୍ରଧାନମନ୍ତ୍ରୀ ନେବେ କି କହି ବର୍ଷିଛନ୍ତି ରାହୁଲ। ଯେଉଁଠି ମନ୍ଦିରରେ ପୂଜାର୍ଚ୍ଚନା କରିବାର ସମୟ ସରକାର ନିର୍ଦ୍ଧାରଣ କରନ୍ତି, ସେଠାରେ କୌଣସି ଗଣତନ୍ତ୍ର ନାହିଁ ବୋଲସି ଉଭୟ ରାଜ୍ୟ ଓ କେନ୍ଦ୍ରର ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି।

# ଆମିଷ ଭୋଜନ: ବାର୍ଷିକ ୧୦୦ ବିଲିୟନ ଜୀବଜନ୍ତୁ ହତ୍ୟା

ୱାଶିଂଟନ, ୨୨।୧

### ବିଶ୍ୱରେ ପ୍ରତି ମିନିଟ୍‌ରେ ୧ ଲକ୍ଷରୁ ଊର୍ଦ୍ଧ୍ୱ କୁକୁଡ଼ା ଖାଉଛନ୍ତି ଲୋକେ

ମଣିଷର ଖାଦ୍ୟ ପାଇଁ ବାର୍ଷିକ ପ୍ରାୟ ୧୦୦ ବିଲିୟନ ଜୀବଜନ୍ତୁଙ୍କର ହତ୍ୟା ହେଉଛି। ‘ଦ ଇକୋନୋମିଷ୍ଟ’ ଦ୍ୱାରା ପ୍ରକାଶ ପାଇଥିବା ଏକ ରିପୋର୍ଟରୁ ଏଭଳି ଆଶ୍ଚର୍ଯ୍ୟଜନକ ତଥ୍ୟ ସାମନାକୁ ଆସିଛି। ଚାଇନାରେ ମାଂସର ସର୍ବାଧିକ ଚାହିଦା ରହିଥିବା ଦର୍ଶାଇଛି ଏହି ରିପୋର୍ଟ। ସେପଟେ ସମଗ୍ର ବିଶ୍ୱରେ କୁକୁଡ଼ା ମାଂସର ଚାହିଦା ସର୍ବାଧିକ ରହିଛି। ପ୍ରତିଦିନ ୨୦୫ ମିଲିୟନ କୁକୁଡ଼ାଙ୍କୁ ସମଗ୍ର ବିଶ୍ୱରେ ହତ୍ୟା କରାଯାଉଥିବା ବେଳେ ପ୍ରତି ମିନିଟରେ ୧ ଲକ୍ଷ ୪୦ ହଜାର କୁକୁଡ଼ାଙ୍କୁ ହତ୍ୟା କରାଯାଉଛି। ସେପଟେ ଭାରତରେ ମାଂସ ଖାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଉଥିବା ପ୍ରକାଶ କରିଛି ଏହି ରିପୋର୍ଟ । ଭାରତର ୭୦ ପ୍ରତିଶତ ଜନସଂଖ୍ୟା ମାଂସାହାରୀ ହୋଇଥିବା ସତ୍ତ୍ୱେ ସମଗ୍ର ବିଶ୍ୱରେ ବିକ୍ରି



ହେଉଥିବା ମାଂସ ଠାରୁ ଭାରତରେ ବିକ୍ରୀ ହେଉଥିବା ମାଂସ ନଗଣ୍ୟ ରହିଥିବା କହିଛି ଏହି ରିପୋର୍ଟ। ସେପଟେ ଭାରତରେ ମାଂସ ଖାଉଥିବା ବ୍ୟକ୍ତିଙ୍କର ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ଗତ ୫ ଦଶନ୍ଧି ଧରି ଭାରତରେ ଶାକାହାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି।

# ଟ୍ରମ୍ପଙ୍କ ବାଟ ସଫା ହେଉଛି

## ଏବେ ନିକ୍କି ହାଲି ଏକମାତ୍ର ରିପବ୍ଲିକାନ୍ ଚ୍ୟାଲେଞ୍ଜର

ୱାଶିଂଟନ/ମାଞ୍ଚେଷ୍ଟର,୨୨।୧(ପି.ଟି.)

ଭାରତରେ ସାଧାରଣ ନିର୍ବାଚନର ରାଜନୈତିକ ତାତିଠୁ ବଳିଗଲାଣି ଆମେରିକା ରାଷ୍ଟ୍ରପତି ଭୋଟ୍‌ର ଉଷ୍ମତା। ଆସନ୍ତା ନଭେମ୍ବରରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରର ସର୍ବୋଚ୍ଚ ନେତା କିଏ ହେବେ, ତାକୁ ନେଇ ୱାଶିଂଟନ୍ ଚଳଚଞ୍ଚଳ। ରାଷ୍ଟ୍ରପତି ଜୋ ବାଇଡେନ୍ ଶାସକ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ। ସେପଟେ ଅନେକ ସଙ୍ଗିନ ମାମଲାରେ ଅଭିଯୁକ୍ତ ହୋଇଥିବାରୁ ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରାର୍ଥିତ୍ୱକୁ ନେଇ ଆମେରିକୀୟଙ୍କ ମନରେ ଦ୍ୱନ୍ଦ୍ୱ ଥିଲା। କିନ୍ତୁ ଅଭିଜ୍ଞ ଟ୍ରମ୍ପ ଭାରତୀୟ ବଂଶୋଦ୍ଭବ ବିବେକ ରାମାସ୍ୱାମୀ ଓ ଫ୍ଲୋରିଡା ଗଭର୍ନର ରୋନ୍ ଡିସାଣ୍ଟିସ୍‌ଙ୍କୁ ହରାଇ ଦଳୀୟ ପ୍ରାର୍ଥୀ ହେବା ଦିଗରେ ଦୁଇପାଦ ଆଗେଇଛନ୍ତି। ଏବେ ଟ୍ରମ୍ପଙ୍କ ସାମ୍ନାରେ ଜଣେ ମାତ୍ର ଚ୍ୟାଲେଞ୍ଜର ଭାରତୀୟ ବଂଶୋଦ୍ଭବ ନିକ୍କି ହାଲି ଅବତୀର୍ଣ୍ଣ। ତାଙ୍କୁ ହଟାଇପାରିଲେ ଟ୍ରମ୍ପଙ୍କ ହ୍ୱାଇଟ୍ ହାଉସ୍



### ରିପବ୍ଲିକାନ୍ ପ୍ରାଇମେରିରୁ ଓହରିଲେ ଡିସାଣ୍ଟିସ୍

ଦୌଡ଼ରେ ଅସୁବିଧା ହେବ ନାହିଁ।

ଆମେରିକା ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ରିପବ୍ଲିକାନ୍ ହେବା ପାଇଁ ପ୍ରାଇମେରି ଦୌଡ଼ରୁ ଫ୍ଲୋରିଡା ଗଭର୍ନର ରୋନ୍ ଡିସାଣ୍ଟିସ୍ ଓହରିଯାଇଛନ୍ତି। ସେ ଟ୍ରମ୍ପଙ୍କୁ ଦଳର ପ୍ରାର୍ଥୀ ଭାବେ ସମର୍ଥନ ଜଣାଇଛନ୍ତି। ଆଇଓ୍ୱାରେ ଅନୁଷ୍ଠିତ



ରିପବ୍ଲିକାନ୍ ଆଶାୟୀ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ନ୍ୟୁହାମ୍ପାୟରରେ ପ୍ରଚାର ରାଲିର ଆୟୋଜନ କରିଛନ୍ତି।



ରିପବ୍ଲିକାନ୍ ପାର୍ଟିର ଅନ୍ୟତମ ଆଶାୟୀ ନିକ୍କି ହାଲି ନିଜ ନ୍ୟୁହାମ୍ପାୟର କ୍ୟାମ୍ପେନିଂ ବେଳେ ସମର୍ଥକମାନଙ୍କୁ ଭେଟୁଛନ୍ତି।

ଦଳୀୟ କୌକସ୍‌ରେ ୨୧% ସମର୍ଥନ ସହ ଡିସାଣ୍ଟିସ୍ ଦ୍ୱିତୀୟ ସ୍ଥାନରେ ଥିଲେ। ତେବେ ଅଧିକାଂଶ ରିପବ୍ଲିକାନ୍ ପ୍ରାଇମେରି ଭୋଟର ଟ୍ରମ୍ପଙ୍କୁ ଆଉ ଏକ ସୁଯୋଗ ଦେବା ଚାହୁଁଥିବା ସ୍ପଷ୍ଟ ହୋଇଥିବାରୁ ଡିସାଣ୍ଟିସ୍ ପ୍ରାର୍ଥିତ୍ୱ ଦୌଡ଼ରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ବିଜୟ ମାର୍ଗ ସ୍ପଷ୍ଟ ନ ଥିବାରୁ ସମର୍ଥକମାନଙ୍କୁ ସମୟ ଦେବା ଓ ଅର୍ଥ ଦାନ କରିବାକୁ କହିପାରିବେ ନାହିଁ ବୋଲି ସେ କହିଥିଲେ।

ପୂର୍ବରୁ ରାମସ୍ୱାମୀ ଦୌଡ଼ରୁ ଓହରିଯାଇଥିବାବେଳେ ଏବେ ନିକ୍କି ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ନ୍ୟୁହାମ୍ପାୟର ଭୋଟର ପୂର୍ବତନ ରାଷ୍ଟ୍ରପତିଙ୍କୁ ହ୍ୱାଇଟ୍ ହାଉସ୍‌ରୁ ଦୂରେଇ ରଖିବେ ବୋଲି ଆଶା କରିଛନ୍ତି। ଫ୍ରାଙ୍କଲିନ୍‌ର ଏକ ଭିଏଫ୍‌ଡବ୍ଲ୍ୟୁ ହଲ୍‌ରେ ନିକ୍କି ଏକ କ୍ୟାମ୍ପେନିଂ ରାଲିରେ କହିଛନ୍ତି, ଆମେରିକା ଅବତାରୀମାନଙ୍କୁ ସୃଷ୍ଟି କରେ ନାହିଁ। ଆମ ମନରେ ଭିନ୍ନ ଯୋଜନା ରହିଛି, ଏକଥା ଗଣମାଧ୍ୟମ ଗୋଷ୍ଠୀ ଓ ରାଜନୈତିକ ଗୋଷ୍ଠୀଙ୍କୁ ଜଣାଇଦେବା। ଏ ଦେଶ କ’ଣ କରିପାରିବ ତାହା ମଧ୍ୟ ଆମେ ଦେଖାଇଦେବା ବୋଲି ସାଉଥ୍ କ୍ୟାରୋଲିନା ପୂର୍ବତନ ଗଭର୍ନର ନିକ୍କି କହିଥିଲେ।




୨୨।୦୧।୨୦୨୪

| | |
|---|---|
| ୫,୩୧, ୨୨୨ ଟଙ୍କା | |
| ସୁନା | ୧୫୦ ମି.ଗ୍ରା |
| ରୁପା | ୧୯.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ, ରସୁଲଗଡ଼ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୫ତମ ଜୟନ୍ତୀ, ବୀର ସୁରେନ୍ଦ୍ରସାଏ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୬୦ତମ ଶ୍ରାଦ୍ଧୋତ୍ସବ, ଏଜିଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳି, ସକାଳ ୯ଟା।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଶାଶ୍ୱତ ସୃଜନୀର ସାରସ୍ୱତ ଆସର ଗଳ୍ପ ଓ କବିତା ପାଠୋତ୍ସବ, ଶହୀଦ ନଗରସ୍ଥିତ ଓଡ଼ିଶା ଭେଟେରିନାରୀ କାଉନସିଲ୍ ସଭାଗୃହ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବିକାଶ ମହାମଞ୍ଚର ପ୍ରଥମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସମ୍ମିଳନୀ, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଜାତୀୟସ୍ତରୀୟ କର୍ମଶାଳା, ବିଜେବି କଲେଜ, ମଧ୍ୟାହ୍ନ ୧୨ଟା।
- ଅଜିତ୍ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ୨୭ତମ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ରୁଦ୍ରାଭିଷେକ, ଇଚୁଆର ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, କୁଶଗାଡିଆ ମଠ ପରିସର, ପୂର୍ବାହ୍ନ ୧୦ଟା।

କଟକ
- ବ୍ଲଡ୍ ଡୋନର୍ସ କାଉନ୍‌ସିଲ ପକ୍ଷରୁ ବିଶାଳ ସ୍ୱେଚ୍ଛା ରକ୍ତଦାନ ଶିବିର, ନେତାଜୀ ସେବା ସଦନ, ଓଡ଼ିଆବଜାର, ସକାଳ ୯ଟା।
- ମା' ସରସ୍ୱତୀ ଶିକ୍ଷାମନ୍ଦିରରେ ବିଜ୍ଞାନମେଳା, ହାତୀପୋଖରୀ, ସକାଳ ୯ଟା।
- ଦି ଲ' କଲେଜ ପୁରୁଣା ଛାତ୍ରସଂଘର ପ୍ରତିଷ୍ଠା ଦିବସ ଓ ନେତାଜୀ ଜୟନ୍ତୀ ସମାରୋହ, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ୧୨୭ତମ ନେତାଜୀ ଜୟନ୍ତୀ ସମାରୋହ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ଓଡ଼ିଆବଜାର, ପୂର୍ବାହ୍ନ ୧୦ଟା ୩୦।

ଚିଗିରିଆ
- ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ବର୍ଷ ୨୦୨୩/୨୦୨୪ର ସାଧାରଣ ସଭା, ସମିତି ପରିସର, ଅପରାହ୍ନ ୨ଟା।

ବଡ଼ମ୍ବା
- ରାଜା କୃଷ୍ଣଚନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ, କଚେରି ସନ୍ନିକଟ କଲେଜ ପଡ଼ିଆ, ଅପରାହ୍ନ ୩ ଟା।

# ଭକ୍ତଙ୍କୁ ଭଲ ଆଚରଣ ଦେଖାଇବେ ସେବାୟତ, କର୍ମଚାରୀ

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି

ପୁରୀ, ୨୨।୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ସଂସ୍କାର ପାଇଁ ପ୍ରଶାସନ ପୁଣି ଏକ ନୂତନ ପଦକ୍ଷେପ ନେବାକୁ ଯାଉଛି। ପୂର୍ବରୁ ଶ୍ରୀମନ୍ଦିର ପରିସରକୁ ମୋବାଇଲ ଫୋନ ନେବା, ସେବାୟତ, କର୍ମଚାରୀ ଓ ଭକ୍ତ ପାନ, ଗୁଟ୍‌ଖା ଆଦି ସେବନ କରିବା, ପଲିଥିନ, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଶ୍ରୀମନ୍ଦିର ପ୍ରଶାସନ କଟକଣା ଜାରି କରିଥିଲା। ସେହିପରି ଭକ୍ତମାନେ ଶୃଙ୍ଖଳିତ ପୋଷାକ ପରିଧାନ କରିବା ନେଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିଲା। ଏବେ ଆଉ ଏକ ନୂତନ ନିୟମ ଲାଗୁ ହେବାକୁ ଯାଉଛି। ସେବାୟତମାନଙ୍କ ଆଚରଣ ଓ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀ ଏଣିକି ଭଲ ବ୍ୟବହାର, ଭଲ ଆଚରଣ ଦେଖାଇବାକୁ ନିର୍ଦ୍ଦେଶ ଦିଆଯାଇଛି।



ବିଜ୍ଞପ୍ତିରେ ଉଲ୍ଲେଖ ହୋଇଛି ଯେ, ଶଙ୍ଖକ୍ଷେତ୍ର ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଆସୁଥିବା ଅଗଣିତ ଭକ୍ତମାନେ ଏକ ଦିବ୍ୟ ଓ ଆଧ୍ୟାତ୍ମିକ ଅନୁଭୂତି ନେଇ ଫେରନ୍ତୁ ଏବଂ ଏ ସ୍ଥାନର ମହନୀୟତା, ଆତିଥେୟତା ତଥା ସୁବ୍ୟବସ୍ଥା ସଂକ୍ରାନ୍ତରେ ବିଶ୍ୱକୁ ଅବଗତ କରାନ୍ତୁ। ଏଥିପାଇଁ ଆଉ ଏକ ବଡ଼ ଆହ୍ୱାନ ହେଲା ଆଚରଣ ଓ ଉଚ୍ଚାରଣ। ଭକ୍ତଙ୍କୁ ଯେପରି କୌଣସି ସ୍ତରରେ କୌଣସି ଦୁର୍ବ୍ୟବହାର ପ୍ରଦର୍ଶନ ନ ହୁଏ ସେ ସଂକ୍ରାନ୍ତରେ ଆମକୁ ଅଧିକ ସଚେତନ ହେବାର ଆବଶ୍ୟକତା ଅନୁଭୂତ ହେଉଛି। ଭକ୍ତମାନେ ମହାପ୍ରଭୁଙ୍କ ଅତିଥି ଓ ତାଙ୍କର ଅନ୍ତରଙ୍ଗ ଦର୍ଶନାଭିଳାଷ ନେଇ ଆସିଥାନ୍ତି। ସେମାନଙ୍କର ଅସମ୍ମାନ ମହାପ୍ରଭୁଙ୍କ ଅସମ୍ମାନ ସହ ସମାନ। ତେଣୁ ଏଦିଗରେ ସମସ୍ତ କର୍ମଚାରୀ ଏବଂ ସେବକଗଣ ଯତ୍ନବାନ ହେଲେ ଭକ୍ତମାନଙ୍କ ଶ୍ରଦ୍ଧା ଓ ସମ୍ମାନ ଭାଜନ ହେବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ ହେବେ। ଭାରତୀୟ ସଂସ୍କୃତିରେ 'ଅତିଥି ଦେବୋ ଭବଃ'ର ଯେଉଁ ଅମୃତ ଉଚ୍ଚାରଣ ଯୁଗେଯୁଗେ ଅନୁରଣିତ ହୋଇଆସିଛି, ତାକୁ ଆମ 'ଆଚରଣ'ରେ ପ୍ରତିଫଳିତ କରିବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ଶ୍ରୀ ଓ ସମ୍ମାନ ବୃଦ୍ଧିରେ ସହାୟକ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ଏନେଇ ଶ୍ରୀମନ୍ଦିର ଅଧିକାରୀ, କମାଣ୍ଡର, ସୁପରଭାଇଜର, ସେବାୟତ ନିଯୋଗ, ଛତିଶା ନିଯୋଗ ଆଦି ସମସ୍ତଙ୍କୁ ନିର୍ଦ୍ଦେଶନାମା ପଠାଯାଇଛି। ପ୍ରଶାସନ ପକ୍ଷରୁ ଏନେଇ ନଜର ରଖାଯିବ। ଜେଟିପି ଓ ସେବାୟତମାନଙ୍କ ସହ ଏନେଇ ଆଲୋଚନା କରାଯିବ। ଅପରପକ୍ଷରେ ଯଦି କୌଣସି ଭକ୍ତ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିପାରିବେ ବୋଲି ଦାସ କହିଛନ୍ତି। ଏହି ନିର୍ଦ୍ଦେଶନାମା ତଥା ନିୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ବାଳିକା ପାଇପ୍ ବ୍ୟାଣ୍ଡ୍‌ରେ ଓଡ଼ିଶା ପ୍ରଥମ



ମୟୂରଭଞ୍ଜ ଜିଲାର ଦ୍ରୌପଦୀ ବାଳିକା ଉଚ୍ଚବିଦ୍ୟାଳୟର ପାଇପ୍ ବ୍ୟାଣ୍ଡ୍ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ଜାତୀୟ ଆନ୍ତଃ ବିଦ୍ୟାଳୟ ବ୍ୟାଣ୍ଡ୍ ପ୍ରତିଯୋଗିତା

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମଠାରେ ଦୁଇଦିନିଆ ଜାତୀୟ ଆନ୍ତଃ ବିଦ୍ୟାଳୟ ବ୍ୟାଣ୍ଡ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ମୟୂରଭଞ୍ଜ ଜିଲାର ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଇପ୍ ବ୍ୟାଣ୍ଡ୍ (ବାଳିକା) ବିଭାଗରେ ଅଂଶ ଗ୍ରହଣ କରି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଜାତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଉକ୍ତ ବିଦ୍ୟାଳୟକୁ ବିଜୟ ଟ୍ରଫି, ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କଠିନ ପରିଶ୍ରମ ତଥା ନିଷ୍ଠାପର ସାଧନା ସବୁସ୍ତରରେ ସଫଳତାର ମୂଳମନ୍ତ୍ର ବୋଲି କହିଛନ୍ତି। ଏହି ସଫଳତା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି. ଏସ୍ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ବିଜୟୀ ବ୍ୟାଣ୍ଡ୍ ଦଳକୁ ପ୍ରଶଂସା କରିବା ସହ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଥାଉ କି, ଦ୍ରୌପଦୀ ବାଳିକା ଉଚ୍ଚ ବିଦ୍ୟାଳୟ ୨୦୨୩ ନଭେମ୍ବର ୧୬ରେ ରାଜ୍ୟସ୍ତରରେ ଆୟୋଜିତ ବ୍ୟାଣ୍ଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ଡିସେମ୍ବର ୨୨ରେ ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ପୂର୍ବ ଜୋନ୍ ସ୍ତରୀୟ ଆନ୍ତଃବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତାରେ ମଧ୍ୟ ଏହି ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ପ୍ରଦର୍ଶନ କରିବା ପାଇଁ ମନୋନୀତ ହୋଇଥିଲା ।

# କଣ୍ଠଶିଳ୍ପୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ଥାନାରେ ପୁଣିଥରେ ଏତଲା ଦେଲେ

**ଭୁବନେଶ୍ୱର,୨୨।୧(ସୂର୍ଯ୍ୟକାନ୍ତ ବେହେରା):** କଣ୍ଠଶିଳ୍ପୀ ବିଭୁକିଶୋରଙ୍କ ଘରେ ଭଡ଼ାରେ ରହୁଥିବା କଣ୍ଠଶିଳ୍ପୀ ପମି ମିଶ୍ରଙ୍କୁ ମାଡ଼ ମରାଯିବା ସହ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ ହୋଇଥିବା ନେଇ ଖାରବେଳନଗର ଥାନାରେ ଅଭିଯୋଗ ହୋଇଛି। ଏନେଇ ସେ ବିଭୁଙ୍କ ବଡ ଭାଇ ପୀୟୂଷ ଦାସଙ୍କ ନାଁରେ ଥାନାରେ ଏତଲା ଦେବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପମିଙ୍କ ଅଭିଯୋଗ ମୁତାବକ, ସୋମବାର ଅପରାହ୍ଣରେ ସିସିଟିଭି ଲଗାଉଥିବା ସମୟରେ ପୀୟୂଷ ପଛରୁ ଆସି ତାଙ୍କୁ ଧକ୍କା ଦେଇଥିଲେ। ଏହାକୁ ବିରୋଧ କରିବାରୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ପମି କହିଛନ୍ତି। ଅନ୍ୟପକ୍ଷରେ ଜମି ଓ ଘର ବିବାଦକୁ ନେଇ ଏହି ଘଟଣା ଘଟିଥିବା ବିଭୁଙ୍କ ସ୍ତ୍ରୀ ଅଭିନେତ୍ରୀ ରାଖୀ ଦାସ ଗଣମାଧ୍ୟମ ଆଗରେ କହିଛନ୍ତି। ସେପଟେ ବିଭୁଙ୍କ ମା' କମଳ କୁମାରୀ ମଧ୍ୟ ପୁଅ ପୀୟୂଷଙ୍କ ନାଁରେ ସମାନ ଅଭିଯୋଗ ଆଣିଛନ୍ତି। ତେବେ ଦୁଇ ଅଭିଯୋଗର ତଦନ୍ତ କରାଯାଉଥିବା ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି। ଅଭିଯୋଗ ଅନୁସାରେ, ଜମିବାଡ଼ି ସମସ୍ୟାକୁ ନେଇ ବିଭୁ ଓ ତାଙ୍କ ବଡ ଭାଇ ପୀୟୂଷଙ୍କ ମଧ୍ୟରେ ଗତ ୨ବର୍ଷ ହେବ ବିବାଦ ଲାଗି ରହିଛି। ଏପରିକି ପ୍ରାୟ ସମୟ ପୀୟୂଷ ବିଭୁଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଉଥିବାରୁ ପୂର୍ବରୁ ଏହି ମାମଲା ଥାନାକୁ ଯାଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏପରିକି ବିଭୁଙ୍କ ଘରେ କଣ୍ଠଶିଳ୍ପୀ ପମି ରହୁଥିବାରୁ ପୀୟୂଷ ପ୍ରାୟ ସମୟ ତାଙ୍କ ସହ ଝଗଡା କରିବା ସହ ଦୁର୍ବ୍ୟବହାର କରୁଥିବା ନେଇ ସେ ପୂର୍ବରୁ ମଧ୍ୟ ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ତେବେ ଅଭିଯୋଗ ସଂକ୍ରାନ୍ତରେ ପୀୟୂଷଙ୍କ ପ୍ରତିକ୍ରିୟା ମିଳିପାରିନି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କ୍ଷିତିପ୍ରକାଶ



@ ବୃହସ୍ପତି



@ ଶ୍ରଦ୍ଧାଞ୍ଜଳି



@ ସୁରେଶ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇପିଆର୍ ୨୦୨୨ରେ ସ୍ପଷ୍ଟୀକରଣ ସଂଶୋଧନକୁ ଅନୁମୋଦନ

ଭୁବନେଶ୍ୱର, ୨୨।୧ (ବନ୍ଦନା ସେଠୀ)

ଇଣ୍ଡଷ୍ଟ୍ରିଆଲ ପଲିସି ରିଜଲ୍ୟୁଶନ୍ (ଆଇପିଆର୍ ୨୦୨୨)ରେ ସ୍ପଷ୍ଟୀକରଣ ସଂଶୋଧନକୁ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏହି କ୍ରମରେ ଷ୍ଟାମ୍ପ୍ ଡ୍ୟୁଟିର ଫେରସ୍ତ ପାଇଁ ବିକଳ୍ପ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଏହାଦ୍ୱାରା ଶିଳ୍ପଗୁଡିକ ଶୀଘ୍ର ଜମି ପଞ୍ଜୀକରଣ ପାଇଁ ଷ୍ଟାମ୍ପ୍ ଡ୍ୟୁଟି ଦେବାର ସୁବିଧା ପାଇବେ ଏବଂ ପରବର୍ତ୍ତୀ ସମୟରେ ଶିଳ୍ପ ଉତ୍ପାଦନକ୍ଷମ ହେବାପରେ ଦାବିକରି ଫେରସ୍ତ ପାଇପାରିବେ। ତେବେ ଛାଡ଼ ପ୍ରମାଣପତ୍ର ପ୍ରଦାନକୁ ଅପେକ୍ଷା ନ କରି ଶୀଘ୍ର ପଞ୍ଜୀକରଣ କରି ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଚାହୁଁଥିବା ନିବେଶକମାନଙ୍କୁ ହିଁ ଏହା ଲାଭ ପ୍ରଦାନ କରିବ। ଜମିର କିସମ ପରିବର୍ତ୍ତନ ପାଇଁ ଦେୟ ଫେରସ୍ତ ପାଇଁ ବିକଳ୍ପ ପ୍ରଦାନ କରାଯିବ। ସେହିପରି ଶିଳ୍ପ ନୀତି ୨୦୨୨ ଅଧୀନରେ ପ୍ରୋତ୍ସାହନ ଯୋଗାଣ କ୍ଷେତ୍ରରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ (SEZ) ଅଞ୍ଚଳକୁ ବୃଦ୍ଧି କରାଯାଇଛି। ଏହା ଏସ୍‌ଇଜେଡ୍‌ରେ ଥିବା ଖାଲି ଅଞ୍ଚଳର ଶୀଘ୍ର ବ୍ୟବହାରରେ ସାହାଯ୍ୟ କରିବ। ଫଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିଳ୍ପ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

# ପ୍ରଥମ ଦିନରେ ୫ ଚଳଚ୍ଚିତ୍ର ପ୍ରଦର୍ଶିତ

## ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ

ଭୁବନେଶ୍ୱର,୨୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)



ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଫିଲ୍ମ ସୋସାଇଟି ଭୁବନେଶ୍ୱର ପକ୍ଷରୁ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍‌ଏଫ୍‌ବି)ର ୧୩ତମ ସଂସ୍କରଣ ସୋମବାର ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଫିଲ୍ମ ନିର୍ଦ୍ଦେଶକ ସୁବାସ ଦାସ, ହାଓବାମ୍ ପୱନ କୁମାର, ଫିଲ୍ମ କ୍ରିଟିକ ଆଦିତ୍ୟ ଶ୍ରୀକ୍ରିଷ୍ଣନ ଯୋଗଦେଇଥିଲେ। ସୋସାଇଟିର ସଭାପତି ସୁବ୍ରତ ବେଉରା ଅତିଥି ଓ ଦର୍ଶକଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ସୁବାସ ଦାସଙ୍କ ଫିଲ୍ମ 'ଏକା ଏକା' ପ୍ରଦର୍ଶିତ ହୋଇଥିଲା। ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ଅଭିନୟ ବେଶ୍ ଚମତ୍କାର ଥିଲା। ଜଣେ ଫିଲ୍ମ ନିର୍ମାତାର ଯାତ୍ରା ଓ ସଂଘର୍ଷ ବିଷୟରେ ଏହି ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହାପରେ ନିର୍ଦ୍ଦେଶକଙ୍କ ସହ ସଭାପତି ବେଉରାଙ୍କର ଏକ ବାର୍ତ୍ତାଳାପ ସେସନ୍ ରହିଥିଲା। ତେବେ ଦିନରେ କାର୍ତ୍ତିକ ସୁବରାଜଙ୍କ ତାମିଲ ଚଳଚ୍ଚିତ୍ର 'ଜିଗରଥାଣ୍ଡା ଡବଲ ଏକ୍ସ'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ ସହିତ ଉତ୍ସବ ଆରମ୍ଭ ହୋଇଥିଲା। ଏହି ଚଳଚ୍ଚିତ୍ରଟି ୧୯୭୦ଦଶକରେ ମଦୁରାଇ ଏବଂ ଚେନ୍ନାଇରେ ନିର୍ମିତ ହୋଇଛି। ତାମିଲ ସାମାଜିକ ତଥା ରାଜନୈତିକ ଜଗତ ସମ୍ପର୍କରେ ଫିଲ୍ମରେ ଦେଖାଯାଇଛି। ଏହାପରେ ଅରୁଣ ଫୁଲାରାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଶେରା' ଓ 'ମାଇ ମଦର୍ସ ଗାର୍ଲଫ୍ରେଣ୍ଡ୍'ପ୍ରଦର୍ଶିତ ହୋଇଥିଲା। ଏହା ପରେ ମଣି କଲ୍‌ଙ୍କ ନିର୍ଦ୍ଦେଶିତ 'ଉସ୍‌କି ରୋଟି' ପ୍ରଦର୍ଶିତ ହୋଇଥିଲା। ନିର୍ଦ୍ଦେଶକଙ୍କର ଏହା ଏକ ପ୍ରସିଦ୍ଧ ଚଳଚ୍ଚିତ୍ର। ଜଣେ ପତ୍ନୀ ଦୂରରେ ଥିବା ଟ୍ରକ୍ ଡ୍ରାଇଭର ସ୍ୱାମୀଙ୍କ ପାଇଁ ଅପେକ୍ଷାକୁ ନେଇ ଏହି ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି।

# ଓଡ଼ିଆ ଭାଷାର ପ୍ରାସଙ୍ଗିକ ବିଷୟବସ୍ତୁରେ ହେବ ବ୍ୟାପକ ଆଲୋଚନା

ଭୁବନେଶ୍ୱର,୨୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

## ୩ରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ




ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଅନୁଷ୍ଠିତ ହେବ। ଏଥିରେ ଆଦିକବି ସାରଳା ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବ୍ୟାସକବି ଫକୀର ମୋହନ ସେନାପତିଙ୍କ ନାମରେ ନାମିତ ଚାରୋଟି କକ୍ଷରେ ଓଡ଼ିଆ ଭାଷାକୁ ନେଇ ବିଭିନ୍ନ ସମ୍ପାନରେ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ବିଚାର ବିମର୍ଶ କରାଯିବ। ଉଦ୍‌ଘାଟନୀ ଦିବସରେ ପଦ୍ମଶ୍ରୀ ହର୍ମାନ କୁଲ୍‌କେ, ପ୍ରଫେସର ୟୁ ସ୍କୋଡ଼ା ଜଗନ୍ନାଥ ଚେତନା, ଓଡ଼ିଆ ଭାଷାର ଉତ୍ପତ୍ତି ଓ ବିକାଶ, ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ, ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଉପରେ ଆଲୋଚନା କରାଯିବ। ସେହିଭଳି ଦ୍ୱିତୀୟ ଦିନରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଏଥିସହ ପ୍ରସିଦ୍ଧ ଭାଷାବିତ୍ ପ୍ରଫେସର ଆରଲୋ ଗ୍ରିଫତ୍ ତାଙ୍କର ଭାଷାଭିତ୍ତିକ ଅଭିଜ୍ଞତା ଉପସ୍ଥାପନ କରିବେ। ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ, ଓଡ଼ିଆ ଭାଷା ଓ ମହିଳା ସଶକ୍ତୀକରଣ, ଓଡ଼ିଶାର ପ୍ରତ୍ନତତ୍ତ୍ୱ, ଆଧୁନିକ ଓଡ଼ିଆ ସାହିତ୍ୟ, ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ, ଓଡ଼ିଶାର ଲୋକସଂସ୍କୃତି, ଓଡ଼ିଆ ବ୍ୟାକରଣ ଓ ଭାଷା ବିଜ୍ଞାନ, ଓଡ଼ିଆ ଭାଷା ବିବିଧତା ଉପରେ ଆଲୋଚନା ହେବ । ସେହିଭଳି ଉଦ୍‌ଯାପନୀ ଦିବସରେ ପ୍ରଫେସର ମୋରିସିଓ ଲିଣ୍ଡେ, ପ୍ରଫେସର ଆଣ୍ଟେ ସ୍କିମଡିଟେନ ଭାଷାକୁ ନେଇ ସାରଗର୍ଭକ ଉପସ୍ଥାପନ ରଖିବେ। ୨୦୩୬ରେ ଓଡ଼ିଶା: ନବଦିଗନ୍ତର ସମ୍ଭାବନା,ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଯୁଗରେ ଓଡ଼ିଆ ଭାଷା: ସୁଯୋଗ ଓ ଭବିଷ୍ୟତ, ସଂସ୍କୃତି ଓ ଐତିହ୍ୟ: ରାଜ୍ୟର ସୂକ୍ଷ୍ମଶକ୍ତି, ବିଜ୍ଞାନ କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗ ଓଡ଼ିଆ ଭାଷାରୁ ଅନ୍ୟ ଭାଷା ଏବଂ ଅନ୍ୟ ଭାଷାରୁ ଓଡ଼ିଆ ଅନୁବାଦ ଆଦି ପ୍ରସଙ୍ଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସମ୍ମିଳନୀ ପରିପ୍ରେକ୍ଷୀରେ ଗବେଷକ ଓ ବୁଦ୍ଧିଜୀବୀଙ୍କଠାରୁ ଓଡ଼ିଆ ଭାଷା ସମ୍ପର୍କିତ ଗବେଷଣାତ୍ମକ ପ୍ରବନ୍ଧ ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଆହ୍ୱାନ କରାଯାଉଛି। ଏହାକୁ ଏକ ସ୍ମରଣିକା ଗ୍ରନ୍ଥ ସଂକଳନ ରୂପେ ଆସନ୍ତା ଓଡ଼ିଶା ଦିବସରେ ପ୍ରକାଶିତ କରାଯିବ। ଗବେଷଣାତ୍ମକ ପ୍ରବନ୍ଧଗୁଡିକ ଆସନ୍ତା ୨୮ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ପଠାଇବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ଏହାର ସବିଶେଷ ତଥ୍ୟ www. worldodiacon-ference.orgରେ ଉପଲବ୍ଧ ରହିଛି।

## ସଂକ୍ଷେପରେ

### କାଉ ମଡ଼କ, ବାର୍ଡ ଫ୍ଲୁ ଆଶଙ୍କା



ବେଗୁନିଆ/ବୋଲଗଡ଼,୨୨।୧ (ହର ପ୍ରସନ୍ନ ପଣ୍ଡା/ଦେବବ୍ରତ ହୋତା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ବଜାର ସମେତ ଗ୍ରାମର ପୃଥକ୍ ସ୍ଥାନରେ ୫ରୁ ୬ କାଉଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି। ଏହା ବାର୍ଡ ଫ୍ଲୁଜନିତ ରୋଗ ଆଶଙ୍କାକରି ସ୍ଥାନୀୟ ଲୋକଙ୍କ ମନରେ ଭୟ ସଞ୍ଚାର ହୋଇଛି। ପ୍ରାଣୀ ଚିକିତ୍ସା ବିଭାଗକୁ ଖବର ଦିଆଯାଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ବେଳକୁ ଅନୁଧ୍ୟାନ କରିବା ପାଇଁ ଗ୍ରାମରେ ବିଭାଗର କୌଣସି ଡାକ୍ତରୀ ଦଳ କିମ୍ବା କର୍ମଚାରୀ ପହଞ୍ଚି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତେବେ ଏହାର କୌଣସି ପ୍ରତିକାର କରା ନ ଗଲେ ଆଗକୁ ଅନ୍ୟ ପକ୍ଷୀଙ୍କ ଜୀବନ ବିପଦ ଆଡ଼କୁ ଗତି କରିପାରେ ବୋଲି ଗ୍ରାମର ସୁଶାନ୍ତ କୁମାର ମହାପାତ୍ର, ମାନସ ରଞ୍ଜନ ଦାଶ, ରାଜକିଶୋର ପାଣିଗ୍ରାହୀ ପ୍ରମୁଖ କହିଛନ୍ତି। ସେହିପରି ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି, ତାଳତୁମ୍ବ, ସଂପୁର, କଳାଙ୍ଗ ସମେତ ଅନେକ ସ୍ଥାନରେ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ବୋଲଗଡ଼ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କୁ ସମ୍ପର୍କ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

### ନାବାଳିକା ଅପହରଣରେ ୩ ଜଣଙ୍କ ନାମରେ ମାମଲା

ନିମାପଡ଼ା,୨୨।୧(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଅଞ୍ଚଳର ଜଣେ ୧୬ ବର୍ଷୀୟା କଲେଜ ଛାତ୍ରୀଙ୍କୁ ସ୍ଥାନୀୟ ଥାନା ଅଞ୍ଚଳର ଜଣେ ଯୁବକ ମିଥ୍ୟ ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରିନେଇଥିବା ନାବାଳିକାଙ୍କ ଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପହରଣକାରୀ ଯୁବକ ଓ ତାଙ୍କ ବାପା, ଜେଜେ ପ୍ରମୁଖ ୩ ଜଣଙ୍କ ନାମରେ ୨୯/୨୪ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଟ୍ରକ୍ ଧକ୍କାରେ ଜଳିଗଲା କାର୍

## ଆହତ ଅବସ୍ଥାରେ ଚାଳକ ଉଦ୍ଧାର

ଭୁବନେଶ୍ୱର, ୨୨।୧, (ସୂର୍ଯ୍ୟକାନ୍ତ ବେହେରା)

ବରମୁଣ୍ଡା ଖେଳପଡିଆ ସମ୍ମୁଖ ଜାତୀୟ ରାଜପଥର ଓଭରବ୍ରିଜ୍ ଉପରେ ଟ୍ରକ୍ ଧକ୍କାରେ ଏକ କାର୍ ଜଳିଯାଇଛି। ତେବେ ସ୍ଥାନୀୟ ଲୋକେ ଜଳନ୍ତା କାର୍ ଭିତରୁ ଚାଳକଙ୍କୁ ଉଦ୍ଧାର କରିଛନ୍ତି। ସେ ଆହତ ହୋଇଥିଲେ ମଧ୍ୟ ବଡ଼ ବିପଦରୁ ବର୍ତ୍ତି ଯାଇଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କାର୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ସୋମବାର ରାତି ପ୍ରାୟ ୧୨ଟା ସମୟରେ ଏହି ଘଟଣା ଘଟିଛି। ଆହତ ଚାଳକ ହେଲେ ଜଗମରା



ଅଞ୍ଚଳର ବିଶ୍ୱଜିତ ସୂତାର। ସେ କୌଣସି କାମରେ କଟକ ଯାଇ ଘରକୁ ଫେରୁଥିବା ସମୟରେ ଫାୟର ଷ୍ଟେଶନ ଓଭର ବ୍ରିଜ ଉପରେ ତାଙ୍କ କାରକୁ ପଛରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ବରମୁଣ୍ଡା ଖେଳ ପଡିଆ ସମ୍ମୁଖରେ କାରଟି ଟ୍ରକରୁ ବାହାରି ଛିଟିକି ପଡ଼ିଥିଲା। ଏହାପରେ ଟ୍ରକଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ସ ମୟରେ ଦୁର୍ଘଟଣାଗ୍ରସ୍ତ କାରରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇବା ସହିତ ଗାଡି ଭିତରୁ ଆହତ ବିଶଜିତଙ୍କୁ ଉଦ୍ଧାର କରିଥିଲେ। ପରେ କାରଟି ହୁତୁ ହୁତୁ ହୋଇ ଜଳିଯାଇଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିସହ ଆହତ ବିଶ୍ୱଜିତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଫଳରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥ ଜାମ ହୋଇଯାଇଥିଲା। ଖଣ୍ଡଗିରି ଥାନା ପୋଲିସ ସହାୟତାରେ ପୋଡ଼ିଯାଇଥିବା ଉକ୍ତ କାର୍‌କୁ ଜାତୀୟ ରାଜପଥରୁ ହଟାଯାଇ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଥିଲା।

# ନାଟକରେ ସାମନ୍ତ ଚନ୍ଦ୍ରଶେଖର



ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ ନାଟକ 'ସାମନ୍ତ ଚନ୍ଦ୍ରଶେଖର'ର ଏକ ଦୃଶ୍ୟ।

## ଦ୍ୱାଦଶତମ ଅଜିତ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର,୨୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଯେଉଁମାନେ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମୂହ ସ୍ୱାର୍ଥ ପାଇଁ ନିଜେ ସଳିତା ପରି ଜଳି ସମାଜକୁ ଆଲୋକିତ କରିଯାଆନ୍ତି ଆମେ ସେମାନଙ୍କୁ ମହାପୁରୁଷ ବୋଲି କହିଥାଉ । ତନ୍ମଧ୍ୟରୁ ମହାମହୋପାଧ୍ୟାୟ ପଠାଣି ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ହେଉଛନ୍ତି ଅନ୍ୟତମ । ଖଣ୍ଡପଡ଼ା ରାଜବଂଶରେ ଜନ୍ମ ହୋଇଥିଲେ ବି ଦୁଃଖ, ଦାରିଦ୍ର୍ୟ, ରୋଗ, କଷ୍ଟରେ ଜର୍ଜରିତ ହୋଇ କାଠ ଓ ବାଉଁଶ ନିର୍ମିତ କେତୋଟି ଯନ୍ତ୍ର ସାହାଯ୍ୟରେ ଖାଲି ଆଖିରେ ଆକାଶକୁ ଦେଖି ଗ୍ରହ ନକ୍ଷତ୍ରମାନଙ୍କର ଅବସ୍ଥିତି ଓ ଚଳନ ସମ୍ପର୍କରେ ସେ ଯେଉଁ ଠିକ୍ ତଥ୍ୟ ପ୍ରଦାନ କରିଯାଇଛନ୍ତି ତାହା ସମଗ୍ର ବିଶ୍ୱରେ ବିରଳ କୃତିତ୍ୱ। ତାଙ୍କ ମହାନ୍ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ' ଆଧାରରେ ଲିଖିତ ପଞ୍ଜିକା ଦ୍ୱାରା ଆମର ଦୈନନ୍ଦିନ କାର୍ଯ୍ୟ ପରିଚାଳିତ ହେଉଥିଲେ ବି ଆମେ ସେପରି ମହାପୁରୁଷଙ୍କ ତ୍ୟାଗ ତିତିକ୍ଷା ଆବିଷ୍କାର ବିଷୟରେ ଅଧିକ ଜାଣିବାକୁ ପ୍ରୟାସ କରୁନୁ। ପ୍ରଥମଥର ପାଇଁ ତାଙ୍କ ଜୀବନୀକୁ ନେଇ ନାଟକ 'ସାମନ୍ତ ଚନ୍ଦ୍ରଶେଖର' ମାଧ୍ୟମରେ ଦର୍ଶକଙ୍କ ସାମ୍ନାରେ ମଞ୍ଚସ୍ଥ କରାଯାଇଛି। ସୋମବାର ଦ୍ୱାଦଶତମ ଅଜିତ ନାଟ୍ୟ ମହୋତ୍ସବ-୨୦୨୪ର ତୃତୀୟ ସନ୍ଧ୍ୟାରେ ଭଞ୍ଜକଳା ମଣ୍ଡପରେ ଏହି ନାଟକ ପ୍ରଦର୍ଶିତ ହୋଇଛି। ରାଉରକେଲାର ସମ୍ପର୍କ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ପ୍ରଦର୍ଶିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଭାସ୍କର ଚନ୍ଦ୍ର ମହାପାତ୍ର। ନାଟକରେ ଭାସ୍କର ମହାପାତ୍ର, ନୃସିଂହ ମହାନ୍ତି, ବିଜୟ ପାତ୍ର, ସୁରେନ୍ଦ୍ର ପାଢ଼ୀ, ପ୍ରଳୟ ଶତପଥୀ, ତ୍ରିପତି ନାରାୟଣ ମିଶ୍ର, ସ୍ମାରକ ବାରିକ, ପୁଷ୍ପା ବିଶୋଇ, ସୁଦେଷ୍ଣାରାଣୀ ରାଉତ, ସସ୍ମିତା ବେକ, ସୁରଭି ରଣା, ପ୍ରଶ୍ମିକା ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି। ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ମନୋଜ ପଟ୍ଟନାୟକ, ଲେଖିକା ସଂଘମିତ୍ରା ମିଶ୍ର, ମୀରା ଦାସ ଉପସ୍ଥିତ ଥିଲେ। ମୁରଲୀଧର ଦାଶ ମଞ୍ଚ ପରିଚାଳନା କରିଥିଲେ।

# ଭାରତ ଯୋଡ଼ୋ ଯାତ୍ରାରେ ଆକ୍ରମଣ ନେଇ କଂଗ୍ରେସର ବିକ୍ଷୋଭ



ବିକ୍ଷୋଭ ଶୋଭାଯାତ୍ରାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ଓ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର,୨୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଆସାମରେ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଉପରକୁ ଆକ୍ରମଣ, ରାହୁଲ ଗାନ୍ଧୀଙ୍କ ଗାଡ଼ିକୁ ଅଟକାଇ ଦୁର୍ବ୍ୟବହାର କରିବା ସହ ପୋଷ୍ଟର ଚିରିବା ଘଟଣାର ତୀବ୍ର ପ୍ରତିବାଦ କରିଛି ଓଡ଼ିଶା କଂଗ୍ରେସ। ସୋମବାର ପ୍ରଦେଶ କଂଗ୍ରେସ ଭୁବନେଶ୍ୱର ଜିଲା କଂଗ୍ରେସ, ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରାହ୍ନରେ କଂଗ୍ରେସ ଭବନରୁ ଏକ ରାଲି ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଆସାମ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯିବା ସହ ମାଷ୍ଟରକ୍ୟାଣ୍ଟିନ ଛକକୁ ଏକ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ମୋଦି ସରକାର ଓ ହିମନ୍ତ ବିଶ୍ୱଶର୍ମା ସରକାର ନିଜର ଦୋଷ ଓ ଦୁର୍ବଳତା, ଜନବିରୋଧି ନୀତି ଏବଂ ଦୁର୍ନୀତିକୁ ଲୁଚାଇବା ପାଇଁ ଜନନାୟକ ରାହୁଲ ଗାନ୍ଧୀ ଏବଂ ଭାରତ ଯୋଡ଼ ନ୍ୟାୟ ଯାତ୍ରୀଙ୍କ ଉପରେ ଆକ୍ରମଣ କରାଇଛନ୍ତି। ଏପରିକି ଏହି ଯାତ୍ରାରେ ସାମିଲ ଥିବା ଅଖିଳ ଭାରତ କଂଗ୍ରେସ କମିଟିର ଜୟରାମ ରମେଶଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ନ୍ୟାୟ ଯାତ୍ରାକୁ ହିମନ୍ତ ବିଶ୍ୱଶର୍ମା ମିଆଁ ଯାତ୍ରା ଭାବରେ କହିଥିବାରୁ ତାହାଙ୍କୁ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ରାହୁଲ ଗାନ୍ଧୀଙ୍କ ନ୍ୟାୟ ଯାତ୍ରା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି ବୋଲି କୁହାଯାଇଛି। ଏହି ବିକ୍ଷୋଭରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଡ. ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ ରାଉତରାୟ, ଶରତ ରାଉତ, ଶିବାନନ୍ଦ ରାୟ, ବିଶ୍ୱଜିତ ଦାଶ, କିଶୋର ଜେନା, ୟାସିର ନୱାଜ ପ୍ରମୁଖ ସାମିଲ ଥିଲେ। ରାଜ୍ୟର ବିଭିନ୍ନ ଜିଲା କଂଗ୍ରେସ ପକ୍ଷରୁ ମଧ୍ୟ ବିକ୍ଷୋଭ କରାଯାଇଥିବା ସୂଚନା ଦିଆଯାଇଛି।

## ଅଯୋଧ୍ୟା ରାମମନ୍ଦିରର ଓଡ଼ିଆ ଶିଳ୍ପୀ ସମ୍ବର୍ଦ୍ଧିତ

କୋଣାର୍କ,୨୨।୧(ଜ୍ୟୋତିରାଜ ମହାନ୍ତି): ଅଯୋଧାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର କୋଣାର୍କସ୍ଥିତ ଶ୍ରୀରାମ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପୂଜାର୍ଚ୍ଚନା କରିବା ସହ ଦୀପଦାନ ହୋଇଥିଲା। ଭବ୍ୟ ରାମମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ କରିଥିବା ଉତ୍କର୍ଷ ଓଡ଼ିଆ କଳା ଭାସ୍କର୍ଯ୍ୟର ମୂକସାକ୍ଷୀ କୋଣାର୍କ ଅଞ୍ଚଳର ଶିଳ୍ପୀଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ କମିଟି ସଭାପତି ଗୋବର୍ଦ୍ଧନ ବିଶ୍ୱାଳ, ସମ୍ପାଦକ ସୂର୍ଯ୍ୟ ନାରାୟଣ ନାୟକପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍ ଲ' ସ୍କୁଲରେ ଏନ୍‌ଡିଆଇଇଏଏସ୍

ଭୁବନେଶ୍ୱର,୨୨।୧ (ଅନୁରାଧା ମହାରଣା)

କିଟ୍ ଲ' ସ୍କୁଲରେ ସୋମବାର ପରିବେଶ ମାନବବିଜ୍ଞାନର ନୂତନ ଦିଗ ଓ ଚିନ୍ତାଧାରା ଉପରେ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ର (ଏନ୍‌ଡିଆଇଇଏଏସ-୨୦୨୪) ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପରିବେଶ ମାନବବିଜ୍ଞାନ, ଗ୍ରୀନ୍ କ୍ରାଇମ, ଇକୋ-କ୍ରିଟିସିଜମ୍, ଇକୋ-ଫେମିନିଜମ୍, ସ୍ଥାୟୀ ବିକାଶ, ଜୈବ ବିବିଧତା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସାଂପ୍ରତିକ ବୈଶ୍ୱିକ ସମସ୍ୟା ଉପରେ ଆଲୋଚନା କରାଯାଇଛି। କିଟ ଲ' ସ୍କୁଲ ନିର୍ଦ୍ଦେଶକ ପ୍ରଫେସର ଡ. ରୋଜ ଭର୍ଗିସ କହିଲେ, ଏନ୍‌ଡିଆଇଇଏଏସ୍‌ର ଉଦ୍ଦେଶ୍ୟ ହେଉଛି ମାନବିକତା ଏବଂ ପରିବେଶ ମଧ୍ୟରେ ସମ୍ପର୍କ ବିଷୟରେ ଆମର ବୁଝାମଣାକୁ ପୁନଃ ନିର୍ଦ୍ଧାରଣ କରିବା ସହ ପରିବେଶଜନିତ ଆହ୍ୱାନର ମୁକାବିଲା କରିବା। ଏହି ଆଲୋଚନାଚକ୍ର ଏକ ସ୍ଥାୟୀ ପରିବେଶ ଉପରେ ସେମାନଙ୍କ ପ୍ରଭାବକୁ ଆକଳନ କରିବ। ଉଦ୍‌ଘାଟନୀ ଉତ୍ସବରେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କିସ୍ ଉପ-କୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏବଂ ସଂସ୍କୃତି ମନ୍ତ୍ରାଳୟର ଆଇଜିଆର୍‌ଏମ୍‌ଏସ୍ ନିର୍ଦ୍ଦେଶକ ପ୍ରଫେସର ଅମିତାଭ ପାଣ୍ଡେ, ଏନ୍‌ଡିଆଇଇଏଏସ୍-୨୦୨୪ର ଆବାହକ ଡ. ତୁଳିଶ୍ରୀ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏହା ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ପରିବର୍ତ୍ତନମୂଳକ ଆଲୋଚନା ଏବଂ ସହଯୋଗୀ ପ୍ରୟାସ ପାଇଁ ଏକ ମାଧ୍ୟମ ହେବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।



କିଟ୍ ଲ' ସ୍କୁଲରେ ସୋମବାର ପରିବେଶ ମାନବବିଜ୍ଞାନର ନୂତନ ଦିଗ ଓ ଚିନ୍ତାଧାରା ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଲୋଚନାଚକ୍ର।

# ବାଉଁଶଟାଙ୍ଗରରେ ଝାଡ଼ାବାନ୍ତି

## ଗୋଟିଏ ପରିବାରର ୮ ଜଣ ଡାକ୍ତରଖାନାରେ

ଖୁଣ୍ଟୁଣୀ,୨୨।୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ପଞ୍ଚାୟତ ବାଉଁଶଟାଙ୍ଗର ଗ୍ରାମର ଗୋଟିଏ ପରିବାରର ୮ଜଣ ଘରେ ରାନ୍ଧିଥିବା ଖାଦ୍ୟଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଜିଲା ସ୍ୱାସ୍ଥ୍ୟ ବିଭାଗ ସହିତ କଟକ ଜିଲା ମହାମାରୀ ବିଶେଷଜ୍ଞ ଡା. କାଶୀନାଥ ପଣ୍ଡାଙ୍କ ନେତୃତ୍ୱରେ ମାଇକ୍ରୋବାୟୋଲୋଜିଷ୍ଟ ସୁଚରିତା ଦାସ ଏବଂ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରିଣୀ କବିତାରାଣୀ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ରମାକାନ୍ତ ସିହ୍ନା, ସ୍ୱାସ୍ଥ୍ୟକର୍ମୀ ନିର୍ମଳ ବର ପ୍ରମୁଖ ସୋମବାର ସନ୍ଧ୍ୟାରେ ଆକ୍ରାନ୍ତଙ୍କ ଘରେ ପହଞ୍ଚିଥିଲେ। ସ୍ଥିତି ଅନୁଧ୍ୟାନ କରିବା ସହ ସେମାନେ ବ୍ୟବହାର କରୁଥିବା କୂଅ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଦିଲ୍ଲୀପ ଦାସ କହିଛନ୍ତି। ଏଥିସହ ଆକ୍ରାନ୍ତଙ୍କ ଘର ଚତୁଃପାର୍ଶ୍ୱରେ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇ ବିଶୋଧନ କରାଯାଇଛି। ଖାଦ୍ୟର ଅମ୍ଳ କିମ୍ବା ବିଷକ୍ତୀକରଣ ଫୁଡ୍ ପଏଜନ କାରଣରୁ ଏପରି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ ଆକ୍ରାନ୍ତଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଅଧିକ ଚିକିତ୍ସା ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ତେବେ ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମିଶ୍ର ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି କରୁଥିବା ସୂଚନା ଦେଇଛନ୍ତି। ତେବେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ରହ୍ମାନନ୍ଦଙ୍କ ପରିବାର ରବିବାର ଦିନରେ ଶାଗ ଭଜା, ସଜନା ଛୁଇଁ, ରାତିରେ ଚିକେନ୍ ସହିତ ବିରିଆନି ଖାଇଥିଲେ। ମଧ୍ୟରାତିରୁ ୪ ଜଣଙ୍କ ଝାଡ଼ାବାନ୍ତି ହୋଇଥିଲା। ପୁଣି ସୋମବାର ପରିବାରର ସମସ୍ତ ସଦସ୍ୟ ଏଥିରେ ଆକ୍ରାନ୍ତ ହୋଇପଡ଼ିଥିଲେ।

## ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର କଳାକାର ଯିବେ ଇଣ୍ଡୋନେସିଆ

କଟକ,୨୨।୧(କାର୍ତ୍ତିକ ସାହୁ)

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୂତନ ପିଢ଼ିର ନୃତ୍ୟଶିଳ୍ପୀମାନେ ଇଣ୍ଡୋନେସିଆ ଯିବେ। ଇଣ୍ଡିଆନ୍ କାଉନ୍‌ସିଲ୍ ଫର କଲ୍‌ଚରାଲ ରିଲେସନ୍ସ ପକ୍ଷରୁ ସେଠାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାକୁ ସେମାନେ ନିମନ୍ତ୍ରିତ ହୋଇଥିବା ଏକାଡେମୀର ପ୍ରତିଷ୍ଠାତ୍ରୀ ଗୁରୁ ମୀରା ଦାସ ସୂଚନା ଦେଇଛନ୍ତି। ଭାରତ ସ୍ୱାଧୀନତାର ୭୭ ବର୍ଷ ପୂର୍ତ୍ତିର ବିଶେଷ ଅବସରରେ ଇଣ୍ଡୋନେସିଆର ବିଭିନ୍ନ ପ୍ରାନ୍ତରରେ ଥିବା ବାଲି, ସୁରବାୟା, ପୂର୍ବକର୍ତ୍ତା, ଜାକର୍ତ୍ତା, ବାତମ୍ ଆଦି ସହରରେ ଓଡ଼ିଶୀ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ଗୁରୁ ମୀରା ଦାସଙ୍କ ସହିତ ବରିଷ୍ଠ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା, ପ୍ରିୟଙ୍କା ଜେନା, ବିଦ୍ୟା ବିଶ୍ୱଜିତାଙ୍କ ସହିତ ପ୍ରଥମ କରି ପ୍ରତିଭାସମ୍ପନ୍ନ ନୂତନ ଶିଳ୍ପୀ ଜେକି ସ୍ୱପ୍ନା ଦତ୍ତ, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଏଚ୍ ଓ ସ୍ୱର୍ଣ୍ଣମୟୀ ବେହେରା ଯିବାର ସୁଯୋଗ ପାଇଛନ୍ତି।

# ବିର୍ଲା ସ୍କୁଲ ଅଫ୍ କମର୍ସ ପକ୍ଷରୁ 'ବିକଶିତ ଭାରତ' ଆଲୋଚନାଚକ୍ର

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ବିର୍ଲା ସ୍କୁଲ୍ ଅଫ୍ କମର୍ସ ପକ୍ଷରୁ 'ବିକଶିତ ଭାରତ @୨୦୪୭' ଶୀର୍ଷକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ୍ ଜୟଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଏବଂ ସମାଜରେ ମହିଳାଙ୍କ ସଫଳତାର ବିଭିନ୍ନ ମାଇଲଖୁଣ୍ଟ ଉପରେ ଆଲୋକପାତ କରିଥିଲେ। ଲଣ୍ଡନ ମେଟ୍ରୋପଲିଟାନ୍ ୟୁନିଭର୍ସିଟିର ପ୍ରଫେସର ଭବାନୀ ଶଙ୍କର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆବଶ୍ୟକତା ଭିତ୍ତିକ ସମାଜ ଓ ଇଚ୍ଛା ଭିତ୍ତିକ ସମାଜ ମଧ୍ୟରେ ଥିବା ପାର୍ଥକ୍ୟ ଉପରେ କହିଥିଲେ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର କୁଳପତି ପ୍ରଫେସର ପିପି ମାଥୁର ଭବିଷ୍ୟତ-କୈନ୍ଦ୍ରିକ ବିକାଶ, ଆଧୁନିକ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ବି.କେ. ଦାସ ଓଡିଶା ଜାତୀୟ ଅର୍ଥନୀତିରେ ପ୍ରତିଯୋଗିତାମୂଳକ ଅବଦାନ ପାଇଁ ଏକ ସୁଯୋଗର ହବ୍‌ରେ ପରିଣତ ହୋଇଛି ବୋଲି କହିଥିଲେ। ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ସାମସନ ମହାରଣା ସ୍ୱାଗତ ଭାଷଣରେ ଭାରତୀୟ ଅର୍ଥନୀତିର ବିଭିନ୍ନ ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଭଏସ୍ ଅଫ୍ ୟୁଥ୍ @୨୦୪୭ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ରାଜ୍ୟରୁ ୨୪ଟି ଟିମ୍ ଭାଗ ନେଇଥିଲେ ଏବଂ ବିଜୟୀ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ବିର୍ଲା ସ୍କୁଲ ଅଫ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଏବଂ ଅଶ୍ୱିନୀ କୁମାର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଆର୍. କେ. ମିଶ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ଭାସ୍କର୍ଯ୍ୟ ଶିବିର 'ଆ କାର' ଆରମ୍ଭ



ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାସ୍କର୍ଯ୍ୟ ଶିବିର 'ଆ କାର'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୨୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାସ୍କର୍ଯ୍ୟ ଶିବିର 'ଆ କାର' ସୋମବାର ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳସଚିବ ଅନାମିକା ଅଧିକାରୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଦଶଦିନ ବ୍ୟାପୀ ହେବାକୁଥିବା ଏହି ଭାସ୍କର୍ଯ୍ୟ ଶିବିରରେ ଶିଳ୍ପୀମାନେ ପଥର ଖୋଦେଇ ପ୍ରତିଭା ଦ୍ୱାରା ଆମ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାରେ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବେ। ବରିଷ୍ଠ ଭାସ୍କର୍ଯ୍ୟବିତ୍ ଜୟନ୍ତ ଦାସ, ଜ୍ଞାନେଶ ମିଶ୍ର, ନିତ୍ୟାନନ୍ଦ ଓଝା, ସ୍ମୃତିସାଇ ମିଶ୍ର, ସୁଧିର ରଞ୍ଜନ ମହାରଥୀ ଓ ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରର ସଂଯୋଜକ ଡ. ଉମେଶ ଚନ୍ଦ୍ର ନାୟକ ଓ ଆବାହକ ଅଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ସହଯୋଗୀ ପ୍ରଫେସର ଡ. ଆଶିଷ ମହାପାତ୍ର ଶିବିରର ସଫଳତା କାମନା କରିଥିଲେ। ଉଦ୍‌ଯାପନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଛି।

# ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

## ନିଆରା କଳାକୃତିରେ ଶୁଭେଚ୍ଛା ଜଣାଇଲେ ଚିତ୍ରଶିଳ୍ପୀ

କଟକ,୨୨।୧(ଶିଳ୍ପା ପ୍ରିୟଦର୍ଶିନୀ): ସୋମବାର ଅଯୋଧ୍ୟାଠାରେ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ଦେଶବ୍ୟାପୀ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏଥିରୁ ବାଦ୍ ପଡ଼ିନି କଟକ ସହର। ଏହି ଅବସରରେ କଟକ ସହର ଏକପ୍ରକାର ଉତ୍ସବମୁଖର ହୋଇପଡ଼ିଛି। ସହରର ପ୍ରତ୍ୟେକ ଧର୍ମାନୁଷ୍ଠାନ, ପୂଜା କମିଟି ଓ ଘରେ ଘରେ ଶ୍ରୀରାମଙ୍କ ପତାକା ସହ ମୁରୁଜ ଆଙ୍କି କଳସ ବସାଇ ପୂଜାର୍ଚ୍ଚନା କରିଛନ୍ତି ସହରବାସୀ। ହନୁମାନ ଚାଳିଶା ପାଠ, ଭଜନ ସମାରୋହ, କଳସ ଯାତ୍ରା, ଯଜ୍ଞ, ସମୂହ ଦୀପଦାନ ଭଳି ଅନେକ କାର୍ଯ୍ୟକ୍ରମ କରାଯାଇଛି। ସେହିପରି କଟକର ଚିତ୍ରଶିଳ୍ପୀମାନେ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଓ ଶ୍ରୀରାମ ମନ୍ଦିର କଳାକୃତି ତିଆରି କରିଛନ୍ତି।

### ୧୫ ଫୁଟ୍ ଉଚ୍ଚ ଶ୍ରୀରାମ ମନ୍ଦିର କଳାକୃତିର ବାଲୁକା କଳା



ପୁରୀଘାଟସ୍ଥିତ କାଠଯୋଡ଼ି ରିସୋର୍ଟର ସଦସ୍ୟ ସୁବାସ ବେହେରାଙ୍କ ଦ୍ୱାରା ଆୟୋଜିତ ଶ୍ରୀରାମଙ୍କ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବାଲୁକା ଶିଳ୍ପୀ ଯତିନ୍ ଦାସଙ୍କ ନେତୃତ୍ୱରେ ୪ ଜଣ ଶିଳ୍ପୀ ତିଆରି କରିଛନ୍ତି ରାମ ମନ୍ଦିର ଆକୃତିର ବାଲୁକା କଳାକୃତି। ଦୁଇଦିନ ଧରି ୫୦ ଟନ୍‌ରୁ ଅଧିକ ବାଲିରେ ୧୫ ଫୁଟ୍ ଉଚ୍ଚର ଏହି କଳାକୃତି ତିଆରି କରାଯାଇଛି। ଏ ନେଇ ଯତିନ କହିଛନ୍ତି ମୋ’ ସୌଭାଗ୍ୟ ଯେ, ଶ୍ରୀରାମଙ୍କ ମନ୍ଦିର ମୋ କଳା ମାଧ୍ୟମରେ ପ୍ରଦର୍ଶନ କରିପାରିଛି । ଆଜିର ଦିନ ଖୁବ ମହତ୍ୱପୂର୍ଣ୍ଣ।

### ଡିବିରି ଧୂଆଁରେ ଶ୍ରୀରାମଙ୍କ ଚିତ୍ର



ଝାଞ୍ଜିରୀମଙ୍ଗଳା ଅଞ୍ଚଳର ଚିତ୍ରଶିଳ୍ପୀ ଦୀପକ ବିଶ୍ୱାଳ। ଡିବିରି ନିଆଁର ଧୂଆଁରେ ଆଙ୍କିଛନ୍ତି ଶ୍ରୀରାମଙ୍କ ଚିତ୍ର। ଏହି ଡିବିର ଧୂଆଁ ବା ସ୍ମୋକ ଆର୍ଟ କରିବା ନେଇ ତାଙ୍କୁ ୪ଘଣ୍ଟା ସମୟ ଲାଗିଥିଲା। ସ୍ମୋକ୍ ବ୍ରସ୍, ଫିଦର ଇତ୍ୟାଦି ବ୍ୟବହାର କରି ସେ ଏହି ଚିତ୍ର କରିଥିଲେ। ରାମଲାଲାଙ୍କ ପ୍ରତିଷ୍ଠାରେ ଏପରି ଚିତ୍ର ଆଙ୍କି ଖୁବ୍ ଖୁସି ଲାଗୁଛି ଏବଂ ସମଗ୍ର ଦେଶବାସୀଙ୍କ ପାଇଁ ଏହି ଦିନ ସ୍ମରଣୀୟ ରହିବ ବୋଲି ଦୀପକ କହିଛନ୍ତି। ଏଥିସହ ସେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୨୦ ମିନିଟ୍‌ରେ ରାମଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି



ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ମାଟିରେ ତିଆରି କରିଛନ୍ତି ଶ୍ରୀରାମଙ୍କ ପ୍ରତିମୂର୍ତ୍ତି। ୨୦ ମିନିଟ ସମୟ ବ୍ୟବଧାନରେ ସେ ଏହି ମୂର୍ତ୍ତି ତିଆରି କରିଥିଲେ। ମାଟିରେ ମୂର୍ତ୍ତି ତିଆରି କରି ଏଥିରେ ଆକ୍ରେଲିକ୍ ରଙ୍ଗ ବ୍ୟବହାର କରି ମୂର୍ତ୍ତିକୁ ରଙ୍ଗିନ କରିଥିଲେ। ଶ୍ରୀରାମଙ୍କ ମାଟିର ମୂର୍ତ୍ତି ତିଆରି କରି ବିଶ୍ୱର ମଙ୍ଗଳ କାମନା କରିଛନ୍ତି ରଥ।

### ୧୦୮ ଚକ୍‌ଖଡ଼ିରେ ଶ୍ରୀରାମ ମନ୍ଦିର

କଟକ ବିଦ୍ୟାଧରପୁର ଗୌତମ ନଗର ଅଞ୍ଚଳର ଶିଳ୍ପୀ ସୂର୍ଯ୍ୟନାରାୟଣ ନାୟକ ଚକ୍ ଖଡ଼ିରେ ରାମ ମନ୍ଦିରର କଳାକୃତି ତିଆରି କରିଛନ୍ତି। ଏହି ରାମମନ୍ଦିର ତିଆରି କରିବା ପାଇଁ ସେ ୧୦୮ଟି ଚକ୍‌ଖଡ଼ି ବ୍ୟବହାର କରିଛନ୍ତି। ଆଜିକୁ ପାଞ୍ଚ ଦିନ ହେବ ଏହି ଚକ୍ ଖଡ଼ିରେ ରାମ ମନ୍ଦିର ତିଆରି କରିଥିବାବେଳେ ଏହାର ଉଚ୍ଚତା ୨୦ ସେମି ଏବଂ ଓସାର ୨୪ ସେମି ରହିଛି। ସେ ଚନ୍ଦନକୁ ବ୍ୟବହାର କରି ରାମମନ୍ଦିରକୁ ରଙ୍ଗିନ କରିଛନ୍ତି। ସୂର୍ଯ୍ୟ ନାରାୟଣ ସହରବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




### ୩ ଶହ ଦିଆସିଲି କାଠିରେ ରାମମନ୍ଦିର କଳାକୃତି



ଖାନ୍‌ନଗର ଅଞ୍ଚଳର ଶିଳ୍ପୀ ସ୍ମୃତିରଞ୍ଜନ ମହାନ୍ତି। ୩ଶହ ଦିଆସିଲ କାଠି ଓ ସୋଲକୁ ବ୍ୟବହାର କରି ସେ ତିଆରି କରିଛନ୍ତି ଅଯୋଧ୍ୟା ଶ୍ରୀରାମ ମନ୍ଦିର। ଦିଆସିଲି କାଠିରେ ରାମ ମନ୍ଦିର ତିଆରି କରିବାକୁ ତାଙ୍କୁ ୧୦ଦିନ ସମୟ ଲାଗିଥିଲା। ରାମଙ୍କ ପ୍ରାଣ ପ୍ରତିଷ୍ଠା ପ୍ରତ୍ୟେକ ଲୋକଙ୍କ ପାଇ ଗର୍ବ ଓ ଗୌରବର ଦିନ। ଏହାକୁ ଉତ୍ସବ ଭାବେ ସମସ୍ତ ଦେଶବାସୀ ପାଳିବେ। ସେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ନେଇ ଏହି କଳାକୃତି ତିଆରି କରିଥିବା କହିଛନ୍ତି।



ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ କଟକ କାଠଗଡ଼ା ସାହିରେ ରାମଭକ୍ତମାନେ ଉତ୍ସବ ମନାଉଛନ୍ତି।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଶୋଭାଯାତ୍ରା

କଣ୍ଟାପଡ଼ା,୨୨।୧(ସୁରନାରାୟଣ ସାହୁ): ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସୋମବାର କଣ୍ଟାପଡ଼ା ଅଞ୍ଚଳରେ ଭାଜପା ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଛବି ମଲିକଙ୍କ ସମେତ ଅଶୋକ ରଥ, ପ୍ରଦୀପ୍ତ ପାତ୍ର, କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, ପ୍ରଭାତ ମହାପାତ୍ର, ଦ୍ୱାରିକାନାଥ ଦାଶଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ବାଗଲପୁର ଛକରୁ ଏକ ଶୋଭାଯାତ୍ରାରେ ବାହାରି କଣ୍ଟାପଡ଼ାସ୍ଥିତ ଗଡେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ପରିସରରେ ଅଶୋକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରାମଲାଲାଙ୍କ ପ୍ରତିକୃତି ସମ୍ମୁଖରେ ହୋମଯଜ୍ଞ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଟିଭିରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଦେଖିଥିଲେ। କାର୍ଯ୍ୟକ୍ରମକୁ ପବିତ୍ର ପ୍ରଧାନ, କଣ୍ଟାପଡ଼ା ସମିତି ସଭ୍ୟ ପବିତ୍ର ସ୍ୱାଇଁ, ସରପଞ୍ଚ ନିର୍ମଳ ସାହୁ, ପ୍ରବୀର ବେହେରା, ବିପିନ ବେହେରା, ବିଶ୍ୱନାଥ ସାହୁ, ଦୁର୍ଯ୍ୟୋଧନ ରାଉତ, ଗଙ୍ଗାଧର ସାହୁଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

## ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ଚୌଦ୍ୱାର ସହର

ଚୌଦ୍ୱାର,୨୨।୧(ଆଶୁତୋଷ ଦାସ): ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସାରା ଭାରତବାସୀ ପାଳନ କରୁଥିବାବେଳେ ଚୌଦ୍ୱାର ସହରବାସୀ ମଧ୍ୟ ଏହି ଖୁସିରେ ସାମିଲ ହୋଇଛନ୍ତି। ସୋମବାର ଚୌଦ୍ୱାର ସହର ଓ ଏହାର ଆଖପାଖ ଅଞ୍ଚଳବାସୀ ଘରେ ଘରେ ମୁରୁଜ ପକାଇ ମଙ୍ଗଳ କଳସ ସ୍ଥାପନା କରିଥିଲେ। ବିଭିନ୍ନ ସାହି ବସ୍ତିର ଯୁବକମାନେ ହାତରେ ରାମଲାଲାଙ୍କ ପ୍ରତିଛବି ଥିବା ପତାକା ଧରି ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରୁଥିଲେ। ଅନ୍ୟପଟେ ଅଯୋଧ୍ୟାରୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଏଲ୍‌ଇଡି ମାଧ୍ୟମରେ ବିଭିନ୍ନ ଛକ ଜାଗାରେ ପ୍ରଦର୍ଶନ କରାଯାଇଥିବାବେଳେ ପ୍ରବଳ ଜନସମାଗମ ହୋଇଥିଲା। ଚୌଦ୍ୱାର ଇମ୍ପା ପରିସରରେ ଥିବା ରାମ ମନ୍ଦିର, ନୁନଟିକିରି ହନୁମାନ ମନ୍ଦିର, ଚୌଦ୍ୱାର ଗ୍ରାମ ବ୍ରାହ୍ମଣ ସାହିସ୍ଥିତ କପାଳେଶ୍ୱର ରାମଲୀଳା ପରିଷଦ, ମହାବଳେଶ୍ୱର ପଞ୍ଚମୁଖୀ ହନୁମାନ, ମଙ୍ଗଳା ସାହି ରାମଲୀଳା ଅନୁଷ୍ଠାନ, ଓଟିଏମ୍ ମିଲ୍ ପରିସରରେ ଥିବା ହନୁମାନ ଜୀଉ, କପାଳେଶ୍ୱର ନୂଆସାହି ହନୁମାନ ମନ୍ଦିର ଆଦି ସ୍ଥାନରେ କାର୍ଯ୍ୟକ୍ରମକୁ ଆଡ଼ମ୍ବରରେ ପାଳନ କରାଯାଇଥିଲା। ସନ୍ଧ୍ୟାରେ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ ସହିତ ଭଜନ ସନ୍ଧ୍ୟା ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଗୋପୀନାଥପୁରଠାରେ କେନ୍ଦ୍ରମନ୍ତ୍ରୀଙ୍କ ପୂଜାର୍ଚ୍ଚନା

ସାଲେପୁର,୨୨।୧(ଅରବିନ୍ଦ ଭୂୟାଁ)

ଅଯୋଧ୍ୟାର ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଲେପୁର ବ୍ଲକର ଗୋପିନାଥପୁରରେ ଥିବା ବାଲୁଙ୍କେଶ୍ୱର ମନ୍ଦିରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି।ଏହି ଅବସରରେ ସେ କହିଥିଲେ, ସମଗ୍ର ହିନ୍ଦୁ ସମାଜ ଓ ସନାତନୀ ଆଜି ଭାବ ବିହ୍ୱଳ ହୋଇଛନ୍ତି। ଦେଶର ସ୍ୱାଭିମାନ୍ ଓ ଦେଶର ମର୍ଯ୍ୟାଦା ମହାପ୍ରଭୁ ରାମଚନ୍ଦ୍ରଙ୍କ ପାଇଁ ଭବ୍ୟ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଅବସରରେ ପ୍ରଧାନଙ୍କୁ ସ୍ଥାନୀୟ ଅଞ୍ଚଳର ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ସମ୍ବର୍ଦ୍ଧନା ଦେଇଥିଲେ। ପରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆତସବାଜି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଅକ୍ଷୟ କୁମାର ବିଶୋଇଙ୍କ ମାଳିହତା ଗ୍ରାମସ୍ଥିତ ବାସଭବନରେ ପ୍ରତିଷ୍ଠିତ ଶ୍ରୀ ବଦ୍ରିନାରାୟଣ ଦେବଙ୍କ ମନ୍ଦିରରେ ପହଞ୍ଚି ପୂର୍ଣ୍ଣାହୁତି ଏବଂ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ରାମ ନାମ ଧ୍ୱନିରେ କମ୍ପିଲା ଦେବାଳୟ



ନିଶ୍ଚିନ୍ତକୋଇଲି, ୨୨।୧
(ଅଶୋକ କୁମାର ମହାପାତ୍ର)

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ସବ ମୁଖର ହୋଇପଡିଛି। ବିଭିନ୍ନ ଦେବାଦେବୀ ମନ୍ଦିରରେ ପାରମ୍ପରିକ ରୀତି ନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏନେଇ ହନୁମାନ ମନ୍ଦିର,ରାମ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଶୈବପୀଠରେ ସ୍ୱତନ୍ତ୍ର ପୂଜାନୀତି ସମ୍ପାଦିତ ହୋଇଥିଲା। ଅସୁରେଶ୍ୱର ରଘୁନାଥ ମନ୍ଦିର, ନିଶ୍ଚିନ୍ତକୋଇଲି ରଘୁନାଥ ମନ୍ଦିର, ଜିଗ୍ନିପୁର ଜଗନ୍ନାଥ ମନ୍ଦିର, ନେମାଳ ମହାପୁରୁଷ ପୀଠ, ବନ୍ଧୁପୁର ରଘୁନାଥ ମନ୍ଦିର, ବଡକ୍ଷୀର ଖିରେଶ୍ୱର ପୀଠରେ ସ୍ୱତନ୍ତ୍ର ଉତ୍ସବ କରଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ କର ସେବକଙ୍କୁ ସମ୍ବର୍ଦ୍ଧନା ଦିଆଯାଥିଲା।

## ରଘୁନାଥ ଜୀଉ ମନ୍ଦିରରେ ପାରମ୍ପରିକ ଝୋଟି ମୁରଜ

ଆଠଗଡ,୨୨।୧(ସତ୍ୟ ପ୍ରସାଦ ରଥ)

ଅଯୋଧ୍ୟାରେ ରାମଲାଲା ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ଅବସରରେ ଆଠଗଡ ସହର ଓ ପୁରପଲ୍ଲୀ ହର୍ଷୋଲ୍ଲିତ ଓ ଉତ୍ସବମୁଖର ହୋଇପଡିଛି। ଏହି ଅବସରରେ ବିଭିନ୍ନ ମନ୍ଦିର, ଅନୁଷ୍ଠାନ, ଗ୍ରାମ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ରାଯାଇଥିଲା। ଏହି ପ୍ରରିପ୍ରେକ୍ଷୀରେ ଆଠଗଡ ସହରସ୍ଥିତ ଗଡ଼ଜାତର ଶ୍ରୀ ରଘୁନାଥ ଜୀଉ ପୀଠରେ ଶ୍ରୀରଘୁନାଥ ଜୀଙ୍କୁ କୃପା ପରିଷଦ ଆନୁକୂଲ୍ୟରେ ଉଜ୍ଜ୍ୱଳ ଆଲୋକମାଳା ଓ ପାରମ୍ପାରିକ ଝୋଟି ମୁରୁଜ ସୁସଜ୍ଜିତ କରାଯାଇଥିଲା। ସକାଳୁ ସାମୂହିକ ୧୦୮ହନୁମାନ ଚାଳିଶା ପାଠ କରାଯାଇଥିଲା। ସେହିପରି ଆଠଗଡ ଅଚ୍ଚାଳୀ ଜଗନ୍ନାଥ ମନ୍ଦିର ପରିସରରେ ସାମୂହିକ ପଂକ୍ତି ଭୋଜନ,ଆଠଗଡ ସହର ଚାନ୍ଦବାଲି ଛକ ହନୁମାନ ମନ୍ଦିର,ରାଧା ଗୋବିନ୍ଦପୁର ସିଦ୍ଧ ହନୁମାନ ମନ୍ଦିର ଓ କୁଲାଇଲୋଠାରେ ସାମୂହିକ ସୁନ୍ଦରାକାଣ୍ଡ ପଠନ, ଦୀପଦାନ କାର୍ଯ୍ୟକ୍ରମ କରାଯାଇଥିଲା।



## ‘ସମଗ୍ର ଦେଶ ହୋଇଛି ରାମମୟ’

- ଶ୍ୟାମାକାଳୀ ମନ୍ଦିରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହନୁମାନ ଚାଳିଶା ପାଠ କଲେ
- ଭାଜପା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଆଧାତ୍ମିକ କାର୍ଯ୍ୟକ୍ରମ, ସମୂହ ଦୀପଦାନ

କଟକ,୨୨।୧(ଶିଳ୍ପା ପ୍ରିୟଦର୍ଶିନୀ)

ଅଯୋଧ୍ୟା ରାମ ମନ୍ଦିରରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସୋମବାର କଟକ ନଗର ଭାଜପା ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାଜପା ୱାର୍ଡ ସଭାପତି ସନ୍ଦୀପ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଲୋକେ ସିଡିଏ ସେକ୍ଟର-୬ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ କାଳିଆବୋଦାସ୍ଥିତ ଶ୍ୟାମାକାଳୀ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମନ୍ଦିର ପରିସରସ୍ଥ ହନୁମାନଙ୍କ ବିଗ୍ରହ ସମ୍ମୁଖରେ ପ୍ରଥମେ ପୂଜାର୍ଚ୍ଚନା କରି ହନୁମାନ ଚାଳିଶା ପାଠ କରିଥିଲେ। ପରେ ମା’ ଶ୍ୟାମାକାଳୀଙ୍କୁ ଦର୍ଶନ କରି ଉପସ୍ଥିତ ଜନସାଧାରଣଙ୍କୁ ଲଡୁ ବଣ୍ଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ୫ଶହ ବର୍ଷ ତଳ ପ୍ରତୀକ୍ଷାର ଅନ୍ତ ହୋଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଲୋକ ଏକ ହୋଇ ଆଜିର ଦିନକୁ ଉତ୍ସବ ଭାବେ ପାଳନ କରୁଛନ୍ତି। କଟକର ଏହି ପ୍ରସିଦ୍ଧ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରି ଧନ୍ୟ ମନେ କରୁଛି। ଆଜି ସମଗ୍ର ଦେଶ ରାମମୟ ହୋଇଛି ବୋଲି ପ୍ରଧାନ ପ୍ରକାଶ କରିଥିଲେ। ପରେ ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହନୁମାନ ଚାଳିଶା ଜପ ଓ ସମୂହ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ସେହିପରି ଚହଟା ଛକସ୍ଥିତ ରାମ ନିଗମେଶ୍ୱର ମନ୍ଦିର ସମ୍ମୁଖଠାରୁ ଭାଜପା ୱାର୍ଡ ସଭାପତି ଉମେଶ ବେହେରା ଓ ତପନ ମହାନ୍ତିଙ୍କ ନେତୃତ୍ୱରେ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା କରାଯାଇଥିଲା, ଯେଉଁଥିରେ ୧୦ଟି ସାହିର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସହର ପରିକ୍ରମା କରିଥିଲେ। ପରେ ମାରୁତି ମଣ୍ଡପଠାରେ ଭାଜପା ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଦେବାନନ୍ଦ ସିଂଙ୍କ ନେତୃତ୍ୱରେ ଯଜ୍ଞ କରାଯାଇଥିଲା। ସିଡିଏ ସେକ୍ଟର-୬ଠାରେ ବରିଷ୍ଠ ଭାଜପା ନେତା ଦୟାନିଧି ଲେଙ୍କା, ସିଡିଏ ସେକ୍ଟର -୭ଠାରେ ମଣ୍ଡଳ ସଭାପତି କବିରଞ୍ଜନ ମହାନ୍ତି ଏବଂ ସିଡିଏ ସେକ୍ଟର-୮ଠାରେ ୱାର୍ଡ ମୁଖ୍ୟ ସୁରେଶ ପଣ୍ଡା ଓ ଗୋପାଳ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳରେ ଯଜ୍ଞ ଓ ପ୍ରସାଦ ସେବନ ଆୟୋଜନ ହୋଇଥିଲା। ଅପରାହ୍ନ ୩ଟାରେ ଥୋରିଆସାହିସ୍ଥିତ ମୋହନ ମଣ୍ଡପଠାରୁ ଭାଜପା ନେତା ଜିତେନ୍ଦ୍ର ହାତୀ ଓ ମଣ୍ଡଳ ସଭାପତି ଉପେନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ଶେଲ୍‌ଟର ଛକସ୍ଥିତ ଜଗନ୍ନାଥ ସାହିଠାରେ ମଣ୍ଡଳ ସଭାପତି ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯାଇଥିଲା। ସନ୍ଧ୍ୟାରେ ବ୍ରଜବିହାରୀ ପୁରଠାରେ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦୀପ ରଥ, ଝାଞ୍ଜିରୀମଙ୍ଗଳାସ୍ଥିତ ରାମ ମନ୍ଦିରଠାରେ ଭାଜପା ଉପସଭାପତି ଲଲାଟେନ୍ଦୁ ରାଉତରାୟ, ରଘୁନାଥ ଜୀଉ ମନ୍ଦିର ସମ୍ମୁଖରେ ଲିଗାଲ ସେଲ୍ ଜିଲା କୋର୍ଡିନେଟର ମିଳନ ବଡୁ, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମଣ୍ଡଳ ସାଧାରଣ ସମ୍ପାଦକ ରାଜେଶ ସିଂ ଏବଂ ଚଣ୍ଡୀମନ୍ଦିର ସମ୍ମୁଖରେ ମହିଳା ମୋର୍ଚ୍ଚା ସଭାପତି ପ୍ରବୀଣା ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ ସ୍ଥାନଗୁଡ଼ିକରେ ସମୂହ ଦୀପଦାନ କରାଯାଇଥିଲା। ସେହିପରି ପିଠାପୁରଠାରେ ଭାଜପା ସୋସିଆଲ ମିଡିଆ ମୁଖ୍ୟ କୁମାର ରାଜ ମନ୍ନୁଙ୍କ ନେତୃତ୍ୱରେ ସଂକୀର୍ତ୍ତନ ଶୋଭାଯାତ୍ରା ହୋଇଥିଲା। ପରେ ଗୋପାଳପୁରସ୍ଥିତ ନୂଆସାହି ଠାରେ ଜିଲା ସମ୍ପାଦକ କୀର୍ତ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ଯଜ୍ଞ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।



କାଳିଆବୋଦାସ୍ଥିତ ଶ୍ୟାମାକାଳୀ ମନ୍ଦିରରେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂଜାର୍ଚ୍ଚନା କରୁଛନ୍ତି।

## ସଂକ୍ଷେପରେ

### ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ପରିବେଶ

କୃଷ୍ଣପ୍ରସାଦ,୨୨।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ ଭାଜପା ପକ୍ଷରୁ ଶ୍ରୀରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଭାଜପା ନେତ୍ରୀ ଉପାସନା ମହାପାତ୍ର, ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା, ଯୁବନେତା ଉତ୍ତମ ତରେଇଙ୍କ ନେତୃତ୍ୱରେ ଏକ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସଙ୍ଗଠକମାନେ ବାଇକ ଶୋଭାଯାତ୍ରାରେ ପାଇକରାପୁର ଠାରୁ ବାହାରି କମଳାସିଂ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ମନ୍ଦିରରେ ପହଞ୍ଚିଥିଲେ। ଜୟଶ୍ରୀରାମ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ତିଛିଣି ଗ୍ରାମ୍ୟ କମିଟି ପକ୍ଷରୁ ନାମଯଜ୍ଞ ଆୟୋଜନ କରାଯାଇଥିଲା। କେଦାରନାଥ ସାହୁ, ଶରତ ଚନ୍ଦ୍ର ଜେନା, କୁମର ସାହୁ, ହିରଣ୍ୟ ଜେନା ଉତ୍ସବ ପରିଚାଳନା କରିଥିଲେ। ବୁଦ୍ଧିବର ବିଷ୍ଣୁ ମନ୍ଦିର, ମାଲୁଦ ଦଧିବମାନ ଦେବଙ୍କ ମନ୍ଦିର, ତାଳତଳା ରଘୁନାଥ ଦେବଙ୍କ ମନ୍ଦିରରେ ମଧ ଏହି ଉତ୍ସବ ପାଳିତ ହୋଇଥିଲା।

### ୯ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୨୨।୧(ମାନସ ସାମଲ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ସାଲେପୁର ଥାନା ଅଧୀନ ନାନ୍ଦୋଳ ଗ୍ରାମର ପ୍ରଶାନ୍ତ ବେହେରା(୨୯)। ତାଙ୍କ ପାଖରୁ ପୋଲିସ ୯ କିଲୋ ଗଞ୍ଜେଇ ଓ ନଗଦ ୨୬ ଶହ ଟଙ୍କା ଜବତ କରିଥିଲା। ଏନେଇ ୩୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଗତପୁର ଥାନା ଅଧୀନ ଖରାଖିଆ ଛକ ନିକଟରେ ଜଣେ ଯୁବକ ଗଞ୍ଜେଇ ଭର୍ତ୍ତି ଏକ ଧଳା ଜରି ବ୍ୟାଗ ଧରି ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲେ। ଏ ବାବଦରେ ସ୍ଥାନୀୟ କିଛି ବ୍ୟବସାୟୀ ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କୁ ଜଣାଇଥିଲେ। ଖବରପାଇ ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁ କରିଥିଲେ।

### ସ୍କୁଟିରୁ ଖସିପଡ଼ି ମହିଳା ମୃତ

ଖୁଣ୍ଟୁଣୀ,୨୨।୧(ସଚ୍ଚିଦାନନ୍ଦ ପଣ୍ଡା)

ପୁଅ ଶିକ୍ଷକ ଚାକିରି ପାଇଛି। ଏହି ଖୁସିରେ ବାପା ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଏକ ସ୍କୁଟିରେ ଶ୍ୱଶୁର ଘର କଟକ ଯାଉଥିଲେ। ହେଲେ ବାଟରେ ସବୁ ଖୁସି ମଉଳି ଯାଇଥିଲା। ସ୍କୁଟିରୁ ଖସି ପଡିବାରୁ ଏକ କାର୍ ସ୍ତ୍ରୀଙ୍କ ମୁଣ୍ଡରେ ଚଢିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଟି ଧବଳେଶ୍ୱର ପୋଲିସ ବିଟ୍ ହାଉସ ନିକଟ ପାଇକେରାପୁର ଇଟା କାରଖାନା ଆଗରେ ଘଟିଛି। ସୂଚନା ମୁତାବକ, ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ଗ୍ରାମର କେଶବ ସେଠୀ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ନେଇ ଶ୍ୱଶୁର ଘରକୁ ଯାଉଥିଲେ। ଏକ ଗାଡ଼ି ତାଙ୍କୁ ସାଇଡ୍ ମାରିବାରୁ କେଶବ ହଡବଡେଇ ଯାଇଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ସ୍କୁଟିରୁ ଖସି ପଡ଼ିଥିଲେ। ପଛପଟୁ ଆସୁଥିବା ଏକ କାର୍ ଲକ୍ଷ୍ମୀପ୍ରିୟାଙ୍କ ମୁଣ୍ଡ ଉପରେ ଚଢିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କଟକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଲକ୍ଷ୍ମୀପ୍ରିୟାଙ୍କୁ ମୃତ ଘୋଷଣା କରିଥିଲେ।

# ସମ୍ପ୍ରସାରଣ ହେଉନି ରାସ୍ତା, ବଢୁଛି ଟ୍ରାଫିକ ସମସ୍ୟା

ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥର ମେଡିକାଲ ଛକଠାରୁ ମୁକୁନ୍ଦପ୍ରସାଦ ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ଅନିୟନ୍ତ୍ରିତ ହୋଇପଡ଼ିଛି। ସହରରେ ଜନସଂଖ୍ୟା ସହ ଯାନବାହନ ସଂଖ୍ୟା ମଧ ବଢୁଛି। ସହରରେ ସକାଳ ୮ରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ରହୁଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହି ରାସ୍ତାରେ ମେଡିକାଲ, ବନ ବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ୩ଟି ଶପିଂ ମଲ୍, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳଙ୍କ କାର୍ଯ୍ୟାଳୟ ରହିଛି। ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ୍ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକରେ ଟ୍ରାଫିକ୍ ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସମ୍ପୂର୍ଣ୍ଣ ସଙ୍କୁଚିତ ହୋଇରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ପାର୍କିଂ ଏବଂ ଚାରିପଟେ ଦୋକାନ ବଜାର ଏବଂ କ୍ୟାବିନ ରହି ରାସ୍ତାକୁ ସଙ୍କୁଚିତ କରୁଛି। ରାସ୍ତା ସମ୍ପ୍ରସାରଣ, ଡ୍ରେନ୍ ଅବରୋଧ ମୁକ୍ତ ଲାଗି ପୌର ଓ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ରାଜନୈତିକ ଚାପରେ କାର୍ଯ୍ୟ ଆଗେଇଲାନି। ପୋଷ୍ଟାଲ ଅଫିସ୍-ଡକ୍ଟର୍ସ ଲେନ୍ ଗଳି, ଟ୍ରାଫିକ ଛକ, ମାରୱାଡି ପଟି ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏପରିକି ମାପଚୁପ କରାଯାଇ ଚିହ୍ନ ଦିଆଯାଇଥିଲା। ସହରବାସୀ ଆଶା କରିଥିଲେ, ଏଥର ଏହି ରାସ୍ତା ସମ୍ପ୍ରସାରିତ ହେବ, ଆଉ ଲୋକଙ୍କୁ ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ। ତେବେ ଏହା ପରବର୍ତ୍ତୀ ସମୟରେ ସ୍ଥଗିତ ରହିଗଲା। ଫଳରେ ଲୋକଙ୍କ ଆଶା ମଉଳି ଯାଇଥିଲା। ଅନେକ ସମୟରେ ମେଡିକାଲରୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ଏପରି ଜାମ୍‌ରେ ଫସି ରହୁଥିବା ଦେଖିବାକୁ ମିଳୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଆଗରେ ବାଇକ୍ ପାର୍କିଂ ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟିହେଉଛି। ସନ୍ଧ୍ୟା ସମୟରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ଉଭୟପଟୁ ଯାନବାହନ ଏକ କିଲୋମିଟର ବ୍ୟାପୀ ଧାଡିରେ ଅଟକି ରହୁଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ରହିଥିବା କ୍ୟାବିନ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇ ରହିଛି।

ଉକ୍ତ ରାସ୍ତାରେ ଦୈନିକ ନୟାଗଡ଼ଠାରୁ ଭୁବନେଶ୍ୱରକୁ ଶହ ଶହ ବସ୍ ଯାତାୟାତ କରୁଛି। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ଲାଗି ବସ୍‌ଗୁଡିକ ଖୋର୍ଦ୍ଧା କ୍ଲବ, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଅଟକୁଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡରେ ହଳଦିଆ, ଗଡ଼ମାଣିତ୍ରୀ, ଜଟଣୀ ଆଦି ଅଞ୍ଚଳକୁ ମିନିବସ୍, କ୍ୟାଣ୍ଟର ଚଳାଚଳ କରୁଛି। ଏହି ବସ୍‌ଗୁଡିକ ମଧ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡା ଆଦି ଗ୍ରାମକୁ ଯିବା ଲାଗି ଏକମାତ୍ର ରାସ୍ତା ରହିଛି। ଫଳରେ ଏହି ସ୍ଥାନରେ ସବୁ ସମୟରେ ଟ୍ରାଫିକ ସମସ୍ୟା ରହୁଛି। କୌଣସି ସମୟରେ ଉଭୟପଟୁ କାର କିମ୍ବା ଟ୍ରକ ଯାତାୟାତ ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଗୁରୁଜଙ୍ଗ ପେଟ୍ରୋଲ ପମ୍ପଠାରୁ ସହର ଉଭୟପଟ(ମୁକୁନ୍ଦପ୍ରସାଦଠାରୁ ଖୋର୍ଦ୍ଧା କ୍ଲବ ପର୍ଯ୍ୟନ୍ତ) ରାସ୍ତାରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।



ରାସ୍ତାରେ ଅଟକି ରହିଥିବା ଯାନବାହନ।

# ୧୩ ହଜାର ଲିଟର ପୋଚ ନଷ୍ଟ, ୩ ଗିରଫ



ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଥିବା ସାମଗ୍ରୀ।

ବେଗୁନିଆ,୨୨।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଅବକାରୀ ଥାନା ଅଞ୍ଚଳରେ ସୋମବାର ଖୋର୍ଦ୍ଧା ଅବକାରୀ ବିଭାଗ, ସଦର ଥାନା ଏବଂ ବେଗୁନିଆ ଅବକାରୀ ଥାନା କର୍ମଚାରୀ ମିଳିତଭାବେ ବେଆଇନ ନିଶାଦ୍ରବ୍ୟ କାରବାର ଉପରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସିକୋ ଅଞ୍ଚଳର ରତ୍ନାକର ଛୁଆଳସିଂହ, କୃପାସିନ୍ଧୁ ସାମନ୍ତରାୟ ଏବଂ ଧ୍ରୁବଚରଣ ନାୟକ। ଏନେଇ ବେଗୁନିଆ ଅବକାରୀ ଥାନାରେ ପୃଥକ୍ ଭାବେ ୪ଟି ମାମଲା ରୁଜୁପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଅବକାରୀ ଥାନା କର୍ମଚାରୀମାନେ ମିଳିତଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ ପୂର୍ବରୁ ମାଫିଆମାନେ ଛତ୍ରଭଙ୍ଗ ଦେଇଥିଲେ। ବରପଦା ଏବଂ ସିକୋ ଜଙ୍ଗଲ ପରିସରରେ ଥିବା ବେଆଇନ ମଦଭାଟି ଉପରେ ଚଢ଼ାଉ କରାଯାଇଥିଲା। ସିକୋ ଜଙ୍ଗଲ ପରିସରରୁ ୧୩ ହଜାର ଲିଟର ପୋଚ ଜବତ କରାଯାଇ ସେଠାରେ ନଷ୍ଟ କରାଯାଇଥିଲା। ସେହିପରି ବରପଦା ଜଙ୍ଗଲ ପରିସରରେ ଥିବା ବେଆଇନ ଭାଟି ରୁ ୭୫୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଛି। ପ୍ରକାଶ ଯେ, ବେଗୁନିଆ ସଦର ମହକୁମାରେ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଇଛି। ଏହାକୁ ରୋକିବା ପାଇଁ ବହୁ ସାମାଜିକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଜିଲାପାଳ ଏବଂ ଏସ୍‌ପିଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଜନ କଲ୍ୟାଣ ପ୍ରତିଷ୍ଠାନ ସଭାପତି ଅକ୍ଷୟ ରଥ କହିଛନ୍ତି।

# କଂଗ୍ରେସର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ



ବୈଠକରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ କଂଗ୍ରେସ କର୍ମୀମାନେ।

ବୋଲଗଡ଼,୨୨।୧(ଦେବବ୍ରତ ହୋତା)

ନନ୍ଦିଘୋଷ ଭବନଠାରେ ସୋମବାର କଂଗ୍ରେସର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ବେଳେ ବ୍ଲକ କଂଗ୍ରେସ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ସ୍ଥାନୀୟ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ବଢୁଥିବା ବେଳେ କର୍ମୀମାନେ ଏକଜୁଟ ହୋଇ ଦଳର ବିଜୟ ପାଇଁ ଉଦ୍ୟମ କରିବାକୁ ଦଳର ନେତା ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଖୁବ୍‌ଶୀଘ୍ର ଏକ ବ୍ଲକ କଂଗ୍ରେସ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୯ ତାରିଖରେ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଭୁବନେଶ୍ୱର ଆସିବାକୁ ଥିବା କାର୍ଯ୍ୟକ୍ରମର ସମାବେଶରେ ସ୍ଥାନୀୟ ବ୍ଲକ ଅଞ୍ଚଳର କଂଗ୍ରେସ କର୍ମୀମାନେ ଯୋଗଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ମାଧବ ବିଶ୍ୱାଳ, ବିଜୟ ମହାନ୍ତି, ପ୍ୟାରୀମୋହନ ଦାସ, ଭାସ୍କର ମଙ୍ଗରାଜ, ରମେଶ ପଟ୍ଟନାୟକ, ଯୋଗୀ ଶ୍ରୀଚନ୍ଦନ, ଶ୍ରୀଧର ଦତ୍ତ, ସନ୍ତୋଷ ପୃଷ୍ଟି, ଜୟକୃଷ୍ଣ ପ୍ରହରାଜ, ନଟବର ପାଣ୍ଡେ, ଚିରଞ୍ଜୀବ ସୁନ୍ଦରାୟ, ସୟଦ ମୁଜାହିଦ ଅଲ୍ଲୀ, ବିରଞ୍ଚି ସାହୁ, ବିଜୟ ସେଠୀ, ରଘୁନାଥ ସାହୁ, ଶରତ ପାତ୍ର, ନବ ପ୍ରଧାନ, ଲୋଚନ ମିଶ୍ର, ବାମନ ସାହୁ, ଶଙ୍କର୍ଷଣ ରାଉତ, ମାନସ ବରାଡ଼, ନବକିଶୋର ପଣ୍ଡା, ପ୍ରମୋଦ ବଳିୟାରସିଂହ, ବନମାଳୀ ସେନାପତି, ରମା ପଟ୍ଟନାୟକ, ସୀମାଞ୍ଚଳ ଖଣ୍ଡାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପୋଲିସକୁ ଆକ୍ରମଣ ଘଟଣା, ଜଣେ ଗିରଫ

ଯାଁଳା,୨୨।୧(ବୁଲା ବାରିକ)

ଗତ ୧୬ତାରିଖରେ ଚୋରା ମଦ ବେପାରୀଙ୍କୁ ଧରିବା ସମୟରେ ୯ଜଣ ସଂଘବଦ୍ଧ ଭାବେ ଇନ୍‌ଫୋସିଟି ଥାନା କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ସୋମବାର ଏହି ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ହରପୁର ଗ୍ରାମର ସଂଗ୍ରାମ ସିଂହ। ତେବେ ଅନ୍ୟ ୮ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନାଥାଉ କି, ଗତ ୧୬ ତାରିଖ ସନ୍ଧ୍ୟାରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ପେଟ୍ରୋଲିଂ ଟିମ୍ ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି ସମ୍ପାଦନ କରୁଥିଲେ। ବେଆଇନଭାବେ ଦେଶୀ ମଦ ବିକ୍ରି ହେଉଥିବା ଖବରପାଇ ଏହି ଟିମ୍ ହରପୁର ଗାଁ ଛକ ନିକଟରେ ଚଢ଼ାଉ କରି ଗୁଣ୍ଡୁ ଓରଫ ବିଶ୍ୱନାଥ ସିଂହଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରି ସିଜର ଲିଷ୍ଟ ପ୍ରସ୍ତୁତ କରିବା ସମୟରେ ଅଭିଯୁକ୍ତ ସଂଗ୍ରାମ ଏବଂ ତାଙ୍କର ୮ ଜଣ ସହଯୋଗୀ ହଠାତ ସେଠାରେ ପହଞ୍ଚି ସଂଘବଦ୍ଧଭାବେ ପାଟ୍ରୋଲିଂ ଟିମର ଦୁଇ ଅଧିକାରୀ, କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏହା ସହ ଦୁଇ କର୍ମଚାରୀଙ୍କ ମୋବାଇଲ ଫୋନ ଛଡାଇ ନେଇଯାଇଥିଲେ। ଖବରପାଇ ଥାନାର ଅନ୍ୟ ଜଣେ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆଇନକୁ ହାତକୁ ନ ନେବାଲାଗି ଅଭିଯୁକ୍ତଙ୍କୁ ଅନୁରୋଧ କରିଥିଲେ। ଅଭିଯୁକ୍ତମାନେ ନ ଶୁଣି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇ ସଂଗ୍ରାମଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର କଳାକାର ଯିବେ ଇଣ୍ଡୋନେସିଆ



କଟକ,୨୨।୧(କାର୍ତ୍ତିକ ସାହୁ)

ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୂତନ ପିଢ଼ିର ନୃତ୍ୟଶିଳ୍ପୀମାନେ ଇଣ୍ଡୋନେସିଆ ଯିବେ। ଇଣ୍ଡିଆନ୍ କାଉନ୍‌ସିଲ୍ ଫର କଲ୍‌ଚରାଲ ରିଲେସନ୍ସ ପକ୍ଷରୁ ସେଠାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବାକୁ ସେମାନେ ନିମନ୍ତ୍ରିତ ହୋଇଥିବା ଏକାଡେମୀର ପ୍ରତିଷ୍ଠାତ୍ରୀ ଗୁରୁ ମୀରା ଦାସ ସୂଚନା ଦେଇଛନ୍ତି। ସୂଚନାନୁସାରେ, ଭାରତ ସ୍ୱାଧୀନତାର ୭୭ ବର୍ଷ ପୂର୍ତ୍ତିର ବିଶେଷ ଅବସରରେ ଇଣ୍ଡୋନେସିଆର ବିଭିନ୍ନ ପ୍ରାନ୍ତରରେ ଥିବା ବାଲି, ସୁରବାୟା, ପୂର୍ବକର୍ତ୍ତା, ଜାକର୍ତ୍ତା, ବାତମ୍ ଆଦି ସହରରେ ଓଡ଼ିଶୀ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ଗୁରୁ ମୀରା ଦାସଙ୍କ ସହିତ ବରିଷ୍ଠ ନୃତ୍ୟଶିଳ୍ପୀ ସସ୍ମିତା ପଣ୍ଡା, ପ୍ରିୟଙ୍କା ଜେନା, ବିଦ୍ୟା ବିଶ୍ୱଜିତାଙ୍କ ସହିତ ପ୍ରଥମ କରି ପ୍ରତିଭାସମ୍ପନ୍ନ ନୂତନ ଶିଳ୍ପୀ ଜେକି ସ୍ୱପ୍ନା ଦତ୍ତ, ସ୍ୱୀକୃତି ଦାସ, ଭାଗ୍ୟଶ୍ରୀ ଆଏଚ୍ ଓ ସ୍ୱର୍ଣ୍ଣମୟୀ ବେହେରା ଯିବାର ସୁଯୋଗ ପାଇଛନ୍ତି। ଏପରି ସୁଯୋଗ ନୃତ୍ୟଶିଳ୍ପୀମାନଙ୍କ ନୃତ୍ୟକୁ ଜୀବିକା ଭାବେ ଗ୍ରହଣ କରିବା ପାଇଁ ପ୍ରଗାଢ଼ ପ୍ରୋତ୍ସାହନ ଓ ପ୍ରେରଣା ଯୋଗାଇବ ବୋଲି ଗୁରୁ ମୀରା ଦାସ କହିଛନ୍ତି।

# ଦୀର୍ଘ ୬୦ବର୍ଷର ଦାବିକୁ ପୂରଣ କଲେ ବିଧାୟକ

ମଙ୍ଗୁଳି-ଜଗତପୁର,୨୨।୧(ମାନସ ସାମଲ)

ଟାଙ୍ଗୀ- ସାଲେପୁର ନିର୍ବାଚନମଣ୍ଡଳୀ ଅଧୀନ ଉଚ୍ଚପଦା ଗ୍ରାମ ପଞ୍ଚାୟତରେ ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ରପାଳଠାରୁ ବୈରୀ ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ ସୋମବାର ହୋଇଯାଇଛି। ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ। ୪ କୋଟି ୨୨ ଲକ୍ଷ ୪୨ହଜାର ୬୬୨ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଉନ୍ନତୀକରଣକୁ ଆଗାମୀ ୬ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ଥିବା ବିଧାୟକ ବେହେରା କହିଥିଲେ। ତପନ ସ୍ୱାଇଁ, ଆଇନଜୀବୀ ପ୍ରଭାତ ପ୍ରହରାଜ, ବିକଳନନ୍ଦ ସ୍ୱାଇଁ ପ୍ରମୁଖ ସମସ୍ତ ଗ୍ରାମବାସୀ ଦୀର୍ଘ ୬୦ବର୍ଷ ଧରି ଏହା ରାସ୍ତାର ଉନ୍ନତୀକରଣ ନେଇ ଦାବି କରି ଆସୁଥିଲେ। ଏହାକୁ ଗୁରୁତ୍ୱ ଦେଇଥିବାରୁ ସମସ୍ତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ବେହେରାଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମୀନାକ୍ଷୀ ଦାସ, ଆତ୍ମା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠୀ, ସ୍ଥାନୀୟ ସରପଞ୍ଚ ପ୍ରଭାସ୍ମିତା ସ୍ୱାଇଁ, କନ୍ହେଇପୁର ସରପଞ୍ଚ ଭରତଚନ୍ଦ୍ର ବେହେରା, ସମିତି ସଭ୍ୟ ସୁନନ୍ଦା ସାମଲ, ଯୁବ ସଂଗଠକ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

# ସଂଗୃହୀତ ଅରୁଆ ଚାଉଳ, ଗୁଆ ସୁରକ୍ଷିତ

କଟକ ସଦର,୨୨।୧(ସୁଶାନ୍ତ ଜେନା)

ଅର୍ପଣ ରଥ ପରିକ୍ରମାବେଳେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରୁ ସଂଗୃହୀତ ଅରୁଆ ଚାଉଳ ଓ ଗୁଆ ସୁରକ୍ଷିତ ଅବସ୍ଥାରେ ପରମହଂସ ମନ୍ଦିର ଯାତ୍ରୀ ନିବାସରେ ରଖାଯାଇଛି। ଏହି ଚାଉଳକୁ ୩୦ କିଲୋ ଜରି ଅଖାରେ ଭର୍ତ୍ତି କରାଯାଇ ରଖାଯାଇଛି। ଆସନ୍ତା ୩୦ ତାରିଖରେ ଏହାକୁ ପୁରୀ ପଠାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ମାତ୍ର ଏହି ଚାଉଳ ବର୍ଷାରେ ନଷ୍ଟ ହେଉଥିବା ପ୍ରଚାର ଅମୂଳକ ବୋଲି ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ୧୭ ତାରିଖରେ ବ୍ଲକସ୍ତରୀୟ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପରମହଂସ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ସେହିଦିନ ସବୁ ପଞ୍ଚାୟତରୁ ସଂଗୃହୀତ ଚାଉଳ, ଗୁଆ ଏଠାକୁ ଅଣାଯାଇଥିଲା।



ଯାତ୍ରୀ ନିବାସରେ ଚାଉଳ ରଖାଯାଇଛି।

# ଗୋଟିଏ ପରିବାରର ୮ ଡାକ୍ତରଖାନାରେ ଭର୍ତ୍ତି

ଖୁଣ୍ଟୁଣୀ,୨୨।୧(ସଚ୍ଚିଦାନନ୍ଦ ପଣ୍ଡା)

## ବାଉଁଶଟାଙ୍ଗରରେ ଝାଡ଼ାବାନ୍ତି ବ୍ୟାପିଲା



ଖୁଣ୍ଟୁଣୀ ଥାନା ଅଧୀନ କଣ୍ଡରେଇ ପଞ୍ଚାୟତ ବାଉଁଶଟାଙ୍ଗର ଗ୍ରାମର ଗୋଟିଏ ପରିବାରର ୮ଜଣ ଘରେ ରାନ୍ଧିଥିବା ଖାଦ୍ୟଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଜିଲା ସ୍ୱାସ୍ଥ୍ୟ ବିଭାଗ ସହିତ କଟକ ଜିଲା ମହାମାରୀ ବିଶେଷଜ୍ଞ ଡା. କାଶୀନାଥ ପଣ୍ଡାଙ୍କ ନେତୃତ୍ୱରେ ମାଇକ୍ରୋବାୟୋଲୋଜିଷ୍ଟ ସୁଚରିତା ଦାସ ଏବଂ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରିଣୀ କବିତାରାଣୀ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ରମାକାନ୍ତ ସିହ୍ନା, ସ୍ୱାସ୍ଥ୍ୟକର୍ମୀ ନିର୍ମଳ ବର ପ୍ରମୁଖ ସୋମବାର ସନ୍ଧ୍ୟାରେ ଆକ୍ରାନ୍ତଙ୍କ ଘରେ ପହଞ୍ଚିଥିଲେ। ସ୍ଥିତି ଅନୁଧ୍ୟାନ କରିବା ସହ ସେମାନେ ବ୍ୟବହାର କରୁଥିବା କୂଅ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଦିଲ୍ଲୀପ ଦାସ କହିଛନ୍ତି। ଏଥିସହ ଆକ୍ରାନ୍ତଙ୍କ ଘର ଚତୁଃପାର୍ଶ୍ୱରେ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇ ବିଶୋଧନ କରାଯାଇଛି। ଖାଦ୍ୟର ଅମ୍ଳ କିମ୍ବା ବିଷକ୍ତୀକରଣ ଫୁଡ୍ ପଏଜନ କାରଣରୁ ଏପରି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଛି। କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ ଆକ୍ରାନ୍ତଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଅଧିକ ଚିକିତ୍ସା ବ୍ୟବସ୍ଥା ପାଇଁ ଦାବି କରିଛନ୍ତି। ତେବେ ଆଠଗଡ଼ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମିଶ୍ର ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଉନ୍ନତି କରୁଥିବା ସୂଚନା ଦେଇଛନ୍ତି। ତେବେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ରହ୍ମାନନ୍ଦଙ୍କ ପରିବାର ରବିବାର ଦିନରେ ଶାଗ ଭଜା, ସଜନା ଛୁଇଁ, ରାତିରେ ଚିକେନ୍ ସହିତ ବିରିଆନି ଖାଇଥିଲେ। ମଧ୍ୟରାତିରୁ ୪ ଜଣଙ୍କ ଝାଡ଼ାବାନ୍ତି ହୋଇଥିଲା। ପୁଣି ସୋମବାର ପରିବାରର ସମସ୍ତ ସଦସ୍ୟ ଏଥିରେ ଆକ୍ରାନ୍ତ ହୋଇପଡ଼ିଥିଲେ।

# ମଣ୍ଡିରେ ଧାନ ନ ଦେଇ ଆନ୍ଧ୍ର ବେପାରୀଙ୍କୁ ବିକୁଛନ୍ତି ଚାଷୀ

**କଣାସ,୨୨।୧(ବିଭୂତି ଭୂଷଣ ତ୍ରିପାଠୀ):** ବିଳମ୍ବରେ ଧାନମଣ୍ଡି ଖୋଲୁଥିବାରୁ ଚାଷୀଙ୍କ ମଧ୍ୟରେ ଆସନ୍ତୋଷ ଦେଖାଯାଇଛି। ପ୍ରତିବର୍ଷ କଣାସ ବ୍ଲକର ୧୧ଟି ସମବାୟ ସମିତି ଜରିଆରେ ମଣ୍ଡି ଖୋଲା ଯାଉଥିବାବେଳେ ଚଳିତବର୍ଷ ମାତ୍ର ୨ଟି ମଣ୍ଡି ଖୋଲା ହୋଇଛି। ବିଳମ୍ବରେ ହେଲେ ମଧ୍ୟ ୮ ଦିନ ତଳେ ମନ୍ଦାକିନୀ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲା ଯାଇଥିବାବେଳେ ସୋମବାର କଣାସ ବ୍ଲକର ହେଡକୋର୍ଟରେ ଥିବା ମା' କୁଞ୍ଜେଶ୍ୱରୀ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ସମବାୟ ସମିତି ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ସମ୍ପାଦକ ଧୀରେନ୍ଦ୍ର ମାନସିଂ, ବୋର୍ଡମେମ୍ବର ରବୀନ୍ଦ୍ର ବଳବନ୍ତରାୟ, ଟିକନ ପ୍ରଧାନ ଏବଂ ୧୫ଜଣ ଚାଷୀ ଉପସ୍ଥିତ ରହିଥିଲେ। ମଣ୍ଡିରେ ୧୫ ଚାଷୀଙ୍କଠାରୁ ୫୧୧.୫୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଦୁଲଣା ରାଇସ୍ ମିଲ୍‌ର କର୍ମକର୍ତ୍ତା ରହି ଧାନ କ୍ରୟ କରିଥିଲେ। ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତିରେ ୧୬୫୧ ଚାଷୀ ମେମ୍ବର ଥିବାବେଳେ ମାତ୍ର ୫୯ ଚାଷୀ ଧାନବିକ୍ରି ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ତେବେ ଚାଷୀ ମଣ୍ଡିରେ ଧାନବିକ୍ରି ନ କରି ଆନ୍ଧ୍ରବେପାରୀଙ୍କୁ ବିକୁଥିବା ଜଣାପଡ଼ିଛି। ଡିମିରି ଗ୍ରାମର ଜଣେ ଚାଷୀଙ୍କୁ ଏ ସମ୍ପର୍କରେ ପଚାରିବାରୁ, ଆନ୍ଧ୍ର ବେପାରୀ ଧାନମଣ୍ଡି ଅପେକ୍ଷା ୫୦ରୁ ୧୦୦ଟଙ୍କା କମ୍‌ରେ ଧାନ ଦୁଆରୁ କିଣି ନେଇଯାଉଛନ୍ତି। ନଗଦ ଟଙ୍କା ମଧ୍ୟ ଦେଉଛନ୍ତି। ମଣ୍ଡି ଖୋଲିବାରେ ବହୁ ବିଳମ୍ବ ହେଉଛି। ମଣ୍ଡି ଖୋଲିଲା ପରେ ରେଜିଷ୍ଟ୍ରେଶନ କରି ମଣ୍ଡିକୁ ଧାନ ବୋହି କରି ନେବାକୁ ପଡୁଛି। ଧାନବିକ୍ରି ପରେ ନଗଦ ଟଙ୍କା ନ ମିଳି ବ୍ୟାଙ୍କ ଆକାଉଣ୍ଟରେ ୮ରୁ ୧୫ଦିନ ପରେ ଟଙ୍କା ଆସୁଛି। ସେଥିପାଇଁ ଆନ୍ଧ୍ରବେପାରୀଙ୍କୁ ଧାନବିକ୍ରି କରିବାକୁ ବାଧ୍ୟ ହେଉଥିବା ସେ କହିଥିଲେ।

## ସଂକ୍ଷେପରେ

### ନାବାଳିକା ଅପହରଣରେ ୩ ଜଣଙ୍କ ନାମରେ ମାମଲା

**ନିମାପଡ଼ା,୨୨।୧(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ଅଞ୍ଚଳର ଜଣେ ୧୬ ବର୍ଷୀୟା କଲେଜ ଛାତ୍ରୀଙ୍କୁ ସ୍ଥାନୀୟ ଥାନା ଅଞ୍ଚଳର ଜଣେ ଯୁବକ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରିନେଇଥିବା ନାବାଳିକାଙ୍କ ଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପହରଣକାରୀ ଯୁବକ ଓ ତାଙ୍କ ବାପା, ଜେଜେ ପ୍ରମୁଖ ୩ ଜଣଙ୍କ ନାମରେ ୨୯/୨୪ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନାବାଳିକା ବାପାଙ୍କ ଅଭିଯୋଗ ଅନୁସାରେ, ଅପହରଣକାରୀ ଯୁବକ ନାବାଳିକାଙ୍କୁ କଲେଜ ଯିବା ବାଟରେ କମେଣ୍ଟ ମାରିବା ସହ ହଇରାଣ ହରକତ କରନ୍ତି। ଏ ସମ୍ପର୍କରେ ଯୁବକଙ୍କ ବାପାଙ୍କୁ ବାରମ୍ବାର ଅବଗତ କରି ତାଗିଦା କରିଥିଲେ। ତାଙ୍କ ଝିଅ କଲେଜ ଯାଇ ନ ଫେରିବାରୁ ମନ୍ଦ ଉଦ୍ଦେଶ୍ୟ ରଖି ଡିହବାରୀ ମହାରଣା ସାହି ଗ୍ରାମର ବିଶ୍ୱଜିତ୍ ନାୟକ ତାଙ୍କୁ କେଉଁଆଡେ ଅପହରଣ କରିନେଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ନାବାଳିକାଙ୍କ ବାପା ବିଶ୍ୱଜିତ୍‌ଙ୍କ ଘରକୁ ଯାଇ ତାଙ୍କ ବାପା ସୁବାସ ନାୟକ, ଜେଜେ ବିଦ୍ୟାଧର ନାୟକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ସେମାନେ ନାବାଳିକାଙ୍କ ବାପାଙ୍କୁ ଗାଳିଗୁଲଜ କରିବା ସହିତ ବିଭିନ୍ନ ଧମକ ଚମକ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଯାଇଛି।

### ଭାଷା ବିପ୍ଳବର ସେନାପତି ଫକୀର ମୋହନ

**କାକଟପୁର,୨୨।୧(ଶୁଭଦର୍ଶନ ମିଶ୍ର):** କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୋମେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ପ୍ରଥମ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ସାଧୁଚରଣ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଶିକ୍ଷୟତ୍ରୀ ଦୀପ୍ତି କୁମାରୀ ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରୁ ବିଭିନ୍ନ ଜିଲାରୁ କବୟିତ୍ରୀ କବି ଯୋଗଦେଇ ଫକୀରମୋହନ ସେନାପତିଙ୍କ କୃତି ସମ୍ପର୍କୀତ କବିତା ପଠନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂସଦ ସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଗାରୋଇ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ ଲେଙ୍କା, ମୁଖ୍ୟବକ୍ତା ଭାବେ ରାଜ୍ୟ ପାଲା ଗାୟକ ପରିଷଦ ସାଧାରଣ ସମ୍ପାଦକ ବସନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ମା' ମଙ୍ଗଳା ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ଆଇନଜୀବୀ ଉମାକାନ୍ତ ମିଶ୍ର, ବ୍ୟଙ୍ଗ କବି ସମ୍ପଦ ରଥ ପ୍ରମୁଖ ଯୋଗଦେଇଥିଲେ। ଫକୀର ମୋହନଙ୍କ ପେଟେଣ୍ଟ ମେଡ଼ିସିନ୍, ଲଛମା, ମାମୁଁ, ରେବତୀ ଆଦି କୃତି ଆଲୋଚନା କରିବା ସହ କଥା ସମ୍ରାଟଙ୍କୁ ଭାଷା ବିପ୍ଳବର ସେନାପତି ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସଂସଦ ସମ୍ପାଦକ ଅଧ୍ୟାପକ ମନୋଜ ସାହୁ ଉତ୍ସବର ଆଭିମୁଖ୍ୟ ଉପସ୍ଥାପନା କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶୁଭଲକ୍ଷ୍ମୀ ମହାନ୍ତି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଭୁବନେଶ୍ୱର କିସ୍ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଶ୍ରୀ ଜାହ୍ନବୀ ସୁହାସିନୀ ବେଦ ପାଠ କରିଥିଲେ। ଇତ୍ୟବସରେ ସାହିତ୍ୟ ସଂସଦ ପକ୍ଷରୁ ଶିଶୁବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ତନ୍ମୟ ପାତ୍ର, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ସୁକାନ୍ତ ଲେଙ୍କାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ସହ ଉତ୍କଳ ସମ୍ମିଳନୀ ସମ୍ପାଦିକା କବୟିତ୍ରୀ କ୍ଷେତ୍ରବାସିନୀ ତ୍ରିପାଠୀ ଯୋଗଦେଇଥିଲେ।

# ଅସ୍ତରଙ୍ଗ, ଅଠତିରା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



**ଅସ୍ତରଙ୍ଗ,୨୨।୧(ପ୍ରଦୀପ୍ତ ଦୀକ୍ଷିତ):** ଅସ୍ତରଙ୍ଗ ବ୍ଲକରେ ସୋମବାର ଦୁଇଟି ଧାନମଣ୍ଡି ଖୋଲାଯାଇଛି। ଧାନମଣ୍ଡି ଖୋଲା ହେବାରୁ ଟୋକନ ପାଇଥିବା ଚାଷୀ ଧାନବିକ୍ରି କରିଛନ୍ତି। ପ୍ରଥମ ଦିନରେ ଅସ୍ତରଙ୍ଗ ସେବା ସମବାୟ ସମିତିଠାରେ ଧାନ କ୍ରୟ କେନ୍ଦ୍ରରେ ୫ଶହ କୁଇଣ୍ଟାଲ ଧାନ କିଣାଯିବାକୁ ୨୦ଜଣ କୃଷକଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ଅଠତିରା ସେବା ସମବାୟ ସମିତିରେ ପ୍ରଥମ ଦିନରେ ୧୫ଜଣ ଚାଷୀଙ୍କଠାରୁ ୩ଶହ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କ୍ରୟ ପାଇଁ ଟୋକନ ପ୍ରଦାନ କରାଯାଇଥିଲା। ଅସ୍ତରଙ୍ଗ ସେବା ସମବାୟ ସମିତି ଧାନମଣ୍ଡି ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ ଦୁର୍ଜୟ ମିଶ୍ର, ମୁଖ୍ୟବକ୍ତା ଭାବେ ପୁରୀ–ନିମାପଡ଼ା କେନ୍ଦ୍ରୀୟ ସମବାୟ ସମିତି ସଭାପତି କୁଞ୍ଜବିହାରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ସମବାୟ ସମିତି ସଭାପତି ବାଉରୀବନ୍ଧୁ ନାୟକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପୂର୍ବତନ ସମିତିସଭ୍ୟ ଦିବାକର ଛାଟୋଇ, ସମିତି ସମ୍ପାଦକ କାଳନ୍ଦୀ ପ୍ରଧାନ, ଲିଜା ରାୟ, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଠତିରା ସେବା ସମବାୟ ସମିତିରେ ଅତିଥି ଭାବେ ସମିତି ସଭାପତି ପଞ୍ଚାନନ ସ୍ୱାଇଁ, ସମ୍ପାଦକ ଆର୍ତ୍ତତ୍ରାଣ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ଓ ଅଠତିରା ସେବା ସମବାୟରେ ୫୫୦ରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକୃତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ ବ୍ଲକର ଦାୟିତ୍ୱରେ ଥିବା ଅନୁବନ୍ଧିତ ମିଲରଙ୍କ ମାଧ୍ୟମରେ ୭ହଜାର କୁଇଣ୍ଟାଲ ଧାନକ୍ରୟ କରାଯିବ ବୋଲି ସୂଚନା ମିଳିଛି।

# ଲିଟିଲ୍‌ଷ୍ଟାର ଗ୍ରୁପ୍‌ର ଶିଶୁ, ଯୁବ ମହୋତ୍ସବ




ଲିଟିଲଷ୍ଟାର ଗ୍ରୁପର ୨୧ତମ ଶିଶୁ ଓ ଯୁବ ମହୋତ୍ସବ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

**ନିମାପଡ଼ା,୨୨।୧(ବିଚିତ୍ରାନନ୍ଦ ସାହୁ):** ଶିଶୁ ବିକାଶ ଅନୁଷ୍ଠାନ ଲିଟିଲଷ୍ଟାର ଗ୍ରୁପର ୨୧ତମ ଶିଶୁ ଓ ଯୁବ ମହୋତ୍ସବ ପାଟପୁର ଗ୍ରାମର ପ୍ରଭୁ ଲୋକନାଥ ଦେବଙ୍କ ପୀଠରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କଣ୍ଠଶିଳ୍ପୀ ଦେବସ୍ମିତା ଆଚାର୍ଯ୍ୟ, ସିଦିଷ୍ଟା ବିନ୍ଧାଣୀ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢ଼ୀ, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ଶିକ୍ଷାବିତ୍ ଶ୍ରୀକାନ୍ତ ସାମନ୍ତରାୟ, ନିର୍ମଳ ମିଶ୍ର, ଲିଟିଲଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା, ଶିଶୁ ପତ୍ରିକା ବାନରସେନାର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ରାମ ସୀତାଙ୍କ ବେଶ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ବହୁ ଶିକ୍ଷକ, ଅଧ୍ୟାପକ, ଅଭିଭାବକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଗ୍ରୁପର ଅମୀୟ ମିଶ୍ର, ଗୌରୀଶଙ୍କର ମହାପାତ୍ର, ନିରଞ୍ଜନ ସାହୁ ଉତ୍ସବରେ ସଂଯୋଜନା ଓ ପରିଚାଳନା କରିଥିଲେ।

### ସୌର ମୃତ୍ତିକା ଉଦ୍ୟୋଗ ମେଳା

**ପୁରୀ, ୨୨।୧(ଅଜିତ୍ ମହାନ୍ତି)** ସୌର ମୃତ୍ତିକା ଉଦ୍ୟୋଗ ମେଳା ସୋମବାର ପୌରସଦନଠାରେ ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ହସ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ସାହୁ ତାଙ୍କ ଅଭିଭାଷଣରେ କହିଥିଲେ, ସମସ୍ତ ଜିଲାରେ ଏଭଳି ସୌର ମୃତ୍ତିକା ଉଦ୍ୟୋଗ ମେଳା ଆୟୋଜନ କରାଯିବ। ଏଥିସହ ସେ ସେଲ୍କୋ ଫାଉଣ୍ଡେଶନ ଓ ସ୍ୱନ୍ଦନ ଟିମ୍‌ର ପ୍ରୟାସ ସମ୍ପର୍କରେ ଅବଗତ କରାଇଥିଲେ। ସୌର ଶକ୍ତି ଦାରିଦ୍ର୍ୟ ଏବଂ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବା ପାଇଁ ମାର୍ଗ ପ୍ରଶସ୍ତ କରିଛି। ଜୀବିକା ବୃଦ୍ଧି ପାଇଁ ହସ୍ତଶିଳ୍ପ, ବୟନ ଶିଳ୍ପ ଏବଂ ହ୍ୟାଣ୍ଡଲୁମ୍ କାରିଗରମାନଙ୍କୁ ସହାୟତା କରିବା ପାଇଁ ବିଭାଗ ପାଖରେ ସମସ୍ତ ଆବଶ୍ୟକ ସହଯୋଗ ଓ ଯୋଜନା ରହିଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱନ୍ଦନ ସଂସ୍ଥାର ଏକ ଡିଆର୍‌ଇ 'ବିକେନ୍ଦ୍ରୀକୃତ ନବୀକରଣ ଶକ୍ତିଭିତ୍ତିକ ହବ୍' ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୁରୀ ଏଲଡିଏମ୍ କିଶୋର କୁମାର ଆଚାର୍ଯ୍ୟ ଓ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଉମାପତି ବେହେରା, ବିଜେଡି ଯୁବନେତା ଶୁଭାଶିଷ ଖୁଣ୍ଟିଆ ଯୋଗଦାନ କରି କାରିଗର ଏବଂ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କ ପାଇଁ ବିଭିନ୍ନ ଆର୍ଥିକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱନ୍ଦନ ପକ୍ଷରୁ ଶାଶ୍ୱତ ମହାପାତ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଓ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଦେଇଥିଲେ। ମେଳାରେ ଅକ୍ଷୟଶକ୍ତି ଭିତ୍ତିକ ଜୀବିକା ମଡେଲ ପ୍ରଦର୍ଶିତ ହୋଇଥିଲା।

# ରତନପୁର ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ନୂତନ ଗୃହ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଅନ୍ୟମାନେ ।

**ଅସ୍ତରଙ୍ଗ,୨୨।୧(ପ୍ରଦୀପ୍ତ ଦୀକ୍ଷିତ):** ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରତନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ବହିଃ ବିଭାଗ ଗୃହ ଉଦ୍‌ଘାଟନ ସୋମବାର ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, ୧ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଋତୁରାଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଉଦ୍‌ଘାଟିତ ଏହି ବହିଃ ବିଭାଗ କେନ୍ଦ୍ର ୮ଶଯ୍ୟା ବିଶିଷ୍ଟ ହୋଇଥିବାବେଳେ ଟିକେଟ କାଉଣ୍ଟର, ମେଡିସିନ ବିଭାଗ ବିଭିନ୍ନ ଗୃହ ନିର୍ମାଣ ହୋଇଛି। ବହିଃ ବିଭାଗ କେନ୍ଦ୍ର ଖୋଲିବା ଫଳରେ ସ୍ଥାନୀୟ ଅଞ୍ଚଳର ଗର୍ଭବତୀ, ନବଜାତ ଶିଶୁ, ବିଭିନ୍ନ ସଂକ୍ରାମକ ଅଣସଂକ୍ରାମକ ରୋଗ ଚିକିତ୍ସା, ବରିଷ୍ଠ ନାଗରିକଙ୍କ ସହିତ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିବ।

# ମାନଡେଲିଜୀଓ ସଂଗଠନର ଟାଏକୋଣ୍ଡୋ ପ୍ରତିଯୋଗିତା

**ନିମାପଡ଼ା,୨୨।୧(ବିଚିତ୍ରାନନ୍ଦ ସାହୁ):** ଜର୍ମାନୀର ମାନଡେଲିଜୀଓ ସଂଗଠନ ସହାୟତା ଓ ଭୁବନେଶ୍ୱରର । ଶ୍ରୟ ସଂଗଠନ ନିମାପଡ଼ା ବ୍ଲକର ରୁରାଲ ୱେଲଫେୟାର ସୋସାଇଟିର ମିଳିତ ଆନୁକୂଲ୍ୟରେ ଏକ ବାଳିକା ଟାଏକୋଣ୍ଡୋ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ଶେଉଳ ସାହିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଏହି ସମାରୋହ ଆୟୋଜିତ ହୋଇଯାଇଛି। ଅତିଥି ଭାବେ ମାତୃସେବା ସଦନ ସମ୍ପାଦକ ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି, ଡବ୍ଲ୍ୟୁଆଇର ସମ୍ପାଦକ ପ୍ରଭାକର ନନ୍ଦ, ବିଦ୍ୟାଳୟ ଅଧକ୍ଷା ମୀନତି ସେନାପତି, ଆଶ୍ୟ ଅନୁଷ୍ଠାନ ନିର୍ଦ୍ଦେଶିତା ନମିତା ସାହୁ, ଟାଇକୋଣ୍ଡୋ ଶିକ୍ଷକ ସୁବ୍ରତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୁଷ୍ପାଞ୍ଜଳି ସିଂ ଯୋଗଦେଇ ଝିଅଙ୍କୁ ସଶକ୍ତ, ସାହସି କରିବାକୁ ବର୍ତ୍ତମାନ ଯୁଗରେ ସମର କଳା ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରତିଯୋଗିତାରେ ଶିକ୍ଷାକେନ୍ଦ୍ରର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୨୦ ଜଣ କୃତୀ ଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଏବଂ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷାକେନ୍ଦ୍ର ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମାରୋହରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଖେଳାଳିମାନେ ।

### ଜିଲା ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ପୁରୀ ୨୨।୧( ଅଜିତ୍ ମହାନ୍ତି)** ଭାରତ ଯୋଡ ଯାତ୍ରାକୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପ୍ରତିକ୍ରିୟା ଓ ଭାଜପା କର୍ମୀଙ୍କ କାର୍ଯ୍ୟକୁ ବିରୋଧ କରି ଜିଲା ଯୁବ କଂଗ୍ରେସ ପକ୍ଷରୁ ସୋମବାର ଭିଆଇପିରୋଡସ୍ଥିତ ଜିଲା କଂଗ୍ରେସ ଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ବିଶ୍ୱଶର୍ମାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି କି ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ରାହୁଲ ଗାନ୍ଧୀ ମଣିପୁର ହିଂସାକାଣ୍ଡ ପାଇଁ ମଣିପୁରରୁ ନ୍ୟାୟ ଯାତ୍ରା ଆରମ୍ଭ କରିଛନ୍ତି। ଯୁବକଙ୍କ ବେରୋଜଗାର କଥାକୁ କେନ୍ଦ୍ର କରି ଭାରତ ଜୋଡ ଯାତ୍ରା ଜନସାଧାରଣଙ୍କ ଅସୁବିଧା ଏବଂ ତାଙ୍କ ହକ ପ୍ରଦାନ ପାଇଁ ରାହୁଲ ଏହି ଯାତ୍ରା କରୁଛନ୍ତି। ତେବେ ଏହି ଯାତ୍ରା ଆସାମ ଦେଇ ଯିବାବେଳେ ଭାଜପା କର୍ମୀ ପ୍ରତିଶୋଧ ରୂପକ ରାହୁଲଙ୍କୁ ବିରୋଧ ସହ କଂଗ୍ରେସ ସଦସ୍ୟଙ୍କ ଫୋନ ଓ କ୍ୟାମେରା ଛଡ଼େଇବା ସହ ଲହୁଲୁହାଣ କରିଥିଲେ। ଏପରି କାର୍ଯ୍ୟକୁ କଂଗ୍ରେସ ବିରୋଧ କରୁଛି। ଏହି ପ୍ରତିବାଦରେ ଜିଲା ଯୁବ କଂଗ୍ରେସ ଜିଲ୍ଲା ସଭାପତି ଆଲୋକ କୁମାର ଦାସ , ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପ୍ରଧାନ, ଜିଲ୍ଲା କଂଗ୍ରେସ ମୁଖପାତ୍ର ସ୍ୱାଧୀନ ପଣ୍ଡା, ଜିଲ୍ଲା ଓବିସି ବିଭାଗ ସଭାପତି ରଶ୍ମୀକାନ୍ତ ସାହୁ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଚେତନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁରକ୍ଷା ପ୍ରକଳ୍ପ ସମ୍ପାଦିକାଙ୍କ ଦୁବାଇ ଯାତ୍ରା




**ନିମାପଡ଼ା,୨୨।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):** ନିମାପଡ଼ା ବ୍ଲକ ସୁରକ୍ଷା ପ୍ରକଳ୍ପ ମହିଳା ମହାସଂଘ ସମ୍ପାଦିକା ମମତାରାଣୀ ପାଇକରାୟ ସୋମବାରଠାରୁ ୬ଦିନିଆ ଗସ୍ତରେ ଦୁବାଇ ଯାତ୍ରାରେ ଯାଇଛନ୍ତି। ବ୍ୟବସାୟିକ କ୍ଷେତ୍ରରେ ବିକାଶ ଓ ପରିବର୍ତ୍ତନ ଆଣିବା ଦିଗରେ, ବ୍ୟବସାୟିକ ଜ୍ଞାନକୌଶଳ ଜାଣିବାକୁ ସମ୍ପାଦିକା ପାଇକରାୟ ଦୁବାଇ ଯାତ୍ରା କରିଥିବା ସିଡିପିଓ ତନୁପ୍ରଭା ବେଉରା କହିଛନ୍ତି। ଏହି ଅବସରରେ ମିଶନଶକ୍ତି ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ଅନସୂୟା ମହାନ୍ତି, ସିଡିପିଓ ବେଉରା, ନିମାପଡ଼ା ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ସୌଦାମିନୀ ବେହେରାଙ୍କ ସମେତ ମିଶନଶକ୍ତି ଓ ମହିଳା ମହାସଂଘର ବହୁ ମହିଳା ମା'ମାନେ ଯୋଗଦେଇଥିଲେ। ସମସ୍ତ ଅତିଥି ସମ୍ପାଦକ ପାଇକରାୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଯାତ୍ରାର ସଫଳ କାମନା କରିଥିଲେ। ରାଜ୍ୟରୁ ୩୫ ଜଣ ମହିଳା ଓ ପୁରୀ ଜିଲାରୁମୋଟ ୪ ଜଣ ମହିଳା ଦୁବାଇ ଯାତ୍ରା କରୁଛନ୍ତି। ତେବେ ନିମାପଡ଼ାରୁ କେବଳ ପାଇକରାୟ ଏହି ଯାତ୍ରା ପାଇଁ ବିବେଚିତ ହୋଇଛନ୍ତି।

# ଅଯୋଧ୍ୟା ରାମମନ୍ଦିରର ଓଡ଼ିଆ ଶିଳ୍ପୀ ସମ୍ବର୍ଦ୍ଧିତ

**କୋଣାର୍କ,୨୨।୧(ଜ୍ୟୋତିରାଜ ମହାନ୍ତି):** ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର କୋଣାର୍କସ୍ଥିତ ଶ୍ରୀରାମ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପୂଜାର୍ଚ୍ଚନା କରିବା ସହ ଦୀପଦାନ ହୋଇଥିଲା। ଭବ୍ୟ ରାମମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ କରିଥିବା ଉତ୍କର୍ଷ ଓଡ଼ିଆ କଳା ଭାସ୍କର୍ଯ୍ୟର ମୂକସାକ୍ଷୀ କୋଣାର୍କ ଅଞ୍ଚଳର ଶିଳ୍ପୀଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ କମିଟି ସଭାପତି ଗୋବର୍ଦ୍ଧନ ବିଶ୍ୱାଳ, ସମ୍ପାଦକ ସୂର୍ଯ୍ୟ ନାରାୟଣ ନାୟକ, ଅଜୟ ବେହେରା, ପୂର୍ବତନ ସମ୍ପାଦକ ପ୍ରଦୀପ ନାୟକ,ଭାଗିରଥୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ରାମମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ପୂଜା ନୀତି ଓ ହୋମଯଜ୍ଞ ଆୟୋଜନ କରାଯାଇଛି।



ଅଯୋଧ୍ୟା ରାମମନ୍ଦିରରେ କାର୍ଯ୍ୟରତ ଓଡ଼ିଆ କାରିଗରମାନଙ୍କୁ ସୋମବାର କୋଣାର୍କସ୍ଥିତ ରାମମନ୍ଦିର ପରିସରରେ ସମ୍ବର୍ଦ୍ଧିତ କରାଯାଇଛି ।

# 'ପାଠ୍ୟପୁସ୍ତକରେ ଶହୀଦ ବେଙ୍ଗପାଣିଆଙ୍କ ଜୀବନୀ ସ୍ଥାନ ପାଉ'

**ପୁରୀ,୨୨।୧(ଅଜିତ୍ ମହାନ୍ତି)** ସୀମା ଆନ୍ଦୋଳନରେ ଆତ୍ମବଳିଦାନ ଦେଇଥିବା ଶହୀଦ ବେଙ୍ଗପାଣିଆ ଓରଫ ହରିହର ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକ ତଥା ବଳିଦାନ ଦିବସ ପାଳିତ ହୋଇଯାଇଛି। ଶହୀଦ ବେଙ୍ଗପାଣିଆ ସ୍ମୃତି ସଂସଦ, ଅନୁଷ୍ଠାନ ଆପଣଙ୍କ ସେବାରେ ଏବଂ ଗଦାଧର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ସୋମବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ ପରେ ସ୍ମୃତିସ୍ତମ୍ଭ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସଭାରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ ସହ ଶହୀଦ ହରିହର ପଣ୍ଡାଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଦ୍ୱତ ପରିଷଦ ଅଧକ୍ଷ ତଥା ଆପଣଙ୍କ ସେବାରେ ଅନୁଷ୍ଠାନର ବରିଷ୍ଠ ମାର୍ଗଦର୍ଶକ ମନୋଜ କୁମାର ରଥ ବିଦ୍ୟାଳୟ ପାଠ୍ୟକ୍ରମରେ ଶହୀଦ ବେଙ୍ଗପାଣିଆଙ୍କ ସମ୍ବନ୍ଧରେ ବିଷୟବସ୍ତୁ ସ୍ଥାନିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର ଓ ସ୍ମୃତି ସଂସଦ ସଭାପତି ଦାମୋଦର ଦାଶ ଶହୀଦ ହରିହର ପଣ୍ଡାଙ୍କ ଅଦମ୍ୟ ସାହସ ଓ ବଳିଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯମୁନାରାଣୀ ପୂଜାପଣ୍ଡା, କାବେରୀ ବିଶ୍ୱାଳ, ଅପର୍ଣ୍ଣା ମହାପାତ୍ର, ମମତାମୟୀ ପରିଡ଼ା, ବିମଳ କୁମାର ରାଉତ, ବିନୋଦ ସେନାପତି, ମୀରାରାଣୀ ଦେବୀ, ଧିରେନ ପ୍ରଧାନ, ଓମ୍ ପ୍ରକାଶ ମହାନ୍ତି, ଓମ୍ ପ୍ରସାଦ ସେନାପତି ଏବଂ ଜଗଦୀଶ ପ୍ରଧାନ ସହଯୋଗ କରିଥିଲେ।



ଶହୀଦ୍ ବେଙ୍ଗପାଣିଆଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

# ପ୍ରମୁଖ ୩ ଦଳର ନଜର ପରଜା ଭୋଟର

ପଟାଙ୍ଗି ୨୨।୧(ଶରତ ଧଳ)

## ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀ



କୋରାପୁଟ ଜିଲା ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀ ନନ୍ଦପୁର, ଶେମିଳିଗୁଡ଼ା, ପଟାଙ୍ଗି ବ୍ଲକ ସହ କୋରାପୁଟ ବ୍ଲକର ୪ ପଞ୍ଚାୟତକୁ ନେଇ ଗଠିତ। ଏହା ତଫସିଲଭୁକ୍ତ ଜନଜାତି ପାଇଁ ସଂରକ୍ଷିତ। ଟିକେ ଅତୀତକୁ ଫେରିଲେ ପଟାଙ୍ଗିରେ ଜୟରାମ ପାଙ୍ଗୀଙ୍କ ପ୍ରଭାବ ବେଶ୍ କିଛି ବର୍ଷ ରହିଆସିଥିଲା। ସେ ୨୦୦୦ ଓ ୨୦୦୪ରେ ବିଜୁ ଜନତା ଦଳ (ବିଜେଡି)ରୁ ବିଜୟୀ ହୋଇଥିଲେ। ସୀମା ପୁନଃନିର୍ଦ୍ଧାରଣ ପରେ ୨୦୦୯ରେ କଂଗ୍ରେସରୁ ରାମଚନ୍ଦ୍ର କାଡାମ ଜିତିଥିଲେ। ତା'ପରେ ବିଜେଡିରୁ ୨୦୧୪ରେ ପ୍ରଫୁଲ୍ଲ କୁମାର ପାଙ୍ଗୀ ଓ ୨୦୧୯ରେ ପିତମ ପାଢ଼ୀ ବିଧାୟକ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଜୟରାମ ପାଙ୍ଗୀ ଭାରତୀୟ ଜନତା ପାର୍ଟି (ଭାଜପା) ଓ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ଦେଇ ଗତି କରିବା ପରେ ଏବେ କଂଗ୍ରେସରେ ଅଛନ୍ତି। ଜୟରାମ କଂଗ୍ରେସରେ ଯୋଗଦେଇଥିବାରୁ କୋରାପୁଟ ରାଜନୀତି ଚଳଚଞ୍ଚଳ ହୋଇଛି।

ଏବେ ପ୍ରମୁଖ ତିନି ଦଳରୁ କେଉଁମାନେ ଆଶାୟୀ ଅଛନ୍ତି ସେମାନଙ୍କ ଉପରେ ଦୃଷ୍ଟି ପକାଇଲେ କଂଗ୍ରେସ କଥା ନଜରକୁ ଆସୁଛି। ଏକଦା ପଟାଙ୍ଗି ନିର୍ବାଚନମଣ୍ଡଳୀ କଂଗ୍ରେସର ଗଡ଼ ଥିଲା। ଲଗାତର ଦୁଇଥର ବିଜେଡି ଏହି ସିଟ୍ ଜିତିଥିବାରୁ ୨୦୨୪ରେ କଂଗ୍ରେସ ଭଲ ପ୍ରଦର୍ଶନ କରିବା ଲାଗି ଆଶା ରଖିଛି। ନୂତନ ପ୍ରାର୍ଥୀ ଦିଆଗଲେ ନିଶ୍ଚିତ କଂଗ୍ରେସ ବିପୁଳ ଭୋଟ୍‌ରେ ବିଜୟ ଲାଭ କରିପାରିବ ବୋଲି ନେତା ଓ କର୍ମୀମାନେ କହୁଛନ୍ତି। ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ୍ କଂଗ୍ରେସ ଟିକେଟ ପାଇବେ ବୋଲି କୁହାଯାଉଥିଲେ ମଧ୍ୟ ଦଳର ସେବାଦଳ ଜିଲା ସହ-ସଙ୍ଗଠକ ଗୋବିନ୍ଦ ଖରାଙ୍କ ନାମ ମଧ୍ୟ ଉଠିଲାଣି। ସେହିପରି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସାଂସଦ ସପ୍ତଗିରି ଉଲାକାଙ୍କ ପ୍ରତିନିଧି ଶୁକ୍ରା ଖରା, ସେମିଳିଗୁଡ଼ା ବ୍ଲକର ରାଜପୁଟ ପଞ୍ଚାୟତର ସରପଞ୍ଚ ପୀତାମ୍ବର କ୍ରିସାନି ଏପରିକି କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗ ଦେଇ ନ ଥିବା ସାମ୍ଭା ପାଙ୍ଗୀ ମଧ୍ୟ ଆଶାୟୀ ରହିଥିବା ଜଣାପଡ଼ିଛି।

ବିଜେଡି ପକ୍ଷରୁ ପ୍ରଥମ ଦାବିଦାର ବର୍ତ୍ତମାନର ବିଧାୟକ ପିତମ ପାଢ଼ୀ ରହିଛନ୍ତି ବୋଲି ତାଙ୍କ ସମର୍ଥକ କହୁଛନ୍ତି। ସେହିପରି ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ବିଜେଡିର ଜିଲା ପରିଷଦ ସଭ୍ୟ ଲଇଚନ ଖରା (କଂଗ୍ରେସ ଦଳର ଆଶାୟୀ ପ୍ରାର୍ଥୀ ଶୁକ୍ରା ଖରାଙ୍କ ସାନ ଭାଇ), ଶିକ୍ଷକତାରୁ ଅବସର ନେଇଥିବା ବିଶ୍ୱନାଥ ଖରା, ନନ୍ଦପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଉକ୍ତ ବ୍ଲକର ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ ରହିଥିବା ବେଳେ ଗତ ୨୦୧୯ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଚୈତନ୍ୟ ନନ୍ଦିବାଲି ମଧ୍ୟ ଏହି ଦଳରୁ ଆଶାୟୀ ଅଛନ୍ତି। ତେବେ ଭାଜପା ପକ୍ଷରୁ ଚୈତନ୍ୟ ହନ୍ତାଳ ଆଶାୟୀ ରହିଥିଲା ବେଳେ ଅନ୍ୟ ନାମ ଅଦ୍ୟାବଧି ଆସି ନ ଥିବା ଜଣାପଡ଼ିଛି।

ପଟାଙ୍ଗି ନିର୍ବାଚନମଣ୍ଡଳୀରେ ସାଧାରଣ ବର୍ଗ, ତଫସିଲଭୁକ୍ତ ଜାତି ଓ ଉପଜାତିର ଭୋଟର ଅଛନ୍ତି। ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଦୋରା ଓ ଅନ୍ୟ କେତେକ ଆସିପାରି ନ ଥିବାରୁ ସେମାନେ ଅତୀତରେ ଭୋଟ ବର୍ଜନ କରିଛନ୍ତି। ପିତମ ବିଧାୟକ ହେବା ପରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଆଦ୍ୟାବଧି ହୋଇପାରିଲା ନାହିଁ। ଅନ୍ୟପକ୍ଷରେ ପରଜା, କନ୍ଧ, ଗଦବା, ରଣା, ମାଳୀ, ଦୁଲିଆ ଆଦି ଭୋଟରଙ୍କ ମଧ୍ୟରୁ ପରଜା ସମ୍ପ୍ରଦାୟର ଭୋଟର ଅଧିକ ଥିବାରୁ ଏମାନେ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଉଛି। ପରିସଂଖ୍ୟାନ ଦେଖିଲେ ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀର ୧,୯୨,୦୮୦ ଭୋଟରଙ୍କ ମଧ୍ୟରୁ ପରଜା ରହିଛନ୍ତି ୯୫,୯୬୫। ଆର୍ଥାତ୍ ପରଜାଙ୍କ ସଂଖ୍ୟା ସମୁଦାୟ ଭୋଟରଙ୍କର ପ୍ରାୟ ୫୦ ପ୍ରତିଶତ। ତେଣୁ କଂଗ୍ରେସ, ବିଜେଡି ଓ ଭାଜପା ତିନି ଦଳ ପରଜା ସମ୍ପ୍ରଦାୟର ଭୋଟ କିପରି ହାତେଇ ନିଜର ସ୍ଥିତି ଜାହିର କରିବେ ସେନେଇ ଦଳ ମଧ୍ୟରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। କଂଗ୍ରେସର ଆଶାୟୀ ପ୍ରାର୍ଥୀ ଗୋବିନ୍ଦ ଖରା, ବିଜେଡି ବିଧାୟକ ପିତମ ପାଢ଼ୀ ଓ ଅନ୍ୟତମ ଆଶାୟୀ ଚୈତନ୍ୟ ନନ୍ଦିବାଲି ପରଜା ସମ୍ପ୍ରଦାୟର ହୋଇଥିବାରୁ ସେମାନଙ୍କ ମଧ୍ୟରୁ କାହାକୁ ସମ୍ପ୍ରଦାୟର ଭୋଟର ବାଛିବେ ତାହା ଦେଖିବାର ଅଛି।

ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନରେ କୋଟିଆ ପଞ୍ଚାୟତ ପରି ସୀମାବିବାଦ ରହିଥିଲେ ମଧ୍ୟ ଉକ୍ତ ପ୍ରସଙ୍ଗ ଉପରେ କେହି ଆନ୍ତରିକତା ଦେଖାଇ ସମସ୍ୟାର ସମାଧାନ କରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। କେବଳ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ଦେଖାଇ ଭୋଟ ହାତେଇବା ପାଇଁ ଶାସକ ଦଳର ବିଧାୟକ ହୁଅନ୍ତୁ ବା ବିଜେଡି ଆଶାୟୀ ପ୍ରାର୍ଥୀମାନେ ପ୍ରଚେଷ୍ଟା ଚଳାଉଛନ୍ତି। ଗତ ନିର୍ବାଚନରେ ଆଦିବାସୀ ମାନ୍ୟତାକୁ ନେଇ ମୁଣ୍ଡ ଟେକିଥିବା ଦୋରା ସମ୍ପ୍ରଦାୟର ଭୋଟ୍ ବର୍ଜନ ପରି ସମସ୍ୟାକୁ କିପରି ମୁକାବିଲା କରିହେବ ସେନେଇ ମଧ୍ୟ ତିନି ଦଳର ଆଶାୟୀ ପ୍ରାର୍ଥୀ ଚିନ୍ତିତ ଥିବା କୁହାଯାଉଛି। ସୂଚନା ଥାଉକି, ଗତ ୨୦୧୯ ନିର୍ବାଚନରେ ଉକ୍ତ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ତେବେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିଥିବା ପିତମ ପାଢ଼ୀ ସେତେବେଳେ କଂଗ୍ରେସର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ୍‌ଙ୍କୁ ହରାଇଥିଲେ। ଜୟରାମ ପାଙ୍ଗୀ କଂଗ୍ରେସରେ ପ୍ରବେଶ କରିଥିବାରୁ ଆଗାମୀ ନିର୍ବାଚନରେ ପଟାଙ୍ଗିରେ କିଭଳି ରାଜନୈତିକ ସମୀକରଣ ଆସିବ ତାହା ଉପରେ ସମସ୍ତଙ୍କ ନଜର।

# ଦଳୀୟ ନେତାଙ୍କ ସହ ଚା' ପିଇ ଧର୍ମେନ୍ଦ୍ରଙ୍କ ଆଲୋଚନା



କାଳିଆବୋଦାସ୍ଥିତ ଶ୍ୟାମାକାଳୀ ମନ୍ଦିର ପରିସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳୀୟ ନେତୃବୃନ୍ଦ।

କଟକ,୨୨।୧(ଶିଲ୍ପା ପ୍ରିୟଦର୍ଶିନୀ)

ଅଯୋଧ୍ୟା ରାମମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ କାଳିଆବୋଦାସ୍ଥିତ ଶ୍ୟାମାକାଳୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ସେ ୧୫ ମିନିଟ୍ ପର୍ଯ୍ୟନ୍ତ ମନ୍ଦିର ପରିସରରେ ଅତିବାହିତ କରିବା ସହ ସହ ଚା' ପିଇଥିଲେ। ଏହି ସମୟରେ ଧର୍ମେନ୍ଦ୍ର କଟକର ଭାଜପା ନେତାମାନଙ୍କ ସହିତ ସେପରି କୌଣସି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗରେ ଆଲୋଚନା କରି ନ ଥିଲେ ମଧ୍ୟ ଦଳର କାର୍ଯ୍ୟ ବିଷୟରେ ପଚାରି ବୁଝିବା ସହ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ଆଲୋଚନା ହେଉଛି। ଏହି ଅବସରରେ ପୂର୍ବତନ କର୍ପୋରେଟର ତଥା ବିଜେଡି ନେତ୍ରୀ ସଙ୍ଗୀତା ଶର୍ମା ତାଙ୍କୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ବାର୍ତ୍ତାଳାପ ହୋଇଥିଲା। ଏହି ଘଟଣା କଟକ ରାଜନୀତିକୁ ଅଧିକ ଚର୍ଚ୍ଚାର ଖୋରାକ ଯୋଗାଇଛି। ପରେ ଉପସ୍ଥିତ ଥିବା ଦଳୀୟ ନେତା ଓ କର୍ମୀଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲଡୁ ଖୁଆଇ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଦିବସ ପାଳନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କଟକ ଗସ୍ତ ଅବସରରେ ମନ୍ଦିର ପରିସରରେ ଚା' ପିଇ ଦଳୀୟ ନେତା ଓ କର୍ମୀଙ୍କ ସହ କଥାବାର୍ତ୍ତା ହେବା ଏକପ୍ରକାର ଚା' ଖଟିର ଦୃଶ୍ୟକୁ ଉଜ୍ଜୀବିତ କରିଛି, ଯାହାକି ନିର୍ବାଚନ ପୂର୍ବରୁ ଏବେ କଟକରେ ପୁନର୍ବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଆଲୋଚନା ହେଉଛି। କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଭାଜପାର ବରିଷ୍ଠ ନେତା ନୟନ ମହାନ୍ତି, ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ନଗର ସଭାପତି ଲଲାଟେନ୍ଦୁ ବଡୁ, ଅଭିନେତା ତଥା ନେତା ଶ୍ରୀତମ ଦାସଙ୍କ ସମେତ ଅନ୍ୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବିଜେଡି ନେତ୍ରୀଙ୍କୁ ଭେଟିବା ନେଇ ଚର୍ଚ୍ଚା

# ଆଜିଠୁ ବିଜେଡିର ପରିବାର ସମ୍ପର୍କ ଯାତ୍ରା

ଭୁବନେଶ୍ୱର, ୨୨।୧(ଅସମାପିକା ସାହୁ)

ବିଜେଡିର ପରିବାର ସମ୍ପର୍କ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀରୁ ମାର୍ଚ୍ଚ ୫ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଯାଏ ବିଜେଡି ପକ୍ଷରୁ ଏହି ଅଭିଯାନ ଚାଲିବ। ପରିବାର ସହ ନେତା ଓ କର୍ମକର୍ତ୍ତା ସମ୍ପର୍କ ଯୋଡ଼ିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ବିଜେଡି ନେତା ଓ କର୍ମୀ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ସେମାନଙ୍କ ଭଲମନ୍ଦ ବୁଝି ସହଯୋଗ କରିବେ। ଫେବୃଆରୀ ମଧ୍ୟ ଭାଗ କିମ୍ବା ଶେଷ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ। ଏହା ପୂର୍ବରୁ ବିଜେଡି ରାଜ୍ୟବ୍ୟାପୀ ମତଦାତାଙ୍କ ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଏନେଇ ବିଜେଡି ବିଧାୟକ ଅମର ଶତପଥୀ କହିଛନ୍ତି, ପ୍ରତି ପରିବାର ସହିତ ପୂର୍ବରୁ ସମ୍ପର୍କ ରହିଛି। ଏହାକୁ ଆହୁରି ନିବିଡ଼ କରିବା ସହ ପରିବାରର ଆବଶ୍ୟକତା ସମ୍ପର୍କରେ ଜାଣିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମର ସୁବିଧା ମିଳୁଛି କି ନାହିଁ, ସେ ସମ୍ପର୍କରେ ତଥ୍ୟ ନେବା ପାଇଁ ଦଳୀୟ କର୍ମକର୍ତ୍ତା ପରିବାର ପାଖରେ ପହଞ୍ଚିବେ। ସମାଜର ସବୁବର୍ଗଙ୍କୁ ଏଥିରେ ସମ୍ପୃକ୍ତ କରିବାର ସୁଯୋଗ ମିଳିବ। ବିଧାୟକ ଦେବୀପ୍ରସାଦ ମିଶ୍ର କହିଛନ୍ତି, ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିବ। ଜାନୁଆରୀ ୨୩ରୁ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଦଳ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ କରାଯିବ।



ରାଜ୍ୟ ଅତିଥି ଭବନରେ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ଭେଟୁଛନ୍ତି ବିଧାୟକ ମହମ୍ମଦ ମୋକିମ୍ ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ।

# ମୋକିମ, ଚିରଞ୍ଜୀବଙ୍କ ଉପରୁ ଉଠିପାରେ ନିଲମ୍ବନ

ଭୁବନେଶ୍ୱର,୨୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)

କଟକ ବିଧାୟକ ମହମ୍ମଦ ମୋକିମ ଓ ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କ ଉପରୁ ଖୁବ୍‌ଶୀଘ୍ର କଂଗ୍ରେସ ନିଲମ୍ବନ ଉଠାଇପାରେ। ପାଖାପାଖି ୬ମାସ ଧରି କଂଗ୍ରେସରୁ ନିଲମ୍ବିତ ହୋଇଥିଲେ ମଧ୍ୟ ସେମାନେ ଅନ୍ୟ କେଉଁ ଦଳରେ ମିଶିନାହାନ୍ତି। ତେବେ ସୋମବାର ଏହି ଦୁଇ ହେଭିୱେଟ୍ ନେତା କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କୁ ଭେଟିବା ପରେ ଏ ନେଇ ଆଲୋଚନା ଆରମ୍ଭ ହୋଇଛି। ଏପରିକି ଅଜୟ କୁମାର ମଧ୍ୟ ନିଲମ୍ବନ ଆଦେଶ ପ୍ରତ୍ୟାହାର ନେଇ ଆଭାସ ଦେଇଛନ୍ତି। ସେ କହିଛନ୍ତି, ଉଭୟଙ୍କ ସହ ଆଲୋଚନା ହୋଇଛି। ଅପେକ୍ଷା କରନ୍ତୁ, ଖୁବ୍‌ଶୀଘ୍ର ଭଲ ଖବର ପାଇବେ। ଏପରିକି ଆହୁରି ଅନେକ ନେତା କଂଗ୍ରେସ ଦଳରେ ଯୋଗଦେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅଜୟ କୁମାରଙ୍କ ସହ ଆଲୋଚନା ନେଇ ମୋକିମ କହିଛନ୍ତି, ସଂଗଠନକୁ ମଜଭୁତ କରିବା ସହ ଦଳର ରଣନୀତି ସମ୍ପର୍କରେ ଆଲୋଚନା ହୋଇଛି। ନିଲମ୍ବନ ପ୍ରତ୍ୟାହାର ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ। ନିଲମ୍ବନ ହଟିବା ସମ୍ପର୍କରେ ଦଳ ନିଷ୍ପତ୍ତି ନେବ ବୋଲି ମୋକିମ କହିଛନ୍ତି।

# ଅଭିଷେକ ମହାନନ୍ଦ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ଆବାହକ

ଭୁବନେଶ୍ୱର,୨୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)



ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅନ୍ୟତମ ପ୍ରମୁଖ ଦଳ କଂଗ୍ରେସ ସାଂଗଠନିକ ପରିଚାଳନା ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଜାରି ରଖିଛି। ଅଭିଷେକ ମହାନନ୍ଦଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଗଣମାଧ୍ୟମ ଓ ଯୋଗାଯୋଗ ଆବାହକ ଭାବେ ନିଯୁକ୍ତ କରାଯାଇଛି। ସୋମବାର ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଉପଯୁକ୍ତ ପ୍ରାର୍ଥୀ ପାଇଁ କଂଗ୍ରେସର ଜନମତ ସଂଗ୍ରହ

ରାୟଗଡ଼ା,୨୨।୧(ଆଶିଷ ରଞ୍ଜନ ପଣ୍ଡା)

## କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ

ନିର୍ବାଚନକୁ ଆଖି ଆଗରେ ରଖି ସମସ୍ତ ଦଳ ଆରମ୍ଭ କରିଦେଇଛନ୍ତି ପ୍ରସ୍ତୁତି। ବିଭିନ୍ନ ଦଳ ପକ୍ଷରୁ ସର୍ଭେ ଫର୍ମ ଏବଂ ପରେ କଲ୍‌ସେଣ୍ଟର ଦ୍ୱାରା ଜନମତ ସଂଗ୍ରହ କରାଯାଉଥିବା ବେଳେ ବର୍ତ୍ତମାନ କଂଗ୍ରେସର ପ୍ରତ୍ୟେକ ଲୋକ ସଭା ଓ ବିଧାନସଭା ଆସନରେ ଗୁପ୍ତ ତଦନ୍ତ ଓ ସର୍ଭେ ଚାଲିଥିବା ଆଲୋଚନା ହେଉଛି। କିଏ ଅଧିକ ଲୋକପ୍ରିୟ ତଥା ଉପଯୁକ୍ତ ପ୍ରାର୍ଥୀଙ୍କୁ ଚିହ୍ନଟ ପାଇଁ କଂଗ୍ରେସ ଟିମ୍ ବିଭିନ୍ନ ବିଧାନସଭାରେ ଗୁପ୍ତ ସର୍ଭେ କରୁଛନ୍ତି। କୋରାପୁଟ ଲୋକ ସଭା ଓ ୭ଟି ବିଧାନସଭା ଆସନ ପାଇଁ କଂଗ୍ରେସର ଏକ ୧୨ ଜଣିଆ ଟିମ୍ ସର୍ଭେ କରିଥିବା ବିଷୟ ପ୍ରଘଟ ହେଉଛି। ପ୍ରାୟ ୨ ସପ୍ତାହ ଧରି ଏହା ଚାଲିଥିଲା। ସର୍ଭେ ପରେ ଗତ ବୁଧବାର ସ୍ଥାନୀୟ ଏକ ହୋଟେଲରେ କୋରାପୁଟ ଲୋକ ସଭା ଆସନର ୭ଟି ବିଧାନସଭାର ସମସ୍ତ ଏମ୍‌ପି ପ୍ରତିନିଧିଙ୍କୁ ଡକାଯାଇ ଗୁପ୍ତ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ବୈଠକରେ କେଉଁ ବିଷୟକୁ ନେଇ ଆଲୋଚନା ହୋଇଛି ସେ ସଂକ୍ରାନ୍ତୀୟ ସୂଚନା ମିଳିପାରି ନାହିଁ।

ପ୍ରକାଶ ଥାଉକି, ୨୦୦୯ ପରଠାରୁ କଂଗ୍ରେସ ଗଡ଼ ଭାବେ ପରିଚିତ କୋରାପୁଟ ଲୋକ ସଭା ଓ ଏହାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳ କ୍ରମାଗତ ପରାଜୟ ବରଣ କରିଆସୁଥିଲା। ୨୦୧୯ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନକୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପୁଅ ସପ୍ତଗିରି ଉଲାକା କଂଗ୍ରେସ ପ୍ରାର୍ଥୀ ହୋଇ ଦଖଲ କରିଥିଲେ। ସେହିପରି ଜୟପୁର ଆସନରୁ ଦ୍ୱିତୀୟ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ତାରାପ୍ରସାଦ ବାହିନୀପତି। ତେବେ ରାୟଗଡ଼ା ଜିଲାର ୩ଟି ଆସନ ମଧ୍ୟରୁ ଗୋଟିଏ ସ୍ୱାଧୀନ ପ୍ରାର୍ଥୀ ଦଖଲରେ ରହିଥିବା ବେଳେ ଅନ୍ୟ ୨ଟିରେ ବିଜେଡି ବିଜୟୀ ହୋଇଥିଲା। ତେବେ ଉଭୟ ସପ୍ତଗିରି ଓ ତାରାଙ୍କ ବିଜୟ ପରେ କୋରାପୁଟର ୪ଟି ବିଧାନସଭା ଆସନ ଓ ରାୟଗଡ଼ାର ୩ଟି ବିଧାନସଭା ଆସନରେ କଂଗ୍ରେସ କର୍ମୀ ଉତ୍ସାହିତ ହୋଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ କଂଗ୍ରେସର ପ୍ରତ୍ୟେକ ବିଧାନସଭାମଣ୍ଡଳୀରେ ଆଶାୟୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାକୁ ଲାଗିଛି। ଏହିସବୁ କାରଣରୁ ନିର୍ବାଚନରେ କୌଣସି ସିଟ୍ ହାତରୁ ଖସି ନ ଯିବା ପାଇଁ କଂଗ୍ରେସ ପକ୍ଷରୁ ଚାଲିଛି ଗୁପ୍ତ ସର୍ଭେ। ଦଳରେ ରହିଥିବା ଆଶାୟୀଙ୍କ ମଧ୍ୟରୁ କାହାର ଲୋକପ୍ରିୟତା ଅଧିକା ରହିଛି ସେ ନେଇ ଚାଲିଛି ଖୋଡ଼ତାଳ। ଆଗାମୀ ନିର୍ବାଚନରେ କଂଗ୍ରେସର ଏହି ସର୍ଭେ କେତେ ଫଳପ୍ରଦ ହେଉଛି ତାହା ନିର୍ବାଚନ ପରେ ଜଣାପଡ଼ିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କୁ ପଚାରିବାରୁ କୌଣସି ସର୍ଭେ ଟିମ୍ ଆସିଥିବା ନେଇ ସୂଚନା ନ ଥିବା କହିଛନ୍ତି।

# କୁଶପୁତ୍ତଳିକା ଦାହକୁ ନେଇ ରାଜନଗରରେ ରାଜନୀତି




ବିଜେଡି ପକ୍ଷରୁ ରାଜନଗର ହଂସୁଆ ସେତୁ ନିକଟରେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ବିରୋଧରେ ପ୍ରତିବାଦ କରି ବ୍ୟାନର ଶୋଭାଯାତ୍ରା।



ତ୍ରିନାଥ ବଜାର ଛକରେ ବିଧାୟକ ଧ୍ରୁବ ସାହୁଙ୍କ କୁଶ ପୁତ୍ତଳିକା ଦାହ କରୁଛନ୍ତି କଂଗ୍ରେସ କର୍ମକର୍ତ୍ତା।

ରାଜନଗର, ୨୨।୧
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀର ରାଜନୀତି ଏବେ ଗୋଳିଆ ହେବାରେ ଲାଗିଲାଣି। ବର୍ତ୍ତମାନର ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ସମ୍ବେଦନଶୀଳ ଫଟୋ ଓ ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ସୋମବାର ଅପରାହ୍ନରେ କଂଗ୍ରେସ ଓ ବିଜେଡିର ସମର୍ଥକମାନେ ଦୁଇ ନେତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ତଥା ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କର ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ନେଇ ସମ୍ବେଦନଶୀଳ ଖବର ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହାକୁ ନେଇ ରାଜନଗର ନିର୍ବାଚନମଣ୍ଡଳୀର ମହିଳାଙ୍କ ମଧ୍ୟରେ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ରାଜନଗର ମହିଳା ବିଜେଡି ପକ୍ଷରୁ ଅଂଶୁମାନଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଞ୍ଜିତା ସ୍ୱାଇଁଙ୍କ ନେତୃତ୍ୱରେ ପ୍ରତିମା ମହାନ୍ତି, ଲକ୍ଷ୍ମୀପ୍ରିୟା ଦାସ, ସ୍ୱର୍ଣ୍ଣଲତା ମହାନ୍ତି, ମଞ୍ଜୁଲତା ବଳ, ଊର୍ମିଳା ସ୍ୱାଇଁ, ରୋଜାଲିନ ପାତ୍ର, ସରପଞ୍ଚ ବୀଣାପାଣି ପ୍ରଧାନ, ଇତିଶ୍ରୀ ମହାପାତ୍ର, ପୁଷ୍ପଲତା ପାତ୍ର, ସମିତିସଭ୍ୟା ଉତ୍ତମା ସେଠୀ, ଶଶିକଳା ସେଠୀଙ୍କ ସମେତ ଅନେକ ମହିଳା ତ୍ରିନାଥ ବଜାରରୁ ଏକ ଶୋଭାଯାତ୍ରାରେ ବାହାରି ରାଜନଗର ହଂସୁଆ ସେତୁ ନିକଟରେ ପହଞ୍ଚିଥିଲେ। ସେଠାରେ ସେମାନେ ଅଂଶୁମାନଙ୍କୁ ଜିଲା ସଭାପତି ପଦରୁ କଂଗ୍ରେସ ହଟାଉ ବୋଲି ମଧ୍ୟ ଦାବି କରିଥିଲେ।

ଅନ୍ୟପକ୍ଷରେ ଏହାର ପ୍ରତିବାଦରେ କଂଗ୍ରେସ ମଧ୍ୟ ବିଜେଡିକୁ କାଉଣ୍ଟର ଆଟାକ୍ କରିଛି। କଂଗ୍ରେସ କାର୍ଯ୍ୟାଳୟଠାରୁ ବ୍ଲକ କଂଗ୍ରେସ କମିଟିର ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ କର୍ମୀମାନେ ତ୍ରିନାଥ ବଜାର ଛକରେ ବିଧାୟକ ଧ୍ରୁବ ସାହୁଙ୍କ କୁଶପୁତ୍ତଳିକା ପୋଡ଼ିବା ସହ ୨୦୨୩ ମାର୍ଚ୍ଚରେ ଏକ ସାପ୍ତାହିକ ଖବରକାଗଜରେ ବିଧାୟକଙ୍କ ସହିତ ଜଣେ ମହିଳାଙ୍କ ଅନୈତିକ ସମ୍ପର୍କ ଥିବା ନେଇ ପ୍ରକାଶିତ ଖବରକୁ ଦୋହରାଇଥିଲେ। ଆମ ନେତାଙ୍କ ନାଁରେ ସୋସିଆଲ ମିଡିଆରେ ଯେଉଁ ଖବର ପ୍ରକାଶ ପାଇଛି, ଏହାକୁ ନେଇ ଆମର ପିସିସି ସଭ୍ୟ ପ୍ରଦୀପ କୁମାର ପ୍ରଧାନ ଆଇନର ଆଶ୍ରୟ ନେଇଛନ୍ତି ବୋଲି ବ୍ଲକ କଂଗ୍ରେସ କମିଟି ସଭାପତି ଜେନା, ପିସିସି ସଭ୍ୟ ସନ୍ତୋଷ କୁମାର ମହାନ୍ତି, ମହିଳା ସଭାନେତ୍ରୀ ମିନତି ବେହେରା, ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ, ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ପାଣି, କଂଗ୍ରେସ ନେତା ମୋହନ କୁମାର ଦାସ, ଅଶୋକ ବଳ, ସରପଞ୍ଚ ହେମଲତା ମାହୁନ୍ତ, ସମୀର ସେଠୀ, ସମିତିସଭ୍ୟା ପ୍ରେମଲତା ଦାସ, ପାରେଶ୍ୱର ନାୟକ, ଅଲେଖ ବେହେରା, ସରୋଜ ଜେନା, ସୁକାନ୍ତ ଦାସ, ସୂର୍ଯ୍ୟମଣି ଜେନା, ମହେଶ୍ୱର ସାମଲ, ବିଜୟ ପ୍ରଧାନ ପ୍ରମୁଖ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମରେ ସାମିଲ ହେବା ସହ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଆହୁରି ୩ଦିନ ବର୍ଷା, କୁହୁଡ଼ି

ଭୁବନେଶ୍ୱର,୨୨।୧
(ଅନୁରାଧା ମହାରଣା)

ରାଜ୍ୟରେ ଗତକିଛି ଦିନ ଧରି ସ୍ଥାନେ ସ୍ଥାନେ ବର୍ଷା ହେବା ସହ ପାଗ କୋହଲା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୨୫ ତାରିଖ ଯାଏ କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଗୁରୁଚାପ ବଳୟର ସକ୍ରିୟତା ବୃଦ୍ଧି ହେତୁ ୨୩ ଓ ୨୪ ତାରିଖରେ ମଧ୍ୟ ବୃଷ୍ଟିପାତର ପ୍ରଭାବ ବୃଦ୍ଧି ହୋଇପାରେ। ସେହିପରି ୨୫ ତାରିଖ ମଧ୍ୟାହ୍ନ ଯାଏ କିଛି ଜିଲାରେ କୋହଲା ପାଗ ରହିବ। ୨୬ରୁ ପାଗ ବଦଳିପାରେ, ଅଧିକାଂଶ

### ୨୬ରୁ ପାଗ ବଦଳିପାରେ

ଅଞ୍ଚଳରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି।

ମଙ୍ଗଳବାର ଗଞ୍ଜାମ, ଗଜପତି, କନ୍ଧମାଳ, ନୟାଗଡ଼, ସୋନପୁର ଓ ବୌଦ୍ଧ, ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ବରଗଡ଼ ଆଦି ଜିଲାର କିଛି ଅଞ୍ଚଳରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି। ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ସମ୍ବଲପୁର ଆଦି ଜିଲାର କିଛି ସ୍ଥାନରେ ଘନ କୁହୁଡି ଅନୁଭୂତ ହେବାକୁ ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଉତ୍ତର-ଆଭ୍ୟନ୍ତରୀଣ ଓଡ଼ିଶା ସହ ଅନ୍ୟ କେତେକ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିବ। ୨୪ ତାରିଖରେ ମଧ୍ୟ ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସାରା ରାଜ୍ୟରେ କୁହୁଡ଼ି ରହିବାକୁ ଥିବାବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଆଦି ଜିଲାରେ କୁହୁଡ଼ିର ଚାଦର ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରିକରାଯାଇଛି।

୨୫ ତାରିଖରେ ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ଘନ କୁହୁଡ଼ିର ଆସ୍ତରଣ ରହିବ। ୨୫ ତାରିଖରେ ଗଜପତି, ଗଞ୍ଜାମ, ରାୟଗଡ଼ା, ପୁରୀ, ଜଗତ୍‌ସିଂହପୁର, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ସଂକ୍ଷେପରେ

### ଅବସରପ୍ରାପ୍ତ ଅତିରିକ୍ତ ଆର୍‌ଟିଓଙ୍କୁ ୪ବର୍ଷ ଜେଲଦଣ୍ଡ

#### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ



ସୁନ୍ଦରଗଡ଼,୨୨।୧
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ସୋମବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରି ବୀରମିତ୍ରପୁର ୟୁନିଫାଏଡ ଚେକଗେଟ୍‌ର ପୂର୍ବତନ ତଥା ଅବସରପ୍ରାପ୍ତ ଅତିରିକ୍ତ ଆର୍‌ଟିଓ ଚୈତନ୍ୟ ଚରଣ ଜେନା(୭୧)ଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫ଲକ୍ଷ ଟଙ୍କା ଜୋରିମାନା ଓ ଅନାଦାୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ରାୟ ପ୍ରକାଶ ପାଇବା ପରେ ଅଭିଯୁକ୍ତ ଜେନାଙ୍କୁ ସୁନ୍ଦରଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ଆୟର ପରିମାଣ ୧କୋଟି ୬୨ହଜାର ୫୬୦ଟଙ୍କା ଥିବାବେଳେ ଭିଜିଲାନ୍ସ ବିଭାଗ ତାଙ୍କର ମୋଟ ୪କୋଟି ୩୫ ଲକ୍ଷ ୧୨୬ ଟଙ୍କା ୮୮ପଇସା ମୂଲ୍ୟର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରିଥିଲା। ଯାହାକି ତାଙ୍କର ମୋଟ ଆୟରୁ ୨୬୭.୬୭ପ୍ରତିଶତ ହୋଇଛି। ଏନେଇ ୧୯୯୬ ମାର୍ଚ୍ଚ ୨୪ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଜେନାଙ୍କ ବରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନା କେସ ନଂ ୧୩ରେ ଏକ ମାମଲା ରୁଜୁ ହୋଇଥିଲା। ରାଉରକେଲା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଡିଏସପି ବି.ବି ଦାସ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲାବେଳେ ତତ୍କାଳୀନ ଡିଏସ୍‌ପି କେ. ନାଏକ ଏହି ମାମଲାର ଚାର୍ଜସିଟ ଦାଖଲ କରିଥିଲେ। ସରକାରଙ୍କ ପକ୍ଷରୁ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ।

### ସୁରଟକୁ ଗଞ୍ଜେଇ ଚାଲାଣ, ୨ ଯୁବକ ଗିରଫ

ଭୁବନେଶ୍ୱର,୨୨।୧
(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ଗଞ୍ଜେଇ ଆଣି ବସ୍ ଯୋଗେ ଗୁଜରାଟର ସୁରଟକୁ ଚାଲାଣ ର‌୍ୟାକେଟକୁ ଭରତପୁର ଥାନା ପୋଲିସ ଧରିଛି। ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଚଢାଉ କରି ୨ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମର କାହ୍ନୁ ବେହେରା ଓ ବିହାରର ସୂରଯ ଯାଦବ। ଉଭୟଙ୍କଠାରୁ ସାଢେ ୫ କେଜି ଗଞ୍ଜେଇ ଓ ହଜାର ଟଙ୍କା ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ କନ୍ଧମାଳରୁ କାହାଠାରୁ ଗଞ୍ଜେଇ ଆଣୁଥିଲେ, କେତେ ଦିନ ହେଲା ଏହି କାରବାର କରି ଆସୁଥିଲେ ତାହାର ଅଧିକ ତଥ୍ୟ ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ଟ୍ରେଞ୍ଚ୍ ମଧ୍ୟରୁ ମା', ଛୁଆ ହାତୀ ଉଦ୍ଧାର

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର ନାଗିଆପଶି ଛକ ନିକଟରେ ସୋମବାର ରାସ୍ତା କଡ଼ରେ ଥିବା ଟ୍ରେଞ୍ଚକୁ ଖସିପଡ଼ିଥିବା ମା' ଓ ଛୁଆ ହାତୀକୁ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ମା' ଓ ଛୁଆ ହାତୀ କପିଳାସ ଅଭୟାରଣ୍ୟ ମଧ୍ୟକୁ ଚାଲିଯାଇଛନ୍ତି।

ପ୍ରକାଶ ଯେ, କପିଳାସ ଅଭୟାଣ୍ୟକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଟ୍ରେଞ୍ଚ ଖୋଲାଯାଇଛି। ସକାଳ ପ୍ରାୟ ୭ଟା ସମୟରେ ୭ଟି ହାତୀ ନାଗିଆପଶି ଛକଠାରେ ଢେଙ୍କାନାଳ-କପିଳାସ ରାସ୍ତା ପାର ହେଉଥିବା ବେଳେ ଏହି ଟ୍ରେଞ୍ଚ ମଧ୍ୟକୁ ଏକ ୩ରୁ ୪ ମାସର ଛୁଆହାତୀ ଖସିପଡ଼ିଥିଲା। ପାଖରେ ଥିବା ମା' ହାତୀ ଛୁଆକୁ ଉଦ୍ଧାର ପାଇଁ ଚେଷ୍ଟା କରିବା ସମୟରେ ଟ୍ରେଞ୍ଚ ମଧ୍ୟକୁ ଖସିପଡ଼ିଥିଲା। ଉଭୟ ମା' ଓ ଛୁଆ ହାତୀଙ୍କ ଗର୍ଜନ ଶୁଣି ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏହାପରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, କପିଳାସ ରେଞ୍ଜ ବନ କର୍ମଚାରୀ, ହାତୀସ୍କ୍ୱାଡ୍ ସଦସ୍ୟ ଓ ପ୍ରାଣୀ ଉଦ୍ୟାନର ଚିକିତ୍ସକ ଡ. ଅସିତ ପହଞ୍ଚି ହାତୀଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏହି ସମୟରେ ମା' ହାତୀଟି କୌଶଳକ୍ରମେ ଟ୍ରେଞ୍ଚ ମଧ୍ୟରୁ ବାହାରକୁ ଚାଲି ଆସି ସେଠାରେ ଛୁଆ ହାତୀକୁ ଜଗି ରହିଥିଲା। ବନ କର୍ମଚାରୀମାନେ ଏକ ଜେସିବି ମେଶିନ ଆଣି ହାତୀ ଛୁଆଟିକୁ ଉଦ୍ଧାର କରିଥିଲେ। ଏହାପରେ ମା' ଓ ଛୁଆହାତୀ ଅଭୟାରଣ୍ୟ ମଧ୍ୟକୁ ପଳାଇଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି, ମା' ଓ ଛୁଆ ହାତୀଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଛି। ସେମାନଙ୍କ ଉପରେ ନଜର ରଖାଯାଇଛି।



ଟ୍ରେଞ୍ଚ ମଧ୍ୟକୁ ଖସି ପଡ଼ିଥିବା ମା' ଓ ଛୁଆହାତୀ।



ରବୀନ୍ଦ୍ର ମଣ୍ଡପରେ ସୋମବାର ଜୀବନ ରେଖା ଥିଏଟର୍ ପକ୍ଷରୁ ପରିବେଷିତ ନାଟକ ଗପସପ ସେଣ୍ଟର।

# ପ୍ରାଣୀଧନ ଚିକିତ୍ସକଙ୍କ ପ୍ରଶିକ୍ଷଣ ଅବଧି ୧୨ମାସକୁ ହ୍ରାସ କରିବାକୁ ପ୍ରସ୍ତାବ

ଭୁବନେଶ୍ୱର, ୨୨।୧ (ବନ୍ଦନା ସେଠୀ)

ସୋମବାର ବସିଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଅନ୍ତର୍ଗତ ଏକ ପ୍ରସ୍ତାବ ରଖାଯାଇଥିଲା। ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୧୯୮୩ର ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ପ୍ରାଣୀଧନ ଚିକିତ୍ସକଙ୍କ ପ୍ରଶିକ୍ଷଣ ଅବଧି ୨୪ ମାସରୁ ୧୨ମାସକୁ ହ୍ରାସ କରିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ଏଥିସହ ପ୍ରଶିକ୍ଷଣ ସମୟରେ ସେମାନଙ୍କୁ ସର୍ବନିମ୍ନ ଦରମା ୨୧ ହଜାର ୭ଶହ ଟଙ୍କା ଦେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହାଦ୍ୱାରା ଯୋଗ୍ୟତା ସମ୍ପନ୍ନ ମେଧାବୀ ପ୍ରାର୍ଥୀ ଓ ପ୍ରାର୍ଥିନୀ ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବାରେ ଯୋଗ ଦେବାକୁ ଇଚ୍ଛୁକ ହେବେ। ଏଥିସହ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକ୍ରମର ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ଆଶା ରଖାଯାଇଛି।

# ରାଜପଥରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଯଜ୍ଞ

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)

ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଏହା ଏକପ୍ରକାର ମରଣଯନ୍ତା ପାଲଟିଛି। ଫଳରେ ରାଜପଥର ବିଭିନ୍ନ ସ୍ଥାନରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ରାଜପଥ କାର୍ଯ୍ୟ କିପରି ଶୀଘ୍ର ଶେଷ ହେବ ସେ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ଓ ଅନ୍ୟାନ୍ୟ ଦାବିରେ ଅନୁଗୋଳ ସଚେତନ ନାଗରିକଙ୍କ ପକ୍ଷରୁ ଷ୍ଟାଡିୟମ ଫାଟକ ସମ୍ମୁଖରେ ୬ ଦିନ ହେଲା ଗଣଧାରଣା ଦିଆଯାଇଛି। ସୋମବାର ସାରା ଭାରତବର୍ଷ ରାମମୟ ହୋଇଥିବା ବେଳେ ଜାତୀୟ ରାଜପଥରେ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ସଚେତନ ନାଗରିକଙ୍କ ପକ୍ଷରୁ ଗଣଧାରଣା ସ୍ଥଳରେ ହୋମଯଜ୍ଞ କରାଯାଇଛି। ଏହି ରାଜପଥ କାର୍ଯ୍ୟ ପାଇଁ ଉତ୍ତରଦାୟୀ ଥିବା ଲୋକପ୍ରତିନିଧି, ଅଧିକାରୀମାନଙ୍କୁ ପ୍ରଭୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଛି। ୬ ଦିନ ହେଲା ଏହି ଗଣଧାରଣା ଚାଲିଥିଲେ ମଧ୍ୟ କୌଣସି ଲୋକପ୍ରତିନିଧି କି ଅଧିକାରୀ ଆସି ଆଲୋଚନା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଧାରଣାରତ ଜନସାଧାରଣ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଆସନ୍ତା ୨୫ ତାରିଖରେ ଧାରଣାସ୍ଥଳରେ ଏକ ସାଧାରଣ ସଭା ଆୟୋଜନ ହେବ ବୋଲି ସଚେତନ ନାଗରିକମାନେ ପ୍ରକାଶ କରିଛନ୍ତି।




ସଚେତନ ନାଗରିକଙ୍କ ପକ୍ଷରୁ ଧାରଣାସ୍ଥଳରେ ଯଜ୍ଞ କରାଯାଉଛି।

# ଗାଡ଼ି ଭଡ଼ାରେ ଆଣି ଲକ୍ଷାଧିକ ଟଙ୍କା ଠକେଇ, ୨ ଗିରଫ

ଭୁବନେଶ୍ୱର,୨୨।୧
(ସୂର୍ଯ୍ୟକାନ୍ତ ବେହେରା)

ଏଜେନ୍ସିଗୁଡ଼ିକରୁ ଭଡା ସୂତ୍ରରେ ଗାଡି ଆଣୁଥିଲେ। ପରେ ସେହି ଗାଡିକୁ ନିଜର କହି ଅନ୍ୟମାନଙ୍କୁ ଭଡାରେ ଲଗାଇ ମୋଟା ଅଙ୍କର ଟଙ୍କା ଆଣୁଥିଲେ। ହେଲେ ଗାଡିର ପ୍ରକୃତ ମାଲିକାନାକୁ ଟଙ୍କା ନ ଦେଇ ଚଲୁ କରି ଦେଉଥିଲେ। ଦୀର୍ଘଦିନ ଧରି ଭୁବନେଶ୍ୱରରେ ଏମିତି ତରିକାରେ ଏଜେନ୍ସିଗୁଡିକୁ ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୯ ଅଞ୍ଚଳର ଆର୍. ଟାଟା ରାଓ ଓ ଗଞ୍ଜାମର ସୁଶାନ୍ତ କୁମାର ସାହୁ। ଉଭୟଙ୍କଠାରୁ ବିଭିନ୍ନ କମ୍ପାନୀର ୯ଟି ଚାରି ଚକିଆ ଗାଡ଼ି ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ସୁଶାନ୍ତ ପୂର୍ବରୁ ଇନ୍‌ସ୍ୟୁରାନ୍ସ ଏଜେଣ୍ଟ ଭାବେ କାମ କରୁଥିବାବେଳେ ଟାଟା ରାଓ ଭୁବନେଶ୍ୱରରେ ଚା ଦୋକାନ କରିଥିବା ପୋଲିସ ତଦନ୍ତବେଳେ ଜାଣିବାକୁପାଇଛି। ଠକେଇର ଶିକାର ହୋଇଛନ୍ତି କାର୍ ରେଣ୍ଟାଲ ସର୍ଭିସ୍ ଏଜେନ୍ସିର ମାଲିକ ରଜତ କୁମାର ସାହୁ। ଗତ ନଭେମ୍ବରରୁ ଅଭିଯୁକ୍ତମାନେ ତାଙ୍କଠାରୁ ବିଭିନ୍ନ ସମୟରେ ପାଖାପାଖି ୯ଟି ଗାଡି ଭଡା ସୂତ୍ରରେ ନେଇଥିଲେ। ହେଲେ ଠିକ ସମୟରେ ଗାଡିଗୁଡ଼ିକୁ ଏଜେନ୍ସିକୁ ଫେରାଉ ନ ଥିଲେ କି ଭଡ଼ା ମଧ୍ୟ ଦେଉ ନ ଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଭିନ୍ନ ସ୍ଥାନରୁ ଗାଡି ଜବତ କରିଥିଲା।

# ମଧୁବାବୁଙ୍କ ଚଷମାରେ ଝୁଲୁଛି ତାଲା



ଚାନ୍ଦବାଲି ଏନ୍‌ଏସିରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ଚଷମାରେ ତାଲା ଲାଗିଛି।

### ମହାପୁରୁଷଙ୍କ ପ୍ରତି ଅସମ୍ମାନ

ଚାନ୍ଦବାଲି,୨୨।୧(କିଷାନ ପାତ୍ର)

ଓଡ଼ିଆ ଜାତିର ଅସ୍ମିତା ତଥା ମହାପୁରୁଷ ମଧୁବାବୁଙ୍କ ପ୍ରତି ଅସମ୍ମାନ। ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ମଧୁବାବୁ ଛକରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପିନ୍ଧିଥିବା ଚଷମାର ଦୁଇ ପାଖରେ କେହି ଦୁର୍ବୃତ୍ତ ରବିବାର ରାତିରେ ଦୁଇଟି ତାଲା ଝୁଲାଇ ଦେଇଥିବା ସୋମବାର ଦେଖିବାକୁ ମିଳିଛି। ତେବେ କିଏ କାହିଁକି ଏପରି କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ଦେଖିବା ପରେ ବୁଦ୍ଧିଜୀବୀ, ଆଇନଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏପରି ହୀନ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ପୋଲିସ ଖୋଜି ବାହାର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆଇନଜୀବୀ ତ୍ରିଲୋଚନ ଦାସ ଦାବି କରିବା ସହ ଏନେଇ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଶିକ୍ଷାବିତ୍ ଶ୍ରୀମନ୍ତ ଖୁଣ୍ଟିଆ ପ୍ରତିକ୍ରିୟାରେ କହିଛନ୍ତି, ସମ୍ପୃକ୍ତ ଦୁର୍ବୃତ୍ତଙ୍କ ପାଇଁ ମଧୁବାବୁ ଅପ୍ରାସଙ୍ଗିକ ହୋଇଯାଇଛନ୍ତି। ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବା ଆବଶ୍ୟକ। ଏମିତି ଘଟଣା ଆଦୌ ଗ୍ରହଣୀୟ ନୁହେଁ, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ କହିଛନ୍ତି। ଏ ସମ୍ପର୍କରେ ଚାନ୍ଦବାଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏପରି ଘଟଣା ଘଟାଇଛନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ୨ ଶିଶୁଙ୍କୁ ସିଡବ୍ଲ୍ୟୁସି ନିକଟରେ ହାଜର କଲା ପୋଲିସ

### ଜେଲରେ ମା', ଦାୟିତ୍ୱ ନେବାକୁ କେହି ନାହାନ୍ତି

ମାଲକାନଗିରି,୨୨।୧(ଦୁର୍ଯ୍ୟୋଧନ ପାତ୍ର)

ଏକ ହତ୍ୟା ଘଟଣାରେ ମା' ଜେଲରେ ଥିବାରୁ ପିଲା୨ ଜଣଙ୍କ ଦାୟିତ୍ୱ ନେବାକୁ କେହି ନ ଥିବାରୁ ଅସହାୟ ନାବାଳିକା ଭଉଣୀ ଭାଇଙ୍କୁ ସୋମବାର ମାଲକାନଗିରି ପୋଲିସ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରିଛି।

ସୂଚନା ଅନୁଯାୟୀ, ମାଲକାନଗିରି ବ୍ଲକ ତଣ୍ଡାପାଲି ଗ୍ରାମର ମୁଡା ପଡିଆମୀ ଓ ବାଗୀ ପଡିଆମୀଙ୍କ ୫ମାସର ଶିଶୁପୁତ୍ର ଓ ଜଣେ ୫ ବର୍ଷୀୟା ଝିଅ ଥିବା ବେଳେ ବିଗତ ବର୍ଷ ଡିସେମ୍ବରରେ ବାଗୀ ରୋଗରେ ମୃତ୍ୟୁବରଣ କରିଥିଲେ। ଏହାପରେ କୁନି ଝିଅ ଓ ପୁଅ ଦାୟିତ୍ୱ ମା' ମୁଡାଙ୍କ ଉପରେ ଥିବା ବେଳେ ଚଳିତ ମାସରେ ଏକ ହତ୍ୟା ଘଟଣାରେ ମୁଡା ଅଭିଯୁକ୍ତ ଥିବାରୁ ତାଙ୍କୁ ମାଲକାନଗିରି ଆଦର୍ଶ ଥାନା ପୋଲିସ ଗିରଫ କରି ଗତ ସପ୍ତାହରେ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା। ଅନ୍ୟପଟେ ଘରେ କୁନି ଝିଅ ଓ ପୁଅର ଦାୟିତ୍ୱ ନେବାକୁ କେହି ନ ଥିବା ବେଳେ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ଗିଗାନ କିଣ୍ଡୋଙ୍କ ନେତୃତ୍ୱରେ ୨ ଭଉଣୀ ଭାଇଙ୍କୁ ସୋମବାର ମାଲକାନଗିରି ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ଉଭୟଙ୍କୁ ଶିଶୁ ମଙ୍ଗଳ ସମିତି ସ୍ପେଶାଲ ଆଡପସନ୍ ଏଜେନ୍ସି (ସା) କେନ୍ଦ୍ରକୁ ପଠାଇ ଦିଆଯାଇଛି। ସେଠାରେ ୨ ଶିଶୁଙ୍କ କାଉନ୍‌ସେଲିଂ କରାଯିବ ବୋଲି ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ କହିଛନ୍ତି।

# ସମ୍ବଲପୁରରେ ଜଳିଲା ୧,୧୧,୧୧୧ ଦୀପ

ସମ୍ବଲପୁର,୨୨।୧(ପ୍ରମୋଦ ବହିଦାର)

- କାଶୀ ପଣ୍ଡିତଙ୍କ ଦ୍ୱାରା ମହାନଦୀ ଆଳତି
- ନଦୀଗର୍ଭରେ ଚିତ୍ତାକର୍ଷକ ଆତସବାଜି

ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ସୋମବାର ସନ୍ଧ୍ୟାରେ ସମ୍ବଲପୁର ମହାନଦୀର ମାରୱାଡ଼ିପଡ଼ା ଅଯୋଧ୍ୟା ସରୋବର ଘାଟରେ ୧ ଲକ୍ଷ ୧୧ ହଜାର ୧୧୧ ପ୍ରଦୀପ ପ୍ରଜ୍ୱଳିତ ହୋଇଛି। ଏକ ଧାର୍ମିକ ପରିବେଶ ମଧ୍ୟରେ ମାରୱାଡ଼ି ଯୁବା ମଞ୍ଚ ଓ ନବ ଚେତନା ସଂଘ କ୍ଷେତରାଜପୁର ଶାଖା ପକ୍ଷରୁ ଏହି ସାମୂହିକ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟାରୁ ଏଠାରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଘାଟର ଶିଡ଼ିରେ ଦୀପଗୁଡ଼ିକୁ 'ଜୟ ଶ୍ରୀରାମ', 'ଆଇ ଲଭ୍ ସମ୍ବଲପୁର' ଲେଖାରେ ସଜଡ଼ା ଯାଇଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭା ପକ୍ଷରୁ ବିଷ୍ଣୁ ସହସ୍ରନାମ ଜପ କରାଯାଇ ସନ୍ଧ୍ୟା ନଇଁବା ସହ ସମସ୍ତ ଦୀପ ପର୍ଯ୍ୟାୟକ୍ରମେ ପ୍ରଜ୍ୱଳିତ କରାଯାଇଥିଲା। ଏହି ସମୟରେ ଡାକବାଜି ଯନ୍ତ୍ରରେ ଭକ୍ତି ସଙ୍ଗୀତ, ଭଜନ ସହିତ ହୁଳହୁଳି, ଶଙ୍ଖ, ଘଣ୍ଟ ବାଦ୍ୟ ସହ 'ଜୟ ଶ୍ରୀରାମ', 'ହରିବୋଲ' ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା ଅଯୋଧ୍ୟା ସରୋବର ସହ ସମଗ୍ର ଅଞ୍ଚଳ। ପଣ୍ଡିତ ସନ୍ତୋଷ ପାଣ୍ଡେଙ୍କ ନେତୃତ୍ୱରେ ୫ ଜଣ କାଶୀ ପଣ୍ଡିତ ମହାନଦୀ ଘାଟରେ ଥିବା ଶିବ ମନ୍ଦିରରେ ନୀତି ଅନୁସାରେ ପୂଜାର୍ଚ୍ଚନା କରି ରିଂରୋଡ଼ ପାର୍ଶ୍ୱସ୍ଥ ପର୍ଶୁରାମ କଲ୍ୟାଣ ମଣ୍ଡପ ସଂଲଗ୍ନ ମଞ୍ଚ ଉପରେ ମହାନଦୀ ଆଳତି କରିଥିଲେ। ଏଥିରେ କୁନି ବାଳିକା ଓ ବାଳକମାନେ ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଓ ବୀର ହନୁମାନ ବେଶରେ ସଜ୍ଜିତ ହୋଇ ସାମିଲ ହୋଇଥିଲେ। ଆଳତି ପରେ ଆୟୋଜକ ମାରୱାଡ଼ି ଯୁବାମଞ୍ଚ ଓ ନବଚେତନା ଶାଖାର ସଦସ୍ୟମାନେ ଡଙ୍ଗାରେ ମହାନଦୀ ଗର୍ଭକୁ ଯାଇ ପ୍ରାୟ ୧ ଘଣ୍ଟାଧରି ଏକ ଚିତ୍ତାକର୍ଷକ ଆତସବାଜି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ସମ୍ବଲପୁର ମହାନଦୀ ଆକାଶ ପ୍ରକମ୍ପିତ ହେବା ସହ ରଙ୍ଗିନ ହୋଇ ଉଠିଥିଲା। ଦୀପ ପ୍ରଜ୍ୱଳନରେ ପ୍ରାୟ ୩୫୦ଟି ୧୬ ଲିଟର ବିଶିଷ୍ଟ ଟିଣ ମୋଟ୍ ସାଢ଼େ ୫ ହଜାର ଲିଟର ରାଶି ତେଲ ବ୍ୟବହୃତ ହୋଇଥିଲା। ଚାଉଁରପୁର ଗ୍ରାମର କୁମ୍ଭକାର ପରିବାର ଦିନରାତି ପରିଶ୍ରମ କରି ଦୀପ ଯୋଗାଇ ଦେଇଥିଲେ।

# କାଠରେ ଖୋଦିତ ରାମଚରିତ ମାନସ

### ଅଭିମନ୍ୟୁଙ୍କ ନିଖୁଣ କଳାକୃତିରେ ଶ୍ରୀରାମ

କେନ୍ଦୁଝର, ୨୨।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ରାଜ୍ୟ, ଦେଶ ସବୁଆଡ଼େ ରାମମୟ ପରିବେଶ ସୃଷ୍ଟି ହୋଇଛି। ଏଭଳି ସମୟରେ କେନ୍ଦୁଝରର ଜଣେ କାଠଶିଳ୍ପୀ ଦୀର୍ଘ ଏକ ବର୍ଷ ଧରି ଶ୍ରମ ଦାନ କରି ନିହାଣ ମୁନରେ କାଠରେ ଖୋଦେଇ କରି ଶ୍ରୀରାମଙ୍କ ଭବ୍ୟମୂର୍ତ୍ତି ଓ ରାମଙ୍କ ସମସ୍ତ କାଣ୍ଡର ନିଖୁଣ ଚିତ୍ର ଖୋଦିତ କରିଛନ୍ତି। ସେ ହେଉଛନ୍ତି କେନ୍ଦୁଝର ପୁରୁଣା ସହରର ଶିବନାରାୟଣପୁର ସାହିର ଅଭିମନ୍ୟୁ ମହାରଣା(୬୨)।

ଅଭିମନ୍ୟୁ ପେସାରେ ଜଣେ କାଠମିସ୍ତ୍ରି। ସେ ଦୀର୍ଘ ୪୫ ବର୍ଷ ହେଲା କାଠ କାମ କରିଆସୁଛନ୍ତି। ସେ ଦୀର୍ଘ ଏକ ବର୍ଷ ଧରି ଗମ୍ଭାରୀ କାଠରେ ନିହାଣ ମୁନରେ ଅତି ନିଖୁଣ ଭାବରେ ପ୍ରାୟ ସାଢ଼େ ୩ ଫୁଟ୍ ଉଚ୍ଚତା ଓ ୩ ଫୁଟ୍ ଓସାରର ଶ୍ରୀରାମଙ୍କ ମୂର୍ତ୍ତି ନିର୍ମାଣ କରିବା ସହ ଚାରିପାଖରେ ରାମଚରିତ ମାନସର ସମସ୍ତ କାଣ୍ଡକୁ ନେଇ ୨୫ ମୂର୍ତ୍ତି ଖୋଦେଇ କରିଛନ୍ତି। ବିଭିନ୍ନ କାଣ୍ଡ ମଧ୍ୟରେ ଶ୍ରବଣକୁମାର, ଶ୍ରୀରାମଙ୍କ ଜନ୍ମ, ଗୁରୁଶିକ୍ଷା, ବାଲ୍ୟଲୀଳା, ଅଯୋଧ୍ୟା କାଣ୍ଡ, ଲଙ୍କା କାଣ୍ଡ ଆଦିର ମୂର୍ତ୍ତି କାଠ ଦେହରେ ଖୋଦିତ ହୋଇଛି। ଦଶମ ଶ୍ରେଣୀ ପାଠ ଶେଷ ପରେ ଏହି କଳା ପ୍ରତି ଆକର୍ଷଣ ଆଜି ତାଙ୍କୁ ଏହି ସ୍ତରରେ ପହଞ୍ଚାଇଛି ବୋଲି ସେ କୁହନ୍ତି। ଏଭଳି ସମୟରେ ଏହି ମୂର୍ତ୍ତି ତିଆରି କରି ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିବା ସେ କହିଛନ୍ତି। ତାଙ୍କ ପାଇଁ କେନ୍ଦୁଝର ମାଟି ଧନ୍ୟ ହୋଇଛି ବୋଲି କେନ୍ଦୁଝର ନିବାସୀ ପ୍ରିୟବ୍ରତ ଜେନା କହିଛନ୍ତି।

ଅଭିମନ୍ୟୁ ପୂର୍ବରୁ ହାତୀ ଦାନ୍ତରେ ଛୋଟ ଛୋଟ ହାତୀ, ଚୁଡ଼ି, କାନଫୁଲ, ବିଭିନ୍ନ ପ୍ରକାରର ମୂର୍ତ୍ତି, ଖେଳନା ସୌଖୀନ ସାମଗ୍ରୀ ତିଆରି କରୁଥିଲେ। ହାତୀ ଦାନ୍ତର ଅଭାବ ଓ ପରେ ଏହା ଉପରେ ସରକାରୀ କଟକଣା ଲାଗିବା ଯୋଗୁ ସେ ନିଜର ଜ୍ଞାନକୌଶଳକୁ କାଠ ମୂର୍ତ୍ତି ଖନନରେ ନିବେଶ କରିଛନ୍ତି। ଏବେ ତାଙ୍କ ଦ୍ୱାରା ନିର୍ମାଣ ହୋଇଥିବା କାଠର ମୂର୍ତ୍ତି ବାହାରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ, ମେଳା ଆଦିରେ ବେଶ୍ ଲୋକାଦୃତ ହେଉଛି। ଏହି ଶ୍ରୀରାମଙ୍କ ମୂର୍ତ୍ତିର ମୂଲ୍ୟ ପାଖାପାଖି ୭୦ ହଜାର ଟଙ୍କା ହେବ। ତେବେ ସେ ଏହାକୁ ରାଜ୍ୟସ୍ତରୀୟରେ ପ୍ରତିଯୋଗିତାରେ ସାମିଲ କରିବାକୁ ଇଚ୍ଛା ବ୍ୟକ୍ତ କରିଛନ୍ତି। ଏଥିସହ ତାଙ୍କ ଅଭିଜ୍ଞତାକୁ ଏବେ ନୂତନ ପିଢ଼ିଙ୍କୁ ଶିଖାଉଛନ୍ତି। ସରକାରୀସ୍ତରରେ ତାଲିମ ଦେବା ପାଇଁ ତାଙ୍କୁ ନିୟୋଜିତ କରାଯାଇଥାଏ। ଅଭିମନ୍ୟୁ ଧାନରେ ମଧ୍ୟ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥାନ୍ତି।



କାଠରେ ଖୋଦିତ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଓ ରାମଚରିତ ମାନସ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଅନ୍ୱେଷ
ପରିବାରବର୍ଗ



ପ୍ରୀଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଲାବାରରେ ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଳଙ୍କାର ପ୍ରଦର୍ଶନୀ 'ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ'ର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଶୋ'ରୁମ୍ ଭୁବନେଶ୍ୱରସ୍ଥିତ ଶହୀଦନଗର ଷ୍ଟୋରରେ ଉକ୍ତ ଫେଷ୍ଟିଭାଲ ସୋମବାର ଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ରୋଜିସ୍ କିଚେନ୍‌ର ଫାଉଣ୍ଡର ସରୋଜା ଚୌଧୁରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୧୮ ତାରିଖ ପର୍ଯ୍ୟନ୍ତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଭୁବନେଶ୍ୱର ସ୍ଥିତ ଶହୀଦନଗର ଏବଂ ଚନ୍ଦ୍ରଶେଖରପୁର ଶୋ'ରୁମ୍ ସମେତ କଟକ ଷ୍ଟୋରରେ ମଧ୍ୟ ଉକ୍ତ ଫେଷ୍ଟିଭାଲ ଜାରି ରହିବ ବୋଲି ମାଲାବାର ଓଡ଼ିଶା ଶାଖା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉକ୍ତ ଫେଷ୍ଟିଭାଲରେ ବିଭିନ୍ନ ଡିଜାଇନର ହାର, କାନଫୁଲ, ମୁଦି ଏବଂ ଚୁଡ଼ି ଆଦି ପ୍ରଦର୍ଶିତ ହେଉଥିବା ବେଳେ ଗ୍ରାହକମାନେ ବିଶେଷ ରିହାତି ଅଫର ସହ କ୍ରୟ କରିପାରିବେ ବୋଲି ମାଲାବାରର ଶହିଦ ନଗର ଷ୍ଟୋର ହେଡ୍ ଅଶନାଫ୍ ଅରାକ୍କଲ୍ ମତ ପ୍ରକାଶ କରିଛନ୍ତି। ଏଠାରେ ଶୁଦ୍ଧ ସୁନା ତଥା ମୂଲ୍ୟବାନ ରୁବି, ଏମେରାଲ ଆଦି ରତ୍ନ(ଷ୍ଟୋନ୍) ଖଚିତ ଗହଣା ସହ ଅନକଟ୍ ଡାଏମଣ୍ଡ ଗହଣା ରହିଛି।

# ସୋନିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୨।୧

ସୋନି ପକ୍ଷରୁ ନୂଆ ଓ୍ୱାୟାରଲେସ୍ ନଏଜ୍ କ୍ୟାନ୍‌ସେଲିଂ ସୁବିଧା ଥିବା ଗେମିଂ ଇୟରବଡ୍ ଇନ୍‌ଜୋନ୍ ବଡ୍‌ସକୁ ଉନ୍ମୋଚନ କରାଯାଇଛି। ଏଥିରେ ଥିବା ବ୍ୟାଟେରି ୧୨ ଘଣ୍ଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବ ଏବଂ ତାହାକୁ ବ୍ୟବହାର କରି ପିସି, ମୋବାଇଲ୍ ଓ ଗେମ୍ କନ୍‌ସୋଲ୍‌ରେ ଗେମ୍ ଖେଳି ହେବ। ଫନାଟିକ୍ ନାମକ ଇସ୍ପୋର୍ଟ୍‌ସ୍ ଟିମ୍ ସହ ସହଯୋଗିତାରେ ଇନ୍‌ଜୋନ୍ ବଡ୍‌ସ୍‌କୁ ପ୍ରସ୍ତୁତ କରାଯାଇଛି, ଏହି ଇୟରବଡ୍‌ର ବିଶେଷତ୍ୱ ହେଉଛି, ଏଥିରେ ବାହ୍ୟ କୋଳାହଳର ପ୍ରଭାବ କମ୍ ରହିବ। ଶିଳ୍ପର ଅଗ୍ରଣୀ ପ୍ରଯୁକ୍ତି ଓ ସହଯୋଗିତା ଡିଜାଇନ୍‌କୁ ନେଇ ଏହା ଚମତ୍କାର ଅଡିଓ ଅନୁଭୂତି ପ୍ରଦାନ କରିବ। ଏଥିରେ ଅଳ୍ପ ବ୍ୟାଟେରି ବ୍ୟବହାର କରୁଥିବା ଏଲ୍୧ ପ୍ରୋସେସର ରହିଛଇ, ଯାହାକୁ ୧୨ ଘଂଟା ପର୍ଯ୍ୟନ୍ତ ବ୍ୟବହାର କରିହେବ। ଏଥିରେ ଥିବା ଶୀଘ୍ର ଚାର୍ଜ ସୁବିଧା ଯୋଗୁଁ ତାହାକୁ ୫ ମିନିଟ୍ ଚାର୍ଜ କଲେ ତାହାକୁ ଏକ ଘଂଟା ବ୍ୟବହାର କରିହେବ।

# ସି ଜି ମୋଟର୍ସ ସହ ହିରୋ ମୋଟକର୍ପର ସହଭାଗିତା

ନୂଆଦିଲ୍ଲୀ,୨୨।୧ (ଅଭୟ ଦାଶ)

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା (କମ୍ପାନୀ) ତଥା ହିରୋ ମୋଟକର୍ପ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ ଏବଂ ଦି ଚୌଧୁରୀ ଗ୍ରୁପ (ସିଜି)ର ଅଗ୍ରଣୀ ସଂସ୍ଥା ସି.ଜି. ମୋଟର୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ହୋଇଯାଇଛି। ଉକ୍ତ ସହଭାଗିତା ଅନୁଯାୟୀ ନେପାଳରେ ହିରୋ ମୋଟକର୍ପର ବିତରକ ଭାବେ ସି.ଜି. ମୋଟର୍ସକୁ ନିଯୁକ୍ତ କରାଯାଇଛି ବୋଲି ସୋମବାର ଏ ନେଇ କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୪ରେ ହିରୋ ମୋଟକର୍ପ ଆନୁଷ୍ଠାନିକ ଭାବେ ନେପାଳ ବଜାରରେ ପ୍ରବେଶ କରିଥିଲା ଏବଂ ଦୀର୍ଘ ବର୍ଷ ଧରି ହିରୋର ସୁପର ସ୍ପ୍ଲେଣ୍ଡର ଏବଂ ଏକ୍ସପ୍ଲସ ୨୦୦ ମୋଟରସାଇକେଲ ଭଳି ବ୍ରାଣ୍ଡ୍ ପାଇଁ ଅତ୍ୟଧିକ ପ୍ରତିକ୍ରିୟା ସହିତ ନିଜକୁ ଦେଶର ଏକ ଅଗ୍ରଣୀ କମ୍ପାନୀ ଭାବେ ପ୍ରତିଷ୍ଠିତ କରିପାରିଛି। ଅପରପକ୍ଷରେ କମ୍ପାନୀ ପାଇଁ ଏସିଆ ବଜାରରେ ନେପାଳ ଏକ ଅନ୍ୟତମ ପ୍ରମୁଖ ବଜାର ବୋଲି କମ୍ପାନୀ ପକ୍ଷରୁ ସୋମବାର ଏକ ପ୍ରେସ ବିଜ୍ଞପ୍ତିରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଚୌଧୁରୀ ଗ୍ରୁପ୍‌ରେ ୧୬୦ରୁ ଅଧିକ କମ୍ପାନୀ ଏବଂ ୧୨୩ ବ୍ରାଣ୍ଡର ଏକ ବିଶ୍ୱସ୍ତରୀୟ ନେଟୱର୍କ ରହିଛି, ଯାହାକି ୧୫,୦୦୦ରୁ ଅଧିକ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଟିମ୍ କାର୍ଯ୍ୟ କରୁଛି।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରମାମଣି ରଥ**

ଶାସ୍ତ୍ରୀ ନଗର, Unit-4, Plot No.-47, ଭୁବନେଶ୍ୱର

ଆବିର୍ଭାବ: ୦୮।୧୯୪୪

ତିରୋଧାନ: ୧୯।୦୧।୨୦୧୯ (ତ୍ରୟୋଦଶୀ)

ବୋଉ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁଅ: ଜୟନ୍ତ, ପ୍ରଶାନ୍ତ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।

ଧ-୨୩୩୨


# ଗାଲାକ୍ସି ଏଆଇ ସହ ସାମ୍‌ସଙ୍ଗ୍ ଏସ୍୨୪ ସିରିଜ ଉନ୍ମୋଚିତ

ଭୁବନେଶ୍ୱର,୨୨।୧




ସ୍ମାର୍ଟଫୋନ୍ ବ୍ରାଣ୍ଡ 'ସାମ୍‌ସଙ୍ଗ୍'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍-ନ୍ୟୁ ଗାଲାକ୍ସି ଏସ୍୨୪ ସିରିଜର ଉନ୍ମୋଚନ ସହ ବଜାର ପ୍ରବେଶ ସୋମବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରିକି ପ୍ରତି ଥର ଭଳି ଏଥର ମଧ୍ୟ ୩ଟି ସ୍ମାର୍ଟଫୋନ୍ ଗାଲାକ୍ସି ଏସ୍୨୪, ଗାଲାକ୍ସିଏସ୍୨୪+ ଏବଂ ଗାଲାକ୍ସି ଏସ୍୨୪ ଅଲ୍‌ଟ୍ରା ମଡେଲ ଉକ୍ତ ସରିଜରେ ଉନ୍ମୋଚିତ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ବଜାର ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ସାମ୍‌ସଙ୍ଗର ଜେଡ୍‌ଏସ୍‌ଏମ୍ ଅଭିନେଶ ସିହ୍ନା, ଜେଡ୍‌ଏସ୍‌ଏମ୍ ଅରିନ୍ଦମ ପାତ୍ରଙ୍କ ସମେତ ଏସ୍‌ପିଡିର ନିର୍ଦ୍ଦେଶକ ଯୋଗେନ୍ଦ୍ର ହଂସ ପ୍ରମୁଖ ଉପସ୍ଥିତ ରହି ଉକ୍ତ ସରିଜକୁ ବଜାର ପ୍ରବେଶ କରାଇବା ସହିତ ଗାଲାକ୍ସି ଏସ୍୨୪ ସିରିଜ ପ୍ରଥମ ଧରଣର ଏଆଇ ମଡେଲ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେହିପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପ୍ରଯୁକ୍ତିସମ୍ପନ୍ନ ଗାଲାକ୍ସି ଏଆଇରେ ଅନେକ ଅଭିନବ ବୈଶିଷ୍ଟ୍ୟ ଯଥା ଲାଇଭ୍ ଟ୍ରାନ୍ସଲେଶନ୍, ଚାଟ୍ ଆସିଷ୍ଟ, ଆଣ୍ଡ୍ରଏଡ୍ ଅଟୋ, ନୋଟ୍ ଆସିଷ୍ଟ, ଟ୍ରାନ୍ସକ୍ରିପ୍ଟ ଆସିଷ୍ଟ, ସର୍କଲ ଟୁ ସର୍ଚ୍ଚ, ପ୍ରୋଭିଜୁଆଲ ଇଞ୍ଜିନ, ନାଇଟୋଗ୍ରାଫି ଏବଂ ପରିବର୍ଦ୍ଧିତ ଡିଜିଟାଲ ଜୁମ୍ ଇତ୍ୟାଦି ସାମିଲ ରହିଛି। ଅପରପକ୍ଷରେ ଗାଲାକ୍ସି ଏସ୍୨୪ ଅଲ୍‌ଟ୍ରା, ଗାଲାକ୍ସି ଏସ୍୨୪+ ଏବଂ ଗାଲାକ୍ସି ଏସ୍୨୪ର ଉନ୍ମୋଚନ ସହିତ ସାମ୍‌ସଙ୍ଗ ଇଲେକ୍ଟ୍ରୋନିକ୍ସ ଏଆଇ ମାଧ୍ୟମରେ ମୋବାଇଲ ବ୍ୟବହାରର ନୂତନ ଅଭିଜ୍ଞତା ପ୍ରଦାନ କରୁଛି।

ଏ ସମ୍ପର୍କରେ ସାମ୍‌ସଙ୍ଗ୍ ମୋବାଇଲ ଡିଭିଜନ୍‌ର ସଭାପତି ଟି.ଏମ୍. ରୋହ କହିଛନ୍ତି, ସାମ୍‌ସଙ୍ଗ ଏକ ନୂଆ ଯୁଗ ଏବଂ ପରିବର୍ତ୍ତନଶୀଳ ଶକ୍ତିକୁ ଉନ୍ମୁକ୍ତ କରିବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ଗାଲାକ୍ସି ଏସ୍୨୪ ଅଲ୍‌ଟ୍ରା, ଗାଲାକ୍ସି ଏସ୍୨୪+ ଏବଂ ଗାଲାକ୍ସି ଏସ୍୨୪ ମଡେଲ ଆକର୍ଷଣୀୟ କଲର ସହିତ ଉପଲବ୍ଧ। ଏପରିକି ଉକ୍ତ ମଡେଲଗୁଡ଼ିକ ଉପରେ ସ୍ୱତନ୍ତ୍ର ରିହାତି ଓ ସୁବିଧା ଗ୍ରାହକଙ୍କୁ ସୀମିତ ସମୟ ପାଇଁ ପ୍ରଦାନ କରାଯାଉଛି।

# ତରୁଣ ଖୁଲ୍‌ବେ ଜେଏସ୍‌ଏଲ୍‌ର ନୂଆ ସିଇଓ

ଯାଜପୁର,୨୨।୧ (ହର୍ଷବର୍ଦ୍ଧନ ବେହେରା)



ତରୁଣ ଖୁଲବେ

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ କମ୍ପାନୀର ବରିଷ୍ଠ ଅଧିକାରୀ ତରୁଣ ଖୁଲ୍‌ବେଙ୍କୁ ନିଯୁକ୍ତି ଦିଆଯାଇଛି। ବିଶେଷକରି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଖୁଲ୍‌ବେଙ୍କର ସିଇଓ ଏବଂ ସମ୍ପୂର୍ଣ୍ଣ ଅବଧି ନିର୍ଦ୍ଦେଶକର ପଦୋନ୍ନତିକୁ ଅନୁମୋଦନ କରିଛନ୍ତି। ଏପରିକି ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିବା ନିର୍ଦ୍ଦେଶକମଣ୍ଡଳୀ ବୈଠକରେ ବୃତ୍ତିଗତ ଭାବେ ପରିଚାଳିତ ତଥା ଏକୀକୃତ ସଂଗଠନ ଗଠନ କରିବାର ଆଭିମୁଖ୍ୟରେ ବୋର୍ଡ ଉକ୍ତ ନିଷ୍ପତ୍ତି ଗ୍ରହଣ କରିଛି। ସେହିଭଳି ବୋର୍ଡ ଖୁଲ୍‌ବେଙ୍କ ଅତୁଳନୀୟ ନେତୃତ୍ୱ ଦକ୍ଷତା, ରଣନୀତିକ ଦୃଷ୍ଟିକୋଣ ଏବଂ କମ୍ପାନୀର ମୂଳ ମୂଲ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ସ୍ୱୀକୃତି ଦେଇଛି। କମ୍ପାନୀ ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ଏବଂ ବିସ୍ତାରରେ ପ୍ରବେଶ କରିବାକୁ ଯାଉଛି, ଯାହା ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲଙ୍କ ରଣନୀତିକ ଦୃଷ୍ଟିକୋଣର ବର୍ଦ୍ଧିତ ଯୋଗଦାନକୁ ଆବଶ୍ୟକ କରିଥାଏ। ୨୦୧୮ ମେ ଠାରୁ ଖୁଲ୍‌ବେ କମ୍ପାନୀର ସମ୍ପୂର୍ଣ୍ଣ ଅବଧି ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଛନ୍ତି ଓ କର୍ପୋରେଟ୍ ବ୍ୟାପାର, ବିକ୍ରୟ ଏବଂ ମାର୍କେଟିଂ, ରଣନୀତିକ ପଦକ୍ଷେପ ସହ ସବସିଡିଆରି କମ୍ପାନୀଗୁଡ଼ିକ ପାଇଁ ମଧ୍ୟ ସେ ବେଶ୍ ଜଣାଶୁଣା ହୋଇଥିଲାବେଳେ ସିଇଓ ବ୍ୟତୀତ ସେ ଉପରୋକ୍ତ ପଦବୀରେ ମଧ୍ୟ ରହିବେ। ସେହିପରି ପ୍ରାୟ ୩୫ବର୍ଷର ଅଭିଜ୍ଞ ଖୁଲ୍‌ବେ ବ୍ୟବସାୟ ବିସ୍ତାର ଏବଂ ଜେଏସ୍‌ଏଲ୍‌ର ଲାଭଜନକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏପରିକି ଜେଏସ୍‌ଏଲ୍‌ରେ ତାଙ୍କର ପ୍ରାୟ ୨୦ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଅପରେଶନ୍, ବ୍ୟବସାୟ ବିକାଶ, ଯୋଗାଣ ଶୃଙ୍ଖଳା ପରିଚାଳନା ଏବଂ ଆଇଟି ସାମର୍ଥ୍ୟର ସମସ୍ତ କ୍ଷେତ୍ରରେ ୩୬୦-ଡିଗ୍ରୀ ଅଭିଜ୍ଞତା ହାସଲ କରିଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଖୁଲ୍‌ବେ ସିଇଓ ପଦ ପାଇଁ ଉପଯୁକ୍ତ ପସନ୍ଦ ହୋଇଥିବାବେଳେ ଦୀର୍ଘକାଳୀନ ବ୍ୟବସାୟ ରଣନୀତି ପ୍ରସ୍ତୁତ କରିବା ସହିତ କାର୍ଯ୍ୟ ଏବଂ ବିକ୍ରୟର ସମସ୍ତ ଦିଗକୁ ସୁଦୃଢ଼ କରିବାରେ ତାଙ୍କର ଅଭିଜ୍ଞତା ବେଶ୍ ପ୍ରଶଂସନୀୟ ରହିଛି। ସେହିଭଳି ତରୁଣ ଖୁଲ୍‌ବେ କହିଛନ୍ତି, ଏଭଳି ଏକ ସମ୍ମାନଜନକ ସଙ୍ଗଠନର ନେତୃତ୍ୱ ନେବାକୁ ସକ୍ଷମ ହେବା ଗର୍ବର ବିଷୟ ହୋଇଥିବାବେଳେ ଏଠାରେ ମୋର ଗତ ଦୁଇ ଦଶନ୍ଧିର ଯାତ୍ରା ପ୍ରେରଣାଦାୟକ ଏବଂ ସମୃଦ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ୨୦୦୪ ଅକ୍ଟୋବରରେ ହରିୟାଣାର ହିସାରଠାରେ ଥିବା କମ୍ପାନୀର କୋଲ୍ଡ ରୋଲିଂ ମିଲ୍ ପାଇଁ ଖୁଲ୍‌ବେ ଜେନେରାଲ୍ ମ୍ୟାନେଜର ଭାବେ ଯୋଗ ଦେଇଥିଲେ। ଖୁଲ୍‌ବେ ଏମ୍‌ଆଇଟିଏସ୍ ଗ୍ୱାଲିୟରର ଇଞ୍ଜିନିୟରିଂ ସ୍ନାତକ ଏବଂ ମୁମ୍ବାଇର ଯମୁନାଲାଲ ବଜାଜ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରୁ ଏମ୍‌ବିଏ ହାସଲ କରିଛନ୍ତି।


# Classified Everyday

**0674-2580101, 2549949**




REAL ESTATE

## SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75703

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297




One 1140sqft. Hall & another 1350sqft. Hall with 690sqft. open space in one premises with latrine, bath facility for godown purpose at plot No-108, Sarala nagar behind BMC Jatri Nivas, Cuttack road, Bhubaneswar. Contact: 9437129976. D-75312

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301.** D-2322

**MIG-I-94, total building 3rd floor (4000 sqft.), Mukunda Prasad Housing Board Colony, Jemadeipur near Industrial Police Station, Bypass Road, Khordha. Only Govt. Office, Bank & Company. Mob.: 6371234011, 7608824414.** D-2295

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly health benefited SPA expert therapist at Mastercanteen. Contact: 7749034655. D-75185

**Newly open SPA positively health benefits with expert therapist. 9938843929.** D-75190

Newly open SPA positively health benefits (Expert therapist). Contact: 9124527170. D-75191

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

I, NIRAJA NALINI BISWAL, DOB 15.05.1978, W/o JC-381801X, Sub. KSHIRODA KUMAR BISWAL, Vill/Post- MAHADEV BASTA, TEH/PS- KAKATPUR, Dist.-Puri, Odisha, PIN-752107, have corrected my name and DOB from NIRAJA NALINI BISWAL & DOB 15.05.1978 to NIRAJ NALINI BISWAL & DOB 23.06.1974 for all future purposes. D-2333

I, JC-381801X, Sub. KSHIRODA KUMAR BISWAL, S/o- Late Hrudananda Biswal, residence Vill/Post- MAHADAV BASTA, TEH/PS- KAKATPUR, Dist.-Puri, Odisha, PIN- 752108, have corrected my Village, Post & PIN from Vill/Post- MAHADAV BASTA, PIN- 752108 to Vill/Post- MAHADEV BASTA, PIN- 752107 remaining address are same for all future purposes. D-2334

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ବରିଷ୍ଠ ଦେୱାନୀ ବିଚାରପତି ମହୋଦୟଙ୍କ ଅଦାଲତ, ଢେଙ୍କାନାଳ

Intestate Case No.-03 of 2023

Notice Under Order-5, Rule-20 of C.P.C, read with section 372 of Indian Succession Act, 1955

ସଚ୍ଚିଦାନନ୍ଦ ତ୍ରିପାଠୀ, ବୟସ୭୪ବର୍ଷ, ପିତା: ୰ନିତ୍ୟାନନ୍ଦ ତ୍ରିପାଠୀ, ସା: ଘର ସଂଖ୍ୟା 350-E ଏଲ୍.ଆଇ.ସି. ରୋଡ୍, ଖମାର ସାହି (ହୋଟେଲ ଦେବକନ୍ୟା ନିକଟ), ଥାନା: ଟାଉନ୍, ପୋ/ଜି: ଢେଙ୍କାନାଳ ......ଦରଖାସ୍ତକାରୀ

(ବନାମ)

୧. ମହାନଦୀ କୋଲ୍‌ଫିଲ୍‌ଏଡ୍ ଲିମିଟେଡ୍ (କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଅଧୀନସ୍ଥ କମ୍ପାନୀ), ଅଫିସ୍: ଜେନେରାଲ ମ୍ୟାନେଜର, ତାଳଚେର ଏରିଆ, ଥାନା/ପୋ- ଡେରା କଲିଏରୀ, ଜି: ଅନୁଗୁଳ, ଓଡ଼ିଶା-୭୫୯୧୦୩, ଉକ୍ତ ସଂସ୍ଥାର ଏରିଆ ପର୍ସନେଲ ମ୍ୟାନେଜର, ଉପରୋକ୍ତ ଠିକଣାଧାରୀଙ୍କ ପ୍ରତିନିଧିତ୍ୱରେ, ୨. ଶ୍ୟାମାସୁନ୍ଦର ତ୍ରିପାଠୀ, ବୟସ ୭୦ବର୍ଷ, ପିତା: ୰ନିତ୍ୟାନନ୍ଦ ତ୍ରିପାଠୀ, ସା: ରେଲୱେ ଷ୍ଟେସନ ପାଖ, ଥାନା: ଟାଉନ୍, ପୋ/ଜି: ଢେଙ୍କାନାଳ, ୩. ରାମ ଚନ୍ଦ୍ର ତ୍ରିପାଠୀ, ବୟସ: ୬୩ବର୍ଷ, ପିତା: ୰ନିତ୍ୟାନନ୍ଦ ତ୍ରିପାଠୀ, ସା: ଏମ୍.ଆଇ.ଜି.-୪୦ ହାଉସିଂ ବୋର୍ଡ୍ କଲୋନି, ଲେନ୍-୬, କୋଳଥିଆ, ଥାନା/ପୋ- ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୪. ବିବେକାନନ୍ଦ ତ୍ରିପାଠୀ, ବୟସ: ୫୭ବର୍ଷ, ପିତା: ୰ନିତ୍ୟାନନ୍ଦ ତ୍ରିପାଠୀ, ସା: ଗାୟତ୍ରୀ ନଗର, ୱାର୍ଡ ନମ୍ବର-୧୫, ଥାନା: ଟାଉନ୍, ପୋ/ଜି: ଢେଙ୍କାନାଳ, ୫. ସବିତା ମିଶ୍ର, ବୟସ-୫୯ବର୍ଷ, ସ୍ୱାମୀ: ବିଜୟ ମିଶ୍ର, ସା: କଣ୍ଟାନାଳୀ ବାଇପାସ୍, ୱାର୍ଡ ନମ୍ବର-୦୯, ଥାନା: ଟାଉନ୍, ପୋ: ମଙ୍ଗଳପୁର, ଜି: ଢେଙ୍କାନାଳ। ......ଅପରପକ୍ଷ

ଅତ୍ର ବିଜ୍ଞାପନ ଦ୍ୱାରା ଘୋଷଣା କରାଯାଇଅଛି କି: ୰ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଅନୁଗୁଳ ଜିଲ୍ଲାର ମହାନଦୀ କୋଲ୍‌ଫିଲ୍‌ଡ୍ ଲିମିଟେଡ୍‌ର ମାଇନ୍ସ ରେସ୍‌କିଉ ଡିପାର୍ଟମେଣ୍ଟରେ କ୍ୟାପ୍‌ଟେନ୍ ଭାବରେ କାର୍ଯ୍ୟ କରୁଥିଲେ।

ତା୧୫।୦୪।୨୦୨୮ (୧୬.୦୪.୨୦୧୮)ରିଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସିଏ ଓ ତାଙ୍କ ପରିବାର ସମସ୍ତେ ପ୍ରାଣ ହରାଇଥିଲେ। ଉକ୍ତ ଦୁର୍ଘଟଣା ପରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କର ପ୍ରଥମ ଶ୍ରେଣୀ ଉତ୍ତରାଧିକାରୀ ସୂତ୍ରେ କେହି ଜୀବିତ ନାହାନ୍ତି। ଏଣୁ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କର ଭାଇ ଓ ଭଉଣୀମାନେ (ଦରଖାସ୍ତକାରୀ ଏବଂ ଅପରପକ୍ଷ ସଂଖ୍ୟା ୨ଠାରୁ ୫) ଦ୍ୱିତୀୟ ଶ୍ରେଣୀ ଉତ୍ତରାଧିକାରୀ ଭାବରେ ତାଙ୍କର ସେବାନ୍ତକାଳୀନ ବକେୟା ରାଶି, ସଂଚିତ ଜମା ରାଶି, ଗ୍ରାଚୁଇଟି ଏବଂ ସି.ଏମ୍.ପି.ଏଫ୍. ପୂର୍ଣ୍ଣ ଭବିଷ୍ୟନିଧି ରାଶି, ସେବାନ୍ତ ଲାଭ ଇତ୍ୟାଦି ନିୟମ ଅନୁଯାୟୀ ପାଇବାକୁ ଯୋଗ୍ୟ ଅଟନ୍ତି। ଏଥିନିମିତ୍ତ ସଚ୍ଚିଦାନନ୍ଦ ତ୍ରିପାଠୀ ନିଜ ଓ ଅନ୍ୟ ଜୀବିତ ଉତ୍ତରାଧିକାରୀଙ୍କ ତରଫରୁ ସମସ୍ତ ବକେୟା ରାଶିକୁ ପାଇବାକୁ ଏମ୍.ସି.ଏଲ୍. ଅଫିସ ନିକଟରେ ପ୍ରାର୍ଥନା କରିଥିଲେ।

ଏମ୍.ସି.ଏଲ୍. ଅଫିସ ତାଙ୍କଠାରୁ ଉତ୍ତରାଧିକାରୀ ସାର୍ଟିଫିକେଟ୍ ଓ ଅନ୍ୟାନ୍ୟ କାଗଜ ଦାଖଲ କରିବା ପାଇଁ ନିର୍ଦ୍ଦେଶ କଲେ। ଦରଖାସ୍ତକାରୀ ସଚ୍ଚିଦାନନ୍ଦ ତ୍ରିପାଠୀ ଉକ୍ତ ଉତ୍ତରାଧିକାରୀ ସାର୍ଟିଫିକେଟ୍ ପାଇବା ନିମନ୍ତେ ମାନ୍ୟବର ଅଦାଲତଙ୍କ ନିକଟରେ ଦରଖାସ୍ତ କରିଛନ୍ତି। ଏଣୁ ଏଥିରେ ପକ୍ଷଭୁକ୍ତ ଥିବା ବ୍ୟକ୍ତି ମାନ୍ୟବର ଅଦାଲତରେ ହାଜର ହୋଇ ସେମାନଙ୍କ ପକ୍ଷ ରଖିବେ।

ଏତଦ୍ୱାରା ସର୍ବସାଧାରଣରେ ଜଣାଇ ଦିଆଯାଉଅଛି କି ଯଦି ଏହି ଉତ୍ତରାଧିକାରୀ ସ୍ୱତ୍ୱରେ କାହାର କୌଣସି ଦାବି ଆପତ୍ତି ଥାଏ, ତେବେ ସେମାନେ ତା ୩୦।୦୧।୨୪ରିଖ ସମୟ ୧୦.୩୦ରେ ଉକ୍ତ ଅଦାଲତରେ ସ୍ୱୟଂ କିମ୍ବା ତାଙ୍କ ଓକିଲ ଜରିଆରେ ହାଜର ହୋଇ ତାଙ୍କର ଦାବି ଆପତ୍ତି ଦାଖଲ କରିବେ, ନଚେତ୍ ସେମାନଙ୍କ ଅନୁପସ୍ଥିତିରେ ଉକ୍ତ ମୋକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଅଦ୍ୟ ତା୦୩।୦୧।୨୪ରିଖରେ ଆମ୍ଭର ହସ୍ତାକ୍ଷର ସହ ଅଦାଲତର ମୋହର ଯୁକ୍ତ କରାଗଲା।

ସ୍ୱା./- ଶତରୂପା ଶତପଥୀ
ସିଭିଲ୍ ଜଜ୍ (ସିନିୟର ଡିଭିଜନ), ଢେଙ୍କାନାଳ

ଧ-୭୫୪୧୭

## ପ୍ରଥମ ଜନ୍ମଦିନର ଶୁଭେଚ୍ଛା



**ପ୍ରୀଶା**

ସଡ଼େଇଶାସନ, ଜଗତ୍‌ସିଂହପୁର

କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।

ଆଶୀର୍ବାଦ ସହ: ରାଉଳ ପରିବାର

ଧ-୭୩୭୯୨

## Computer Applicationରେ Ph.D. ଲାଭ



ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡ଼ା ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ତଥା ଅଧ୍ୟାପକ ସଂଗ୍ରାମ କେଶରୀ ନାୟକ Sri Satya Sai University of Technology and Medical Sciences, Sehore (MP)ରୁ Computer Applicationରେ ସମ୍ମାନଜନକ ଭାବେ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଏହି ବିଶ୍ୱବିଦ୍ୟାଳୟର Computer Application ବିଭାଗର Associate Professor ଡକ୍ଟର ନରେନ୍ଦ୍ର ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣାତ୍ମକ ସନ୍ଦର୍ଭ "Develop a Model for Energy Balancing and Reliable Communication for Green IoT" ଶୀର୍ଷକରେ Ph.D. ଉପାଧି ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ସନ୍ଦର୍ଭଟି Siksha 'O' Anusandhan University, Bhubaneswarର Associate Professor ଡକ୍ଟର ଭୁପେନ୍ଦ୍ର କୁମାର ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ନାୟକ ପୁରୀ ଜିଲ୍ଲା ଗୋମୁଣ୍ଡିଆ ଗ୍ରାମର ପ୍ରଫୁଲ୍ଲ କୁମାର ନାୟକ ଓ ମଞ୍ଜୁଲତା ନାୟକଙ୍କ କନିଷ୍ଠ ପୁତ୍ର ତଥା ବାଘମୁଣ୍ଡା ନିବାସୀ ୰ସୁରେନ୍ଦ୍ର କୁମାର ପ୍ରଧାନ ଓ ଶ୍ରୀମତୀ ପ୍ରଧାନଙ୍କ ଜ୍ୟେଷ୍ଠ ଜାମାତା ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ପିତା, ମାତା, ଭାଇ, ଭାଉଜ, ମାମୁ ସନାତନ ପ୍ରଧାନ, ମାଇଁ, ଶାଶୁ, ଶ୍ୱଶୁର, ଦଦା ଶ୍ୱଶୁର ସୁବାସ ଚନ୍ଦ୍ର ପ୍ରଧାନ, ଧର୍ମପତ୍ନୀ ସ୍ୱୟଂ ପ୍ରଭା ପ୍ରଧାନ, ପୁଅ ନିଲ୍ ନିହାନ୍ତ, ଝିଅ ମୁସ୍କାନ, ଝିଆରୀ ରିୟାନସି, ଐଶ୍ୱର୍ଯ୍ୟା, ପୁତୁରା ଅବିନାଶ, ସାଙ୍ଗସାଥି, ଗୁରୁଜନଙ୍କୁ ଶ୍ରେୟ ଦେବା ସହ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବିଶ୍ୱରଞ୍ଜନ ଧଳଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ସର୍ବୋପରି ଜଗତର ନାଥ ଜଗନ୍ନାଥ, ଇଷ୍ଟଦେବ ବଟେଶ୍ୱର, ଜଗତ ଜନନୀ ମା' ତାରିଣୀଙ୍କ ନିକଟରେ ନିଜ କୃତିତ୍ୱକୁ ଉତ୍ସର୍ଗୀକୃତ କରିଛନ୍ତି।

ଧ-୨୩୩୫

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**







ଅଯୋଧ୍ୟାରେ ସୋମବାର ପ୍ରଭୁ ରାମଲାଲାଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ସ୍ତ୍ରୀ ରିଭାବାଙ୍କ ସହ କ୍ରିକେଟର ରବୀନ୍ଦ୍ର ଜାଡେଜା, ଅନିଲ କୁମ୍ବଲେ ଓ ତାଙ୍କ ସ୍ତ୍ରୀ ଚେତନା ଏବଂ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର।

# ଓଡ଼ିଶାର ଦ୍ୱିତୀୟ ପରାଜୟ

**ରଣଜୀ ଟ୍ରଫି**

**ରାଜେଶ ମହାନ୍ତିଙ୍କ ୧୦ ଉଇକେଟ ସଫଳତା ନିଷ୍ପ୍ରଭ**

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ଉଭୟ ଇନିଂସରେ ରାଜେଶ ମହାନ୍ତିଙ୍କ ୧୦ (୫+୫) ଉଇକେଟ ସଫଳତା ନିଷ୍ପ୍ରଭ ହୋଇଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୨ ଉଇକେଟରେ ଜମ୍ମୁ-କଶ୍ମୀର ନିକଟରୁ ହାରିଯାଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୧୪୯ ରନ୍‌ର ବିଜୟ ଲକ୍ଷ୍ୟକୁ ଜମ୍ମୁ-କଶ୍ମୀର ୮ ଉଇକେଟ ହରାଇ ହାସଲ କରି ନେଇଛି। ଚଳିତ ସିଜନରେ ଓଡ଼ିଶାର ୩ ମ୍ୟାଚରୁ ଏହା ଦ୍ୱିତୀୟ ପରାଜୟ। ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ପରବର୍ତ୍ତୀ ମ୍ୟାଚକୁ ମଧ୍ୟ ପ୍ରଦେଶ ବିପକ୍ଷରେ ଡ୍ର ରଖିବାରେ ସକ୍ଷମ ହୋଇଥିଲା। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ମଧ୍ୟ ପାଇଥିଲା। ଏଥର ଘରୋଇ ପରିବେଶରେ ଖେଳିଥିଲେ ମଧ୍ୟ ଓଡ଼ିଶା ଦଳ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିବାରେ ଅସମର୍ଥ ରହିଛି। ପ୍ରଥମ ଇନିଂସରେ ମାତ୍ର ୧୨ ରନଦେଇ ୫ ଓ ଦ୍ୱିତୀୟ ଇନିଂସରେ ୨ ଉଇକେଟ ନେଇଥିବା ଜମ୍ମୁ-କଶ୍ମୀରର ରୋହିତ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରୋହିତଙ୍କୁ ଓଡ଼ିଶା ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ସିଜନରେ ଜମ୍ମୁ-କଶ୍ମୀରର ଏହା ପ୍ରଥମ ବିଜୟ। ନିଜର ପ୍ରଥମ ୨ଟି ମ୍ୟାଚକୁ ଏହି ଦଳ ଯଥାକ୍ରମେ ହିମାଚଳ ପ୍ରଦେଶ ଓ ଦିଲ୍ଲୀ ବିପକ୍ଷରେ ଡ୍ର ରଖିଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ସେହି ଡ୍ରିମ୍ସରେ ୨୬ରୁ ୨୯ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ଖେଳିବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୭୨/୪ରୁ ଖେଳ ଆରମ୍ଭ କରିଥିବା ଜମ୍ମୁ-କଶ୍ମୀର ୧୦୫ ରନରେ ୫ମ ଉଇକେଟ ହରାଇଥିଲା। ଅକ୍ୱିବ ନବି (୨୮ ରନ)ଙ୍କୁ ଆଉଟ କରି ୫ମ ଉଇକେଟ ଭାଗୀଦାରି ଭାଙ୍ଗିଥିଲେ ସୁନୀଲ ରାଉଳ। ଟେଲଏଣ୍ଡରଙ୍କ ମଧ୍ୟରେ ଫଜିଲ ରଶିଦ (୪), ଅବିଦ ମୁସ୍ତାକ (୭) ଓ ଉମର ନାଜିର ମୀର (୫) ଫେଲ୍ ମାରିଥିଲେ ହେଁ ଅବଦୁଲ ସମଦ ୬୬ (୮୩ ବଲ, ୭ ଚୌକା, ୨ ଛକା) ରନରେ ଅପରାଜିତ ରହି ଜମ୍ମୁ-କଶ୍ମୀରକୁ ବିଜୟୀ କରିଥିଲେ। ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ରାଜେଶ ମହାନ୍ତି ଦ୍ୱିତୀୟ ଇନିଂସରେ ମଧ୍ୟ ୫ ଉଇକେଟ ସଫଳତା ପାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହାଥିଲା ରାଜେଶଙ୍କ ୬ଷ୍ଠ ୫ ଉଇକେଟ ସଫଳତା। ଏହାକୁ ମିଶାଇ ସେ ତୃତୀୟ ଥରପାଇଁ ଗୋଟିଏ ମ୍ୟାଚରେ ୧୦ ଉଇକେଟ ସଫଳତା ପାଇଥିଲେ। ସୁନୀଲ ରାଉଳଙ୍କୁ ୩ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୦। ଜମ୍ମୁ-କଶ୍ମୀର ପ୍ରଥମ ଇନିଂସ: ୧୮୦। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୯୮। ଜମ୍ମୁ-କଶ୍ମୀର ଦ୍ୱିତୀୟ ଇନିଂସ: ୧୪୯/୮ (ଅମଦୁଲ ସମଦ-୬୬*, ଅକ୍ୱିବ ନବି-୨୮, ରାଜେଶ ମହାନ୍ତି-୫/୬୧, ସୁନୀଲ ରାଉଳ-୩/୩୯)।



ଦୁଇ ଇନିଂସରେ ୧୦ ଉଇକେଟ ହାସଲକାରୀ ରାଜେଶ ମହାନ୍ତି।

## ସାଫ୍ ମାରାଥନରେ ପ୍ରବୋଧ ଟେକ୍ନିକାଲ ଅଫିସିଆଲ

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ବାଂଲାଦେଶର ଢାକାରେ ସାଫ୍ (ସାଉଥ୍ ଏସିଆନ ଆଥ୍ଲେଟିକ୍ସ ଫେଡେରେଶନ) ମାରାଥନ ଚଳିତ ମାସ ୨୬ ତାରିଖରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶାର ପ୍ରବୋଧ କୁମାର ମହାନ୍ତି ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ। ପ୍ରବୋଧଙ୍କୁ ଓଡ଼ିଶା ଆଥ୍ଲେଟିକ୍ ଆସୋସିଏଶନ ସଭାପତି ଜି.ଏସ. ପଟ୍ଟନାୟକ ଓ ସମ୍ପାଦକ ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

## ଫ୍ରାନ୍ସକୁ ୪-୦ରେ ହରାଇଲା ଭାରତ

**କେପ୍ ଟାଉନ୍, ୨୨।୧(ପି.ଟି.):** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ସୋମବାର ଦଳ ଫ୍ରାନ୍ସକୁ ୪-୦ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ ହରମନ୍‌ପ୍ରୀତ ସିଂ ୨, ଲଳିତ ଉପାଧ୍ୟାୟ ଓ ଉପ ଅଧିନାୟକ ହାର୍ଦ୍ଦିକ ସିଂ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଏହି ସିରିଜ୍ ଖେଳା ଯାଉଥିବା ବେଳେ ଭାରତ ସମେତ ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡସ ଓ ଫ୍ରାନ୍ସ ଏଥିରେ ଅଂଶଗ୍ରହଣ କରିଛନ୍ତି। ଭାରତ ବୁଧବାର ଫ୍ରାନ୍ସ, ଶୁକ୍ରବାର ଦକ୍ଷିଣ ଆଫ୍ରିକା ଓ ରବିବାର ଦିନ ନେଦରଲାଣ୍ଡସ ସହ ମ୍ୟାଚ୍ ଖେଳିବ।

# ଏମ୍‌ଏମ୍‌ସିସି ସମ୍ବଲପୁର ସେମିରେ

**ସର୍ବଭାରତୀୟ ଲାଲମଣି କ୍ରିକେଟ**

ସୋନପୁର,୨୨।୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡ଼ିଆରେ ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ୩୫ତମ ସର୍ବଭାରତୀୟ ଲାଲମଣି କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଏମ୍‌ଏମ୍‌ସିସି ସମ୍ବଲପୁର ସୁପର ଓଭରରେ ନବଜୀବନ କ୍ରିକେଟ୍ କ୍ଲବ ସୁନ୍ଦରଗଡ଼କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଏହି ଟି୨୦ ମ୍ୟାଚ୍‌ରେ ସମ୍ବଲପୁର ଦଳ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସୁନ୍ଦରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ଶେଷ ସୁଦ୍ଧା ସମସ୍ତ ଉଇକେଟ ହରାଇ ୧୪୮ ରନ କରିଥିଲା। ଦଳ ପକ୍ଷରୁ ଗୌରବ ଚୌଧୁରୀ ସର୍ବାଧିକ ୭୧ ଓ ପ୍ରବୀଣ ଲୁହା ୪୩ ରନ କରିଥିଲେ। ସମ୍ବଲପୁର ପକ୍ଷରୁ ଅଭିନନ୍ଦନ ସିଂ ସର୍ବାଧିକ ୫ ଉଇକେଟ ନେଇଥିବା ବେଳେ ପାର୍ଥ ବଶିଷ୍ଠ ୪ ଓ ପ୍ରଦୀପ ପରାସର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସମ୍ବଲପୁର ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ରନରେ ସୀମିତ ରହିଥିଲା। ଗୌରବ ତମାର ସର୍ବାଧିକ ୪୮ରନ କରିଥିଲେ। ସୁନ୍ଦରଗଡ ପକ୍ଷରୁ ପ୍ରଦୀପ ପ୍ରଧାନ ଓ ଅଂଶ ଶର୍ମା ପ୍ରତ୍ୟେକ ୩ଟି ଲେଖାଏ ଏବଂ ସୌମ୍ୟ ଲେଙ୍କା ୨ଟି ଉଇକେଟ ଅକ୍ତିଆର କରିଥିଲେ।

ପରେ ଅନୁଷ୍ଠିତ ଟି୧୦ ମ୍ୟାଚ୍‌ରେ ସୁନ୍ଦରଗଡ ପ୍ରଥମେ ବ୍ୟାଟିଂ କରି ଦେବେନ୍ଦ୍ର କୁଅଁରଙ୍କ ୨୯ରନ ସହାୟତାରେ ୮ଉଇକେଟ ବିନିମୟରେ ୭୯ରନ ସଂଗ୍ରହ କରିଥିଲା। ସମ୍ବଲପୁର ଦଳ ପକ୍ଷରୁ ଅଭିନନ୍ଦନ ସିଂହ, ପାର୍ଥ ବଶିଷ୍ଠ ଓ ବିକାଶ ଦୀକ୍ଷିତ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ୮୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ଅମନ ଛତ୍ରୀଙ୍କ ଧୁଆଁଧାର ୩୬ରନ ସହାୟତାରେ ୭.୨ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ହାସଲ କରିଥିଲା। ସୁନ୍ଦରଗଡ ପକ୍ଷରୁ ଅଂଶ ଶର୍ମା ୨ଟି ଓ ସୁଶୀଲ ବାରିକ୍ ଏବଂ ପ୍ରଦୀପ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ୍ ଜିତି ସମାନ ସ୍ଥିତିରେ ରହିବାରୁ ସୁପର-୨ ଓଭର ଖେଳା ଯାଇଥିଲା। ଏଥିରେ ସୁନ୍ଦରଗଡ ପ୍ରଥମେ ବ୍ୟାଟିଂ କରି ୧୫ରନ କରିଥିଲା। ସମ୍ବଲପୁର ଦଳ ୧.୪ ଓଭରରେ ୧୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସମ୍ବଲପୁରର ଅଭିନନ୍ଦନ ସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁର ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି ଅତିଥି ଭାବରେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ୍ ଶେଷରେ ଇଂ. ଆଶିଷ ରଞ୍ଜନ ବାବୁ ଅତିଥି ଭାବରେ ଯୋଗଦାନ କରିଥିଲେ।



ଅଭିନନ୍ଦନ ସିଂଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ଓଡ଼ିଶା ଦଳକୁ ୭ ସ୍ୱର୍ଣ୍ଣ ସହ ୩୫ ପଦକ



ପଦକ ହାସଲକାରୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍**

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ତାମିଲନାଡୁର କୋଏମ୍ବାଟୁରରେ ୧୮ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗ୍ (ସାଉଥ୍ ଜୋନ୍)-୨୦୨୪ରେ ଓଡ଼ିଶା ଉଷୁ ଦଳ ୭ ସ୍ୱର୍ଣ୍ଣ ସହ ମୋଟ ୩୫ଟି ପଦକ ହାସଲ କରିଛି। ଏହା ମଧ୍ୟରେ ୧୧ ରୌପ୍ୟ ଓ ୧୭ ବ୍ରୋଞ୍ଜ ପଦକ ସାମିଲ। ସାଣ୍ଡା ଇଭେଣ୍ଟରେ ଓଡ଼ିଶା ଦଳ ରନରଅପ୍ ହୋଇଥିବାବେଳେ ତାଓଲୁରେ ତୃତୀୟ ସ୍ଥାନ ଅଧିକାର କରିଛି। ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀମାନେ ହେଲେ ସାବିନି ମୁଣ୍ଡା (-୨୭ କେଜି ସବ୍‌ଜୁନିୟର ବାଳିକା), ଲକ୍ଷ୍ମୀ ମୁଣ୍ଡା (-୪୨ କେଜି ସବ୍‌ଜୁନିୟର ବାଳିକା), ଉନ୍ନତି ପ୍ରସାଦ (-୪୫ କେଜି ସବ୍‌ଜୁନିୟର ବାଳିକା), ଶ୍ୱେତାରାଣୀ ମହନ୍ତ (-୪୮ କେଜି ଜୁନିୟର ବାଳିକା), ସବିତା ମୁଣ୍ଡା (ଜୁନିୟର ବାଳିକା), ମଞ୍ଜୁ ମୁଣ୍ଡା (-୪୫ କେଜି ସିନିୟର ମହିଳା) ଓ ପଲ୍ଲବୀ ସାମଲ (କୁଆଂଶୁ-ସିନିୟର ମହିଳା ତାଓଲୁ)। ୫୭ ଖେଳାଳି ଓ ୭ ଅଫିସିଆଲଙ୍କୁ ମିଶାଇ ୬୪ ଜଣିଆ ଓଡ଼ିଶା ଦଳ କୋଏମ୍ବାଟୁର ଯାତ୍ରା କରିଥିଲା।

**ଫଳାଫଳ**

**ସାଣ୍ଡା ଟିମ୍ ଚାମ୍ପିୟନଶିପ୍:** ପ୍ରଥମ: କର୍ଣ୍ଣାଟକ, ଦ୍ୱିତୀୟ: ଓଡ଼ିଶା, ତୃତୀୟ: ତାମିଲନାଡୁ।

**ତାଓଲୁ ଟିମ୍ ଚାମ୍ପିୟନଶିପ୍:** ପ୍ରଥମ: ତାମିଲନାଡୁ, ଦ୍ୱିତୀୟ: କେରଳ, ତୃତୀୟ: ଓଡ଼ିଶା।

**ଓଭରଅଲ୍ ଚାମ୍ପିୟନ:** ତାମିଲନାଡୁ।

## ବୋପାନ୍ନା-ଇବ୍‌ଡେନ୍ କ୍ୱାର୍ଟରଫାଇନାଲରେ

ମେଲବୋର୍ନ, ୨୨।୧ (ପି.ଟି.)

ଭାରତର ରୋହନ ବୋପାନ୍ନା ଏବଂ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବ୍‌ଡେନ୍ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ସେମାନେ ନେଦରଲାଣ୍ଡସର ୱେସ୍‌ଲେ କୁଲ୍‌ହଫ୍ ଏବଂ କ୍ରୋଏସିଆର ନିକୋଲା ମେକ୍‌ଟିକ୍‌ଙ୍କୁ ୭-୬, ୭-୬ ସେଟ୍‌ରେ ହରାଇ ଦେଇଛନ୍ତି। ଇଣ୍ଡୋ-ଅଷ୍ଟ୍ରେଲିଆନ ଦ୍ୱିତୀୟ ସିଡ୍ ଯୋଡ଼ି ବର୍ତ୍ତମାନ ୬ଷ୍ଠ ସିଡ୍ ଆର୍ଜେଣ୍ଟିନାଇନ୍ ଯୋଡ଼ି ମାକ୍ସିମୋ ଗୋଞ୍ଜାଲେଜ୍ ଓ ଆନ୍ଦ୍ରେସ ମଲ୍‌ଟେନିଙ୍କୁ ଭେଟିବେ।

# କ୍ୱାର୍ଟରରେ ଅଲକାରାଜ, ଜେଭରେଭ୍

**ଅଷ୍ଟ୍ରେଲିଆନ୍ ଓପନ୍**

ମେଲବୋର୍ନ,୨୨।୧(ପି.ଟି.)

ଅଷ୍ଟ୍ରେଲିଆନ୍ ଓପନରେ ସୋମବାର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ସୋମବାର ପୁରୁଷ ସିଙ୍ଗଲ୍ସ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ସ୍ପେନ୍‌ର କାର୍ଲୋସ୍ ଅଲକାରାଜ ଗାର୍ଫିଆ ଓ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭ୍ ବିଜୟୀ ହୋଇଛନ୍ତି। ୱିମ୍ବଲଡନ୍ ବିଜେତା ତଥା ବିଶ୍ୱମାନ୍ୟତାର ୨ ନମ୍ବର ସ୍ଥାନରେ ଥିବା ୨୦ ବର୍ଷୀୟ ଅଲକାରାଜ ୬-୪, ୬-୪ ଓ ୬-୦ରେ ୨ ଘଣ୍ଟାରୁ କମ୍ ସମୟ ନେଇ ସିଓମିର କେମାନୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି। ରଡ୍ ଲାଭେର ଆରେନାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଅଲକାରାଜ ଗୋଟିଏ ମାତ୍ର ସେଟ୍ ଡ୍ରପ୍ କରିଥିଲେ। ସେହିପରି ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥିବା ଜର୍ମାନୀର ଆଲେକ୍‌ଜାଣ୍ଡାର ଜେଭରେଭ୍ ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କାମେରନ୍ ନୋରିଙ୍କୁ ପରାସ୍ତ କରିଥିଲେ। ମାର୍ଗାରେଟ୍ କୋର୍ଟ ଆରେନାରେ ଖେଳା ଯାଇଥିବା ଏହି ମ୍ୟାଚ୍‌କୁ ଜେଭ୍‌ରେଭ୍ ୭-୫, ୩-୬, ୬-୩, ୪-୬ ଓ ୭-୬(୩)ରେ ଜିତି ନେଇଥିଲେ। ମ୍ୟାଚ୍ ଅଧାରେ ଜଣେ ଦର୍ଶକ ଯୁଦ୍ଧ ବିରୋଧୀ ପାମ୍ଫଲେଟ୍ ଫୋପାଡିବା କାରଣରୁ ମ୍ୟାଚ୍‌ଟି ଅଧିକ ବିଳମ୍ବିତ ହୋଇଥିଲା। ଏହି ମ୍ୟାଚ୍‌ଟି ୪ଘଣ୍ଟା ଧରି ଚାଲିଥିଲା। ଚଳିତ ବର୍ଷର ଏହା ୩୨ତମ ୫ ସେଟ୍ ବିଶିଷ୍ଟ ମ୍ୟାଚ୍। ଓପନ ଏରାରେ ଏହା ସର୍ବାଧିକ ତଥା ଏକ ବିଶ୍ୱ ରେକର୍ଡ। ଅଲକାରାଜ ଓ ଜେଭ୍‌ରେଭ୍ ପରସ୍ପରକୁ କ୍ୱାର୍ଟର ଫାଇନାଲରେ ଭେଟିବେ। ୩ ନମ୍ବର ଖେଳାଳି ଡାନିଲ ମେଡଭେଡେଭ ୬-୩, ୭-୬(୪), ୫-୭, ୬-୧ ସେଟ୍‌ରେ ବିଶ୍ୱ ମାନ୍ୟତାର ୬୯ ନମ୍ବର ସ୍ଥାନରେ ଥିବା ନୁନୋ ବର୍ଗସଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ୯ ନମ୍ବର ଖେଳାଳି ହ୍ୟୁବର୍ଟ ହରକାଜ ୭-୬(୬), ୭-୬(୩) ଓ ୬-୪ ସେଟ୍‌ରେ ୱାଇଲ୍ଡ କାର୍ଡ ଖେଳାଳି ଆର୍ଥର କାଜାକ୍ସ୍‌ଙ୍କୁ ପରାସ୍ତ କରିଥିଲେ।

ମହିଳା ବର୍ଗରେ କ୍ୱିନେନ ଝେଙ୍ଗ, ଆନ୍ନା କାଲିନ୍‌ସ୍କାୟା, ଲିଣ୍ଡା ନୋସ୍କୋଭା ଓ ଦାୟନା ୟାସ୍ତ୍ରେମସ୍କା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚାଇନାର କ୍ୱିନେନ୍ ଝେଙ୍ଗ ୬-୦ ଓ ୬-୩ ସେଟ୍‌ରେ ଓସିନ୍ ଡୋଡିନଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ୨୬ ନମ୍ବର ଖେଳାଳି ଜସ୍ମିନ୍ ପାଓଲୋନୀଙ୍କୁ ପରାସ୍ତ କରିଛନ୍ତି ଅଣ ସିଡେଡ୍ ଆନ୍ନା କାଲିନ୍‌ସ୍କାୟା। ୬-୪, ୬-୨ରେ ଏହି ମ୍ୟାଚ୍‌କୁ ଜିତି ନେବା ସହିତ ସେ କ୍ୱିନେନ ଝେଙ୍ଗଙ୍କ ବିପକ୍ଷରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବେ। ୧୯ ନମ୍ବର ସିଡ୍ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ପିଠି ଯନ୍ତ୍ରଣା କାରଣରୁ ଓହରିବା ଫଳରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଲିଣ୍ଡା ନୋସ୍କୋଭା। ସ୍ୱିତୋଲିନା ୩-୦ରେ ପଛୁଆ ରହିଥିବା ବେଳେ ମ୍ୟାଚ୍‌ରୁ ଓହରି ଯାଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଅଣ ସିଡେଡ୍ ଦାୟନା ୟାସ୍ତ୍ରେମସ୍କା ୨ ଥରର ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରିଛନ୍ତି। ୭-୬(୮) ଓ ୬-୪ରେ ଦାୟନା ଏହି ମ୍ୟାଚକୁ ଜିତି ନେଇଥିଲେ। ପ୍ରଥମ ସେଟ୍‌ରେ ଆଜାରେଙ୍କା ନିଜ ସର୍ଭିସ୍‌ରେ ୬-୫ରେ ଆଗୁଆ ରହିଥିଲେ। ତେବେ ୟାସ୍ତ୍ରେମସ୍କା ଜବରଦସ୍ତ ପ୍ରତ୍ୟାବର୍ତ୍ତନ ସହ ଏହି ମ୍ୟାଚକୁ ଜିତି ନେଇଥିଲେ। ପ୍ରଥମ ସେଟ୍‌କୁ ଟାଇବ୍ରେକରରେ ଜିତିବା ପରେ ଦ୍ୱିତୀୟ ସେଟକୁ ୬-୪ରେ ଜିତି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ୟାସ୍ତ୍ରେମସ୍କା।



ଶଟ୍ ଖେଳିବା ଅବସରରେ ଆଲେକଜାଣ୍ଡାର ଜେଭରେଭ୍।

# ଶୀତରେ ଷ୍ଟାଇଲ

**ଶୀତଋତୁରେ କିଭଳି ଷ୍ଟାଇଲିଶ୍ ଦେଖାଯିବେ ସେନେଇ ବହୁ ଦ୍ୱନ୍ଦ୍ୱ ରହିଥାଏ। କିନ୍ତୁ ଷ୍ଟାଇଲିଶ୍ ଦିଶିବା ସହ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଜାଣିରଖନ୍ତୁ କିଛି ଟିପ୍ସ....**

– ଭେଲ୍‌ଭେଟ୍ ଡ୍ରେସ୍‌ର ଫ୍ୟାଶନ ଏବେ ବି ରହିଛି। ତେଣୁ ଶୀତଦିନେ ଏହି ଫ୍ୟାଶନକୁ ଆପଣାଇ ଆପଣ ଷ୍ଟାଇଲିଶ୍ ଓ ଗ୍ଲାମରସ୍ ଲୁକ୍ ଦେଇପାରିବେ। ଶୀତଦିନେ ଡାର୍କ କଲରର ଭେଲ୍‌ଭେଟ୍ ଡ୍ରେସ୍ ଏକ ରୟାଲ୍ ଲୁକ୍ ଦେଇପାରିବ। ଥଣ୍ଡାରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଏହା ଏକ ସୁନ୍ଦର ବିକଳ୍ପ ହୋଇପାରିବ।



– ମାର୍କେଟରେ ମିଳୁଥିବା ବିଭିନ୍ନ ପ୍ରକାର ସ୍ୱେଟର ଡ୍ରେସ୍ ମଧ୍ୟ ଏହି ଦିନେ ପିନ୍ଧିବା ପାଇଁ ବେଶ୍ ଆରାମ ଲାଗିଥାଏ ଏବଂ ଏହା ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏମିତିକି ବିଭିନ୍ନ ପାର୍ଟି କିମ୍ବା ସ୍ୱତନ୍ତ୍ର ଉତ୍ସବରେ ପିନ୍ଧିବା ପାଇଁ ବି ବିଭିନ୍ନ ପ୍ରକାର ଡିଜାଇନ ସ୍ୱେଟର ଡ୍ରେସ୍ ଆପଣାଇ ପାରିବେ।

– ଶୀତଦିନେ ଯଦି ଆପଣଙ୍କୁ ମିନି ଡ୍ରେସ୍ ପିନ୍ଧିବାର ବିଶେଷ ଆକର୍ଷଣ ଥାଏ ତେବେ ବିଭିନ୍ନ ପ୍ରକାର ଜିନ୍ସ କପଡ଼ାର ଡ୍ରେସ୍ ପିନ୍ଧନ୍ତୁ। ଅନ୍ୟ କୌଣସି ପ୍ରକାର ମିନି ଡ୍ରେସ୍ ପିନ୍ଧୁଥିଲେ ତା' ସହ ସ୍କିନ୍ ଫିଟ୍ ଲେଗିଙ୍ଗସ୍ ଓ ବୁଟ୍ କିମ୍ବା ହାଇ ହିଲ୍ ଥିବା ଜୋତା ପିନ୍ଧିପାରିବେ।

– ଶୀତଦିନେ ଲଙ୍ଗ୍ କୋଟ୍ ଫ୍ୟାଶନ ଆଦୌ ପୁରୁଣା ହୁଏନି। ଏହି କୋଟ୍ କିମ୍ବା ସାଲ୍‌ୱର ସୁଟ୍ ବି ବେଶ୍ ଆରାମ ଲାଗେ।

– ଶାଢ଼ିର ଫ୍ୟାଶନ ସବୁ ସମୟରେ ରହିଆସିଛି। ତେଣୁ ଶୀତଦିନେ ଆପଣ ନିଜ ପସନ୍ଦର ଯେକୌଣସି ଶାଢ଼ି ପିନ୍ଧିପାରିବେ, ଯାହା ଥଣ୍ଡାରୁ ରକ୍ଷା କରିବା ସହ ଭିନ୍ନ ଲୁକ୍ ଦେବ। ଏହା ସହ ବିଭିନ୍ନ ଡିଜାଇନ ସାଲ୍ ପକାଇଲେ ଷ୍ଟାଇଲିଶ୍ ଲାଗିପାରିବେ।

# ନୀରବ ଦୂରତ୍ୱ



**ପାରିବାରିକ ଜୀବନର ପ୍ରତିଟି କ୍ଷେତ୍ରରେ ସେମାନେ ଏକାଠି ଥାନ୍ତି, କିନ୍ତୁ ଅନ୍ତର୍ଦୃଷ୍ଟିରେ ଥାଏ ଏକ ଅଜଣା ଅଲିଖିତ ଦୂରତା। ନା ଥାଏ ଅଭିଯୋଗ, ନା ଅଭିମାନ। ପରିସ୍ଥିତି ସହ ସାଲିସ କରିବା ଭିତରେ ତାଙ୍କ ଭିତରେ ଆସି ଯାଇଥାଏ ଏକ ନୀରବ ଦୂରତ୍ୱ; ଯାହା ଏକ ସୁସ୍ଥ ସୁନ୍ଦର ପାରିବାରିକ ଜୀବନ ପାଇଁ ଆଦୌ ଗ୍ରହଣୀୟ ନୁହେଁ...**



ଗୋଟିଏ ଛାତ ତଳେ ଏକାଠି ଥିବେ, କିନ୍ତୁ ପରସ୍ପର ମଧ୍ୟରେ ଥିବ ଯେମିତି ଏକ ଅଜବ ଦୂରତା। ସମ୍ପର୍କରେ ନା ଥାଏ ମନୋମାଳିନ୍ୟ ନା କୌଣସି ମନାନ୍ତର କି ମତାନ୍ତର। ହେଲେ କେମିତି କେଜାଣି ସମ୍ପର୍କରେ ସୃଷ୍ଟି ହୋଇଥାଏ ଏକ ଦୂରତା। ସମ୍ପର୍କରେ ନୀରବ ଦୂରତା ବା ସାଇଲେଣ୍ଟ ସେପାରେଶନ ଏବେ ଆଧୁନିକ ଲାଇଫଷ୍ଟାଇଲର ଏକ ଅଂଶ ହୋଇଗଲାଣି। ସେଥିପାଇଁ ପତିପତ୍ନୀ ଗୋଟିଏ ଛାତ ତଳେ ଏକାଠି ରହୁଥିଲେ ବି ପରସ୍ପରଠାରୁ ବହୁ ଦୂରରେ ଥିବା ଭଳି ମନେକରିଥାନ୍ତି। ସେମାନଙ୍କ ମଧ୍ୟରେ ଅନେକ କ୍ଷେତ୍ରରେ ପାର୍ଥକ୍ୟ ରହିଥାଏ ଏବଂ ପରସ୍ପରକୁ ନେଇ ସେମାନେ ଅଧିକାଂଶ କ୍ଷେତ୍ରରେ ଅପରିଚିତ ଭଳି ରହିଥାନ୍ତି। ଉଭୟ ପତିପତ୍ନୀ କ୍ୟାରିୟରକୁ ପ୍ରାଧାନ୍ୟ ଦେଇ ଅନେକ କ୍ଷେତ୍ରରେ ଏବେ ଏମିତି ଏକ ଜୀବନକୁ ସାମ୍ନା କରୁଛନ୍ତି। କେହି କାହାକୁ ଅଭିଯୋଗ କରନ୍ତି ନାହିଁ ସତ, ବରଂ ପରିସ୍ଥିତି ସହ ସାଲିସକରି ନିଜକୁ ଏକ ନିର୍ଦ୍ଦିଷ୍ଟ ଦୂରତାରେ ରଖିଥାନ୍ତି। ସମ୍ପର୍କକୁ ସଜାଡ଼ି ନେବାକୁ ହେଲେ ପରସ୍ପର ମଧ୍ୟରେ ଥିବା ଅଲିଖିତ ଦୂରତାକୁ ଦୂର କରିବା ନେଇ ସଚେତନ ହେବାକୁ ପଡ଼ିବ।

**ସମୟର ଉପଯୋଗ:** ଆଜିକାଲି ଅନେକେ କ୍ୟାରିୟରରେ ଆଗକୁ ଯିବା ପାଇଁ କର୍ମକ୍ଷେତ୍ରରେ ଅଧିକ ସମୟ ରହୁଛନ୍ତି। ଫଳରେ ଘରକୁ ଫେରି କାହା ସହ କଥାବାର୍ତ୍ତା ନ କରି ବରଂ ବିଶ୍ରାମ କରିବାକୁ ଇଚ୍ଛା ହୁଏ। ପତ୍ନୀ କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ପରସ୍ପର ସହ ମିଶି ସମୟ କଟେଇବାର ସୁଯୋଗ ପାଆନ୍ତି ନାହିଁ। ଏଥିପାଇଁ ପ୍ରଥମେ ପରସ୍ପର ମଧ୍ୟରେ ପାଟିତୁଣ୍ଡ ହୁଏ, କିନ୍ତୁ କିଛି ବର୍ଷ ପରେ ପାଟିତୁଣ୍ଡ ବନ୍ଦହୋଇ ସମ୍ପର୍କରେ ଏକ ନୀରବତା ସୃଷ୍ଟିହୁଏ ଓ ଦୂରତା ବଢ଼ିଚାଲେ। ଏଭଳି କ୍ଷେତ୍ରରେ କେହି ବ୍ୟସ୍ତ ରହିବାରୁ ନିବୃତ୍ତ ରହିପାରିବେ ନାହିଁ। ମାତ୍ର ସମୟକୁ ଉପଯୋଗ କରିପାରିବେ। ତେଣୁ ପରସ୍ପର ସହ ସମୟ କଟାନ୍ତୁ। ଅନେକ ସମସ୍ୟାର ସମାଧାନ ଆପେ ଆପେ ହୋଇଯିବ।

**ମନ କଥା କୁହନ୍ତୁ:** ଭାବନାକୁ ପ୍ରକାଶକରି ନ ପାରିଲେ ମନରେ ବିରକ୍ତି ଭାବନା ସୃଷ୍ଟି ହୋଇଥାଏ। ତେଣୁ ସୁଯୋଗ ଦେଖି ନିଜ ଇଚ୍ଛାକୁ ମନଖୋଲି କୁହନ୍ତୁ। ନ କହିଲେ ହୁଏତ ସବୁ ସମୟରେ ମନ କଥା ବୁଝିବା ସମ୍ଭବ ହୋଇ ନ ଥାଏ। ତେଣୁ ମାନ ଅଭିମାନ କରିବା ପୂର୍ବରୁ ପ୍ରଥମେ ମନ କଥାକୁ ଖୋଲି କହିବାକୁ ହେବ।





**ବେଶି ସମୟ ନ ରହୁ:** ସବୁ ସମୟରେ ସବୁ କଥାରେ ପରସ୍ପର ସେ ସହମତ ହେବେ ତା' ହୁଏତ ସମ୍ଭବ ନୁହେଁ। ଠିକ୍ ସେମିତି ସବୁ ସମୟରେ ବି ମିଠା କଥା ବାହାରି ନ ଥାଏ। ତେଣୁ ପତିପତ୍ନୀଙ୍କ ମଧ୍ୟରେ କେବେ କେବେ ତ ଅସହମତି କିମ୍ବା ନିଜର ଅହଂ ପାଇଁ ଛୋଟ ମୋଟ ମତାନ୍ତର ହୋଇଥାଏ। ସମସ୍ତଙ୍କ ଜୀବନରେ ଏମିତି ଘଟଣା ଘଟେ। କିନ୍ତୁ ଏହି ଘଟଣାକୁ ବେଶି ସମୟ ରହିବାକୁ ଦେବା ଠିକ୍ ନୁହେଁ। କୌଣସି ପ୍ରକାର ମତାନ୍ତରକୁ ସେହି ମୁହୂର୍ତ୍ତରେ ଶେଷକରି ଦିଅନ୍ତୁ। ପର ମୁହୂର୍ତ୍ତରେ ସେହି କଥାକୁ ନେଇ ପୁଣି ଥରେ ଯୁକ୍ତି କରିବା ଆଦୌ ଠିକ୍ ନୁହେଁ। ଠିକ୍ ସେମିତି ଅଫିସ୍‌ର କୌଣସି ସମସ୍ୟାକୁ ନେଇ ଘରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରିବା ଫଳରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏପରି କଲେ ଉଭୟ ପରିବାର ଏବଂ ଅଫିସ୍‌ରେ ଆପଣ ଚିଡ଼ିଚିଡ଼ା ହୋଇଯିବେ। ତେଣୁ ଅଫିସ ସମସ୍ୟାକୁ ଅଫିସ ପରିବେଶରେ ହିଁ ସମାଧାନ କରିବାକୁ ଚେଷ୍ଟାକରିବା ଦରକାର।

**ବେଳେବେଳେ:** ସ୍ୱାର୍ଥପର ହେବା ଭଲ ନୁହେଁ – ଏକଥା ହୁଏତ ସମସ୍ତଙ୍କୁ ଜଣା। ମାତ୍ର ଏକ ଭିନ୍ନ ଦୃଷ୍ଟିରେ ଦେଖିଲେ ସମ୍ପର୍କର ନିବିଡ଼ତା ପାଇଁ କିଛି ମାତ୍ରାରେ ସ୍ୱାର୍ଥପର ହେବା ବି ଭୁଲ୍ ନୁହେଁ। ତେଣୁ ପରିସ୍ଥିତିକୁ ଦେଖି କେବେକେବେ ନିଜ ସ୍ୱାର୍ଥ ପାଇଁ ଚିନ୍ତା କରିବାକୁ ହେବ। ନଚେତ୍ ସମ୍ପର୍କରେ ଏକ ନୀରବତା ତା'ର ପ୍ରାଧାନ୍ୟ ବିସ୍ତାର କରିବ। ତେଣୁ ଏଭଳି କ୍ଷେତ୍ରରେ ସାମାନ୍ୟ ସ୍ୱାର୍ଥପରତା ପାଇଁ ଆପଣଙ୍କ ସମ୍ପର୍କରେ ଖୁସିର ବାତାବରଣ ସୃଷ୍ଟି ହୋଇପାରିବ। ଏହା ପ୍ରଭାବରେ ଶରୀରରେ ଏକ ହାପି ହର୍ମୋନ ନିର୍ଗତ ହେବ ଓ ଆପଣ ସୁସ୍ଥ ରହିପାରିବେ।

## ଏମାନେ କ'ଣ କରନ୍ତି

### ସମାଧାନ ଚିନ୍ତା କରେ



ଘରେ ସମସ୍ତଙ୍କୁ ଖୁସିରେ ରଖିବା ହିଁ ମୋ କାମ। ଏଇ ଭାବନା ନେଇ ମୁଁ ସମସ୍ତଙ୍କ ସମସ୍ୟା ବୁଝି ସେମାନଙ୍କ ସହ କଥାବାର୍ତ୍ତା କରେ। ମୋର କୌଣସି ସମସ୍ୟା ଥିଲେ କିମ୍ବା ମନ ଦୁଃଖ ଥିଲେ କାହା ଉପରେ ବିରକ୍ତ ହୁଏନି, ବରଂ ତା'ର ସମାଧାନ କିପରି ହେବ ସେନେଇ ଏକାଠି ବସି କଥାବାର୍ତ୍ତା କରେ। ଯଦି ଘରେ ଏକାଠି ବସି ସ୍ୱାମୀଙ୍କ ସହ କଥାବାର୍ତ୍ତା ପାଇଁ ସମୟ ହୁଏନି ତା'ହେଲେ ବେଳେବେଳେ ଫୋନ୍‌ରେ ମେସେଜ୍ କରେ କିମ୍ବା ତାଙ୍କର ଫାଙ୍କା ସମୟ ଦେଖି ଫୋନ୍‌ରେ କଥା ହୁଏ। ତେଣୁ ଆମ ମଧ୍ୟରେ କେବେ ବି ଦୂରତା ସୃଷ୍ଟି ହୋଇନାହିଁ।

*–ସଂଯୁକ୍ତା ଦାସ*
*ଗୃହିଣୀ, ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର*

### ସମ୍ପର୍କ ବେଶି ଗୁରୁତ୍ୱପୂର୍ଣ୍ଣ



ସମ୍ପର୍କକୁ ସୁନ୍ଦରଭାବେ ଆଗକୁ ନେବା ହିଁ ଜୀବନ। କ୍ୟାରିୟରରେ ସଫଳତା ହୁଏତ ଆତ୍ମବିଶ୍ୱାସ ବଢ଼ାଇଥାଏ, ମାତ୍ର ସମ୍ପର୍କରେ ମଧୁରତା ହିଁ ଜୀବନର ପ୍ରକୃତ ଅର୍ଥ କହିଥାଏ। ସେଥିପାଇଁ ସବୁବେଳେ ପରିବାରକୁ ଅଧିକ ଗୁରୁତ୍ୱ ଦିଏ। ଅଫିସ୍‌ର କୌଣସି ସମସ୍ୟା ପାଇଁ ଘରେ ବିରକ୍ତ ହୁଏନାହିଁ। ବରଂ ସୁବିଧା ଥିଲେ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହୋଇ ପରାମର୍ଶ ନିଏ। ଠିକ୍ ସେମିତି ଯଦି ସ୍ୱାମୀ ତାଙ୍କ ଅଫିସ୍ କାମରେ ଅଧିକ ବ୍ୟସ୍ତ ରହି ବିରକ୍ତ ହୁଅନ୍ତି ତାଙ୍କୁ ପ୍ରଥମେ ପରିବାରର ଏକ ଖୁସି ପରିବେଶରେ ସମୟ କଟାଇବାର ସୁଯୋଗ ଦିଏ। ପରେ ତାଙ୍କ ସହ କଥା ହୋଇ ସମସ୍ୟା ସମାଧାନ ନିମନ୍ତେ ଉପାୟ ବାହାରିଥାଏ।

*–ପ୍ରିୟଦର୍ଶିନୀ ଜେନା*
*କର୍ମଜୀବୀ, ପୁରୁଷୋତ୍ତମପୁର, ଗତାନଈ, କେନ୍ଦ୍ରାପଡା*

# ପିଲାଙ୍କୁ ବୁଝାନ୍ତୁ

**ଛୋଟବେଳୁ ପିଲାମାନେ ଯଦି ରାଗି ସ୍ୱଭାବର ହୋଇଥାନ୍ତି ତେବେ ଅଭିଭାବକମାନେ ସେମାନଙ୍କ ସହ କିଭଳି ବ୍ୟବହାର କରିବେ ଜାଣିରଖନ୍ତୁ।**



- କୌଣସି କାରଣରୁ ପିଲା ଯଦି ହଠାତ୍ ରାଗିଯାଇ କିଛି ପ୍ରତିକ୍ରିୟା ଦେଖାଉଛି ତା'ହେଲେ ଆପଣ ପ୍ରଥମେ ଶାନ୍ତ ଭାବରେ ତା' ସହ କଥାବାର୍ତ୍ତା କରନ୍ତୁ। ପ୍ରଥମେ ପିଲାର କଥାକୁ ସମର୍ଥନ କରିବା ଭଳି କଥା କହି ବୁଝାଇବାର ପ୍ରୟାସ କରନ୍ତୁ। ଏହି କ୍ରମରେ ଧୀରେ ଧୀରେ ଆପଣ ଭୁଲ୍ ଠିକ୍ ନେଇ ବୁଝାଇପାରିବେ।
- କ୍ରୋଧୀ ପିଲାଙ୍କ ଭାବନାକୁ ବୁଝିବାକୁ ଚେଷ୍ଟା କରନ୍ତୁ। ପିଲା ରାଗିବାର ପ୍ରକୃତ କାରଣ ଜାଣିବା ପରେ ହିଁ ସେହି ଅନୁସାରେ ତା' ସହ ବ୍ୟବହାର କରନ୍ତୁ। କିନ୍ତୁ ମନେରଖନ୍ତୁ କ୍ରୋଧକୁ କେବଳ ଶାନ୍ତ ଭାବରେ ହିଁ ସମାଧାନ କରାଯାଇପାରିବ। ତେଣୁ ପିଲାଙ୍କ ଭାବନାକୁ ଆଘାତ କରିବା ଭଳି ହଠାତ୍ କିଛି କରନ୍ତୁ ନାହିଁ। ବରଂ କିଛି ସମୟ ପରେ ଏନେଇ ଆପଣ ବୁଝାଇପାରିବେ।
- ପିଲା ଯଦି ଭୁଲ୍‌ରେ କ୍ରୋଧ କରୁଥାଏ ତା 'ହେଲେ ବି କୌଣସି ପ୍ରକାର ହିଂସାତ୍ମକ ଆଚରଣ ଅବା ମାରପିଟ କରନ୍ତୁ ନାହିଁ। ପିଲାର ରାଗ ଶାନ୍ତ ହେବା ପରେ ତାକୁ ପ୍ରକୃତ କଥା ସମ୍ପର୍କରେ ଭଲଭାବେ ବୁଝାନ୍ତୁ। ମନ ଶାନ୍ତହେବା ପରେ ପିଲାକୁ ସ୍ନେହରେ ବୁଝାଇଲେ ସେ ନିଶ୍ଚୟ ବୁଝିପାରିବ।
- ପିଲାଙ୍କୁ ସେମାନଙ୍କ ଭୁଲ୍ ନେଇ କେବେହେଲେ ସବୁ ଲୋକଙ୍କ ଆଗରେ କିଛି କୁହନ୍ତୁ ନାହିଁ। ଘରେ ଏକା ଥିବା ସମୟରେ ହିଁ ଏନେଇ ତାଙ୍କ ସହ କଥାବାର୍ତ୍ତା କରନ୍ତୁ।
- ପିଲାଙ୍କର କୌଣସି ଅସୁବିଧା ଥିଲେ ସେମାନଙ୍କୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସେହି ଅନୁସାରେ କାମ କରନ୍ତୁ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ପିଲା ରାଗିଥିବା ସମୟରେ ତାକୁ ଏକୁଟିଆ ଆଦୌ ରହିବାକୁ ଦିଅନ୍ତୁ ନାହିଁ। ସେ ଶାନ୍ତ ହେବା ପର୍ଯ୍ୟନ୍ତ ତା' ସହ ରୁହନ୍ତୁ।

## ସୌନ୍ଦର୍ଯ୍ୟ

# କୋମଳ ହାତ

**ମୁହଁ ସହ ହାତ ପାଦର ସୁନ୍ଦରତା ପ୍ରତି ବି ଦୃଷ୍ଟିଦେବାକୁ ହୋଇଥାଏ। ତେବେ ହାତ ଓ ପାଦକୁ କୋମଳ କରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ...**

- ହାତର ସୁନ୍ଦରତା ବଢ଼ାଇବା ପାଇଁ ହେଲେ ଗାଜର ଓ ମହୁ ମିଶାଇ ଏକ ପ୍ୟାକ୍ ତିଆରି କରି ଲଗାନ୍ତୁ। ଏହି ମାସ୍କ ନିମନ୍ତେ ପ୍ରଥମେ ଗାଜରକୁ ସିଝାଇ ଭଲଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ପେଷ୍ଟରେ ମହୁ ମିଶାଇ ହାତରେ ଲଗାନ୍ତୁ। ୧୦ ମିନିଟ୍ ପରେ ହାତକୁ ଅଳ୍ପ ଉଷୁମ ପାଣିରେ ସ୍କ୍ରବିଂ କରିବା ଭଳି ଧୁଅନ୍ତୁ। ଏହାପରେ କ୍ରିମ୍ ଲଗାନ୍ତୁ। ଏପରି କରିବା ଫଳରେ ହାତରେ ଥିବା ସମସ୍ତ ଦାଗ ଦୂରହୋଇ କୋମଳ ହୋଇଥାଏ।
- ହାତର ଶୁଷ୍କତା ଦୂରକରିବା ପାଇଁ ଆଭୋକାଡୋ ମାସ୍କ ମଧ୍ୟ ଲଗାଇପାରିବେ। ଏଥିପାଇଁ ପ୍ରଥମେ ଆଭୋକାଡୋକୁ ଗ୍ରାଇଣ୍ଡିଂ କରି ରଖନ୍ତୁ। ଏଥିରେ ୨ ଚାମଚ ଦହି, ୨ ଚାମଚ ମହୁ ଓ ୧ ଚାମଚ ଅଲିଭ୍ ଅଏଲ୍ ଭଲଭାବେ ମିଶାଇ ହାତରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ଏକ କପଡ଼ା ନେଇ ହାତକୁ ଘଷି ସଫା କରନ୍ତୁ।



- ହାତର ତ୍ୱଚାକୁ ସୁନ୍ଦର କରିବା ପାଇଁ ଆଳୁ ମାସ୍କ ମଧ୍ୟ ଲଗାଇପାରିବେ। ଏଥିପାଇଁ ପ୍ରଥମେ ଆଳୁର ପେଷ୍ଟ କରନ୍ତୁ। ସେଥିରେ କିଛି ଅଲିଭ୍ ଅଏଲ୍ ମିଶାଇ ହାତରେ ଲଗାନ୍ତୁ। ୧୫ ମିନିଟ୍ ଲଗାଇ ରଖିବା ପରେ ହାତ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ହାତ ଧୀରେ ଧୀରେ କୋମଳ ଓ ସୁନ୍ଦର ହୋଇପାରିବ।
- ନଡ଼ିଆତେଲକୁ ପ୍ରତିଦିନ ଲଗାଇଲେ ହାତର ତ୍ୱଚା ମଧ୍ୟ ମୁଲାୟମ ଓ ସୁନ୍ଦର ହେବ। ନଡ଼ିଆ ତେଲରେ ଅଳ୍ପ ସୋୟା ବିୟର ଓ କଞ୍ଚାକ୍ଷୀର ମିଶାଇ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମସାଜ୍ କଲେ ହାତ ଧୀରେ ଧୀରେ ଅଧିକ ସୁନ୍ଦର ଦେଖାଯିବ।
- ହାତ ଭଳି ଏହି ସମସ୍ତ ପ୍ରକାରର ମାସ୍କକୁ ଆପଣ ପାଦରେ ଲଗାଇ ସେହି ଅନୁରୂପ ଉପଚାର କରିପାରିବେ। ଫଳରେ ମୁହଁର ତ୍ୱଚା ଭଳି ହାତ ଏବଂ ପାଦ ମଧ୍ୟ ବେଶ୍ ସୁନ୍ଦର ଓ କୋମଳ ଦେଖାଯିବ।



## ଖାଦ୍ୟରୁଚି

# ସୋୟାବିନ୍ ପଲାଉ

**ଆବଶ୍ୟକ ସାମଗ୍ରୀ–** ସୋୟାବିନ୍– ୧ କପ୍, ଭାତ– ୩ କପ୍, ଟମାଟୋ– ୧ଟି (ବଡ଼), ଗାଜର– ୧ଟି, କ୍ୟାପ୍ସିକମ୍– ୧ଟି (ଛୋଟ), ପାଓଭାଜି ମସଲା– ୨ ଚାମଚ, ଲଙ୍କାଗୁଣ୍ଡ– ୧ ଚାମଚ, ଗ୍ରୀନ୍ ମଟର– ଅଧାକପ୍, ପିଆଜ– ୧ଟି, ଅଦା ରସୁଣ ପେଷ୍ଟ– ୧ ଚାମଚ, ଜିରା– ଅଧା ଚାମଚ, ଧନିଆପତ୍ର– ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଗାଜରକୁ ଛୋଟ ଛୋଟ କାଟି ସିଝାଇ ରଖନ୍ତୁ। ଟମାଟୋ, କ୍ୟାପ୍ସିକମ୍ ଓ ପିଆଜକୁ କାଟି ଛୋଟ ଛୋଟ କରି ରଖନ୍ତୁ। ଗ୍ରୀନ୍ ମଟରକୁ ଅଳ୍ପ ସିଝାଇ ଦିଅନ୍ତୁ। ସୋୟାବିନ୍‌କୁ ଗରମପାଣିରେ ଭିଜାଇ ରଖନ୍ତୁ। କିଛି ସମୟ ପରେ ସୋୟାବିନ୍‌କୁ ପାଣିରୁ ବାହାରକରି ଚିପୁଡ଼ି ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ସେଥିରେ ଜିରା ଫୁଟାନ୍ତୁ। ଏବେ ସେଥିରେ ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲେ ସେଥିରେ ଟମାଟୋ, ସୋୟାବିନ୍ ପକାନ୍ତୁ। କିଛି ସମୟ କଷିବା ପରେ ସେଥିରେ ଗ୍ରୀନ୍ ମଟର, ଗାଜର, ପାଓଭାଜି ମସଲା ଓ ଲଙ୍କାଗୁଣ୍ଡ ପକାଇ ଭାଜନ୍ତୁ। ଅଳ୍ପ ପାଣି ଦେଇ ଧୀରେ ଧୀରେ କଷନ୍ତୁ। ଏବେ ସେଥିରେ ଭାତ ପକାଇ ମିଶାନ୍ତୁ। ସେଥିରେ କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ମିଶାନ୍ତୁ। ଏହାପରେ ସେଥିରେ ଅଳ୍ପ ଲେମ୍ବୁରସ ଓ ଧନିଆପତ୍ର ମିଶାନ୍ତୁ। କିଛି ସମୟ ଗୋଳାଇ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ।



ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୩/୨୦୨୪ Bhubaneswar, Tuesday, January 23/ 2024

# ଫଲ୍‌ଙ୍କ ଡବଲ୍‌ରେ ଓଡ଼ିଶା ବିଜୟୀ

**କଳିଙ୍ଗ ସୁପର୍ କପ୍**

**ଓଏଫ୍‌ସି-ମୁମ୍ବାଇ ସିଟି, ଜାମସେଦପୁର-ଇଷ୍ଟବେଙ୍ଗଲ ସେମି ଫାଇନାଲ**

ଭୁବନେଶ୍ୱର,୨୨ା୧ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସୁପର୍ କପରେ ଅନୁଷ୍ଠିତ ମ୍ୟାଚ୍‌ରେ ଏଫ୍‌ସି ଗୋଆକୁ ୩-୨ରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଏଫ୍‌ସି। ମୋର୍ଟାଡା ଫଲ୍ ଡବଲ୍ ଗୋଲ ସ୍କୋର କରିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଗ୍ରୁପ୍ ଡିରେ ଅପରାଜେୟ ରହିବା ସହ ଓଏଫ୍‌ସି ସେମିରେ ପ୍ରବେଶ କରିଛି। ଗୁରୁବାର ଦଳ ମୁମ୍ବାଇ ସିଟି ଏଫ୍‌ସି ସହ ଏହାର ମ୍ୟାଚ୍ ଖେଳିବ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସୁପର କପ ସେମିରେ ପ୍ରବେଶ କରିଛି ଓଏଫ୍‌ସି।

ସୋମବାର ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଏଫ୍‌ସି ଗୋଆ ପ୍ରଥମାର୍ଦ୍ଧର ଖେଳକୁ ନିୟନ୍ତ୍ରଣରେ ରଖିବା ସହ ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲା। ତେବେ ଓଏଫ୍‌ସି ଗୋଲ କିପର ଲାଲଥୁମାୱିଆ ରାଲ୍‌ଟେ ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମାର୍ଦ୍ଧରେ ସ୍କୋର ୦-୦ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ଜୋରଦାର କରିଥିଲା ଘରୋଇ ଦଳ। ମ୍ୟାଚ୍‌ର ୫୦ ତମ ମିନିଟରେ ମିଳିଥିବା ଫ୍ରି କିକ୍‌କୁ ଗୋଲରେ ପରିଣତ କରିଥିଲେ ଅହମଦ୍ ଜାହୋହ। ୬୧ ମିନିଟରେ ଓଡ଼ିଶାକୁ ଏକ କର୍ନର କିକ୍ ମିଳିଥିଲା। ଜାହୋହଙ୍କ କର୍ନରକୁ ହେଡର ଜରିଆରେ ଗୋଲରେ ପରିଣତ କରିଥିଲେ ମୋର୍ଟାଡା ଫଲ୍। ଏହାର ୫ ମିନିଟ ମଧ୍ୟରେ ଫଲ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ମ୍ୟାଚ୍‌ର ୭୫ ଓ ୮୬ ତମ ମିନିଟରେ ଗୋଆ ପକ୍ଷରୁ କାର୍ଲୋସ୍ ମାର୍ଟିନେଜ୍ ଦୁଇଟି ଗୋଲ୍ ଦେଇ ରୋମାଞ୍ଚ ଭରି ଦେଇଥିଲେ। ତେବେ ଅନ୍ତିମ ୪ ମିନିଟ ଓ ଇଞ୍ଜୁରୀ ଟାଇମରେ ଓଏଫ୍‌ସି ରକ୍ଷଣାତ୍ମକ ଫୁଟବଲ ଖେଳିଥିଲା।



ଏଫ୍‌ସି ଗୋଆ ବିପକ୍ଷ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଓଡ଼ିଶା ଏଫ୍‌ସି ଖେଳାଳି।

## ବେଙ୍ଗାଲୁରୁ-ଇଷ୍ଟର କାଶୀ ମ୍ୟାଚ ଡ୍ର

ଭୁବନେଶ୍ୱର, ୨୨ା୧ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶୀ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ମ୍ୟାଚର ୧୫ତମ ମିନିଟରେ ଏଡ୍‌ମୁଣ୍ଡ ଲାଲରିଣ୍ଡିକା ଏକ ଗୋଲ ଦେଇ ଇଣ୍ଟର କାଶୀକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଇଣ୍ଟର କାଶୀ ୧-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୮ତମ ମିନିଟରେ ବେଙ୍ଗାଲୁରୁ ଏଫ୍‌ସିର ଫ୍ରାନ୍ସିସ୍କୋ ଜାଭିଏର ହେର୍ନାଣ୍ଡେଜ ଗୋଞ୍ଜାଲେଜ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ବେଙ୍ଗାଲୁରୁ ଦଳର ୩ ଓ ଇଣ୍ଟର କାଶୀର ୨ ଖେଳାଳି ୟେଲୋ କାର୍ଡ ପାଇଥିଲେ। ଉଭୟ ବେଙ୍ଗାଲୁରୁ ଏଫ୍‌ସି ଓ ଇଣ୍ଟର କାଶୀ ନିଜର ପୂର୍ବ ୨ଟି ଯାକ ମ୍ୟାଚରେ ହାରିଥିବାରୁ ଏଥିରୁ ଗୋଟିଏ ଲେଖାଏ ପଏଣ୍ଟ ପାଇ ଗ୍ରୁପ୍ 'ଡି'ରେ ଅଭିଯାନ ଶେଷ କରିଛନ୍ତି।

# ପ୍ରଥମ ଦୁଇ ଟେଷ୍ଟରୁ ଓହରିଲେ କୋହଲି

**ସାମିଲ ହୋଇପାରନ୍ତି ପଟିଦାର, ସର୍ଫରାଜ**

ନୂଆଦିଲ୍ଲୀ,୨୨ା୧(ପି.ଟି.)

ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଜାନୁୟାରୀ ୨୫ରୁ ଆରମ୍ଭ ହେଉଛି। ତେବେ ପ୍ରଥମ ଦୁଇ ଟେଷ୍ଟରୁ ଓହରି ଯାଇଛନ୍ତି ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି। ବ୍ୟକ୍ତିଗତ କାରଣ ଦର୍ଶାଇ କୋହଲି ଓହରି ଯାଇଥିବା ନେଇ ସୋମବାର ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିସିସିଆଇ ପକ୍ଷରୁ ଏକ ପୋଷ୍ଟ ମାଧ୍ୟମରେ ଫ୍ୟାନମାନଙ୍କୁ କୌଣସି ଅପପ୍ରଚାର ନ କରିବା ପାଇଁ ଅନୁରୋଧ କରିଛି। ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି ବିରାଟ ପ୍ରଥମ ଦୁଇ ଟେଷ୍ଟରୁ ଓହରିବା ପାଇଁ ଅନୁରୋଧ କରିଥିଲେ। ବିସିସିଆଇ ପକ୍ଷରୁ ଏହି ଅନୁରୋଧକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। କୋହଲି ନିଜ ନିଷ୍ପତ୍ତି ସମ୍ପର୍କରେ ପୂର୍ବରୁ ଅଧିନାୟକ ରୋହିତ ଶର୍ମା ଓ ଟିମ୍ ମ୍ୟାନେଜମେଣ୍ଟ ସହିତ ଆଲୋଚନା କରିଥିଲେ। ଦେଶର ପ୍ରତିନିଧିତ୍ୱ କରିବା ସର୍ବଦା କୋହଲିଙ୍କ ପାଇଁ ପ୍ରାଥମିକତା ରହିଥାଏ। ତେବେ କିଛି ଜରୁରୀ ପରସ୍ଥିତିରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ ବୋଲି ବିସିସିଆଇ ରିଲିଜ୍‌ରେ କୁହାଯାଇଛି। ବିସିସିଆଇ ନିଜର ଷ୍ଟାର ଖେଳାଳିଙ୍କ ସହ ସର୍ବଦା ରହିଛି ବୋଲି ଏହି ବିବୃତିରେ କୁହାଯାଇଛି। ଏପରି ବ୍ରେକ୍‌ରୁ ଫେରିବା ପରେ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଥାଏ। ତେଣୁ ଫ୍ୟାନ୍ ଓ ଗଣମାଧ୍ୟମ କୋହଲିଙ୍କ ଗୋପନୀୟତାକୁ ସମ୍ମାନ ଜଣାଇବା ଉଚିତ ବୋଲି କୁହାଯାଇଛି। ଏହି ସମୟରେ ଭାରତୀୟ ଦଳ ନୂତନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ବେଳେ ଫ୍ୟାନ୍‌ମାନେ ଭାରତୀୟ ଦଳକୁ ସମର୍ଥନ କରିବା ଉଚିତ ବୋଲି ଶାହା କହିଛନ୍ତି। ବିରାଟ ପୂର୍ବରୁ ୨୦୨୧ରେ ଝିଅ ଭାମିକାର ଜନ୍ମ ସମୟରେ ପ୍ରଥମ ଥର ବ୍ରେକ୍ ନେଇଥିଲେ। ବିସିସିଆଇ ପକ୍ଷରୁ ରଜତ ପଟିଦାର ଓ ସର୍ଫରାଜ ଖାନ୍‌ଙ୍କ ମଧ୍ୟରୁ ଜଣଙ୍କୁ କୋହଲିଙ୍କ ସ୍ଥାନରେ ସାମିଲ କରାଯାଇପାରେ। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ପଟିଦାର ୧୫୧ ଓ ସର୍ଫରାଜ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ସହ ଭେଟେରାନ୍ ଚେତେଶ୍ୱର ପୂଜାରାଙ୍କୁ ସାମିଲ କରାଯିବାର ସମ୍ଭାବନା ମଧ୍ୟ ରହିଛି।

## ସୂର୍ଯ୍ୟକୁମାର ଆଇସିସି ଟି୨୦ ଦଳ ଅଧିନାୟକ

ଦୁବାଇ, ୨୨ା୧ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ବର୍ଷର ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ଦଳ ଘୋଷଣା କରାଯାଇଛି। ଭାରତର ମିଡଲ ଅର୍ଡର ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ଦଳର ଅଧିନାୟକ ମନୋନୀତ କରାଯାଇଛି। ଏହି ଦଳରେ ସ୍ଥାନ ପାଇଥିବା ଅନ୍ୟ ୩ ଭାରତୀୟ ହେଲେ ଯଶସ୍ୱୀ ଜୟସ୍ୱାଲ, ସ୍ପିନର ରବି ବିଷ୍ଣୋଇ ଏବଂ ବାମହାତି ପେସ୍ ବୋଲର ଅର୍ଶଦୀପ ସିଂ। ଗୋଟିଏ ବର୍ଷରେ ବ୍ୟାଟିଂ ବୋଲିଂ ଏବଂ ଅଲରାଉଣ୍ଡ ପ୍ରଦର୍ଶନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ୧୧ଜଣ ଖେଳାଳିଙ୍କୁ ନେଇ ଆଇସିସି ଦଳ ଗଠନ କରାଯାଇଥାଏ। ସୂର୍ଯ୍ୟକୁମାର କ୍ରମାଗତ ଦୁଇ ବର୍ଷ ହେଲା ଦଳରେ ସ୍ଥାନ ପାଇ ଆସୁଛନ୍ତି। ସେ ଟି୨୦ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ମଧ୍ୟ ରହିଛନ୍ତି। ୨୦୨୩ରେ ମୁମ୍ବାଇର ଏହି ଡାହାଣହାତି ଷ୍ଟ୍ରୋକ୍‌ମେକରଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଭାରତର ଏହି ୪ଜଣଙ୍କୁ ଛାଡ଼ିଦେଲେ ୧୧ ଜଣିଆ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଇଂଲଣ୍ଡର ଫିଲ୍ ସଲ୍ଟଙ୍କୁ ଜୟସ୍ୱାଲଙ୍କ ଓପନିଂ ପାର୍ଟନର କରାଯାଇଛି। ୱେଷ୍ଟଇଣ୍ଡିଜର ନିକୋଲାସ ପୁରନ ଉଇକେଟକିପର ରହିଛନ୍ତି। ଅନ୍ୟମାନେ ହେଲେ ନ୍ୟୁଜିଲାଣ୍ଡର ମାର୍କ ଚାପମ୍ୟାନ, ଜିମ୍ବାୱେର ସିକନ୍ଦର ରାଜା, ଉଗାଣ୍ଡା ଅଲରାଉଣ୍ଡର ଆଲ୍ପେଶ ରାମ୍‌ଜାନୀ, ଆୟର୍ଲାଣ୍ଡର ମାର୍କ ଆଡେର ଏବଂ ଜିମ୍ବାୱେର ରିଚାର୍ଡ ଏଙ୍ଗାରାଭା। ଅନ୍ୟପକ୍ଷରେ ଆଇସିସି ମହିଳା ଟି୨୦ ଏକାଦଶରେ ଭାରତର ଏକମାତ୍ର ଖେଳାଳି ଦୀପ୍ତି ଶର୍ମା ସ୍ଥାନ ପାଇଛନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସ ହକି: କଷ୍ଟସାଧ୍ୟ ପୁଲ ବି'ରେ ଭାରତ

ଲାଉସାନେ, ୨୨ା୧ (ପି.ଟି.)

ଚଳିତବର୍ଷ ହେବାକୁଥିବା ପ୍ୟାରିସ ଗେମ୍ସ ପାଇଁ ଏସିଆନ ଗେମ୍ସ ଚାମ୍ପିୟନ ତଥା ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଭାରତ କଷ୍ଟସାଧ୍ୟ ପୁଲ୍ 'ବି'ରେ ସ୍ଥାନ ପାଇଛି। ୮ଥର ଚାମ୍ପିୟନ ଭାରତ ୪୧ ବର୍ଷ ପରେ ଟୋକିଓରେ ଏକ ଐତିହାସିକ ବ୍ରୋଞ୍ଜ ହାସଲ କରିଥିଲା। ପୁଲ୍ 'ବି'ରେ ଏହି ଦଳକୁ ଅଲିମ୍ପିକ ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ବେଲଜିୟମ, ଶକ୍ତିଶାଳୀ ଅଷ୍ଟ୍ରେଲିଆ, ରିଓ ଗେମ୍ସ ସ୍ୱର୍ଣ୍ଣ ବିଜେତା ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଏବଂ ଆୟର୍ଲାଣ୍ଡ ସହ ମୁକାବିଲା କରିବାକୁ ହେବ। ଭାରତ ହେଉଛି ବର୍ତ୍ତମାନ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ପଛକୁ ବିଶ୍ୱର ୩ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ। ଅତୀତରେ ସେମାନଙ୍କୁ ଟୋକିଓ ରୌପ୍ୟ ବିଜେତା ଅଷ୍ଟ୍ରେଲିଆ ଏବଂ ଆର୍ଜେଣ୍ଟିନାକୁ ପରାସ୍ତ କରିବା କଷ୍ଟକର ହୋଇଛି। ଅନ୍ୟପକ୍ଷରେ ପୁଲ 'ଏ 'ରେ ନେଦରଲାଣ୍ଡ୍ସ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ସ୍ପେନ, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ରବିବାର ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଶେଷ ହେବା ପରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଉଭୟ ପୁରୁଷ ଓ ମହିଳା ହକି ପ୍ରତିଯୋଗିତା ପାଇଁ ପୁଲ୍ ଘୋଷଣା କରିଛି।

ଯୋଗ୍ୟତା ହାସଲ କରିପାରି ନ ଥିବାରୁ ପ୍ୟାରିସରେ ମହିଳା ପ୍ରତିଯୋଗିତାରେ ଭାରତ ଭାଗ ନେବ ନାହିଁ। ରାଞ୍ଚିରେ ଅନୁଷ୍ଠିତ ଅଲିମ୍ପିକ କ୍ୱାଲିଫାୟର୍ସରେ ଭାରତ ଜାପାନଠାରୁ ୦-୧ରେ ପରାସ୍ତ ହେବା ପରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ବର୍ତ୍ତମାନ ଅଲିମ୍ପିକ ଚାମ୍ପିୟନ ରହିଥିବା ନେଦରଲାଣ୍ଡ୍ସକୁ ପୁଲ୍ 'ଏ'ରେ ସ୍ଥାନ ମିଳିଛି। ଏଥିରେ ବେଲଜିୟମ, ଜର୍ମାନୀ, ଜାପାନ, ଚାଇନା ଏବଂ ଆୟୋଜକ ଫ୍ରାନ୍ସ ସ୍ଥାନ ପାଇଛନ୍ତି। ସେହିପରି ପୁଲ୍ 'ବି'ରେ ଅଷ୍ଟ୍ରେଲିଆ, ବର୍ତ୍ତମାନର ରୌପ୍ୟ ବିଜେତା ଆର୍ଜେଣ୍ଟିନା, ଗ୍ରେଟ ବ୍ରିଟେନ, ସ୍ପେନ, ୟୁଏସ୍ଏ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ରବିବାର ସୁଦ୍ଧା ଏଫ୍‌ଆଇଏଚ୍ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ ଅନୁସାରେ ଦଳଗୁଡ଼ିକୁ ଗ୍ରୁପ୍‌ରେ ସ୍ଥାନ ମିଳିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୨ଟି ଲେଖାଏଁ ଦଳ ଆୟୋଜକ, ବିଜେତା, ସେମାନଙ୍କ କଣ୍ଟିନେଣ୍ଟାଲ କ୍ୱାଲିଫାୟର ବିଜେତା କିମ୍ବା ଏଫ୍‌ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟରର ଶ୍ରେଷ୍ଠ ୩ ଫିନିଶର ଭାବେ ଅଲିମ୍ପିକ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଥାନ୍ତି। ଉଭୟ ପୁରୁଷ ଓ ମହିଳା ବିଭାଗର ପ୍ରତିଯୋଗିତାର ପ୍ରତ୍ୟେକ ପୁଲ୍'ରୁ ୪ଟି ଲେଖାଏ ଦଳ କ୍ୱାର୍ଟରଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥାନ୍ତି। ପ୍ୟାରିସ ଅଲିମ୍ପିକ୍ସ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ହକି ପ୍ରତିଯୋଗିତା ଜୁଲାଇ ୨୭ରୁ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହେବ।

ଗଣ୍ଠି ବ୍ୟଥା ପାଇଁ ନୂଆ ନୂଆ ପ୍ରୟୋଗ କରିବା ଛାଡ଼ନ୍ତୁ
ସବୁଠାରୁ ବିଶ୍ୱସନୀୟ ଡା.ଅର୍ଥୋ ତେଲକୁ ଆପଣାନ୍ତୁ

Dr. Juneja's
ଡା.ଅର୍ଥୋ®
Ayurvedic Oil, Capsules, Spray & Ointment

ଆପଣ ଜାଣନ୍ତି କି? ଭଲ ପରିଣାମ ପାଇଁ ଡା.ଅର୍ଥୋ ତେଲକୁ ଜାନୁ ବସ୍ତି ଥେରାପିରେ ବ୍ୟବହାର କରିବାର ଉପାୟ

ଜାନୁ ବସ୍ତି ଥେରାପି କ'ଣ

ଏମିତି ତ ଆଣ୍ଠୁ ବ୍ୟଥାର ଉପଚାର ପାଇଁ ଅନେକ ପ୍ରକାର ଔଷଧ, ଥେରାପି ଏବଂ ସର୍ଜରିର ବିକଳ୍ପ ରହିଛି କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜାନୁ ବସ୍ତି ଥେରାପି, ଯାହାକି ବିଶେଷ ରୂପେ ଆଣ୍ଠୁରେ ହେଉଥିବା ବ୍ୟଥାର ସମସ୍ୟାକୁ ଠିକ୍ କରିବାରେ ସହାୟତା କରିଥାଏ ।

ଜାନୁ ବସ୍ତି ଥେରାପି କେମିତି କରାଯିବା ଉଚିତ

ଏହି ଥେରାପି କରିବା ପାଇଁ ରୋଗୀଙ୍କୁ ସିଧାକରି ଶୁଆଇ ଦିଆଯାଏ । ତା'ପରେ ବେସନ ବା ଚଣା ଅଟାକୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ମିଶାଇ ଚକଟି ଦିଅନ୍ତୁ, ଆଣ୍ଠୁ ଚାରିପଟେ ଚକଟା ଅଟାର ମୋଟା ପ୍ରାଚୀର ତିଆରି କରନ୍ତୁ । ଏହା ପରେ ଡା.ଅର୍ଥୋ ଆୟୁର୍ବେଦ ତେଲକୁ ସେଥିରେ ଯଥେଷ୍ଟ ମାତ୍ରାରେ ଭରିଦିଅନ୍ତୁ । ରୋଗୀ ସ୍ଥିର ରହିବେ ଏବଂ 15ରୁ 20 ମିନିଟ୍ ଯାଏଁ ଡା.ଅର୍ଥୋ ତେଲ ସେହିଭଳି ଭରି ହୋଇ ରହିବାକୁ ଦିଅନ୍ତୁ । ଭଲ ପରିଣାମ ପାଇଁ ଏହି ତେଲକୁ ପୁନର୍ବାର ପ୍ରୟୋଗ କରନ୍ତୁ ନାହିଁ ବରଂ ନୂଆ ତେଲ ବ୍ୟବହାର କରନ୍ତୁ ।

ଜାନୁ ବସ୍ତି ଥେରାପି କେମିତି କାମ କରିଥାଏ

ଆୟୁର୍ବେଦରେ ତେଲକୁ ବାତଦୋଷ ଶାନ୍ତ କରିବା ନିମନ୍ତେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପାଦାନ ବିବେଚନା କରାଯାଇଥାଏ । ଏହା ବାତ ଦୋଷ କାରଣରୁ ସୃଷ୍ଟି ହେଉଥିବା ଗଣ୍ଠି ସମ୍ବନ୍ଧୀୟ କଷ୍ଟକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହି ପଦ୍ଧତିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲକୁ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଠୁ ଉପରେ ସ୍ଥିର କରି ରଖାଯାଇଥାଏ ଏବଂ ଏହାଦ୍ୱାରା ଏହି ତେଲ ଆଣ୍ଠୁର ତନ୍ତୁରେ ପ୍ରବେଶକରି ଗତିଶୀଳତାକୁ ବଢ଼ାଇବାରେ ସହାୟତା କରିଥାଏ । ବାରମ୍ବାର ଏହାକୁ କରାଗଲେ ଗଣ୍ଠିର ତନ୍ତୁକୁ ଶକ୍ତି ମିଳିଥାଏ । ଏହି ପ୍ରକ୍ରିୟା ପ୍ରତି ସପ୍ତାହରେ ଏକରୁ ଦୁଇଥର କରାଯାଇପାରିବ ।



Clinically Tested*
*For efficacy and safety.

24x7 Helpline: 78769 77777 | www.drorthooil.com
Available at all medical & general stores

ପ୍ରେଷ୍ଟିଜ୍ ନ୍ୟୁ ଇୟର ବୋନାଞ୍ଜା

# ଏହି ନୂଆ ବର୍ଷରେ ଘରକୁ ଆଣନ୍ତୁ ପ୍ରେଷ୍ଟିଜ୍‌ର ଅଭିନବ ଉତ୍ପାଦ

*23 ଡିସେମ୍ବର 2023 ରୁ 28 ଜାନୁଆରୀ, 2024 ପର୍ଯ୍ୟନ୍ତ ଅଫର୍ ବୈଧ ଅଟେ।

ଭାରତର ପ୍ରଥମ ସିଙ୍ଗଲ୍ କଣ୍ଟ୍ରୋଲ୍ ଫ୍ଲିପ୍-ଅନ୍ ଟ୍ରାଇ-ପ୍ଲାଇ ପ୍ରେସର୍ କୁକର୍



ଲକ୍ ଅନଲକ୍

ଯେକୌଣସି ଫ୍ଲିପ୍-ଅନ୍ ଟ୍ରାଇ-ପ୍ଲାଇ ପ୍ରେସର୍ କୁକର୍ (3 ଲି. ଏବଂ ଅଧିକ) (1 ୟୁନିଟ୍) କିଣନ୍ତୁ ଏବଂ ପାଆନ୍ତୁ ₹2 150.00 ମୂଲ୍ୟର ଓମେଗା ଡିଲକ୍ସ ଗ୍ରାନାଇଟ୍ ଟ୍ୱିନ୍ ପ୍ୟାକ୍ (1 ସେଟ୍) ମାଗଣାରେ
(ଅବତଳ ତାୱା 25 ସେ.ମି (1 ୟୁନିଟ୍) ଏବଂ ଫ୍ରାଇ ପ୍ୟାନ୍ 20 ସେ.ମି (1 ୟୁନିଟ୍)
ଟ୍ରାଇ-ପ୍ଲାଇ ଆଉଟର୍-ଲିଡ୍ ଏବଂ ଇନର୍-ଲିଡ୍ ସିରିଜ୍ (3ଲି. ଏବଂ ତା'ଠାରୁ ଅଧିକ) କିଣିବା ଉପରେ ମଧ୍ୟ ଅଫର ଲାଗୁ ହେବ

14 ଟି କାର୍ଯ୍ୟକାରିତା ଥିବା ଅଲ୍ ଇନ୍ ୱାନ୍ ମିକ୍ସର୍ ଗ୍ରାଇଣ୍ଡର୍



POWERFUL 1000W MOTOR
5 YEAR WARRANTY ON MOTOR
14 Functionalities

ଏକ୍ସୁରା ପ୍ରୋ ମିକ୍ସର୍ ଗ୍ରାଇଣ୍ଡର୍ (1 ୟୁନିଟ୍) କିଣନ୍ତୁ MRP ଉପରେ 25% ରିହାତି ପାଆନ୍ତୁ ଏବଂ ₹1 795.00 ମୂଲ୍ୟର ସ୍ୟାଣ୍ଡୱିଚ୍ ମେକର୍ (1 ୟୁନିଟ୍) ପାଆନ୍ତୁ ମାଗଣାରେ
ଏକ୍ସୁରା 3, 4, 6 ଜାର୍ ମିକ୍ସର୍ ଗ୍ରାଇଣ୍ଡର୍ ଏବଂ ଡିଲାଇଟ୍ ପ୍ରୋ ମିକ୍ସର୍ ଗ୍ରାଇଣ୍ଡର୍ ଉପରେ ମଧ୍ୟ ଅଫର ଲାଗୁ ହେବ

ନୂତନ ଇଜି କ୍ଲିନ୍ ଡିଜାଇନ୍



ଲିଫ୍ଟ କ୍ଲିନ୍
ଯେକୌଣସି ସ୍ୱଚ୍ଛ™ ଗ୍ଲାସ୍ ଟପ୍ ଗ୍ୟାସ୍ ଷ୍ଟୋଭ୍ (1 ୟୁନିଟ୍) କିଣନ୍ତୁ MRP ଉପରେ 15% ରିହାତି ପାଆନ୍ତୁ ଏବଂ ₹2 895.00 ମୂଲ୍ୟର ଏକ୍ସପ୍ରେସ୍ ଇଣ୍ଡକ୍ସନ୍ କୁକଟପ୍ (1 ୟୁନିଟ୍) ପାଆନ୍ତୁ ମାଗଣାରେ

ଆସିଗଲା ସେଫ୍ ସେନ୍ସ ଟେକ୍ନୋଲୋଜି™ ସହିତ ଭାରତର ପ୍ରଥମ ଚିମନୀ
ଅଟୋମେଟିକ୍ ଧୂଆଁ ଓ ଗ୍ୟାସ୍ ଲିକ୍ ଡିଟେକ୍ସନ୍ ପାଇଁ



SafeSense technology
ଓସ୍କାର୍ ସେଫସେନ୍ସ ଚିମନୀ (1 ୟୁନିଟ୍) କିଣନ୍ତୁ MRP ଉପରେ 30% ରିହାତି ପାଆନ୍ତୁ ଏବଂ ₹12 395.00 ମୂଲ୍ୟର ରୟାଲ୍ ପ୍ଲସ୍ ଗ୍ଲାସ୍ ଟପ୍ ଗ୍ୟାସ୍ ଷ୍ଟୋଭ୍ (3B) (1 ୟୁନିଟ୍) ପାଆନ୍ତୁ ମାଗଣାରେ

ଭାରତର ଏକମାତ୍ର ଅଟୋମେଟିକ୍ ହ୍ୱିସଲ୍ କାଉଣ୍ଟର୍ ଇଣ୍ଡକ୍ସନ୍ କୁକଟପ୍ ସହିତ ଦକ୍ଷତାରେ ରୋଷେଇ କରନ୍ତୁ



ହ୍ୱିସଲ କାଉଣ୍ଟର୍ (1 ୟୁନିଟ୍) ଥିବା ଯେକୌଣସି ଇଣ୍ଡକ୍ସନ କୁକଟପ୍ କିଣନ୍ତୁ ଏବଂ MRP ଉପରେ 15% ଡିସ୍କାଉଣ୍ଟ ଏବଂ ₹500.00 ରିହାତି ପାଆନ୍ତୁ
ନକ୍ଷତ୍ର ଏସେନ୍ସିଆଲ୍ ସ୍ୱଚ୍ଛ ଷ୍ଟେନଲେସ୍ ଷ୍ଟିଲ୍ ପ୍ରେସର୍ କୁକର୍ (5ଲି.) (1 ୟୁନିଟ୍) ପାଇଁ

ଓମେଗା ଡିଲକ୍ସ ଗ୍ରାନାଇଟ୍ କୁକୱେର୍ ସେଟ୍, ଭାରତର ପ୍ରଥମ 5-ଲେୟର୍ ବିଶିଷ୍ଟ ଡ୍ୟୁରେବଲ୍ ନନ୍-ଷ୍ଟିକ୍



ଓମେଗା ଡିଲକ୍ସ ଗ୍ରାନାଇଟ୍ 4 ପିସ୍ କୁକୱେର୍ (1 ସେଟ୍) କିଣନ୍ତୁ, MRP ଉପରେ 20% ରିହାତି ପାଆନ୍ତୁ ଏବଂ ₹1 650.00 ମୂଲ୍ୟର ନକ୍ଷତ୍ର ପ୍ଲସ୍ ସ୍ୱଚ୍ଛ ଆଲୁମିନିୟମ୍ ପ୍ରେସର୍ କୁକର୍ (3ଲି.) (1 ୟୁନିଟ୍) ପାଆନ୍ତୁ ମାଗଣାରେ

PRASA-2024

*ସର୍ତ୍ତାବଳୀ ଲାଗୁ ହେବ । ଉପରୋକ୍ତ ସମସ୍ତ ମୂଲ୍ୟ ଉତ୍ପାଦର ଏମଆରପି ଅଟେ (ସମସ୍ତ କର ଅନ୍ତର୍ଭୁକ୍ତ)। ରିହାତି ଗୁଡ଼ିକ ଏମଆରପି ଉପରେ ହିଁ ମିଳିଥାଏ। ଦୁଇଟି ଅଫର୍‌କୁ କ୍ଲବ୍ କରାଯାଇପାରିବ ନାହିଁ । କେବଳ ଚୟନିତ ଷ୍ଟୋରଗୁଡ଼ିକରେ ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ଚୟନିତ ମଡେଲଗୁଡ଼ିକ ଉପରେ ଅଫର୍ ଲାଗୁ। ଓମେଗା ଡିଲକ୍ସ ଗ୍ରାନାଇଟ୍ 4 ପିସ୍ କୁକୱେର୍ (1 ସେଟ୍)ରେ ଫ୍ରାଇ ପ୍ୟାନ୍ - 24 ସେ.ମି (1 ୟୁନିଟ୍), ଗ୍ଲାସ୍ ଲିଡ୍ ସହିତ କଢେଇ 24 ସେ.ମି (1 ୟୁନିଟ୍), ଓମ୍ନି ତାୱା - 28 ସେ.ମି (1 ୟୁନିଟ୍) ଏବଂ ଗ୍ଲାସ୍ ଲିଡ୍ ସହିତ ମିଲ୍କ ପ୍ୟାନ୍ - 16 ସେ.ମି (1 ୟୁନିଟ୍) ରହିଥାଏ। କେବଳ ତାମିଲନାଡୁ, କେରଳ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୋଆ, ମହାରାଷ୍ଟ୍ର ଓ ଗୁଜରାଟରେ ଏହି ଅଫର ବୈଧ ନୁହେଁ। ପ୍ରେଷ୍ଟିଜ୍® ଲୋଗୋ ହେଉଛି ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ପଞ୍ଜୀକୃତ ଟ୍ରେଡ୍‌ମାର୍କ। ବିସ୍ତୃତ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଆପଣଙ୍କ ନିକଟତମ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍ / ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ କିମ୍ବା ଆମ ୱେବସାଇଟ୍ https://shop.ttkprestige.com/new-year-offer-tc ଭିଜିଟ୍ କରନ୍ତୁ।

CUSTOMER CARE NO 080-6000 4411 | Follow 'TTK Prestige' on | PRESTIGE XPERT on WhatsApp 97423 34411 | Shop Online on shop.ttkprestige.com

Prestige®

For Franchisee Enquiry:- Call +91 7077721612 • For Distributor & Institutional enquiries, Call +91 7008309169

Prestige® | Xclusive

**BHUBANESWAR, Rabi Takies Chhak:** opposite to KedarGouri Resort Mob: 7750925223; **Bapuji Nagar:** 105 Bapuji Nagar, Behind Yes Bank (Old Post Office Lane) Lane No 08, 0674-2597141/9937138998; **Bapuji Nagar:** 237, Pani TankiLane, Bapuji Nagar Ph: 0674 2597685 Mob: 9777744071, **Sunderpada:** Shop No. 11, Vinayak Enclave, , 7008463572; **Satyangar:**10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, SailashreeVihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **Raghunathpur:** Shop no - S5, Manson Green, Raghunathpur, Nandankanan road Mob: 8895390144; **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 ; **Rourkela:** Daily Market, Near Reliance trend, Rourkela,Mob:9777457774, **BALUGAON:** Chilika Road, Balugaon, Mob: 8984858783 **KENDRAPARA:** Kakat Chhak, Ph: 06727 221241; Mob: 9040562233; **DHENKANAL:** I.G. Super Market, near SBI ATM; Mob: 9337477279/9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863; **SEMILIGUDA:** Infront of RAM Mandir Gate, Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala, NH-6, Main Road, Mob: 9776323188; **SAMBALPUR, Golbazaar:** Near Durga Temple Mob: 9338194750, **JAGATSINGHAPUR:** C/o: Orchid mart,central market Ph: 06724221090 / 06724221080, **ANGUL:** Near Havells Galaxy Store, Shankar Cinema Rd, Mob –7608885430. **Berhampur:** Plot No 1865/2608, Khata No 833/395, Aska Road, Opp. Chaturbhuj Petrol Pump- 09337748007, **Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom, Ph: 9552614450;

**AUTHORISED DISTRIBUTORS: BHUBANESWAR**- Manorama Trading Co., Ph: 9437279239; Saraswati Enterprises-8249250386; **JATINI**- Kanha Agencies, Ph: 9437090516 **CUTTACK**-Mahavir Enterprise, **Chauliganga**, Ph. No.9937092599, Puspak Agency: Dolamundei-7205016581, **Kendrapada:** Nalini & Sons Ph No. 9938175761; **TALCHER**-Sidharth Enterprises, Hatatota, Ph. No.9437003384 **ROURKELA**- Shah Distributor, Ph: 0661-2506904, 9438712456 **Keonjhar**- Utkal Digital -7008806597 **GANJAM**- Yogesh Agency- Ph no 8144553709 **Jajpur**- Ridhi Enterprises -9437061634, **Jeypore**- Likhit Enterprises-9348430456, **Nayagarh**- Ganapati Traders-9583281930, M/S Adventure- **Bhadrak**- 7978403686, Durga Metal-9937009855-**Malkangiri**, Padmini Enterprise-8908632030-Puri, Electric Avenue-7205855392-**Jharsuguda**, Maa Tarini Enterprises-8328898007-**Balasore**, **Kesinga**- Jay Lakhmi Marketing-8093809411, **Sambalpur**- M/S Salasar Steel-9040448466, **Bolangir**- Patna General Store-8895003625; **AUTHORISED DEALERS: BHUBANESWAR:** reeta-06742597111, Crockery Plaza-9938399889, Lingaraj Store-7978209549, Sulochana Enterprises-9338067682, Spectra Vision, Ph.-9937722277, Pratap Sweing Machine-9937138544, Utkal Light House-9937019272, Utkal Sales-9853150619, Palace-9348652955-Bhubaneswar, Balaji Electonics-9938469841, Jatni-D B Enterprises-9078919100, **Khordha**- Mahorana Enterprises-7978018288, Kitchen Plaza-9337756820, Sai Traders-7008298692-Bhubaneswar, Sarakar Electro Digital-9776457173-Bhubaneswar, P D Marketing, Ph-7377735345, B S Enterprises-9437310480, Anu Agency-9437134266, Tarini Aluminium Stores-9438568797, SB Enterprises, Ph 9861155551, Kitchen King- 9938475819, Prasad Kitchen-9437041063, Sivam Enterprises-7008565807, Shree Traders- 9937131901, Sai Associate-9937065641, Tamana Trading-7004248554, **CUTTACK:** Union Sales Emporium-9338461472, Janata General Store, Ph- 2419948, Aurobinda Plastic, Ph 8763923528, Friends Electrical- 9438510061, Arbinda Home Appliances- 9438480346; Puspak Agency-7205016581, Balaji Distributor-8763153928, Patra Electronics (CDA)-9348863657, Sanjaya Electronics- 9777777529- Salepur, Maapadmavati Bastralaya-8908194534 -**Rahama**- Patra Electronics (Chauliganja)-9938941317, **Chowdar**-Prince Electronics-9861101122; **KENDRAPARA:** Purnamasi Electrical, Ph. 9937070448. **PARADEEP:** Krishna Enterprise, Satapathy Enterprises-9437088525-Kujanga, **ROURKELA:** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Garg Enterprises, Ph 9437046546. Kitchen Accessories-9437837833, **RAJGANGPUR:** Pradeep Store, Ph-9437244015; **SUNDARGARH:** Laxmi Steel, Ph-9776164771. **BALASORE:** United Sales Agency-9853519516, Rohit Sales-7978204587, Khandelwal Brothers-8984117316, **Sambalpur:** Bhatia Home Appliances-9556053558, Samuka Steel Center-9437331074, Laxmi Steel-8917393494, Shree Durga Steel-8018141782, Bankeswari Bartan Bhandar-6370188891, Bolangir-Bapi Steel-9556324328, Ghar Sansar-7008758771, Akash Steel-9437331491, Suraj Steel-9437151437, Bhadrak-Mahalaxmi Home Appliances-7381628318, Radhika Furniture-9437991876, **Baripada:** Aerovision-9861828643, **Gajapati**- Panda General Store-8249162067, **Baripada Bazar**-9439298333, Dream Home-9437435010-**Jaypore**, Uma Electronics-9937076299-**Chandenswar**, Beauty Place-9777456655 **Talcher**, Bulu Electronics-95562 09149-Dasapala, **Angul**-Saralia Trading-9439471222, Kanha Enetrprises-9437334629-**Pallhada**, **Pipili**-Pradhan Store-993813724, Sahoo Electronics-9861662700, **Puri**- Ghar Sansar Mart-9861313913, **Berhumpur**-Ria Marketing-9040147776, Ashok Enterprises-9338491716, **Bhanjanagar**-Patra Enterprises-8837077719, **Jaypur**-Home Needs-8637259595, **Angul**-Omm gift &Veriety Store-9348230554

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ